

ଶାନ୍ତିଦୂତ ସାଜିବ ଭାରତ ! ପୃଷ୍ଠା ୪

# ସଂଚାର
# THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 32 ଭାଗ ୩୪ | ସଂଖ୍ୟା ୩୨ | Thursday 23 April 2026 | Page 8 Rs. 5.00 | ● ଭୁବନେଶ୍ୱର ଗୁରୁବାର ୨୩ ଏପ୍ରିଲ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା

## ବିଶ୍ୱର ୨୦ ଉତ୍ତପ୍ତ ସହର ମଧ୍ୟରେ ଭାରତର ୧୯




- ସୂଚୀରେ ରହିଛି ଓଡ଼ିଶା ସହ ବିହାର, ୟୁପି ଓ ପଶ୍ଚିମବଙ୍ଗ
- ଶୀର୍ଷ ୩ରେ ଭାଗଲପୁର, ତାଳଚେର ଓ ଆସନସୋଲ
- ଶିଳ୍ପ କାରଖାନା ଓ ଜଳବାୟୁ ପରିବର୍ତ୍ତନ ପ୍ରମୁଖ କାରଣ

ନୂଆଦିଲ୍ଲୀ,୨୨।୪: ଭାରତରେ ଦିନକୁ ଦିନ ପରିବେଶ ପ୍ରଦୂଷିତ ହେଉଥିବା ବେଳେ ଏହାର ବିଶେଷ ପ୍ରଭାବ ଖରାଦିନେ ଅନୁଭୂତ ହେଉଛି। ଖରାଦିନେ ତାପମାତ୍ରା ଅତି ମାତ୍ରାରେ ବଢୁଥିବାରୁ ଜନସାଧାରଣ ନାହିଁ ନଥିବା ଦହଗଞ୍ଜ ହେଉଛନ୍ତି। ଏଥିରେ ଦେଶର ପଶ୍ଚିମାଞ୍ଚଳ ରାଜ୍ୟ ଓଡ଼ିଶାର ପ୍ରମୁଖ ଭାଗୀଦାରୀ ରହିଛି। କାରଣ ଗତ କିଛି ବର୍ଷ ହେଲା ଦେଶର ଉତ୍ତପ୍ତ ସହର ମଧ୍ୟରେ ରାଜ୍ୟର ଏକାଧିକ ସହର ସାମିଲ୍ ହୋଇଆସିଛି। ଏହି କ୍ରମରେ ଆଜି ବିଶ୍ୱର ୨୦ଟି ଉତ୍ତପ୍ତ ସହର ମଧ୍ୟରେ ୧୯ଟି କେବଳ ଭାରତୀୟ ସହର ହୋଇଥିବା ଏକ୍ୟୁଆଇ ପକ୍ଷରୁ ସୂଚନା ଦିଆଯାଇଛି। ଏହି ତାଲିକାରେ କେବଳ ଗୋଟିଏ ଅଣଭାରତୀୟ ସହର ରହିଛି, ଯାହାକି ନେପାଳର ଲୁମ୍ବିନୀ। ଏହିସବୁ ସହର ମଧ୍ୟରେ ଓଡ଼ିଶାର ମଧ୍ୟ ଏକ ସହର ରହିଛି, ଯେଉଁଠି ଆଜିର ତାପମାତ୍ରା ୪୪ ଡିଗ୍ରୀ ସେଣ୍ଟିଗ୍ରେଡ୍ ରେକର୍ଡ କରାଯାଇଛି। ଏହି ତାଲିକାରେ ଓଡ଼ିଶା ବ୍ୟତୀତ ପଶ୍ଚିମବଙ୍ଗ, ଉତ୍ତର ପ୍ରଦେଶ ଓ ବିହାର ରହିଛି। ତାଲିକାର ପ୍ରଥମ ସ୍ଥାନରେ ରହିଛି ବିହାରର ଭାଗଲପୁର, ଯେଉଁଠି ତାପମାତ୍ରା ୪୪ ଡିଗ୍ରୀ ସେଣ୍ଟିଗ୍ରେଡ୍ ରେକର୍ଡ ହୋଇଛି। ଏହାଛଡ଼ା ସମାନ ତାପମାତ୍ରା ସହ ପଶ୍ଚିମବଙ୍ଗର ଆସନସୋଲ୍ ଶୀର୍ଷ ତିନି ସହର ମଧ୍ୟରେ ସ୍ଥାନ ପାଇଛି। କିନ୍ତୁ ରାଜଧାନୀ ଦିଲ୍ଲୀ ଓ ଦେଶର ଅନ୍ୟତମ ଉତ୍ତପ୍ତ ରାଜ୍ୟ ଭାବେ ପରିଚିତ ରାଜସ୍ଥାନର କୌଣସି ସହର ନାହିଁ। ଉତ୍ତର, ପଶ୍ଚିମ ଓ କେନ୍ଦ୍ରୀୟ ରାଜ୍ୟଗୁଡ଼ିକରେ ଦିନକୁ ଦିନ ତାପମାତ୍ରା ବୃଦ୍ଧି ପାଉଥିବା ଲକ୍ଷ୍ୟ କରାଯାଉଛି। ତେବେ ଏପରି ତାପମାତ୍ରା ବୃଦ୍ଧି ପାଇଁ କେତେକ ନିର୍ଦ୍ଦିଷ୍ଟ କାରଣ ରହିଥିବା ପାଣିପାଗ ବିଶେଷଜ୍ଞମାନେ କହୁଛନ୍ତି। ସେଥିମଧ୍ୟରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କାରଣ ହେଉଛି ସୂର୍ଯ୍ୟକିରଣ ଭୂପୃଷ୍ଠ ଉପରେ ପଡ଼ିବା ପରେ ଏହା ବିକିରଣ ଯୋଗୁଁ ତାପମାତ୍ରାକୁ ଅଧିକ ଉଷ୍ମ କରିଦେଉଛି। ବିଶେଷକରି ଏପ୍ରିଲ୍ ମାସରେ ଏହା ଅଧିକ ଅନୁଭୂତ ହେଉଛି। ସେହିପରି ଦେଶର ଉତ୍ତର ଓ କେନ୍ଦ୍ରୀୟ ଭାରତରେ ଆକାଶ ମୁଖ୍ୟତଃ ପରିଷ୍କାର ➪ପୃଷ୍ଠା-୬

### ଝାରସୁଗୁଡ଼ା ଦେଶରେ ସବୁଠୁ ଉତ୍ତପ୍ତ

ଓଡ଼ିଶାର ଝାରସୁଗୁଡ଼ା ଆଜି ଦେଶର ସବୁଠାରୁ ଉତ୍ତପ୍ତ ସହର ହୋଇଛି। ଏଠାରେ ଆଜି ଦିନ ବେଳା ତାପମାତ୍ରା ୪୪.୪ ଡିଗ୍ରୀରେ ପହଞ୍ଚିଥିବା ଜଣାପଡ଼ିଛି। ଏହାଛଡ଼ା ସମ୍ବଲପୁର ଓ ହୀରାକୁଦରେ ତାପମାତ୍ରା ଯଥାକ୍ରମେ ୪୩.୨ ଓ ୪୩ ଡିଗ୍ରୀ ସେଣ୍ଟିଗ୍ରେଡ୍ ରେକର୍ଡ କରାଯାଇଛି। ଅଧିକନ୍ତୁ ସମ୍ବଲପୁର ଓ ରାଜଧାନୀ ଭୁବନେଶ୍ୱରର ତାପମାତ୍ରା ୪୧ ଡିଗ୍ରୀ ରେକର୍ଡ ହୋଇଥିବା ଜଣାପଡ଼ିଛି। ଏଥିସହ ଆଜି ରାଜ୍ୟର ୧୮ଟି ସହରର ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଥିବା ପାଣିପାଗ ବିଭାଗ ପକ୍ଷରୁ ➪ପୃଷ୍ଠା-୬

## ଆଜି ପଶ୍ଚିମବଙ୍ଗ ଓ ତାମିଲନାଡୁରେ ବିଗ୍ ଫାଇଟ୍

- 'ଆବାର ଜିତବେ ବଙ୍ଗାଲ' ବନାମ 'ଅସୋଲ ପରିବର୍ତ୍ତନ'
- ୧୪୭୮ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ ୩ କୋଟି ଭୋଟର
- ତାମିଲନାଡୁରେ ଷ୍ଟାଲିନ ଓ ପାଲାନାସ୍ୱାମୀଙ୍କ ପାଇଁ ଅଗ୍ନିପରୀକ୍ଷା



କୋଲକାତା, ୨୨।୪ (ସଂଚାର ବ୍ୟୁରୋ): ଆସନ୍ତାକାଲି ହାଇଭୋଲଟେଜ୍ ପଶ୍ଚିମବଙ୍ଗର ପ୍ରଥମ ପର୍ଯ୍ୟାୟ ଓ ତାମିଲନାଡୁ ପାଇଁ ହେବ ମତଦାନ। ଏହି ଦୁଇ ରାଜ୍ୟର ନିର୍ବାଚନ ଜାତୀୟ ରାଜନୈତିକ ଦୃଷ୍ଟିକୋଣରୁ ବେଶ୍ ଗୁରୁତ୍ୱପୂର୍ଣ୍ଣ। ପଶ୍ଚିମବଙ୍ଗରେ ବିଜେପି ପରିବର୍ତ୍ତନର ନାରା ଦେଇଛି। ସେପଟେ ତାମିଲନାଡୁରେ ମଧ୍ୟ ଡିଏମକେ ନେତୃତ୍ୱାଧୀନ ସେକ୍ୟୁଲାର ପ୍ରୋଗ୍ରେସିଭ ଆଲାଏନ୍ସ (ଏସପିଏ) ଓ ଏଆଇଡିଏମକେ ନେତୃତ୍ୱାଧୀନ ଏନଡିଏ ମଧ୍ୟରେ କଡ଼ା ଫାଇଟ ହେବାକୁ ଯାଉଛି।

ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ଆସନ୍ତାକାଲି ହେବ ପ୍ରଥମ ପର୍ଯ୍ୟାୟ ମତଦାନ ହେବ। ଏଥିରେ ୧୬ଟି ଜିଲ୍ଲାର ୧୫୨ଟି ଆସନ ପାଇଁ ମତଦାନ ହେବ। ପ୍ରଥମ ପର୍ଯ୍ୟାୟରେ ପଶ୍ଚିମବଙ୍ଗର ୩ କୋଟି ଭୋଟର ୧୪୭୮ ଜଣ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ। ସେଥି ମଧ୍ୟରେ ୧୬୭ ଜଣ ମହିଳା ପ୍ରାର୍ଥୀ ବି ଅଛନ୍ତି।

ପଶ୍ଚିମବଙ୍ଗରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଟିଏମ୍‌ସି ସହ ବିଜେପିର ସିଧାସଳଖ ଟକ୍କର ହେଉଛି। ପ୍ରଥମ ପର୍ଯ୍ୟାୟରେ ସିଲିଗୁଡ଼ି, ଦାର୍ଜିଲିଂ, କୁଚ୍ ବିହାର, ରାଇଗଞ୍ଜ, ବାଲୁରଘାଟ, ମାଲଦା, ମୁର୍ଶିଦାବାଦ, ଆସନସୋଲ, ବାଙ୍କୁରା ଓ ବହରମପୁର ଆଦି ପ୍ରମୁଖ ଆସନରେ ମତଦାନ ହେବ। ନନ୍ଦିଗ୍ରାମ, ବରହମପୁର, ଆସନସୋଲ, ଖଡ଼ଗପୁର ସଦର, ମାଧାଭାଙ୍ଗା ଭଳି ସମ୍ବେଦନଶୀଳ ଆସନରେ ବଡ଼ ଲଢ଼େଇ ହେଉଛି। ନନ୍ଦିଗ୍ରାମରେ ବିଜେପିରୁ ଶୁଭେନ୍ଦୁ ଅଧିକାରୀଙ୍କୁ ଟକ୍କର ଦେଉଛନ୍ତି ଟିଏମସିରୁ ପବିତ୍ର କର। ଦିନେ ଟିଏମସିରେ ମମତା ବାନାର୍ଜୀଙ୍କ ଘନିଷ୍ଠ ଥିବା ଶୁଭେନ୍ଦୁ ଅଧିକାରୀ ବର୍ଷାଧିକ ସମୟ ହେଲା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟବିରୋଧୀ ସାଜିଛନ୍ତି। ୨୦୨୧ ➪ପୃଷ୍ଠା-୬

### ଶକ୍ତି ସୁରକ୍ଷାରେ ମୋହନ ସରକାରଙ୍କ ବଡ଼ ପଦକ୍ଷେପ
### ସିଟି ଗ୍ୟାସ ଡିଷ୍ଟ୍ରିବ୍ୟୁସନ ନୀତିକୁ କ୍ୟାବିନେଟ୍ ମଞ୍ଜୁରୀ

## ସହଜ ହେବ ପିଏନ୍‌ଜି ଓ ସିଏନ୍‌ଜି ବିତରଣ

- ନୋଡାଲ ଏଜେନ୍ସି ହେବ ଗୃହ ଓ ନଗର ଉନ୍ନୟନ ବିଭାଗ
- କାଠଯୋଡ଼ି ଉପରେ ହେବ ଆଉ ଏକ ସମାନ୍ତରାଳ ସେତୁ
- ତ୍ରିଶୂଳିଆରୁ ଜୁଡିସିଆଲ ଏକାଡେମୀକୁ ସଂଯୋଗ କରିବ ନୂଆ ବ୍ରିଜ
- ସହଜ ହେବ ଆପାର୍ଟମେଣ୍ଟ କିଣାବିକା ପ୍ରକ୍ରିୟା, କମିବ ଷ୍ଟାମ୍ପ ଡ୍ୟୁଟି
- ପଶ୍ଚିମ ଓଡ଼ିଶାର ଶିଳ୍ପ ଭିତ୍ତିଭୂମିକୁ ସୁଦୃଢ଼ କରିବ ଅମ୍ବିକା କଟସ୍ପିନ
- ଓଡ଼ିଶା ଆଲାଏଡ ହେଲ୍‌ଥକେୟାର କାଉନସିଲ ନିୟମାବଳୀକୁ ମଞ୍ଜୁରୀ



ଭୁବନେଶ୍ୱର, ୨୨।୪ (ସଂଚାର ବ୍ୟୁରୋ): ରାଜ୍ୟରେ ସ୍ୱଚ୍ଛ ଓ ସୁଦୂରପ୍ରସାରୀ ଶକ୍ତିର ବ୍ୟବହାରକୁ ବ୍ୟାପକ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଆଜି ଅନୁଷ୍ଠିତ କ୍ୟାବିନେଟ ବୈଠକରେ ଓଡ଼ିଶା ସିଟି ଗ୍ୟାସ ଡିଷ୍ଟ୍ରିବ୍ୟୁସନ (ସିଜିଡି) ନୀତିକୁ ଅନୁମୋଦନ କରିଛନ୍ତି। ଏହି ନୀତି ଦ୍ୱାରା ସାରା ରାଜ୍ୟରେ ପାଇପଡ୍ ନାଚୁରାଲ ଗ୍ୟାସ (ପିଏନଜି) ଓ ସିଏନଜି ଭିତ୍ତିଭୂମିର ସମ୍ପ୍ରସାରଣ ତ୍ୱରାନ୍ୱିତ ହେବ। ଏହାଦ୍ୱାରା ଜାତୀୟ ସ୍ୱଚ୍ଛ ଇନ୍ଧନ ଅଭିଯାନ ସହ ସାମଞ୍ଜସ୍ୟ ରକ୍ଷା ହୋଇପାରିବ। ଏଥିସହ ରାଜ୍ୟ କ୍ୟାବିନେଟ୍ ଆଜି ମୋଟ ୮ଟି ବିଭାଗର ୮ଟି ପ୍ରସ୍ତାବକୁ ମଞ୍ଜୁରୀ ଦେଇଛି।

ପୂର୍ବରୁ ବିଭିନ୍ନ ସଂସ୍ଥାଠାରୁ ଅନୁମତି ପାଇବାରେ ହେଉଥିବା ବିଳମ୍ବ ଓ ଏକ ସମନ୍ୱିତ ନୀତିର ଅଭାବ ଯୋଗୁଁ ପ୍ରକଳ୍ପ କାର୍ଯ୍ୟକାରୀ କରିବାରେ ବାଧା ସୃଷ୍ଟି ହେଉଥିଲା। ଏହି ନୂତନ ନୀତି ପ୍ରକ୍ରିୟାକୁ ସରଳ କରିବା ସହ ପ୍ରକଳ୍ପଗୁଡ଼ିକୁ ନିର୍ଦ୍ଧାରିତ ସମୟରେ ଶେଷ କରିବାକୁ ସୁନିଶ୍ଚିତ କରିବ ବୋଲି ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କହିଛନ୍ତି।

ଏହି ନୀତି ଜରିଆରେ ପିଏନଜି ଓ ସିଏନଜି ଭିତ୍ତିଭୂମି ପାଇଁ ଏକ ସ୍ପଷ୍ଟ ତଥା ଦକ୍ଷ କାର୍ଯ୍ୟଖସଡ଼ା ପ୍ରସ୍ତୁତ କରାଯିବ। ବିଭିନ୍ନ ବିଭାଗୀୟ ଅନୁମତି ପ୍ରକ୍ରିୟାକୁ ସହଜ କରିବା ଓ ସ୍ୱଚ୍ଛ ଜାଳେଣିର ବ୍ୟବହାରକୁ ➪ପୃଷ୍ଠା-୬

### ଇଂରାଜୀ ବନାନ ସଂଶୋଧନ ସମ୍ବନ୍ଧରେ ସୂଚନା ଜାରି

## ମତାମତ ଲୋଡ଼ିଲେ ସରକାର

ଭୁବନେଶ୍ୱର,୨୨।୪(ସଂଚାର ବ୍ୟୁରୋ): ରାଜ୍ୟର ବିଭିନ୍ନ ସ୍ଥାନର ଓଡ଼ିଆ ଉଚ୍ଚାରଣ ଅନୁଯାୟୀ ଇଂରାଜୀ ବନାନ ସଂଶୋଧନ ସମ୍ବନ୍ଧରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଆଜି ଏକ ସାର୍ବଜନୀନ ସୂଚନା ଜାରି କରାଯାଇଛି। ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କ ନିଷ୍ପତ୍ତି କ୍ରମେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ ରାଜ୍ୟର ସାଂସଦ ଓ



ଓଡ଼ିଶା ବିଧାନସଭାର ସଚିବଙ୍କ ମାଧ୍ୟମରେ ବିଧାୟକ।ବିଧାୟକ ଓ ସମସ୍ତ ଜିଲ୍ଲାର ଜିଲ୍ଲାପାଳଙ୍କୁ ଚିଠି ଲେଖିଛନ୍ତି।

ସୂଚନାନୁସାରେ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ପୂର୍ବ ପ୍ରକାଶିତ ସାର୍ବଜନୀନ ବିଜ୍ଞପ୍ତି ମାଧ୍ୟମରେ ରାଜ୍ୟର ବିଭିନ୍ନ ଜିଲ୍ଲା, ଜିଲ୍ଲା ସଦର ମହକୁମା, ଉପଖଣ୍ଡ, ତହସିଲ୍ ଓ ବ୍ଲକଗୁଡ଼ିକର ସରକାରୀ ଭାବେ ବ୍ୟବହୃତ ଇଂରାଜୀ ନାମ ଯଦି ମୂଳ ଓଡ଼ିଆ ନାମର ଅପଭ୍ରଂଶ ହୋଇଥାଏ, ତେବେ ସେଗୁଡିକର ମୂଳ ଓଡ଼ିଆ ନାମର ପୁନରୁଦ୍ଧାର ପାଇଁ ସର୍ବସାଧାରଣ ଓ ଜନପ୍ରତିନିଧିମାନଙ୍କଠାରୁ ପରାମର୍ଶ ତଥା ପ୍ରସ୍ତାବ ଆହ୍ୱାନ କରାଯାଇଥିଲା। ଏହି କ୍ରମରେ ରାଜ୍ୟର ଜନପ୍ରତିନିଧିଗଣ ଓ ସାଧାରଣ ନାଗରିକମାନଙ୍କଠାରୁ ଅନେକ ପ୍ରସ୍ତାବ ଓ ପରାମର୍ଶ ମିଳିଛି। ପ୍ରାପ୍ତ ସମସ୍ତ ପ୍ରସ୍ତାବ ବିଶିଷ୍ଟ ଓଡ଼ିଆ ସାହିତ୍ୟିକା ପଦ୍ମଭୂଷଣ ଡ. ପ୍ରତିଭା ରାୟଙ୍କ ଅଧ୍ୟକ୍ଷତାରେ ଗଠିତ ଏକ କମିଟି ଦ୍ୱାରା ସମୀକ୍ଷା କରାଯାଇ ସୁପାରିସ୍ ହୋଇଥିବା ପ୍ରସ୍ତାବଗୁଡ଼ିକୁ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଉପସ୍ଥାପନ କରାଯାଇ ମତାମତ ➪ପୃଷ୍ଠା-୬

### ଓଡ଼ିଶା ଚାଷୀଙ୍କ ପାଇଁ ବଡ଼ ଖବର

## ସୋରିଷ ସମେତ ୫ ଶସ୍ୟକୁ ମିଳିବ ଏମ୍‌ଏସ୍‌ପି

### ସୂର୍ଯ୍ୟମୁଖୀ ଚାଷ ବୃଦ୍ଧିରେ ସହଯୋଗ ପାଇଁ ପ୍ରତିଶ୍ରୁତି



ନୂଆଦିଲ୍ଲୀ, ୨୨।୪: ଏଣିକି ଚିନାବାଦାମ, ସୂର୍ଯ୍ୟମୁଖୀ, ସୋରିଷ ଭଳି ତୈଳବୀଜ ସହ ମୁଗ ବିରି ଭଳି ଶସ୍ୟକୁ ମିଳିବ ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି)। କେନ୍ଦ୍ର ସରକାର ରାଜ୍ୟର ଚାଷୀମାନଙ୍କଠାରୁ ଏହି ୫ ଶସ୍ୟକୁ କିଣିବେ। ଏ ନେଇ ରାଜ୍ୟର ବହୁତ ଦିନର ଦାବିକୁ ଗ୍ରହଣ କରି କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନ କୃଷକମାନଙ୍କୁ ଆଶ୍ୱସ୍ତି ପ୍ରଦାନ କରିଛନ୍ତି। ଏହାଦ୍ୱାରା ରାଜ୍ୟର ଚାଷୀମାନଙ୍କୁ ୧,୪୨୮.୩୧ କୋଟି ଟଙ୍କାରୁ ଅଧିକ ମୂଲ୍ୟର ସହାୟତା ମିଳିବ।

ଆଜି ନୂଆଦିଲ୍ଲୀର କୃଷି ଭବନରେ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ସହ ଆଭାସୀ ବୈଠକରେ ଆଲୋଚନା କରିବା ପରେ ସେ ଏହି ଘୋଷଣା କରିଛନ୍ତି। ବୈଠକରେ ଶ୍ରୀ ଚୌହାନ ସଂଗ୍ରହ ପ୍ରକ୍ରିୟାରେ ସ୍ୱଚ୍ଛତା, ସାଧୁତା ରକ୍ଷା ସହ କୌଣସି ପ୍ରକାର ମଧ୍ୟସ୍ଥିର ହସ୍ତକ୍ଷେପକୁ ବାରଣ କରିଛନ୍ତି।

ଶ୍ରୀ ଚୌହାନ କହିଛନ୍ତି ଯେ ଏକ ସ୍ୱଚ୍ଛ ବ୍ୟବସ୍ଥା ମାଧ୍ୟମରେ ଚାଷୀମାନେ ଉପଯୁକ୍ତ ସମୟରେ ଏମ୍‌ଏସ୍‌ପିର ସୁଫଳ ପାଇବା ଉଚିତ, ଯାହାଦ୍ୱାରା ପ୍ରକୃତ ଉତ୍ପାଦନକାରୀ ➪ପୃଷ୍ଠା-୬

### ସରକାରଙ୍କୁ ଗଣନାକାରୀଙ୍କ ସୁରକ୍ଷା ଚିନ୍ତା

## ୧୧ରୁ ୩ଟା ପର୍ଯ୍ୟନ୍ତ ହେବନି ଗଣନାକାର୍ଯ୍ୟ



- ଜିଲ୍ଲାପାଳ ଓ ମ୍ୟୁନିସିପାଲ୍ କମିଶନରଙ୍କୁ ନିର୍ଦ୍ଦେଶ
- ଜନଗଣନାକାରୀ ଓ ସାଧାରଣ ଲୋକଙ୍କ ସୁରକ୍ଷାକୁ ପ୍ରାଥମିକତା

ଭୁବନେଶ୍ୱର, ୨୨।୪ (ସଂଚାର ବ୍ୟୁରୋ):ପ୍ରଥମ ପର୍ଯ୍ୟାୟ ଜନଗଣନା ପରିପ୍ରେକ୍ଷୀରେ ଲୋକସେବା ଭବନଠାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ସମସ୍ତ ପ୍ରତିକୂଳ ପରିସ୍ଥିତିକୁ ଦୃଷ୍ଟିରେ ରଖି ମନ୍ତ୍ରୀ ଶ୍ରୀ ପୂଜାରୀ ଜନଗଣନା କାର୍ଯ୍ୟରେ ନିୟୋଜିତ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ସୁରକ୍ଷାକୁ ଅଗ୍ରାଧିକାର ଦେଇ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରିବା ସକାଶେ ନିର୍ଦ୍ଦେଶ ଦେଇଛନ୍ତି। ମନ୍ତ୍ରୀଙ୍କ ନିର୍ଦ୍ଦେଶାନୁସାରେ, ସମ୍ପ୍ରତି ଭୀଷଣ ଗ୍ରୀଷ୍ମ ପ୍ରବାହ ହେଉଥିବାରୁ ଜନଗଣନା କାର୍ଯ୍ୟରେ ନିୟୋଜିତ ➪ପୃଷ୍ଠା-୬

## ପୁଣି ହର୍ମୁଜରେ ଭାରତୀୟ ଜାହାଜକୁ ଆକ୍ରମଣ



- ୩ ଜାହାଜ ଉପରକୁ ଗୁଳିମାଡ଼, ୨ ଜାହାଜ ଅଟକ
- ହର୍ମୁଜ ପାର୍ ହେବାକୁ ଆବଶ୍ୟକ ଅନୁମତି ନଥିଲା
- ତିକ୍ତ ହେବ ଭାରତ-ଇରାନ ଦ୍ୱିପାକ୍ଷିକ ସମ୍ପର୍କ!

ନୂଆଦିଲ୍ଲୀ/ତେହରାନ, ୨୨।୪ : ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବୁଧବାର ଇରାନ ସହ ଯୁଦ୍ଧବିରତିକୁ ଅନିର୍ଦ୍ଦିଷ୍ଟ ସମୟ ପାଇଁ ବୃଦ୍ଧି କରିବାର ମାତ୍ର କିଛି ଘଣ୍ଟା ପରେ ଇରାନର ରିଭଲ୍ୟୁସନାରୀ ଗାର୍ଡ କର୍ପସ (ଆଇଆରଜିସି) ହର୍ମୁଜ ପ୍ରଣାଳୀ ପାର କରୁଥିବା ଗୋଟିଏ ଭାରତୀୟ ଜାହାଜ ସହ ୩ଟି ଜାହାଜ ଉପରେ ଆକ୍ରମଣ କରିଛି ଓ ୨ଟିକୁ ଅଟକ ରଖିଛି। ପାନାମା ପତାକା ଥିବା 'ଏମସଏସି ଫ୍ରାନସେସ୍କା' ଓ ଲାଇବେରିଆ ପତାକା ଥିବା 'ଏପାମିନୋଣ୍ଡାସ୍' ଏବେ ଆଇଆରଜିସି ହେପାଜତରେ ରହିଛି ଏବଂ ସେ ଦୁଇଟି ଜାହାଜକୁ ଇରାନକୁ ନିଆଯାଇଛି ➪ପୃଷ୍ଠା-୬



### କାନ ଡେରିଥା

ବିଧାୟକ ଏଠି ଧରମେ କରମେ
ପଇସା ଖରଚ କରନ୍ତି
ଖେଳ ହେଉ ଅବା କିଏ ମରିଗଲେ
ଅର୍ଥଟା ବଢ଼େଇ ଦିଅନ୍ତି
କଣ୍ଟ୍ରାକ୍ଟରଠାରୁ ମାଗନ୍ତି...
ସେଇ କଥା କିନ୍ତୁ ବିରୋଧୀ ତୁଣ୍ଡରେ
ପିସି ନେଉଥିବା କହନ୍ତି !

■ ଦେବାଶିଷ

## ପ୍ରଭାତଙ୍କ ବିଜେପିରେ ପ୍ରବେଶ ସମ୍ଭାବନା ଉଜ୍ଜ୍ୱଳ

- ଚଳିତ ମାସ ଶେଷ ସୁଦ୍ଧା ଧରିପାରନ୍ତି ପଦ୍ମ
- ପୁଅ ସୌଭିକଙ୍କୁ ନେଇ ଅଙ୍କକଷା



ଭୁବନେଶ୍ୱର,୨୨।୪(ସଂଚାର ବ୍ୟୁରୋ): ବିଜେଡିର ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳଙ୍କର ବିଜେପି ଦଳରେ ଯୋଗଦେବା ନେଇ ଚର୍ଚ୍ଚା ଜୋର ଧରିଛି। ଏପରିକି ଚଳିତମାସ ଶେଷ ସୁଦ୍ଧା ଶ୍ରୀ ବିଶ୍ୱାଳ ପଦ୍ମ ଧରିବେ ବୋଲି ତାଙ୍କ ସମର୍ଥକମାନେ ଆଲୋଚନା କରୁଛନ୍ତି। କିନ୍ତୁ ପିତା ପ୍ରଭାତ ବିଜେପିରେ ମିଶିଲେ ବିଧାୟକ ପୁଅ ସୌଭିକ କ'ଣ କରିବେ ବୋଲି ମଧ୍ୟ ଅଙ୍କକଷା ଚାଲିଛି।

ଚିଟ୍‌ଫଣ୍ଡ ମାମଲାରେ ଜେଲ୍ ଯାଇ ଫେରିବା ପରେ ପ୍ରଭାତ ବିଶ୍ୱାଳ ଖଇରିଆ ରଙ୍ଗର ପୋଷାକ ପିନ୍ଧୁଥିଲେ। ତେବେ ଦୁଇ ଦିନ ତଳେ ସେ ଖଇରିଆ ରଙ୍ଗର ପୋଷାକ ଛାଡ଼ି ପୁଣିଥରେ ଧଳା ପୋଷାକ ପିନ୍ଧିଛନ୍ତି। ଧଳା ପୋଷାକ ପିନ୍ଧିବା ପରେ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ପ୍ରଭାତ ବିଜେଡି ବିରୁଦ୍ଧରେ ବିଷ ଓଗାଳିବାରେ ଲାଗିଛନ୍ତି। ବିଜେଡିକୁ କଡ଼ା ସମାଲୋଚନା କରିବା ପରେ ପ୍ରଭାତ ଅନ୍ୟ ଦଳରେ ଯୋଗଦେବା ନେଇ ଚର୍ଚ୍ଚା ଚାଲିଥିବା ବେଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କଟକ ଗସ୍ତ କରିଥିଲେ। ପ୍ରଭାତ ବିଶ୍ୱାଳ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଫୁଲତୋଡ଼ା ଦେବା ପରେ ତାଙ୍କର ବିଜେପିରେ ଯୋଗଦେବା ନେଇ ଚର୍ଚ୍ଚା ଜୋର୍ ଧରିଛି। କେବଳ ପ୍ରଭାତ ନୁହଁନ୍ତି, ପୁ ସୌଭିକ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିଥିଲେ।

ତେବେ ଗତ ରାଜ୍ୟସଭା ଟିକଟ ବଣ୍ଟନ ସମୟରୁ ପ୍ରଭାତ ବିଜେଡିଠାରୁ ଦୂରେଇବା ଆରମ୍ଭ କରିଛନ୍ତି। ଟିକଟ ବଣ୍ଟାକୁ ନେଇ ପ୍ରଭାତ ନବୀନ ନିବାସ ଭିତରେ ପାଟିତୁଣ୍ଡ କରିଥିଲେ। ଏଥିପାଇଁ ବିଜେଡି ତାଙ୍କୁ ଦଳରୁ ବିଦା କରିଦେଇଥିଲା। ତେବେ କଥା ଏତିକିରେ ଥମି ନ ଥିଲା। ପୁଅ ସୌଭିକ ପିତୃ ଅପମାନର ପ୍ରତିଶୋଧ ନେବା ପାଇଁ ଗତ ରାଜ୍ୟସଭା ନିର୍ବାଚନରେ କ୍ରସ ଭୋଟିଂ କରିଥିଲେ। ଏଥିପାଇଁ ତାଙ୍କୁ ମଧ୍ୟ ବିଜେଡିରୁ ନିଲମ୍ବିତ କରାଯାଇଛି।

ଗୋଟିଏ ପଟେ ପ୍ରଭାତଙ୍କ ମୁଣ୍ଡରେ ଚିଟ୍‌ଫଣ୍ଡ ଦାଗ ଲାଗିଥିବା ବେଳେ ଅନ୍ୟ ପଟେ ବିଜେଡି ତାଙ୍କୁ ଦୂରେଇ ଦେଇଛି। ଯଦିଓ ପୁଅ ସୌଭିକ ଚୌଦ୍ୱାର-କଟକର ବିଧାୟକ ଅଛନ୍ତି, କିନ୍ତୁ ପିତା ପ୍ରଭାତ ରାଜନୀତିର ମୋହ ଛାଡ଼ିପାରୁନାହାନ୍ତି। ତେଣୁ ନିଜର ରାଜନୈତିକ ଭବିଷ୍ୟତ ପାଇଁ ବିଜେପିରେ ନିଶ୍ଚିତ ଯୋଗଦେବା ନେଇ ଚର୍ଚ୍ଚା ଜୋର ଧରିଛି। ହେଉଥିବା ଆଲୋଚନା ଅନୁଯାୟୀ, ପ୍ରଭାତ ଇତିମଧ୍ୟରେ ବିଜେପିର ବରିଷ୍ଠ ନେତାମାନଙ୍କ ସହ ଏକାଧିକ ବାର ଆଲୋଚନା ମଧ୍ୟ କରିସାରିଛନ୍ତି।

ସମୀର ଦେ'ଙ୍କ ଅବର୍ତ୍ତମାନରେ କଟକରେ ବିଜେପି ମଙ୍ଗ ଧରିବାକୁ ସେଭଳି ନେତା ଏବେ ନାହାନ୍ତି। ଯଦିଓ ଭର୍ତ୍ତୃହରି ମହତାବ ବିଜେପିରୁ ସାଂସଦ ➪ପୃଷ୍ଠା-୬

SIKSHA 'O' ANUSANDHAN
(DEEMED TO BE UNIVERSITY)
SAAT-2026
Empowering students for a brighter future
B.TECH PROGRAMMES IN EMERGING COMPUTING
■ Computer Science and Engineering (AI and ML)
■ Computer Science and Engineering (Cyber Security)
■ Computer Science and Engineering (Data Science)
■ Computer Science and Engineering (Internet of Things)
APPROVAL & RECOGNITIONS
■ Approved by UGC and AICTE
■ Re-accredited by NAAC with A++ Grade
■ Granted with Category-1 Graded Autonomy by UGC
■ NBA Accredited Programmes
NIRF INDIA RANKINGS 2025
■ 15th Best in University Category
■ 22nd Best in Engineering Category
INTERNATIONAL RANKINGS 2026
■ Ranked in QS World Rankings 2026
■ Ranked in Times World Rankings 2026
To apply for admission through SAAT, Please visit: www.soa.ac.in

# ବାଲି-ମାଟି ମାଫିଆଙ୍କୁ ନିୟନ୍ତ୍ରଣ ପାଇଁ କଡ଼ା ଆଭିମୁଖ୍ୟ

## ଜିଲ୍ଲା ପ୍ରଶାସନର ନୂତନ ରଣନୀତି

**କେନ୍ଦ୍ରାପଡ଼ା, ୨୨।୪(ସଂଚାର ବ୍ୟୁରୋ)ଃ** ଜିଲ୍ଲାରେ ଦିନକୁ ଦିନ ବଢ଼ୁଥିବା ବାଲି ଓ ମାଟି ଚୋରୀ ନେଇ ଅବଶେଷରେ ପ୍ରଶାସନ କଡା ମୁହଁ ଦେଖାଇଛି। ଏହି ଅବୈଧ କାରବାରକୁ ରୋକିବା ପାଇଁ ଜିଲ୍ଲାପାଳ ରଘୁରାମ ଆର ଆୟରଙ୍କ ନେତୃତ୍ୱରେ ଏକ ସଂଯୁକ୍ତ ଅଭିଯାନ ଆରମ୍ଭ ହେବାକୁ ଯାଉଛି। ବର୍ଷକାଳ ଧରି ଜିଲ୍ଲାର ବିଭିନ୍ନ ନଦୀଘାଟ ଓ ଗ୍ରାମାଞ୍ଚଳରୁ ଅନିୟନ୍ତ୍ରିତ ଭାବରେ ବାଲି ଉତ୍ତୋଳନ ଓ ମାଟି କଟାଯାଉଥିବାରୁ ପରିବେଶ ଓ ସ୍ଥାନୀୟ ଜୀବନ ଜୀବିକାରେ ଗଭୀର ପ୍ରଭାବ ପଡୁଛି। ଏହାକୁ ରୋକିବାରେ ପୂର୍ବରୁ ଅନେକ ପଦକ୍ଷେପ ନିଆଯାଇଥିଲେ ମଧ୍ୟ, ମାଫିଆ ଚକ୍ର ଉପରେ ଚୂଡ଼ାନ୍ତ ଆଘାତ ପଡ଼ିପାରିନଥିଲା। ଏବେ ପ୍ରଶାସନ ଏହାକୁ ଗମ୍ଭୀର ଚ୍ୟାଲେଞ୍ଜ ଭାବେ ନେଇ, ପୋଲିସ ଓ ତହସିଲ ସ୍ତରରେ ଦୃଢ଼ ଜବାବଦେହିତା ବ୍ୟବସ୍ଥା ଲାଗୁ କରିବାକୁ ଯୋଜନା କରିଛି। ଯେଉଁଠି ଅବୈଧ ଖଣିକାର୍ଯ୍ୟ ଚାଲିଥିବା ପ୍ରମାଣ ମିଳିବ, ସେଠାର ସମ୍ପୃକ୍ତ କର୍ମଚାରୀଙ୍କୁ ସିଧାସଳଖ ଦାୟୀ ଧରାଯିବ। ଏହା ଦ୍ୱାରା ତଳସ୍ତରରେ ଥିବା ମିଳିଭଗତକୁ ରୋକିବା ଲକ୍ଷ୍ୟ ରଖାଯାଇଛି। ବିଶେଷ କରି କୁଦାନଗରୀ ଓ ଗରଦପୁର ଅଞ୍ଚଳରୁ ଆସୁଥିବା ଅଭିଯୋଗ ପ୍ରଶାସନକୁ ସଚେତନ କରିଛି। କେତେକ ସ୍ଥାନରେ ମାସିକ ଅର୍ଥ ଲେନଦେନ ମାଧ୍ୟମରେ ଅବୈଧ କାରବାର ଚାଲିଥିବା ଅଭିଯୋଗ ଆସିବା ପରେ, ଏହାର ଗଭୀର ତଦନ୍ତ ପାଇଁ ସୂଚନା ମିଳିଛି। ଯଦି ଏହି ଅଭିଯୋଗ ସତ୍ୟ ପ୍ରମାଣିତ ହୁଏ, ତେବେ ସମ୍ପୃକ୍ତଙ୍କ ବିରୋଧରେ କଡା ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ। ପ୍ରଶାସନ ଏହି ଅଭିଯାନରେ ସାଧାରଣ ଲୋକଙ୍କ ସହଭାଗିତାକୁ ମଧ୍ୟ ଗୁରୁତ୍ୱ ଦେଇଛି। ଲୋକମାନଙ୍କୁ ସଚେତନ କରାଯାଇଛି ଯେ, ଯେଉଁଠି ଅବୈଧ ବାଲି କିମ୍ବା ମାଟି ଉତ୍ତୋଳନ ହେଉଛି, ସେଥିର ତଥ୍ୟ ଓ ପ୍ରମାଣ ପ୍ରଶାସନକୁ ଯୋଗାଇବେ। ଏହା ମାଧ୍ୟମରେ ତତ୍କାଳ ଅଭିଯାନ ଚଲାଇ ଦୋଷୀଙ୍କୁ ଧରିବା ସହଜ ହେବ। ସୂତ୍ରମାନଙ୍କ କହିବା ଅନୁଯାୟୀ, ଜିଲ୍ଲାରେ ଖୁବ ଶୀଘ୍ର ଏକ ଡିଜିଟାଲ ମନିଟରିଂ ବ୍ୟବସ୍ଥା ଆରମ୍ଭ ହେବ, ଯାହା ଦ୍ୱାରା ନଦୀଘାଟ ଓ ସଂବେଦନଶୀଳ ସ୍ଥାନଗୁଡ଼ିକୁ ୨୪ ଘଣ୍ଟା ନଜର ରଖାଯିବ। ଏହା ଚାଲୁ ହେଲେ ଅବୈଧ କାରବାରକୁ ଦୂର କରିବାରେ ବଡ଼ ସାହାଯ୍ୟ ମିଳିବ ବୋଲି ଆଶା କରାଯାଉଛି। ସମଗ୍ର ପରିସ୍ଥିତିକୁ ଦେଖିଲେ, ପ୍ରଶାସନର ଏହି କଡା ଆଭିମୁଖ୍ୟ ଯଦି ନିରନ୍ତର ଭାବେ ଜାରି ରହେ, ତେବେ ଜିଲ୍ଲାରେ ବାଲି-ମାଟି ମାଫିଆଙ୍କ ପାଇଁ ଆଗାମୀ ଦିନରେ ଅବସ୍ଥା କଠିନ ହେବା ନିଶ୍ଚିତ।

# ରାମନଗରରୁ କାଜୁ କାଠ ଲୁଟୁଛନ୍ତି ମାଫିଆ

## ପଡୁନି ବନ ବିଭାଗର ଦୃଷ୍ଟି



**ମହାକାଳପଡା, ୨୨।୪(ସଂଚାର ବ୍ୟୁରୋ)ଃ** ମହାକାଳପଡା ବ୍ଲକ ଅନ୍ତର୍ଗତ ରାମନଗର ଅଞ୍ଚଳରେ କାଜୁ କାଠ ଚୋରାଚାଲାଣ ଦିନକୁ ଦିନ ବେପରୁଆ ଭାବରେ ବଢ଼ିଚାଲିଥିବା ଅଭିଯୋଗ ହୋଇ ଆସୁଛି। ବିଳମ୍ବିତ ରାତିରେ ଅସାଧୁ ବ୍ୟକ୍ତିମାନେ କାଜୁ ଜଙ୍ଗଲ କାଟି ଟ୍ରାକ୍ଟର ଟ୍ରାକ୍ଟର କାଜୁ କାଠ ବେଆଇନ୍ ଭାବେ ଚାଲାଣ କରୁଛନ୍ତି। ଏହି ଅବୈଧ କାର୍ଯ୍ୟକଳାପ ବଢ଼ି ଚାଲିଥିବା ବେଳେ ବନ ବିଭାଗ ପକ୍ଷରୁ କୌଣସି କଡ଼ା ପଦକ୍ଷେପ ଗ୍ରହଣ କରାନଯିବା ବିଭାଗୀୟ ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସ୍ଥାନୀୟ ଲୋକମାନଙ୍କ ଅଭିଯୋଗ ଅନୁଯାୟୀ, ଦୀର୍ଘଦିନ ଧରି ଏହି ଚୋରାଚାଲାଣ ଚାଲିଆସୁଥିବା ସତ୍ତ୍ୱେ ପ୍ରଶାସନ ଏହା ପ୍ରତି ଆଖି ବନ୍ଦ କରି ଦେଇଛି। ଏହାର ପରିଣାମରେ ଜଙ୍ଗଲ ସମ୍ପଦ ଦ୍ରୁତ ଗତିରେ ନଷ୍ଟ ହେଉଥିବା ସହ ପରିବେଶ ଉପରେ ଗୁରୁତର ପ୍ରଭାବ ପଡୁଛି। ଏପରି ପରିସ୍ଥିତିରେ ତୁରନ୍ତ ଉଚ୍ଚସ୍ତରୀୟ ତଦନ୍ତ ସହ ଦୋଷୀଙ୍କ ବିରୁଦ୍ଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସାଧାରଣ ଲୋକମାନେ ଦାବି କରିଛନ୍ତି।

# ନୂତନ ବ୍ରହ୍ମତାଳଧ୍ୱଜ ରଥ ପାଇଁ କାଠ ପହଞ୍ଚିଲା ରଥଖଳାରେ



**କେନ୍ଦ୍ରାପଡ଼ା, ୨୨।୪(ସଂଚାର ବ୍ୟୁରୋ)ଃ** କେନ୍ଦ୍ରାପଡା ତୁଳସୀକ୍ଷେତ୍ରର ଆରାଧ୍ୟ ପ୍ରଭୁ ଶ୍ରୀବଳଦେବଜୀଉଙ୍କ ନୂତନ ବ୍ରହ୍ମତାଳଧ୍ୱଜ ରଥ ନିର୍ମାଣ ପାଇଁ ଆଜି ପ୍ରଥମ ପର୍ଯ୍ୟାୟରେ କାଠ ଆସି ପହଞ୍ଚିଛି ରଥଖଳାରେ। ଏହି ରଥ କାଠ ୩ଟି ଟ୍ରଲରରେ ଆସି ପହଞ୍ଚିଛି। ଶ୍ରୀବଳଦେବଜୀଉ ଦେବୋତ୍ତର ଟ୍ରଷ୍ଟବୋର୍ଡର ଅଧ୍ୟକ୍ଷ ତଥା କେନ୍ଦ୍ରାପଡା ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନାଙ୍କ ନିଷ୍ଠାପର ଉଦ୍ୟମ ଯୋଗୁଁ ଏହା ସମ୍ଭବ ହୋଇପାରିଛି। ନୂତନ ରଥ ନିର୍ମାଣ ପାଇଁ ପ୍ରାୟ ୩ହଜାର ଘନଫୁଟ କାଠର ଆବଶ୍ୟକତା ଥିବା ବେଳେ ଏହି କାଠ ପ୍ରାୟ ୨ହଜାର ଘନଫୁଟର ହେବ। ଏହି କାଠ କଟକ ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ ଅଧିନ ଯାଜପୁର ଜିଲ୍ଲାର ଟମକା ଓ ସୁକିନ୍ଦା ବନାଳରୁ ଆସିଛି। ଆଉ ଏକ ହଜାର ଘନଫୁଟ କାଠ ଅଣାଯିବା ପାଇଁ ରାଜ୍ୟର ବିଭିନ୍ନ ରେଞ୍ଜ ଅଧିକାରୀଙ୍କ ସହ ଜିଲ୍ଲା ପ୍ରଶାସନ ପକ୍ଷରୁ ଯୋଗାଯୋଗ ଜାରିରହିଛି। ଚଳିତମାସ ୪ତାରିଖରେ ପ୍ରଥମେ ରଥ ଅନ୍ୱେଷଣ କମିଟି ସଦସ୍ୟମାନେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଜେନାଙ୍କ ନେତୃତ୍ୱରେ କାଠ ସଂଗ୍ରହ ନିମନ୍ତେ ଯାଇଥିଲେ। ପରେ ୧୦ତାରିଖରେ କମିଟି ରଥକାଠ ପାଇଁ ଯାଇଥିଲା। ପୁନର୍ବାର ୧୮ତାରିଖରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଜେନାଙ୍କ ନେତୃତ୍ୱରେ ଅନ୍ୱେଷଣ କମିଟି ସଭ୍ୟ ନିରଞ୍ଜନ ମେକାପ, ଧିରେନ କୁମାର ସାହୁ, ରଘୁନାଥ ମହାରଣା, ଉମାକାନ୍ତ ବଳ ପ୍ରମୁଖ ଟମକା ଓ ସୁକିନ୍ଦା ବନାଳ ରେଞ୍ଜର ଜଙ୍ଗଲକୁ ଯାଇ ବନ ବିଭାଗ ଅଧିକାରୀଙ୍କ ଅନୁମତି କ୍ରମେ କାଠ କଟାଇବା ପରେ କଟା କାଠଖଣ୍ଡକୁ ଆଣି କେନ୍ଦ୍ରାପଡା ତୁଳସୀକ୍ଷେତ୍ରାଧିପତି ଶ୍ରୀଜୀଉଙ୍କ ରଥଖଳାରେ ପହଞ୍ଚାଇଛନ୍ତି।

# ବେଦପ୍ରକାଶଙ୍କ ପୁଣ୍ୟତିଥିରେ ସମୂହ ଦୀପଦାନ



**ଡେରାବିଶ, ୨୨।୪(ସଂଚାର ବ୍ୟୁରୋ)ଃ** ପୂର୍ବତନ ମନ୍ତ୍ରୀ ତଥା ପାଟକୁରାର ପୂର୍ବତନ ବିଧାୟକ ସ୍ୱର୍ଗତ ବେଦପ୍ରକାଶ ଅଗ୍ରୱାଲାଙ୍କ ସପ୍ତମ ପୁଣ୍ୟତିଥି ସୋମବାର ସନ୍ଧ୍ୟାରେ ଡେରାବିଶ ବ୍ଲକ ଅଧୀନ କୁଶିଆପାଳ ପଞ୍ଚାୟତ ବାଲିପାଟଣା ସ୍ଥିତ ଶ୍ରୀ ଲଛମନଜୀଉଙ୍କ ମନ୍ଦିରରେ ପାଳିତ ହୋଇଯାଇଛି। ବେଦପ୍ରକାଶ ଅଗ୍ରୱାଲା ସ୍ମୃତିପରିଷଦ ଆନୁକୂଲ୍ୟରେ ଶ୍ରୀ ଜୀଉଙ୍କ ମନ୍ଦିରରେ ସମୂହ ଦୀପଦାନ କରାଯାଇଥିଲା। ପରିଷଦର ସଭାପତି ମଧୁମିତା ଅଗ୍ରୱାଲାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ଅବସରରେ କୁଶିଆପାଳ ସମିତିସଭ୍ୟ ସୁବାଷ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ପରିଷଦର ସଭାପତି ତଥା ବେଦପ୍ରକାଶଙ୍କ ବଡ଼ଝିଅ ମଧୁମିତା ମୁଖ୍ୟଅତିଥିଭାବେ ଯୋଗଦେଇ ସ୍ୱର୍ଗତ ଅଗ୍ରୱାଲା କେନ୍ଦ୍ରାପଡ଼ା ତଥା ପାଟକୁରାରେ ନିର୍ମାଣ ଯୁଗର ବିନ୍ଧାଣୀ ସାଜିଥିଲେ ବୋଲି କହିଥିଲେ। ଦୀର୍ଘ ଅର୍ଦ୍ଧଶତାବ୍ଦୀରୁ ଊର୍ଦ୍ଧ୍ୱ ସମୟ ଧରି ପ୍ରତିଷ୍ଠିତ ଥିବା ସ୍ୱର୍ଗତ ବେଦୁବାବୁ କେବଳ କେନ୍ଦ୍ରାପଡ଼ା ନୁହେଁ ସମଗ୍ର ରାଜ୍ୟରେ ରାଜନୈତିକ ଓ ସାମାଜିକ କ୍ଷେତ୍ରରେ ନିଜକୁ ପରିଚିତ କରାଇପାରିଥିଲେ। ଗତ ୨୦୦୯ ରୁ ୨୦୧୯ ମସିହା ପର୍ଯ୍ୟନ୍ତ ପାଟକୁରାର ବିଧାୟକ ଥିବା ସମୟରେ ନଦୀନାଳ ଘେରା ଅବହେଳିତ ପାଟକୁରାର ସାମୁହିକ ବିକାଶ ପାଇଁ ବେଦୁବାବୁଙ୍କ ଭିତରେ ଥିବା ସ୍ୱପ୍ନ ସାକାର ହୋଇଥିଲା ବୋଲି ମଧୁମିତା କହିଥିଲେ। କୁଶିଆପାଳ ସରପଞ୍ଚ ଦୟାନିଧି ଦାସ, ଭବାନୀ ପ୍ରସାଦ ଓଝା, ଶାରଦା ସାମନ୍ତରାୟ, ଲୋହିତ କୁମାର ମହାନ୍ତି, ପାର୍ଥ ପଣ୍ଡା, ମନିନ୍ଦ୍ର ରଥ, ଶାରଦା ପଣ୍ଡା, ରାକେଶ ସାହୁ, ସନ୍ତୋଷ ମାହାଳି, କମଳ ହରିଚନ୍ଦନ, ଲେଲିନ୍ କୁମାର ସ୍ୱାଇଁ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ବେଦୁବାବୁଙ୍କ ସ୍ମୃତି ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ବିବାହର ବର୍ଷେ ନପୁରୁଣୁ ନବବଧୂର ସନ୍ଦେହଜନକ ମୃତ୍ୟୁ

**ଡେରାବିଶ, ୨୨।୪(ସଂଚାର ବ୍ୟୁରୋ)ଃ** ଡେରାବିଶ ଥାନା ଖମୋଳ ପଞ୍ଚାୟତ ଅନ୍ତର୍ଗତ ଖମୋଳ ଗ୍ରାମରେ ସାତମାସ ତଳେ ବିବାହ କରିଥିବା ମହିଳାର ସନ୍ଦେହ ଜନକ ମୃତ୍ୟୁକୁ ଶାଶୁଘର ଲୋକ ଆତ୍ମହତ୍ୟା କହୁଥିବା ବେଳେ ବାପଘର ଲୋକେ ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ଥାନାରେ ଅଭିଯୋଗ କରିଛନ୍ତି। ଘଟଣାରୁ ପ୍ରକାଶ ଖମୋଳ ଗ୍ରାମର ରଜନୀକାନ୍ତ ମୁଦୁଲିଙ୍କ ପୁଅ ମୁରଲିଧର ଯାଜପୁରର ଅଭିମନ୍ୟୁ ସାହୁଙ୍କ ଝିଅ ଲିପା ସାହୁ (୨୪)ଙ୍କ ସହିତ ବୈଦିକ ରିତିରେ ବିବାହ ହୋଇଥିଲା। ସ୍ୱାମୀ ମୁରଲିଧର ବିଦେଶରେ ଚାକିରୀ କରିଥିବା ବେଳେ ବିବାହର ଦୁଇମାସ ପରେ ସେ ତାଙ୍କର କାର୍ଯ୍ୟସ୍ଥଳୀକୁ ଚାଲିଯାଇଥିଲେ। ଗତକାଲି ଅପରାହ୍ନରେ ଲିପା ସାହୁ ନିଜ ଶୋଇବା ଘରେ ଫ୍ୟାନ୍‌ରେ ରଶିଲଗାଇ ଝୁଲୁଥିବା ପରିବାର ବର୍ଗ ଦେଖିଥିଲେ। ଏ ସମ୍ପର୍କରେ ଲିପାଙ୍କ ବାପଘର ଲୋକଙ୍କୁ ଖବର ଦେଇଥିଲେ ଲିପାଙ୍କ ବାପଘର ପରିବାର ଘଟଣା ସ୍ଥଳରେ ପହଞ୍ଚି ଲିପା ମରିଯାଇଥିବା ଦେଖି ଡେରାବିଶ ଥାନାରେ ତାଙ୍କ ଝିଅକୁ ତାର ଶାଶୁଘର ପରିବାର ନିର୍ଯ୍ୟାତନା ଦେବା ସହ ହତ୍ୟା କରିଥିବା ଅଭିଯୋଗ କରିଥିଲେ। ଗତକାଲି ସନ୍ଧ୍ୟାରେ ଡେରାବିଶ ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତ ଶରୀରକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ପୋଲିସ୍ ଏ ଘଟଣାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଅଧିକ ତଦନ୍ତ ପାଇଁ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରିଛନ୍ତି।

# ପ୍ରଧାନମନ୍ତ୍ରୀଙ୍କ ମନ କୀବାତ୍‌ରେ ପ୍ରଶଂସିତ ଓମ୍‌ପ୍ରକାଶ ସମ୍ବର୍ଦ୍ଧିତ



**ଡେରାବିଶ, ୨୨।୪(ସଂଚାର ବ୍ୟୁରୋ)ଃ** ଡେରାବିଶ ବ୍ଲକ ଚାନ୍ଦୋଳ ସ୍ଥିତ ହୃଦୟାନନ୍ଦ ନାୟକ ସ୍ମାରକୀ ମହାବିଦ୍ୟାଳୟ +୩ ପ୍ରଥମ ବର୍ଷର ଛାତ୍ର ଓମ୍‌ପ୍ରକାଶ ରଥ ମହିଳା ଶସକ୍ତିକରଣ ଓ ବିକାଶ ଉପରେ ପ୍ରବନ୍ଧ ଲେଖି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମନ୍‌କିବାତ୍ କାର୍ଯ୍ୟକ୍ରମରେ ପ୍ରଶଂଶିତ ହୋଇଛନ୍ତି। ଏହି ଉପଲକ୍ଷେ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓମ୍‌ପ୍ରକାଶଙ୍କ ଚିନ୍ତାଧାରା ଓ ପ୍ରତିଭାର ପ୍ରଶଂସା କରିବା ସହିତ ତାଙ୍କୁ ସମ୍ମାନିତ କରିଛନ୍ତି। ଶ୍ରୀମତୀ ପରିଡ଼ାଙ୍କ ସହିତ ରାଜ୍ୟ ମହିଳା ଓ ଶିଶୁବିକାଶ ବିଭାଗର କମିଶନର ତଥା ଶାସନ ସଚିବ ଡକ୍ଟର ମୃଣାଳିନୀ ଦସ୍ୱାଲ ତାଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିବା ସହିତ ତାଙ୍କର ଉତରୋତର ଉନ୍ନତି କାମନା କରିଥିଲେ। ଏହା ପୂର୍ବରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଓଡ଼ିଶାର ରାଜ୍ୟପାଳ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ କେନ୍ଦ୍ରାପଡ଼ା ଜିଲ୍ଲାପାଳ ମଧ୍ୟ ଓମ୍ ପ୍ରକାଶଙ୍କୁ ସମ୍ବର୍ଦ୍ଧିତ କରିବା ସହିତ ଶୁଭେଚ୍ଛା ଜଣାଇଥିଲେ।

# କୁଶିଆପାଳ ଆଦର୍ଶ ସମବାୟ ସମିତିର ସମ୍ପାଦକ ଶ୍ରେଷ୍ଠ ସମ୍ପାଦକ ଭାବେ ସମ୍ମାନିତ



**ଡେରାବିଶ, ୨୨।୪(ସଂଚାର ବ୍ୟୁରୋ)ଃ** ପବିତ୍ର ଅକ୍ଷୟ ତୃତୀୟା ତିଥି ଅବସରରେ କେନ୍ଦ୍ରାପଡ଼ା ଜିଲ୍ଲା କୃଷକ ବିକାଶ ସମବାୟ ସମିତି ପକ୍ଷରୁ ଡେରାବିଶ ବ୍ଲକ ଗୁଆଳସିଂ ସ୍ଥିତ ଜିଲ୍ଲା ସଂସ୍କୃତି ଭବନରେ ଜିଲ୍ଲାସ୍ତରୀୟ କୃଷକ ଦିବସ ପାଳିତ ହୋଇଥିଲା। ଏହି ଅବସରରେ ଅନୁଷ୍ଠିତ ଚାଷୀ ସମାବେଶରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ବହୁ ସମବାୟବିତ୍ ଯୋଗଦେଇଥିଲେ। ସମବାୟ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟପାଇଁ ବ୍ଲକ ଅଧିନସ୍ଥ କୁଶିଆପାଳ ଆଦର୍ଶ ପ୍ରାଥମିକ କୃଷି ସମବାୟ ସମିତର ସମ୍ପାଦକ ମୃତ୍ୟୁଞ୍ଜୟ ଦାଶଙ୍କୁ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଯୋଗଦେଇଥିବା ପୂର୍ବତନ କୃଷିମନ୍ତ୍ରୀ ଅମର ପ୍ରସାଦ ଶତପଥି ଓ ଅନ୍ୟ ଅତିଥିମାନେ ଉପଢୌକନ, ମାନପତ୍ର ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ମୃତ୍ୟୁଞ୍ଜୟଙ୍କୁ ଏହି ସମ୍ମାନ ପାଇଁ କୁଶିଆପାଳ ସମବାୟ ସମିତି ସଭାପତି ନାରାୟଣ ପ୍ରସାଦ ପାତ୍ର ଓ ପରିଚାଳନା ନିର୍ଦ୍ଦେଶକ ମାନେ ମଙ୍ଗଳବାର ସମିତି କାର୍ଯ୍ୟାଳୟରେ ଶୁଭେଚ୍ଛା ଜଣାଇଛନ୍ତି।

# ମା’ ଶାରାଳାଙ୍କ ମନ୍ଦିରର ତୃତୀୟ ବାର୍ଷିକ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ

**ଡେରାବିଶ, ୨୨।୪(ସଂଚାର ବ୍ୟୁରୋ)ଃ** କେନ୍ଦ୍ରାପଡ଼ା ବ୍ଲକ ଚକ୍ରୋଡ଼ା ପଞ୍ଚାୟତ ଅନ୍ତର୍ଗତ ତରାପୁର ସ୍ଥିତ ମା’ ଶାରଳାଙ୍କ ମନ୍ଦିରର ତୃତୀୟ ବାର୍ଷିକ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞର ଗତକାଲି ସନ୍ଧ୍ୟାରେ ଅଙ୍କୁରାରୋପଣ ହୋଇଯାଇଛି। ଆଜି ସକାଳେ ଶହଶହ ଶ୍ରଦ୍ଧାଳୁ ପବିତ୍ର ଲୁଣାନଦୀର ବସପୁର ଘାଟରୁ ପୂଜାର୍ଚ୍ଚନା ପୂର୍ବକ ଶୁଭ କଳସରେ ପବିତ୍ର ଜଳ ସଂଗ୍ରହ କରି ବାଜାବାଣ ସଂକୀର୍ତନ ଶୋଭାଯାତ୍ରାରେ ବିଭିନ୍ନ ଗ୍ରାମ ପରିକ୍ରମା କରି ମନ୍ଦିର ପରିସରକୁ ଆଣିଥିଲେ। ପରେ ଘଟସ୍ଥାପନ, ଗୁରୁପୂଜା, ସୂର୍ଯ୍ୟପୂଜା, ଗୋପୂଜା କରାଯାଇ ଯଜ୍ଞ ମଣ୍ଡପରେ ଅଗ୍ନିସ୍ଥାପନ କରାଯାଇଥିଲା।

# ସିନ୍ଧୁକା ଫାଉଣ୍ଡେସନ ତରଫରୁ ଭିତରକନିକା ଦିବସ ପାଳିତ



**ରାଜନଗର, ୨୨।୪(ସଂଚାର ବ୍ୟୁରୋ)ଃ** ରାଜନଗର ବ୍ଲକର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ସିନ୍ଧୁକା ଫାଉଣ୍ଡେସନ ତରଫରୁ ବିଶ୍ୱ ପ୍ରସିଦ୍ଧ ଭିତରକନିକା ଦିବସ ପାଳନ କରାଯାଇଛି। ୧୯୭୫ ମସିହା ଆଜିର ଦିନରେ ଭିତରକନିକା କୁ ଓଡ଼ିଶାର ପ୍ରଥମ ଅଭୟାରଣ୍ୟ ଭାବେ ଘୋଷଣା କରାଯାଇଥିଲା।ରାଜନଗର ବ୍ଲକରେ ଭିତରକନିକା ଜାତୀୟ ଉଦ୍ୟାନ ଥିବାରୁ ସ୍ଥାନୀୟ ଅଧିବାସୀ ମାନଙ୍କ ନିମନ୍ତେ ବରଦାନ ସଦୃଶ ଅଟେ।ଭିତରକନିକାରେ ବସବାସ କରୁଥିବା ଜୀବଜନ୍ତୁ ଓ ବୃକ୍ଷଲତାକୁ କିପରି ସୁରକ୍ଷା ଦେବା ସେନେଇ ସ୍ଥାନୀୟ ଜନସାଧାରଣଙ୍କୁ ସଚେତନତା କରିବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ବୋଲି ସିନ୍ଧୁକା ଫାଉଣ୍ଡେସନ ପକ୍ଷରୁ ସୂଚନା ଦେଇଛନ୍ତି। ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ହାତ ତିଆରି ପୋଷ୍ଟର ଧରି ଫାଉଣ୍ଡେସନର କର୍ମକର୍ତ୍ତା ମାନେ ଜାତୀୟ ଉଦ୍ୟାନ ମୁଖ୍ୟ ଫାଟକ ସମ୍ମୁଖରେ ଏହି ଦିବସ ପାଳନ କରିଥିଲେ।ଏଥିରେ ସିନ୍ଧୁକା ଫାଉଣ୍ଡେସନର ସଭାପତି ବିକ୍ରମ କେଶରୀ ବିଶ୍ୱାଳ, ସଂପାଦକ ସୋନାଶିଷ ପ୍ରିୟଦର୍ଶନୀ ଜେନା, କୋଷାଧ୍ୟକ୍ଷ ରଶ୍ମିରଞ୍ଜନ ସେଠୀ, ସୁକୁମାର ମାନା, ବନମାଳୀ ରାଉତ, ଚନ୍ଦ୍ର ଶେଖର ମାନା ପ୍ରମୁଖ ଉପସ୍ଥିତ ଥିଲେ।ସିନ୍ଧୁକା ଫାଉଣ୍ଡେସନ ର ଏଭଳି ସଚେତନତା କାର୍ଯ୍ୟକ୍ରମକୁ ଡିଏଫଓ ଭରଦ ରାଜ ଗାଁଓଙ୍କର ପ୍ରଶଂସା କରିଥିଲେ।

# ରାଜ୍ୟ କଂଗ୍ରେସ ଅନୁସୂଚିତଜାତି ପରାମର୍ଶଦାତା କମିଟି ସଦସ୍ୟା ଡ. ସିପ୍ରା



**କେନ୍ଦ୍ରାପଡ଼ା, ୨୨।୪(ସଂଚାର ବ୍ୟୁରୋ)ଃ** ପୂର୍ବତନ ବିଧାୟିକା ଡ. ସିପ୍ରା ମଲ୍ଲିକଙ୍କୁ ଓଡିଶା ରାଜ୍ୟ କଂଗ୍ରେସ ଅନୁସୂଚିତ ଜାତି ପରାମର୍ଶଦାତା କମିଟିର ସଦସ୍ୟା ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି। ନିଖିଳ ଭାରତ କଂଗ୍ରେସ କମିଟି ଅନୁସୂଚିତ ଜାତି ବିଭାଗ ଅଧ୍ୟକ୍ଷ ରାଜେନ୍ଦ୍ର ପାଲ ଗୌମ ଏହି ନିଯୁକ୍ତି ଦେଇଥିବା ନେଇ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କୁ ଏକପତ୍ର ମାଧ୍ୟମରେ ଜଣାଇଛନ୍ତି। ପ୍ରଦେଶ କଂଗ୍ରେସ କମିଟିରେ ଜାତୀୟ କଂଗ୍ରେସର ସାଂଗଠନିକ ଦକ୍ଷତା ବୃଦ୍ଧି, ରାଜନୈତିକ ପରାମର୍ଶ, ଦଳର ଆଭିମୁଖ୍ୟ, ବିଭିନ୍ନ କାର୍ଯ୍ୟକ୍ରମ ଓ ସାଂଗଠନିକ ପ୍ରତିବଦ୍ଧତାକୁ ଅଗ୍ରାଧିକାର ପ୍ରଦାନ କରାଯାଇ ଏହି ନିଯୁକ୍ତି ଦିଆଯାଇଥିବା କୁହାଯାଇଛି। ଏହି ନିଯୁକ୍ତି ନିମନ୍ତେ ପୂର୍ବତନ ବିଧାୟିକା ଡ. ମଲ୍ଲିକ ନିଖିଳ ଭାରତ କଂଗ୍ରେସ କମିଟି ଅନୁସୂଚିତ ଜାତି ବିଭାଗର ଅଧ୍ୟକ୍ଷ ରାଜେନ୍ଦ୍ର ପାଲ ଗୌମଙ୍କୁ କୃତଜ୍ଞତା ଅର୍ପଣ କରିଛନ୍ତି। ଏଥିପାଇଁ ଡ. ମଲ୍ଲିକଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି।

# ଭୟରେ ସାଂସଦ ସୁଲତାଙ୍କ କେନ୍ଦ୍ରାପଡା ଗସ୍ତ ବାତିଲ




**କେନ୍ଦ୍ରାପଡ଼ା, ୨୨।୪(ସଂଚାର ବ୍ୟୁରୋ)ଃ** ଯୁବ କଂଗ୍ରେସକୁ ଭୟରେ ରାଜ୍ୟସଭା ସାଂସଦ ସୁଲତା ଦେଓଙ୍କ ଆଜିର କେନ୍ଦ୍ରାପଡ଼ା ଗସ୍ତ କାର୍ଯ୍ୟକ୍ରମକୁ ବାତିଲ କରାଯାଇଥିବା ଜିଲ୍ଲା ଯୁବ କଂଗ୍ରେସ ଦାବି କରିଛି। ଯୁବ କଂଗ୍ରେସର ଜିଲ୍ଲା ସାମାଜିକ ଗଣମାଧ୍ୟମ ଅଧ୍ୟକ୍ଷ ହିମାଂଶୁ ଭୂଷଣ ନନ୍ଦ କହିଛନ୍ତି କେନ୍ଦ୍ରାପଡ଼ା ବ୍ଲକର ଚକ୍ରୋଡା ଗ୍ରାମ ପାୟତରେ ରାଜ୍ୟସଭା ସାଂସଦ ସୁଲତା ଦେଓ ତାଙ୍କ ସାଂସଦ ପାଣ୍ଠିରୁ ଏକ କୋଟି ଟଙ୍କା ଆଲୋକୀକରଣ ପାଇଁ ମଞ୍ଜୁର କରିଥିଲେ। ହେଲେ ସେହି ଅର୍ଥ ବିନିଯୋଗରେ ବ୍ୟାପକ ଦୁର୍ନୀତି କରାଯାଇଥିବା ଅଭିଯୋଗ ହୋଇଛି। ସେହି ପ୍ରକଳ୍ପରେ ନିମ୍ନମାନର ସାମଗ୍ରୀ ବ୍ୟବହାର କରାଯାଇ ଅର୍ଥ ହରିଲୁଟ୍ କରାଯାଇଥିବା ଯୁବ କଂଗ୍ରେସ ଅଭିଯୋଗ କରିଛି। ଏହି ପ୍ରକଳ୍ପକୁ ଉଦ୍‌ଘାଟନ କରିବା ପାଇଁ ବୁଧବାର ସୁଲତା ଦେଓଙ୍କ କେନ୍ଦ୍ରାପଡା ଗସ୍ତ କାର୍ଯ୍ୟକ୍ରମ ରହିଥିଲା। ହେଲେ ଯୁବ କଂଗ୍ରେସ ପକ୍ଷରୁ ଏହି ଗସ୍ତ କାର୍ଯ୍ୟକ୍ରମକୁ ବିରୋଧ କରାଯାଇ ଚାନ୍ଦୋଳ ଠାରୁ ଗରାପୁର ଆଇବି ଛକ ପର୍ଯ୍ୟନ୍ତ ରାସ୍ତା କଡରେ ସୁଲତା ଦେଓଙ୍କ ଫଟୋଥିବା ପୋଷ୍ଟର ଲଗାଯାଇ ଘଟଣାର ଭିଜିଲାନ୍ସ ତଦନ୍ତ ଦାବି କରାଯାଇଛି। ସେ କେନ୍ଦ୍ରାପଡ଼ା ଆସିଥିଲେ ତାଙ୍କୁ କଳା ପତାକା ଦେଖାଯିବା ସହ ଅଣ୍ଡାମାଡ କରାଯାଇଥାନ୍ତା ବୋଲି ଯୁବ କଂଗ୍ରେସ ପକ୍ଷରୁ କୁହାଯାଇଛି। ତେଣୁ ଯୁବ କଂଗ୍ରେସର ଏହି ବିରୋଧ ପ୍ରଦର୍ଶନ ଭୟରେ ଶ୍ରୀମତୀ ଦେଓଙ୍କ କେନ୍ଦ୍ରାପଡ଼ା ଗସ୍ତ କାର୍ଯ୍ୟକ୍ରମକୁ ବାତିଲ କରାଯାଇଥିବା ଯୁବ କଂଗ୍ରେସର ଜିଲ୍ଲା ସାମାଜିକ ଗଣମାଧ୍ୟମ ଅଧ୍ୟକ୍ଷ ଶ୍ରୀ ନନ୍ଦ ସୂଚନା ଦେଇଛନ୍ତି।

## ଇଣ୍ଡିଆ ବୁକ ଅଫ ରେକର୍ଡସରେ ପ୍ରିୟାଂଶୁ

# ଦଉଡିରେ ପଛୁଆଓଲଟି ସାଉଁଟିଲେ ପ୍ରଶଂସା




**କେନ୍ଦ୍ରାପଡ଼ା, ୨୨।୪(ସଂଚାର ବ୍ୟୁରୋ)ଃ** ଦଉଡିରେ ପଛୁଆ ଓଲଟି ଇଣ୍ଡିଆ ବୁକ ଅଫ ରେକର୍ଡସରେ ସ୍ଥାନ ପାଇଛନ୍ତି କେନ୍ଦ୍ରାପଡା ଜିଲ୍ଲା ଡେରାବିଶ ବ୍ଲକ କୁରୁଜଙ୍ଗା ପଞ୍ଚାୟତ ମନ୍ତ୍ରୀପଡା ଗ୍ରାମର ପ୍ରକାଶ ମଲ୍ଲିକ ଓ ହରପ୍ରିୟା ମଲ୍ଲିକଙ୍କ ସୁପୁତ୍ର ପ୍ରିୟାଂଶୁ। ସେ ୨ଟି ଦଉଡି ସାହାଯ୍ୟରେ ସର୍ବାଧିକ ୧୯୬୨ଥର ପଛୁଆ ଓଲଟି ଏହି ପ୍ରଶଂସା ସାଉଁଟିଛନ୍ତି। ଏନେଇ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି। ମାତ୍ର ୨ବର୍ଷ ୧୦ମାସ ବୟସର ପ୍ରିୟାଂଶୁ ଏଭଳି ଜିମ୍ନାଷ୍ଟିକ ପ୍ରଦର୍ଶନ ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଛି। ଦେଢବର୍ଷ ବୟସରୁ ପ୍ରିୟାଂଶୁ ଜିମ୍ନାଷ୍ଟିକ ପ୍ରତି ଆଗ୍ରହ ପ୍ରକାଶ କରିଥିଲେ। ତେଣୁ ତାଙ୍କ ବାପା ପ୍ରକାଶ ଘରେ ଦୁଇଟି ରଶି ସାହାଯ୍ୟରେ ଏକ ଜିମ୍ନାଷ୍ଟିକ ଇନଷ୍ଟ୍ରୁମେ ବନାଇଥିଲେ। ଏହା ସହାଯ୍ୟରେ ପୁଅ ପ୍ରିୟାଂଶୁ କଳାକୌଶଳ ପ୍ରଦର୍ଶନ ଆରମ୍ଭ କରିଥିଲା। ପ୍ରତିଦିନ ଏହା କରିବା ପରେ ପ୍ରିୟାଂଶୁ ଅଭ୍ୟସ୍ତ ହୋଇଯାଇଥିଲେ। ଦିନକୁ ଦିନ ତାଙ୍କର ଏହି କଳା କୌଶଳ ବୃଦ୍ଧି ପାଇବାରେ ଲାଗିଲା। ପ୍ରଥମରୁ ଥରେ ମାତ୍ର ପଛୁଆ ଓଲଟୁଥିବା ପ୍ରିୟାଂଶୁ ସମୟକ୍ରମେ ଏକଶହ, ଦୁଇଶହ, ତିନିଶହ ଏହିପରି ୧୯୬୨ଥର ଓଲଟିବା ଶିଖିଯାଇଥିଲେ। ଫଳରେ ପରିବାର ଲୋକେ ଏନେଇ ଇଣ୍ଡିଆ ବୁକ ଅଫ ରେକର୍ଡସର କର୍ମକର୍ତ୍ତାଙ୍କ ସହ ଯୋଗାଯୋଗ କରିଥିଲେ। ଇଣ୍ଡିଆ ବୁକ ଅଫ ରେକର୍ଡସର କର୍ମକର୍ତ୍ତାମାନେ ପ୍ରଥମେ ବିଶ୍ୱାସ କରିନଥିଲେ ମଧ୍ୟ ନିଜ ଆଖିରେ ଦେଖିବା ପରେ ଚକିତ ହୋଇଯାଇଥିଲେ। ଏହାସହ ପ୍ରିୟାଂଶୁଙ୍କ ନାମ ଇଣ୍ଡିଆ ବୁକ ଅଫ ରେକର୍ଡସରେ ସ୍ଥାନିତ କରିଥିଲେ। ପ୍ରିୟାଂଶୁ ଜିମ୍ନାଷ୍ଟିକ ସହିତ ସୁନ୍ଦର ସ୍କେଟିଂ ଓ ରୋପିଙ୍ଗ କରିପାରନ୍ତି। ବିଶ୍ୱରେକର୍ଡ ପାଇଁ ସେ ଅଭ୍ୟାସ ଜାରି ରଖିଛନ୍ତି। ପ୍ରିୟାଂଶୁଙ୍କ ପିତା ପ୍ରକାଶ ଓଡିଶା ପୋଲିସରେ କାର୍ଯ୍ୟରତ ଥିବା ବେଳେ ମା ହରପ୍ରିୟା ଜଣେ ସୁଗୃହିଣୀ। ପ୍ରକାଶ ୨୦୨୩ରେ ସର୍ବଭାରତୀୟ ପୁଲିସ ଯୋଗ ପ୍ରତିଯୋଗିତାରେ ରୌପ୍ୟ ପଦକ ହାସଲ କରିଥିଲେ।

# ଯାଜପୁର କବିଙ୍କ କବିତା ସର୍ବଶ୍ରେଷ୍ଠ କବିତା




**ଯାଜପୁର, ୨୨।୪(ସଂଚାର ବ୍ୟୁରୋ)ଃ** ଭାଷା, ସଂସ୍କୃତି ସମାଜ ଭୁବନେଶ୍ୱର ତରଫରୁ ଅନୁଷ୍ଠିତ ହେଉଥିବା କବିତା ପାଠୋତ୍ସବରେ ଯାଜପୁରର କବି ଡ.ଚନ୍ଦ୍ରକଳା ନାୟକଙ୍କ କବିତା ସର୍ବଶ୍ରେଷ୍ଠ କବିତା ସମ୍ମାନ ପାଇଛି। ଏହାପରେ ବୈଠକରେ ଏହି କବିଙ୍କ କବିତା ସମୀକ୍ଷା କରାଯାଇ କବିତାରେ ପ୍ରତାରିତ ପ୍ରେମ ମଧ୍ୟ ଚିରନ୍ତନ ହୋଇପାରିବ ବୋଲି ମତ ପ୍ରକାଶ ପାଇଥିଲା। ଭାଷା, ସଂସ୍କୃତି ସମାଜ ତରଫରୁ ଅନୁଷ୍ଠିତ ରେଡକ୍ରସ ଭବନରେ ବସନ୍ତ କବିତା ଆସରରେ ରାଜ୍ୟର ବହୁ କବି ଯୋଗ ଦେଇ ନିଜର କବିତା ପାଠ କରିଥିଲେ। ଏହି କବିତା ପାଠୋତ୍ସବରେ ଯାଜପୁରର କବି ଡ.ଚନ୍ଦ୍ରକଳା ନାୟକଙ୍କ କବିତା ‘ଫଗୁଣ ଆସେ’ ଶ୍ରେଷ୍ଠ କବିତା ଭାବେ ବିଚାରକ ମଣ୍ଡଳୀଙ୍କ ଦ୍ୱାରା ମନୋନୀତ ହୋଇଥିଲା। ଏହା ପରେ କବିତା ସମୀକ୍ଷା ବୈଠକ ଖାରବେଳ ନଗରର ରାଜଧାନୀ କଳା ସଂସଦରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଶୋକ କୁମାର ସିଂ ଏବଂ ଡ.ଚନ୍ଦ୍ରକଳା ନାୟକଙ୍କ ଦୁଇଟି ନିର୍ବାଚିତ କବିତା ପାଠ କରାଯାଇ ରାଜ୍ୟର ପ୍ରତିଷ୍ଠିତ କବି ମାନଙ୍କ ଦ୍ୱାରା ଏହାର ସମୀକ୍ଷା କରାଯାଇ ଥିଲା। ଚନ୍ଦ୍ରକଳାଙ୍କ କବିତା ‘ତୁମ ପଦଚିହ୍ନ’ କବିତାରେ ବେହତୀତ ପ୍ରେମ ଠାରୁ ଶାଶ୍ୱତ ଓ ଚିରନ୍ତନ ପ୍ରେମର ମହତ୍ୱ ସମ୍ବନ୍ଧରେ ଆଲୋଚନା କରାଯାଇ ଥିଲା। ପ୍ରଫେସର ଅଭୟ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କବିତା ସମୀକ୍ଷାରେ କବି ନଟବର ମହାନ୍ତି, ବିପିନ ବିହାରୀ ମହାନ୍ତି, ରଶ୍ମୀ ଦାସ, ମଂଜୁଳା ତ୍ରିପାଠୀ, ନିରୂପମା ରାୟ, ସବିତା ତ୍ରିପାଠୀ, ବେବରାଜ ବିଶୋୟୀ, ଶ୍ରୀମନ୍ତ ନନ୍ଦ, ବିଦ୍ୟାଧର ଗୁରୁ, ସ୍ୱର୍ଣ୍ଣଲତା ମହାପାତ୍ର, ଡ.ବନ୍ଦନା ମିଶ୍ର, ସ୍ୱପ୍ନ କୁମାର ସାହୁଙ୍କ ସମେତ ବହୁ ସଂଖ୍ୟାରେ କବି ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

# ଶିକ୍ଷକ ଅଭାବକୁ ନେଇ ଆଲୋଚନା

**ରାଜନଗର, ୨୨।୪ (ସଂଚାର ବ୍ୟୁରୋ)ଃ** ରାଜନଗର ପଞ୍ଚାୟତ ସମିତି ବୈଠକ ଆଜି ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧକ୍ଷ୍ୟା ପ୍ରତିଭା ପାତ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ବୈଠକରେ ରାଜନଗର ବିଧାୟକ ଧ୍ରୁର୍ବ ସାହୁ ଯୋଗ ଦେଇ ରାଜନଗର ବ୍ଲକରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ପାନୀୟଜଳ ସ୍ଥିତି ସମ୍ପର୍କରେ କହିଥିଲେ। ସମସ୍ତଙ୍କ ସହଯୋଗରେ ରାଜନଗରର ବିକାଶ ପାଇଁ ମତ ରଖିଥିଲେ। ରାଜନଗର ବ୍ଲକର କୋମଳମତି ଶିଶୁ ଓ ଗର୍ଭବତୀ, ପ୍ରସୂତି ମହିଳାମାନଙ୍କୁ ନିମ୍ନମାନର ଛତୁଆ ଓ କମ ଓଜନର ଖାଦ୍ୟ ଦିଆଯାଉଥିବା ନେଇ ଅଧକ୍ଷ୍ୟା ଓ ଡେରା ପଞ୍ଚାଯତର ସରପଞ୍ଚ ନିରଞ୍ଜନ ରାଉତ ଅଭିଯୋଗ କରିଥିଲେ। ବାହାର ବ୍ଲକର ସ୍ୱୋୟନ ସହାୟକ ଗୋଷ୍ଠୀ ଖାଦ୍ୟ ବଣ୍ଟନ କରୁଥିବାରୁ ଏପରି ଅବସ୍ତା ସୃଷ୍ଟି ହୋଇଛି।

# ରାତି ଅଧରେ ନାବାଳିକାଙ୍କୁ ଉଠାଇନେଲା ଯୁବକ

## ମାମଲା ରୁଜୁ କରି ହାତବାନ୍ଧି ବସିଛି ପୁଲିସ



**ବାଲିଆପାଳ, ୨୨।୪ (ସଂଚାର ବ୍ୟୁରୋ)ଃ** ବାଲିଆପାଳ ଥାନା ଅନ୍ତର୍ଗତ ଖାଳମୁହଖଣୀ ଅଞ୍ଚଳର ଜନୈକ ନାବାଳିକା ଝିଅର ଅପହରଣ ଏବେ ବାଲିଆପାଳର ଚର୍ଚ୍ଚା ଜୋର ଧରିଛି। ଏନେଇ ନାବାଳିକାଙ୍କ ବାପା, ମା ତାଙ୍କ ଖାଳମୁହାଣୀ ସ୍ଥିତ ବାସଭବନରେ ମଙ୍ଗଳବାର ଦିନ ଖବରଦାତା ସମ୍ମିଳନୀ କରି ନାବାଳିକାର ଉଦ୍ଧାର ପାଇଁ ପ୍ରଶାସନ ନେହୁରା ହୋଇଛନ୍ତି। ସୁଚନାରୁ ପ୍ରକାଶ ଜନୈକ ବ୍ୟକ୍ତିଙ୍କ ନାବାଳିକା ଝିଅ ସ୍ଥାନୀୟ ସୁବର୍ଣ୍ଣରେଖା କଲେଜରେ ଯୁକ୍ତ ଦୁଇରେ ପଢେ। ପ୍ରତ୍ୟେକ ଦିନ କଲେଜ ଏବଂ ଟ୍ୟୁସନ ଯିବା ରାସ୍ତାରେ ନୂଆଗାଁ ଗ୍ରାମର ଲକ୍ଷ୍ମୀଧର ଦାସ ପୁଅ ଚନ୍ଦନ ଦାସ ତାକୁ ଅଟକାଇ ହଇରାଣ ହରକତ କରୁଥିଲେ। ଏ କଥା ଝିଅ ତାଙ୍କ ମାଙ୍କୁ କହିଥିଲେ। ଗତ ଫେବୃଆରୀ ମାସ ୨୩ ତାରିଖରେ ନିଜ କାରରେ ଝିଅକୁ ଉଠେଇ ନେଇ କୁଆଡେ ପଳାଇ ଯାଇଥିଲା।ଏନେଇ ନାବାଳିକାଙ୍କ ବାପା ବାଲିଆପାଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ ମାତ୍ର କିଛି ଫଳ ନମିଳିବାରୁ ସେ ବାଧ୍ୟ ହୋଇ ଏସ, ପି ଏବଂ ଡି, ଆଇ, ଜି ଭେଟିଲା ପରେ ଚନ୍ଦନ ନିଜେ ନ ଆସି ପରିବାର ଲୋକେ ମାଧ୍ୟମରେ ନାବାଳିକା ଜଣଙ୍କୁ ଥାନାରେ ଛାଡି ଚମ୍ପଟ ମାରିଥିଲେ। ମେଡିକାଲ ପରୀକ୍ଷା କରି ପୋଲିସ ବାପାଙ୍କୁ ଡାକି ୨୫ ତାରିଖ ଦିନ ଝିଅ କୁ ହସ୍ତାନ୍ତର କରିଥିଲେ। ଅଭିଯୁକ୍ତକୁ ପୋଲିସ କାହିଁକି କୋର୍ଟ ଚାଲାଣ କଲା ନାହିଁ ବୋଲି ଖବରଦାତା ସମ୍ମିଳନୀରେ ପ୍ରଶ୍ନ କରିଛନ୍ତି ବାପା। ପରେ ତାଙ୍କ ଘର ଆଗ ଦେଇ ଚନ୍ଦନ ବାରମ୍ବାର ଯିବା ଆସିବା କରିବାକୁ ନେଇ ମଧ୍ୟ ପୋଲିସ କୁ ଜଣାଇଥିଲେ ବାପା। ଇତି ମଧ୍ୟରେ ଗତ ୧୬ ତାରିଖ ଦିନ ରାତିରେ ନାବାଳିକା ଝିଅ ତା ବୁଢ଼ି ମା ସହିତ ଶୋଇଥିବା ବେଳ ସକାଳୁ ଝିଅ ଘରେ ନଥିବାର ଦେଖି ବାପା ଥାନାରେ ଅଭିଯୋଗ କରିଛନ୍ତି। ଆଜକୁ ସାତ ଦିନ ବିତି ଯାଇଥିଲେ ମଧ୍ୟ ପୋଲିସ ଅଭିଯୁକ୍ତର କୌଣସି ଡେର ପାଉନାହିଁ। ଘଟଣାକୁ କେନ୍ଦ୍ର କରି ବାପାଙ୍କ ଏତଲା ମୂଳେ ଏପ୍ରିଲ ୧୭ ତାରିଖ ରେ ପୁଲିସ କେଶ ନଂ ୦୧୯୪/୨୬ ଓ ଫେବୃଆରୀ ମାସ ୨୫ ତାରିଖ ଦିନ କେଶ ନଂ ୦୧୦୨/୨୬ରେ ଦୁଇଟି ମାମଲା ରୁଜୁ କରି ହାତବାନ୍ଧି ବସିଛି ବାଲିଆପାଳ ପୋଲିସ। ପୂର୍ବ ଘଟଣାକୁ ଦୁଇ ମାସ ପୁରିବାକୁ ଯାଉଥିବା ବେଳେ ପୁଲିସ ଅଭିଯୁକ୍ତକୁ ଗିରଫ ନକରି ବ୍ୟବହାର କରୁଥିବା ଏକ କାରକୁ ଜବତ କରିବା ପୁଣି ଘଟଣାର ପୁନରାବୃତ୍ତି ପରେ ଅଭିଯୁକ୍ତ ବାପାଙ୍କ ଡକେଇ ପଚାରା ଉଚରା କରି ଛାଡ଼ି ଦେବା ନେଇ ନାବାଳିକା ମା ଅଭିଯୁକ୍ତର ଆଇନ ର ଭୟ ନାହିଁ ବୋଲି କହିବା ସହିତ ଏସପି ଅଫିସ ଆଗରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି।

# ଉପମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଆମେରିକୀୟ କନସୁଲ୍ ଜେନେରାଲ

● ଦ୍ୱିପାକ୍ଷିକ ସମ୍ପର୍କ ଓ ସବୁଜ ଶକ୍ତି ନବସୃଜନ ଉପରେ ଆଲୋଚନା



ଭୁବନେଶ୍ୱର, ୨୨।୪ (ସଂଚାର ବ୍ୟୁରୋ): ଅନ୍ତର୍ଜାତୀୟ ସହଯୋଗକୁ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଆଜି ଆମେରିକାର କନସୁଲ୍ ଜେନେରାଲ୍ ମିସ୍ ଲୌରା ଲୋକସେବା ଭବନରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏହି ଅବସରରେ ଅକ୍ଷୟ ଶକ୍ତି, ସେମିକଣ୍ଡକ୍ଟର ନିର୍ମାଣ ଏବଂ ଓଡ଼ିଶାର ସମୃଦ୍ଧ ପର୍ଯ୍ୟଟନ ଓ ସାଂସ୍କୃତିକ ଐତିହ୍ୟର ପ୍ରସାର ଭଳି ପ୍ରମୁଖ କ୍ଷେତ୍ରଗୁଡ଼ିକ ଉପରେ ଆଲୋଚନା ହୋଇଥିଲା।

ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଅକ୍ଷୟ ଶକ୍ତି ଓ ପମ୍ପଡ୍ ଷ୍ଟୋରେଜ୍ ପ୍ରକଳ୍ପ (ପିଏସ୍‌ପିଏସ୍) କ୍ଷେତ୍ରରେ ଓଡ଼ିଶାର ବର୍ଦ୍ଧିତ କାର୍ଯ୍ୟପ୍ରଣାଳୀ ଉପରେ ଆଲୋକପାତ କରିଥିଲେ। ଶକ୍ତି ସଞ୍ଚୟ ପାଇଁ ବ୍ୟାଟେରୀ ଏନର୍ଜି ଷ୍ଟୋରେଜ୍ ସିଷ୍ଟମ୍ (ବିଇଏସ୍‌ଏସ୍)ର କାର୍ଯ୍ୟକାରିତା ଉପରେ ଆଲୋଚନା ହୋଇଥିଲା। ପିକ୍ ସମୟରେ ବିଦ୍ୟୁତ୍ ଉପଲବ୍ଧତା ନିଶ୍ଚିତ କରିବା ପାଇଁ ପ୍ରତ୍ୟେକ ଗ୍ରୀଡ୍ ସିଷ୍ଟମ୍ ଓ ସୌର ପ୍ରକଳ୍ପରେ ବ୍ୟାଟେରୀ ଷ୍ଟୋରେଜ୍‌କୁ ସାମିଲ କରିବା ଉପରେ ମଧ୍ୟ ଉପମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ।

ସେମିକଣ୍ଡକ୍ଟର ଏବଂ ଡିଜିଟାଲ୍ ଭିତ୍ତିଭୂମିରେ ରାଜ୍ୟରେ ଭାରତର ପ୍ରଥମ ଥ୍ରୀଡି ଗ୍ଲାସ ସେମିକଣ୍ଡକ୍ଟର ଚିପ୍ ନିର୍ମାଣ ପ୍ରୟାସ ସହିତ ଡାଟା ସେଣ୍ଟର ସ୍ଥାପନ ଓ ଡିଜିଟାଲ୍ ବ୍ୟବସ୍ଥାର ଆଧୁନିକୀକରଣ ପାଇଁ ଭୂତଳ କେବଲ୍ ବିଛାଇବା ଯୋଜନା ଉପରେ ବି ଆଲୋକପାତ କରାଯାଇଥିଲା। ଓଡ଼ିଶା ଉପକୂଳରେ ମିଳୁଥିବା ଦୁର୍ଲ୍ଲଭ ଖଣିଜ ସମ୍ପଦର ଅନ୍ୱେଷଣ ବିଷୟରେ ମଧ୍ୟ ଉଭୟଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ଶିଳ୍ପ ଅଭିବୃଦ୍ଧି ଓ ପୁଞ୍ଜିନିବେଶ ନିମନ୍ତେ ଅଞ୍ଚଳର ଯୋଗାଣ ଶୃଙ୍ଖଳା ସହ ଲଜିଷ୍ଟିକ୍ସ ପରିଚାଳନା କ୍ଷମତା, ଓଡ଼ିଶାର ଉଦ୍ୟୋଗୀ ପ୍ରତିଭାକୁ ସୁଦୃଢ଼ କରିବା ପାଇଁ ପରିପକ୍ୱ ଷ୍ଟାର୍ଟଅପ୍‌ଗୁଡ଼ିକ ପାଇଁ ପାଣ୍ଠି ଯୋଗାଡ଼ ଉପରେ ମଧ୍ୟ ଶ୍ରୀ ସିଂହଦେଓ ଓ ମିସ୍ ଲୌରା ଆଲୋଚନା କରିଥିଲେ।

ପର୍ଯ୍ୟଟନ ଓ ଦ୍ୱିପାକ୍ଷିକ ସାଂସ୍କୃତିକ ବିନିମୟକୁ ପ୍ରୋତ୍ସାହିତ କରିବା ପାଇଁ ଉପମୁଖ୍ୟମନ୍ତ୍ରୀ ଓଡ଼ିଶାର ଜାତୀୟ ଉଦ୍ୟାନ ଏବଂ ବନ୍ୟପ୍ରାଣୀ ଅଭୟାରଣ୍ୟ, ଜାତୀୟ କ୍ରୀଡ଼ାକୁ ପ୍ରୋତ୍ସାହିତ କରିବାରେ ରାଜ୍ୟର ସକ୍ରିୟ ଭୂମିକା ବିଷୟରେ ତଥ୍ୟ ଉପସ୍ଥାପନ କରିଥିଲେ। ଏହି ସାକ୍ଷାତକାର ଅବସରରେ ମିସ୍ ଲୌରାଙ୍କୁ ଓଡ଼ିଶାର ଜୀବନ୍ତ ସଂସ୍କୃତି ସମ୍ପର୍କିତ ଏକ ପୁସ୍ତକ

## ବିଜେପିର ଜନ ଆକ୍ରୋଶ ମହିଳା ସମାବେଶରେ ମୁଖ୍ୟମନ୍ତ୍ରୀ

# ବିରୋଧୀଙ୍କ ରାଜନୈତିକ ଭବିଷ୍ୟତ ଧୂଳିସାତ୍ ହୋଇଯିବ

● ବିଲ୍‌ର ପରାଜୟ ନୁହେଁ, ମା'ମାନଙ୍କ ସ୍ୱପ୍ନର ଭ୍ରୂଣହତ୍ୟା

● ମହିଳାଙ୍କ ସାମ୍ବିଧାନିକ ଅଧିକାରକୁ ହତ୍ୟା କରିଛନ୍ତି ବିରୋଧୀ

● ଦେଶବାସୀ କେବେହେଲେ କ୍ଷମା ଦେବେନି: ମନମୋହନ



ଭୁବନେଶ୍ୱର,୨୨।୪(ସଂଚାର ବ୍ୟୁରୋ): ନାରୀ ଶକ୍ତି ବନ୍ଦନ ଅଧିନିୟମକୁ ସଂସଦରେ ବାଧାପ୍ରାପ୍ତ କରି କଂଗ୍ରେସ ଓ ଅନ୍ୟାନ୍ୟ ବିରୋଧୀ ଦଳଗୁଡ଼ିକ ମହିଳାଙ୍କ ସାମ୍ବିଧାନିକ ଅଧିକାରକୁ ହତ୍ୟା କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମହିଳାଙ୍କୁ ବିଧାନସଭା ଓ ଲୋକସଭାରେ ୩୩ ପ୍ରତିଶତ ସଂରକ୍ଷଣ ଦେବାକୁ ଯାଉଥିବା ବେଳେ ବିରୋଧୀ ଦଳଗୁଡିକ ନିଜର ସଂକୀର୍ଣ୍ଣ ରାଜନୈତିକ ସ୍ୱାର୍ଥ ପାଇଁ ଏହାକୁ ବିଫଳ କରିଛନ୍ତି। ଏହା କେବଳ ଏକ ବିଲ୍‌ର ପରାଜୟ ନୁହେଁ, ବରଂ ମା'ମାନଙ୍କ ସ୍ୱପ୍ନର ଭ୍ରୂଣହତ୍ୟା। ବିଶେଷକରି କଂଗ୍ରେସ ଏବଂ ଅନ୍ୟ ବିରୋଧୀ ଦଳଗୁଡ଼ିକ କେବଳ ମହିଳାଙ୍କୁ ଭୋଟ ବ୍ୟାଙ୍କ ଭାବେ ବ୍ୟବହାର କରୁଥିବା ବେଳେ ମୋଦି ସରକାର ସେମାନଙ୍କୁ ପ୍ରକୃତ ସଶକ୍ତ କରିବାକୁ ସଂକଳ୍ପବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ରାଜ୍ୟରେ ମହିଳାଙ୍କ ଆର୍ଥିକ ଆତ୍ମନିର୍ଭରଶୀଳତା ପାଇଁ 'ସୁଭଦ୍ରା ଯୋଜନା' ଏକ ଯୁଗାନ୍ତକାରୀ ପଦକ୍ଷେପ। ଏଥିସହ ସେ ଘୋଷଣା କରିଛନ୍ତି ଯେ ଖୁବଶୀଘ୍ର ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳ ଯୋଜନା ଆରମ୍ଭ ହେବ, ଯେଉଁଥିରେ ଜନ୍ମ ସମୟରେ ୨୦ ହଜାର ଟଙ୍କା ଓ ସ୍ନାତକ ଶେଷ ପରେ ୧ ଲକ୍ଷ ୧ ଟଙ୍କା ପ୍ରଦାନ କରାଯିବ। ବିରୋଧୀ ଦଳର ନେତାମାନେ ନାରୀ ସମାଜ ପ୍ରତି ବ୍ୟବହାର କରୁଥିବା ଅଶୋଭନୀୟ ଭାଷାକୁ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ନିନ୍ଦା କରି କହିଛନ୍ତି ଯେ ଆଜିର ଏହି ଆକ୍ରୋଶର ନିଆଁ ଗାଁରୁ ସହର ପର୍ଯ୍ୟନ୍ତ ବ୍ୟାପିବ ଓ ଏହି ଜନ ଆକ୍ରୋଶରେ ବିରୋଧୀଙ୍କ ରାଜନୈତିକ ଭବିଷ୍ୟତ ଧୂଳିସାତ ହୋଇଯିବ।

ନାରୀମାନଙ୍କ ପାଇଁ ସଂସଦରେ ଗତ ୧୭ ତାରିଖରେ ଯେଉଁ ଆଲୋଚନା ହୋଇଥିଲା, ତାହା ଦେଶର ଇତିହାସ ବଦଳାଇଦେଇଥାନ୍ତା। କଂଗ୍ରେସ ସମେତ ସମସ୍ତ ବିରୋଧୀ ଦଳ ଏହି ବିଲ୍‌କୁ ଅନୁମୋଦନ କରିବାକୁ ଦେଲେ ନାହିଁ। ଦେଶବାସୀ କେବେହେଲେ କ୍ଷମା ଦେବେନାହିଁ। ବିରୋଧୀ ଦଳଙ୍କ ମହିଳାବିରୋଧୀ ଅଭିମୁଖ୍ୟ ବିରୋଧରେ ଆଜି ରାଜ୍ୟସ୍ତରୀୟ ପଦଯାତ୍ରା ଅନୁଷ୍ଠିତ ହୋଇଛି। ଆଗାମୀ ଦିନରେ ଏହାକୁ ଜିଲ୍ଲା, ମଣ୍ଡଳ ଓ ବୁଥ ସ୍ତର ପର୍ଯ୍ୟନ୍ତ ନିଆଯିବ। ମହିଳାମାନଙ୍କୁ ସାମ୍ବିଧାନିକ ସମ୍ମାନ ଦେବା ପାଇଁ ଶେଷ ପର୍ଯ୍ୟନ୍ତ ଲଢ଼େଇ ଜାରି ରହିବ। ବିରୋଧୀମାନେ ବିଲ୍‌କୁ ପୁଣି ସମର୍ଥନ କରିବାକୁ ବାଧ୍ୟ ହେବେ ବୋଲି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି।

# ଦିଲ୍ଲୀରେ ଅଙ୍ଗନବାଡ଼ି ଫେଡେରେସନର ଗଣଧାରଣା

## ମହିଳା ଓ ଶ୍ରମିକବିରୋଧୀ ଏଜେଣ୍ଡାକୁ ସମାଲୋଚନା



ଭୁବନେଶ୍ୱର,୨୨।୪(ସଂଚାର ବ୍ୟୁରୋ): ଏଆଇଟିୟୁସି ସହବନ୍ଧିତ ଅଲ୍ ଇଣ୍ଡିଆ ଆଙ୍ଗନବାଡ଼ି ୱାର୍କର୍ସ ଫେଡେରେସନ୍ ପକ୍ଷରୁ ଭତ୍ତା ବୃଦ୍ଧି, ସାମାଜିକ ନିରାପତ୍ତା ସମେତ ବିଭିନ୍ନ ଦାବି ନେଇ ଆଜି ନୂଆଦିଲ୍ଲୀର ଜନ୍ତରମନ୍ତରଠାରେ ସର୍ବଭାରତୀୟ ସ୍ତରର ଗଣଧାରଣା ଅନୁଷ୍ଠିତ ହୋଇଛି। ଅଙ୍ଗନବାଡ଼ି ୱାର୍କର୍ସ ଫେଡେରେସନ୍ ପକ୍ଷରୁ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏହି ଗଣଧାରଣାରେ ବିଜେପି ସରକାରଙ୍କ ଗରିବ ବିରୋଧୀ, ମହିଳା ବିରୋଧୀ ଓ ଶ୍ରମିକ ବିରୋଧୀ ଚରିତ୍ରକୁ ସମାଲୋଚନା କରାଯାଇଛି। ମହିଳା ସଶକ୍ତିକରଣର ଫମ୍ପା ସ୍ଲୋଗାନ୍ ଦେଇ ବିଜେପି ସରକାର ଆଙ୍ଗନବାଡ଼ି କର୍ମୀ ଓ ସହାୟିକା ଯେଉଁମାନେ ଦେଶର ଶିଶୁ ଓ ମାତୃ ପୁଷ୍ଟିହୀନତାର ଦୂରୀକରଣ ପାଇଁ ପୋଷଣ ବ୍ୟବସ୍ଥାର ମୂଳ ଭିତ୍ତିକୁ ଚଳାଇ ଆସିଛନ୍ତି, ତାହାକୁ ଦୋହଲାଇ ଦେଇ ଏମାନଙ୍କୁ ବନ୍ଧୁଆ ଶ୍ରମିକ ଅବସ୍ଥାକୁ ଟାଣି ନେବାର ଷଡ଼ଯନ୍ତ୍ର କରାଯାଇଛି। ବର୍ଷ ବର୍ଷ ଧରି ସରକାର ନ୍ୟାୟସଙ୍ଗତ ଅଧିକାରକୁ ଖର୍ବ କରିଛନ୍ତି। ସୁପ୍ରିମକୋର୍ଟ ଆଦେଶକୁ ଅବମାନନା କରିଚାଲିଛନ୍ତି ଓ ଏମିତି ପ୍ରଯୁକ୍ତିଭିତ୍ତିକ ବୋଝ ଥୋପିଛନ୍ତି, ଯାହାକିଏହି ମହିଳା କର୍ମଚାରୀଙ୍କର ଦୈନନ୍ଦିନ କାମକୁ ନରକ ଯନ୍ତ୍ରଣା ଭଳି କରି ଦେଇଛନ୍ତି ବୋଲି ଅଙ୍ଗନବାଡ଼ି ଫେଡେରେସନ୍‌ର ସାଧାରଣ ସମ୍ପାଦକ ମାଧୁରୀ କ୍ଷୀରସାଗର କହିଛନ୍ତି। ଏପ୍ରିଲ୍ ୨୦୨୨ରେ ସୁପ୍ରିମକୋର୍ଟ କହିଥିଲେ ଯେ ଅଙ୍ଗନବାଡ଼ି କର୍ମୀମାନେ ପୂର୍ଣ୍ଣକାଳୀନ ସ୍ଥାୟୀ କର୍ମଚାରୀ ଓ ସେମାନେ ଗ୍ରାଚ୍ୟୁଇଟି ପାଇବାକୁ ହକ୍‌ଦାର। କିନ୍ତୁ ବିଜେପି ସରକାର ଏହି ଆଦେଶକୁ କାର୍ଯ୍ୟକାରୀ କରୁନାହାନ୍ତି ଓ ଏଥିପାଇଁ କୌଣସି ବଜେଟ୍ ବ୍ୟବସ୍ଥା କରୁନାହାନ୍ତି। ଏହା କେବଳ ଅବହେଳା ନୁହେଁ, ବରଂ ନ୍ୟାୟପାଳିକା ଓ ପ୍ରତ୍ୟେକ ଅଙ୍ଗନବାଡ଼ି କର୍ମୀଙ୍କ ପ୍ରତି ନଗ୍ନ ଅପମାନ ବୋଲି ଜାତୀୟ ନେତ୍ରୀ ବିଜୟଲକ୍ଷ୍ମୀ କ୍ଷୋଭ ପ୍ରକାଶ କରିଛନ୍ତି। ସମାନ କାମକୁ ସମାନ ଦରମା ଓ ଅନ୍ୟାନ୍ୟ ସୁବିଧା ଦାବି ବର୍ଷ ବର୍ଷ ଧରି କରାଯାଉଥିଲେ ବି ଅଙ୍ଗନବାଡ଼ି କର୍ମୀ ଓ ସହାୟିକାମାନଙ୍କୁ ତୃତୀୟ ଓ ୪ର୍ଥ ଶ୍ରେଣୀ ସରକାରୀ କର୍ମଚାରୀଙ୍କ ସମାନ କାମ କରୁଥିବା ସତ୍ତ୍ୱେ ୧୦-୧୨ ଘଣ୍ଟା କାମ ପାଇଁ 'ମାନଦେୟ' ନାମରେ ଅତ୍ୟନ୍ତ ଅଳ୍ପ ଦେୟ ପାଉଛନ୍ତି। ଏହା ୨୦୧୮ଠାରୁ ଏପର୍ଯ୍ୟନ୍ତ ଆଦୌ ବୃଦ୍ଧି ହୋଇନାହିଁ। ଅଙ୍ଗନବାଡି ଫେଡେରେସନ୍ ପକ୍ଷରୁ ଦାବି କରାଯାଇଛି ଯେ ତୁରନ୍ତ ବେତନ ସ୍କେଲ୍, ଡିଏ, ଗ୍ରାଚ୍ୟୁଇଟି, ପିଏଫ୍ ଓ ଅବସର ପରେ ମାସିକ ୧୦ ହଜାର ଟଙ୍କା ପେନସନ ଦିଆଯାଉ ବୋଲି ସେ କହିଛନ୍ତି।

# ଏସ୍‌ଏସ୍‌ଓ ପକ୍ଷରୁ ପୃଥିବୀ ଦିବସ-୨୦୨୬ ପାଳିତ




ନାଉଗାଁ,୨୨।୪(ସଂଚାର ବ୍ୟୁରୋ): କେନ୍ଦ୍ର ସରକାରଙ୍କ ପୃଥିବୀ ବିଜ୍ଞାନ ମନ୍ତ୍ରଣାଳୟ ଓ ସର୍ବୋତ୍ତମ ସୋସିଆଲ ଅର୍ଗାନାଇଜେସନ (ଏସ୍‌ଏସ୍‌ଓ) ପକ୍ଷରୁ ମିଳିତ ଭାବେ ପୃଥିବୀ ଦିବସ ପାଳିତ ହୋଇଛି। ସରକାରୀ ପଲିଟେକ୍‌ନିକ୍ କଲେଜ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ଜ୍ୟୋତିଷ ଚନ୍ଦ୍ର ଦାସ ଓ ଅନ୍ୟତମ ଅତିଥି ଭାବେ ଉକ୍ତ କଲେଜ ଅଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁ, ବିଚିତ୍ର କୁମାର ପଣ୍ଡା, ସ୍ମୃତି ରଞ୍ଜନ ମହାନ୍ତି, ଏସ୍‌ଏସ୍‌ଓର ଉପଦେଷ୍ଟା ପ୍ରଦୀପ କୁମାର ଲେଙ୍କା ଯୋଗଦାନ କରିବା ସହ ପୃଥିବୀ ଦିବସ-୨୦୨୬ର ଆଭିମୁଖ୍ୟ ତଥା ଶକ୍ତି ସଂରକ୍ଷଣ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମ ଅବସରରେ ଅନୁଷ୍ଠାନ ପକ୍ଷରୁ ଏକ ବିଶାଳ ର୍ୟାଲିର ଆୟୋଜନ କରାଯାଇଥିଲା। ଉକ୍ତ ର୍ୟାଲି କଲେଜ ପରିସରରୁ ବାହାରି ନିକଟସ୍ଥ ଗ୍ରାମ ଓ ବଜାରରେ ବୁଲିବା ସହ ଲୋକଙ୍କୁ ପରିବେଶ ସୁରକ୍ଷା ସମ୍ପର୍କରେ ସଚେତନ କରାଇଥିଲେ। ଏଥିସହ ଉପସ୍ଥିତ ସମସ୍ତ ଛାତ୍ରଛାତ୍ରୀଙ୍କୁ ଶକ୍ତି ସଂରକ୍ଷଣ ଦିଗରେ ଶପଥ ପାଠ କରାଯାଇଥିଲା। ପୃଥିବୀ ଦିବସ-୨୦୨୬ ଅବସରରେ ଅନୁଷ୍ଠାନ ପକ୍ଷରୁ ବିଶାଳ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସମ୍ପାଦିକା ଶ୍ରାବଣୀ ରାୟ, ପୁନମ ନାୟକ, ସର୍ବେଶ୍ୱର ମହାରଣା ପରିଚାଳନା କରିଥିଲେ।

● ରାଜ୍ୟରେ ୯.୮ ଲକ୍ଷ ଭୋଟର୍ ବାଦ୍ ପଡ଼ିବା ପ୍ରସଙ୍ଗ

# ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଅଫିସ ଘେରିଲା ବିଜେଡି



**ବିଧିବଦ୍ଧ ଯାଞ୍ଚ ପୂର୍ବକ ବାଦ ପଡ଼ିଥିବା ଭୋଟରଙ୍କୁ ସାମିଲ୍ କରାଯାଉ**

ଭୁବନେଶ୍ୱର, ୨୨।୪ (ସଂଚାର ବ୍ୟୁରୋ): ଓଡ଼ିଶାରେ ସ୍ପେସିଆଲ ଇଣ୍ଟେନସିଭ ରିଭିଜନ (ଏ ସ୍ ଆ ଇ ଆ ର୍) ପୂର୍ବରୁ ଭୋଟର ତାଲିକାରୁ ୯.୮ ଲକ୍ଷ ଭୋଟରଙ୍କ ନାମ କଟିବା ଘଟଣା ସାଧାରଣ ଲୋକଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଛି। ଏହାକୁ ନେଇ ଆଜି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଅଫିସ ଘେରାଉ କରି ବିକ୍ଷୋଭ ଓ ପ୍ରତିବାଦ ପ୍ରଦର୍ଶନ କରିଛି ବିଜେଡି। ଏହି ସଭାରେ ବିଜୁ ମହିଳା ଜନତା ଦଳର ଅନେକ ବରିଷ୍ଠ ନେତାଙ୍କ ସହ ବହୁସଂଖ୍ୟାରେ ବିଜୁ ମହିଳା, ଯୁବ ଓ ଛାତ୍ର ଜନତା ଦଳର କର୍ମକର୍ତ୍ତା ଉପସ୍ଥିତ ଥିଲେ। ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ବିଜୁ ଯୁବ ଜନତା ଦଳ ସଭାପତି ଚିନ୍ମୟ ସାହୁ, ବିଜୁ ଛାତ୍ର ଜନତା ଦଳ ସଭାନେତ୍ରୀ ଈପ୍‌ସିତା ସାହୁଙ୍କ ନେତୃତ୍ୱରେ ବିଜେଡିର ଏକ ପ୍ରତିନିଧିମଣ୍ଡଳୀ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସହ ବିଜେଡିର ପ୍ରତିନିଧିମଣ୍ଡଳୀ ବିସ୍ତୃତ ଭାବେ ଆଲୋଚନା ମଧ୍ୟ କରିଛି। କୌଣସି ଭୋଟରଙ୍କୁ ବାଦ ଦେବା ପୂର୍ବରୁ ବୁଥ୍ ସ୍ତରୀୟ ଅଧିକାରୀମାନଙ୍କ ଦ୍ୱାରା ସ୍ୱଚ୍ଛ ଓ ନିର୍ଭୁଲ ଯାଞ୍ଚ କରାଯାଉ ବୋଲି ଦଳ ପକ୍ଷରୁ କୁହାଯାଇଛି।

## ଓଡ଼ିଶା ପର୍ଯ୍ୟଟନର ନୂଆ ପରିଚୟ

# ଟ୍ୟାଗଲାଇନ୍ 'ଥିଙ୍କ୍ ଇଣ୍ଡିଆ, ଥିଙ୍କ୍ ଓଡ଼ିଶା' ଉନ୍ମୋଚିତ




ଭୁବନେଶ୍ୱର,୨୨।୪(ସଂଚାର ବ୍ୟୁରୋ): ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ଆଜି ନୂତନ ବ୍ରାଣ୍ଡ ପରିଚୟ ଓ ଟ୍ୟାଗଲାଇନ୍ 'ଥିଙ୍କ୍ ଇଣ୍ଡିଆ, ଥିଙ୍କ୍ ଓଡ଼ିଶା' ଉନ୍ମୋଚିତ ହୋଇଛି। ରାଜ୍ୟର ପର୍ଯ୍ୟଟନକୁ ଏକ ଅନୁଭୂତି-ଭିତ୍ତିକ ବିଶ୍ୱସ୍ତରୀୟ ଗନ୍ତବ୍ୟସ୍ଥଳ ଭାବେ ଗଢ଼ିତୋଳିବା ପାଇଁ ଏହା ଏକ ଦୃଢ଼ ପଦକ୍ଷେପ। ଭିଜନ ସମୃଦ୍ଧ ଓଡ଼ିଶା ୨୦୩୬ ଓ ଭିଜନ ବିକଶିତ ଭାରତ ୨୦୪୭ର ଲକ୍ଷ୍ୟ ସହ ସମାନ୍ତରାଳ ଭାବେ ଓଡ଼ିଶା ଏବେ ଏକ 'ଲୁକ୍କାୟିତ ରତ୍ନ'ରୁ ପରିବର୍ତ୍ତିତ ହୋଇ ବିଶ୍ୱ ପର୍ଯ୍ୟଟନ ମାନଚିତ୍ରରେ ଏକ ପର୍ଯ୍ୟଟନ ହବ୍ ଭାବେ ଉଭା ହୋଇଛି। ଏହି ଅବସରରେ ପୁରୀର ତାଜ୍ ରିସର୍ଟ ଆଣ୍ଡ ସ୍ପାଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ 'ଓଏମ୍‌ସି ପୁରୀ କୋଷ୍ଟାଲ ମାରାଥନ' ସମ୍ପର୍କରେ ମଧ୍ୟ ଘୋଷଣା କରାଯାଇଛି। କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତି, ପର୍ଯ୍ୟଟନ ବିଭାଗର କମିଶନର ତଥା ସଚିବ ବଲୱନ୍ତ ସିଂହ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଓ ବିଶିଷ୍ଟ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ।

ଲୋଗୋ ଉନ୍ମୋଚନ ପୂର୍ବରୁ ବ୍ଲୁ-ଫ୍ଲାଗ୍ ବିଚ୍‌ରୁ ତାଜ୍ ରିସର୍ଟ ପର୍ଯ୍ୟନ୍ତ ଏକ ସାଙ୍କେତିକ ଦୌଡ଼ର ଆୟୋଜନ ହୋଇଥିଲା। ବେଳାଭୂମିରେ ଏକ ସୁନ୍ଦର ବାଲୁକା କଳା ମାଧ୍ୟମରେ ମାରାଥନର ଅଫିସିଆଲ୍ ଲୋଗୋ ମଧ୍ୟ ପ୍ରଦର୍ଶିତ ହୋଇଥିଲା। ଆଜିଠାରୁ ମାରାଥନ ପାଇଁ ଅଫିସିଆଲ୍ ୱେବସାଇଟ୍ ଜରିଆରେ ପଞ୍ଜିକରଣ ଆରମ୍ଭ ହୋଇଛି। ଓଏମ୍‌ସି ପୁରୀ କୋଷ୍ଟାଲ୍ ମାରାଥନ୍ ଆସନ୍ତା ଡିସେମ୍ବର ୧୩ରେ ଅନୁଷ୍ଠିତ ହେବ। ପ୍ରତିଯୋଗୀଙ୍କ ପାଇଁ ୧ କୋଟି ଟଙ୍କାର ପୁରସ୍କାର ରହିଥିବା ବେଳେ ମୋଟ ୪ଟି ବିଭାଗ ଫୁଲ ମାରାଥନ୍ (୪୨ କିମି), ହାଫ୍ ମାରାଥନ୍ (୨୧ କିମି), ୧୦ କିମି ଓ ୫ କିମିରେ ପ୍ରତିଯୋଗିତା ହେବ। ଏହାକୁ ଦେଶର ଅନ୍ୟତମ ପ୍ରମୁଖ ମାରାଥନ୍ ଭାବେ ବିବେଚିତ କରାଯାଉଛି।

**ଡିସେମ୍ବର ୧୩ରେ ଓଏମ୍‌ସି ପୁରୀ କୋଷ୍ଟାଲ୍ ମାରାଥନ୍**

# ମହାନଦୀ ଜଳ ସମ୍ପର୍କରେ ତଥ୍ୟ ନ ଥିବା ଦୁର୍ଭାଗ୍ୟଜନକ

● କ୍ଷୋଭ ପ୍ରକାଶ କଲା ମହାବାଦୀ ବଞ୍ଚାଅ ଆନ୍ଦୋଳନ

● ଆତ୍ମସମର୍ପଣ କରୁନି ତ ଓଡ଼ିଶା ?



ଭୁବନେଶ୍ୱର,୨୨।୪(ସଂଚାର ବ୍ୟୁରୋ): ଗତ ୨୦ ତାରିଖରେ ମହାନଦୀ ଟ୍ରିବ୍ୟୁନାଲଙ୍କ ଶୁଣାଣିର ବିବରଣୀ ସାର୍ବଜନୀନ ହୋଇଛି। ଏଥିରେ ଯାହା ଉଲ୍ଲେଖ ହୋଇଛି ତାହା ଓଡ଼ିଶାବାସୀଙ୍କୁ ଚକିତ କରିଛି। ମହାନଦୀ ଜଳ ବିବାଦର ସମାଧାନ କ୍ଷେତ୍ରରେ ଏକ ମୌଳିକ ଓ ସର୍ବନିମ୍ନ ଆବଶ୍ୟକ ତଥ୍ୟ ହେଉଛି ମହାନଦୀରେ କେତେ ଜଳ ଉପଲବ୍ଧ ବା କେତେ ପାଣି ସଂଗୃହୀତ ହେଉଛି। କିନ୍ତୁ ଦୀର୍ଘ ୮ ବର୍ଷର ଟ୍ରିବ୍ୟୁନାଲ୍‌ର କାର୍ଯ୍ୟକାଳ ଭିତରେ ଏହି ସର୍ବନିମ୍ନ ଆବଶ୍ୟକ ତଥ୍ୟ ନା ଛତିଶଗଡ଼ ନା ଓଡ଼ିଶା, କେହି ବି ଦେଇନପାରିବା କ୍ଷମଣୀୟ ନୁହଁ ବୋଲି ମହାନଦୀ ବଞ୍ଚାଅ ଆନ୍ଦୋଳନ ପକ୍ଷରୁ କୁହାଯାଇଛି। ତେବେ ଛତିଶଗଡ଼ ଏହି ତଥ୍ୟ ନ ଦେବା ସ୍ୱାଭାବିକ। କାରଣ ସେମାନେ ଗଚ୍ଛିତ କରିଥିବା ଜଳରାଶିକୁ ଓଡ଼ିଶାକୁ ଦେବାକୁ ଚାହୁଁନାହାନ୍ତି। କିନ୍ତୁ ଓଡ଼ିଶା ନିଜର ନ୍ୟାୟସଙ୍ଗତ ଦାବି ଟ୍ରିବ୍ୟୁନାଲ୍‌ରେ ଉପସ୍ଥାପନ ପାଇଁ ଏହି ତଥ୍ୟ ଟ୍ରିବ୍ୟୁନାଲ ପାଖରେ ଦାଖଲ କରିବା ନିହାତି ଜରୁରୀ ଥିଲା। ଏହା ଅଦ୍ୟାବଧି ଓଡ଼ିଶା ଦାଖଲ କରିନଥିବାରୁ ଜଳ ବିବାଦର ଆପୋଷ ସମାଧାନ ନାଁରେ ଓଡ଼ିଶା ଛତିଶଗଡ଼ ନିକଟରେ ଆତ୍ମସମର୍ପଣ କରୁନାହିଁ ତ ବୋଲି ଆନ୍ଦୋଳନର ଆବାହକ ସୁଦର୍ଶନ ଦାସ ପ୍ରଶ୍ନ କରିଛନ୍ତି। ଗତ ୨୦ରେ ଶୁଣାଣି ସମୟରେ ଟ୍ରିବ୍ୟୁନାଲ ମହାନଦୀରେ ସଂଗୃହୀତ ଜଳରାଶିର ତଥ୍ୟ ନ ଦେବା ଯୋଗୁଁ ଉଭୟ ଓଡ଼ିଶା ଓ ଛତିଶଗଡ଼ ଉପରେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଆସନ୍ତା ୨ ତାରିଖରେ ଏହି ତଥ୍ୟ ଦେବାକୁ ଟ୍ରିବ୍ୟୁନାଲ୍ ତାଗିଦ ବି କରିଛନ୍ତି। ଗତ ୧୧ ତାରିଖରେ ଶୁଣାଣି ସମୟରେ ୨୦ ତାରିଖରେ ଏହି ତଥ୍ୟ ଦେବାକୁ ଟ୍ରିବ୍ୟୁନାଲ ଉଭୟ ରାଜ୍ୟକୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ସେଥିରେ ଉଭୟ ପକ୍ଷ ଅସମର୍ଥ ହୋଇଥିଲେ ଓ ପୁଣି ଅଧିକ ସମୟ ମାଗିଥିଲେ। ଏହାକୁ ସହଜରେ ଗ୍ରହଣ କରିପାରିନାହାନ୍ତି ଟ୍ରିବ୍ୟୁନାଲ ଓ ଏନେଇ ଅସନ୍ତୋଷ ମଧ୍ୟ ପ୍ରକାଶ କରିଛନ୍ତି।

ଗତ ୨୦ ତାରିଖର ଶୁଣାଣି ଓଡ଼ିଶାବାସୀଙ୍କ ଆଖି ଖୋଲିଦେଇଛି। ଜନତାଙ୍କ ଅର୍ଥ ଶ୍ରାଦ୍ଧ କରି ୮ ବର୍ଷ ଧରି ଚାଲିଥିବା ଟ୍ରିବ୍ୟୁନାଲ କାର୍ଯ୍ୟକାରିତାକୁ ନେଇ ଘୋର ସନ୍ଦେହ ସୃଷ୍ଟି ହୋଇଛି। ଏହା ଦୁର୍ଭାଗ୍ୟଜନକ ବିଷୟ ବୋଲି ଏକ ପ୍ରେସ ବିଜ୍ଞପ୍ତିରେ ଶ୍ରୀ ଦାସଙ୍କ ସମେତ ବାସୁଦେବ ଭଞ୍ଜ, ମନୋଜ ଜେନା, ବିଜୟ ପ୍ରଧାନ, ସଚିକାନ୍ତ ପ୍ରଧାନ, ପ୍ରସନ୍ନ ବିଶୋଇ, ଜ୍ୟୋତି ମହାପାତ୍ର, ଅର୍ଜୁନ ସାମନ୍ତରାୟ ପ୍ରମୁଖ କର୍ମକର୍ତ୍ତା କହିଛନ୍ତି।

## କୋଟିଏ ଟଙ୍କା ହଡ଼ପ ଅଭିଯୋଗରେ

# ଶାଖା ପରିଚାଳକ ନିଲମ୍ବିତ

ମାଲକାନଗିରି, ୨୨।୪ (ସଂଚାର ବ୍ୟୁରୋ) : ବ୍ୟାଙ୍କ୍‌ରୁ କୋଟିଏରୁ ଅଧିକ ଟଙ୍କା ହଡ଼ପ କରି ନିଲମ୍ବିତ ହୋଇଛନ୍ତି ମାଲକାନଗିରି କେସିସି ବ୍ୟାଙ୍କ୍‌ର ପୂର୍ବତନ ଶାଖା ପରିଚାଳକ ଶୁଭେନ୍ଦୁ ଖରା। ୧ କୋଟି ୭ ଲକ୍ଷ ୭୫ ହଜାର ଟଙ୍କା ହଡ଼ପ କରିଥିବା ନେଇ ମାଲକାନଗିରି ଆଦର୍ଶ ଥାନାରେ ଅଭିଯୋଗ ହୋଇଥିଲା। ପୋଟେରୁ ଓ ମାଲକାନଗିରି ଲ୍ୟାମ୍ପସରେ ହିତାଧିକାରୀମାନେ ଋଣ ଖାତା ଓ ସେଭିଂସ୍ ଆକାଉଣ୍ଟରେ ଟଙ୍କା ଜମା କରିଥିଲେ। ଏସବୁ ଟଙ୍କା ପରେ ମୁଖ୍ୟ ଶାଖା କୋରାପୁଟ କେନ୍ଦ୍ରୀୟ ସମବାୟ ସମିତି ବା କେସିସି ବ୍ୟାଙ୍କ୍‌କୁ ଆସିଥିଲା। ହେଲେ ଏହି ଟଙ୍କାକୁ ଉପରିସ୍ଥ ବ୍ୟାଙ୍କରେ ଜମା ନ କରି ପୂର୍ବତନ ଶାଖା ପରିଚାଳକ ଶ୍ରୀ ଖରା ନିଜ ଘରକୁ ନେଇଯାଇଥିଲେ। ଫଳରେ ହିତାଧିକାରୀମାନେ ନିଜ ଜମା ଅର୍ଥ ଆଉ ଫେରସ୍ତ ପାଇ ପାରି ନ ଥିଲେ। ଏନେଇ ସେମାନେ ସମବାୟ ସମିତି ମୁଖ୍ୟଙ୍କ ନିକଟରେ ଅଭିଯୋଗ କରିଥିଲେ।

# 'ଗାନ୍ଧିବାଦୀ ଚିନ୍ତାଧାରା' ପକ୍ଷରୁ ପରିବେଶ ସଚେତନତା କାର୍ଯ୍ୟକ୍ରମ




ଭୁବନେଶ୍ୱର,୨୨।୪(ସଂଚାର ବ୍ୟୁରୋ): ବିଶ୍ୱ ପୃଥିବୀ ଦିବସର ଅବ୍ୟବହିତ ପୂର୍ବରୁ ଆଜି ପ୍ରାତଃ ସମୟରେ ସ୍ଥାନୀୟ ଆଇଜି ପାର୍କରେ 'ଗାନ୍ଧୀବାଦୀ ଚିନ୍ତାଧାରା' ସଂଗଠନ ପକ୍ଷରୁ ଏକ ନିଆରା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଚଳିତ ବର୍ଷର ବିଷୟବସ୍ତୁ 'ଆୱାର୍ ପାୱାର୍, ଆୱାର୍ ପ୍ଲାନେଟ୍' ଉପରେ ଆଧାରିତ ଏହି କାର୍ଯ୍ୟକ୍ରମରେ ଡ. ନମିତା ପଟ୍ଟନାୟକ ଅତିଥିମାନଙ୍କୁ ସ୍ୱାଗତ କରି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ମୁଖ୍ୟ ଅତିଥି ଭାବେ ଯୋଗଦେଇ ପରିବେଶବିତ୍ ଜୟନ୍ତ କୁମାର ଜେନା ଗାନ୍ଧିଜୀଙ୍କ ସରଳ ଜୀବନଶୈଳୀ ଓ ପ୍ରକୃତି ସହ ସମନ୍ୱୟ ରଖିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଉଚ୍ଚଶିକ୍ଷା ବିଭାଗର ଯୁଗ୍ମ ସଚିବ ଅଶୋକ କୁମାର ଗୌଡ଼ ଉପସ୍ଥିତ ବ୍ୟକ୍ତିବିଶେଷଙ୍କୁ ପୃଥିବୀ ସୁରକ୍ଷା ପାଇଁ ଶପଥ ପାଠ କରାଇଥିଲେ। କାର୍ଯ୍ୟକ୍ରମରେ ଯୋଗଦେଇ ଇଂ. ସତ୍ୟବ୍ରତ ଧୂପାଳ ଏହାକୁ କେବଳ ଗୋଟିଏ ସଂଗଠନ ନୁହେଁ, ବରଂ ଜନଆନ୍ଦୋଳନ କରିବାକୁ ଆହ୍ୱାନ ଦେଇଥିଲେ। ସ୍ଥପତି ଜିତୁ କର ଜଳର ଉତ୍ପତ୍ତି, ଏହାର ଉତ୍ସ ଓ ମାନବ ଶରୀର ପାଇଁ ଜଳର ଔଷଧୀୟ ଗୁଣ ବିଷୟରେ ବିସ୍ତୃତ ସୂଚନା ଦେଇଥିଲେ। ସେହିପରି ସାମାଜିକ କର୍ମୀ ରାଣା ପ୍ରତାପ ପାତ୍ର ଏହାକୁ ଏକ ବର୍ଷବ୍ୟାପୀ ପ୍ରକଳ୍ପ ଭାବେ ସାରା ରାଜ୍ୟରେ ଜାରି ରଖିବାକୁ ମତ ଦେଇଥିଲେ ଏବଂ ସମସ୍ତ ଅଂଶଗ୍ରହଣକାରୀଙ୍କୁ ଚାରା ବଣ୍ଟନ କରିଥିଲେ। ଯୋଗଗୁରୁ ପ୍ରଦ୍ୟୋତ ନାୟକ ପ୍ରାଚୀନ କାଳରୁ ଯୋଗ ଓ ବୃକ୍ଷ ମଧ୍ୟରେ ଥିବା ଗଭୀର ସମ୍ପର୍କ ସ୍ଥାପନ କରି କହିଥିଲେ ଯେ ବୃକ୍ଷ ବିନା ପ୍ରାଣ ନାହିଁ, ଯୋଗ ବିନା ସୁସ୍ଥତା ନାହିଁ। ପରିଶେଷରେ ସିନି ମହାନ୍ତି ଧନ୍ୟବାଦ ଦେଇଥିଲେ।



# ନାଗରିକକୈନ୍ଦ୍ରିକ ଶାସନ ପାଇଁ ସଂକଳ୍ପ

ଭୁବନେଶ୍ୱର,୨୨।୪(ସଂଚାର ବ୍ୟୁରୋ): ପ୍ରଶାସନିକ ସେବା ଦିବସ ଅବସରରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ବିଭାଗ ପକ୍ଷରୁ ନାଗରିକ କୈନ୍ଦ୍ରିକ ଶାସନ ଓ ଉତ୍ତରଦାୟୀ ଜନସେବା ପ୍ରଦାନ ଉପରେ ଗୁରୁତ୍ୱାରୋପ କରାଯାଇଛି। ଖାରବେଳ ଭବନସ୍ଥିତ ତୃତୀୟ ମହଲା ସମ୍ମିଳନୀ କକ୍ଷରେ ଆୟୋଜିତ ବୈଠକରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଇଡ୍‌କୋ ଅଧ୍ୟକ୍ଷା ଉଷା ପାଢ଼ୀ ଅଧ୍ୟକ୍ଷତା କରିଥିଲେ। ଏଥିରେ ବିଭାଗର ବରିଷ୍ଠ ପଦାଧିକାରୀ ଯୋଗ ଦେଇଥିବା ବେଳେ ଶାସନ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ଓ ସେବା ପ୍ରଦାନରେ ଦକ୍ଷତା ବୃଦ୍ଧି ପାଇଁ ପ୍ରମୁଖ ନୀତି ଓ ସଂସ୍କାର କାର୍ଯ୍ୟସୂଚୀ ଉପରେ ଆଲୋଚନା ହୋଇଥିଲା। ପ୍ରଶାସନିକ ପ୍ରକ୍ରିୟାର ସରଳୀକରଣ, ସ୍ୱଚ୍ଛତା ବଜାୟ ରଖିବା ଓ ଜନସାଧାରଣଙ୍କ ଆବଶ୍ୟକତାକୁ ତ୍ୱରିତ ପୂରଣ କରିବା ପାଇଁ ଅନୁଷ୍ଠାନିକ କାର୍ଯ୍ୟଶୈଳୀରେ ଉନ୍ନତି ଆଣିବା ଉପରେ ଗୁରୁତ୍ୱାରୋପ କରାଯାଇଛି। ସାଧାରଣ ସେବା ଦିବସ ସାଧୁତା, ସହାନୁଭୂତି ଓ ଉତ୍ତରଦାୟିତ୍ୱ ସହ ଜନସେବା କରିବାର ସଂକଳ୍ପକୁ ନବୀକରଣ କରିବା ସକାଶେ ଏକ ସୁଯୋଗ ବୋଲି ଶ୍ରୀମତୀ ପାଢ଼ୀ କହିଛନ୍ତି।

# ମହାନଦୀ ପାଣି, ସୂଚନା ଦେଇପାରୁନି ଓଡ଼ିଶା



ଭୁବନେଶ୍ୱର,୨୨।୪: ଉପର ମୁଣ୍ଡରେ ଛତିଶଗଡ଼ ମହାନଦୀ ଓ ତାହାର ଉପନଦୀଗୁଡ଼ିକରେ ବହୁ ବନ୍ଧ ନିର୍ମାଣ କରିବା ଫଳରେ ଓଡ଼ିଶାରେ ମହାନଦୀର ଶଯ୍ୟା ଶୁଖିଲା ପଡୁଛି। ଏ ପ୍ରସଙ୍ଗ ଘେନି ସୁପ୍ରିମକୋର୍ଟରୁ ମହାନଦୀ ଟ୍ରିବ୍ୟୁନାଲ ଏବଂ କେନ୍ଦ୍ର ଓ ଛତିଶଗଡ଼ ସରକାରଙ୍କ ବାରମ୍ବାର ଦୃଷ୍ଟି ଆକର୍ଷଣ କରାଯାଉଛି। ଅଥଚ ମହାନଦୀରୁ ଓଡ଼ିଶା କେତେ ଜଳ ଆବଶ୍ୟକ କରୁଛି ତାହାର ସ୍ପଷ୍ଟ ଚିତ୍ର ସରକାରଙ୍କ ପକ୍ଷରୁ ଦିଆଯାଇ ପାରୁ ନ ଥିବା ନେଇ ମହାନଦୀ ବଞ୍ଚାଅ ଆନ୍ଦୋଳନ ସମେତ ବିଭିନ୍ନ ସଂଗଠନ ଉଦବେଗ ପ୍ରକାଶ କରୁଛନ୍ତି।

ପ୍ରାୟ ଆଠ ବର୍ଷ ଧରି ମହାନଦୀ ଟ୍ରିବ୍ୟୁନାଲ କାମ କରୁଛି। କିନ୍ତୁ ଏଯାବତ୍ ମହାନଦୀକୁ ଛତିଶଗଡ଼ ପାଣି ଛାଡିବା ଘେନି ଗୋଟିଏ ହେଲେ ଅନ୍ତରୀଣ ଆଦେଶ ଓଡ଼ିଶା ହାସଲ କରିପାରି ନାହିଁ। ଟ୍ରିବ୍ୟୁନାଲ ତାଙ୍କର ଗତ ଶୁଣାଣି ସମୟରେ ଏ ସଂକ୍ରାନ୍ତରେ ଓଡ଼ିଶା କିମ୍ବା ଛତିଶଗଡ଼ ସରକାରଙ୍କର କୌଣସି ସନ୍ତୋଷଜନକ ତଥ୍ୟ ପାଇନଥିବା ଗଣମାଧ୍ୟମରେ ପ୍ରକାଶ ପାଇଛି। ରାଜ୍ୟ ସରକାରଙ୍କର ଉଚ୍ଚ ପଦାଧିକାରୀମାନେ ଟ୍ରିବ୍ୟୁନାଲରେ ମହାନଦୀକୁ ବଞ୍ଚାଇବାପାଇଁ ଲଢେଇ କରିବାକୁ ଯାଉଥିବାବେଳେ ଏହି ତଥ୍ୟକିଭଳି ଉପସ୍ଥାପନ କରାଯାଇ ପାରୁନାହିଁ ସେଥିଘେନି ବିଭିନ୍ନ ମହଲ ବିସ୍ମୟ ପ୍ରକାଶ କରୁଛନ୍ତି।

ଏଠାରେ ଉଲ୍ଲେଖନୀୟ ଯେ ମହାନଦୀ ଅବବାହିକାର ୪୬.୬୦ ପ୍ରତିଶତ ଓଡ଼ିଶାରେ ରହିଛି। ହୀରାକୁଦ ନଦୀବନ୍ଧ ନିର୍ମାଣ ସମୟରେ ଉଭୟ ଅବିଭକ୍ତ ମଧ୍ୟପ୍ରଦେଶ ଓ ଓଡ଼ିଶା କେତେ ଜଳ ଆବଶ୍ୟକ କରୁଛନ୍ତି ତାହାର ମଧ୍ୟ ଲେଖାପଢା ହୋଇଥିଲା। ମହାନଦୀ ଅବବାହିକାରେ ମଧ୍ୟପ୍ରଦେଶ, ଛତିଶଗଡ଼, ମହାରାଷ୍ଟ୍ର, ଝାଡ଼ଖଣ୍ଡ ଓ ଓଡ଼ିଶାର ପ୍ରାୟ ୧,୪୧,୫୨୯ ବର୍ଗକିଲୋମିଟର କ୍ୟାଚମେଣ୍ଟ ଏରିଆ ରହିଛି। ଛତିଶଗଡ଼ ସରକାର କେନ୍ଦ୍ରରୁ ଅନୁମତି ନ ଆଣି କ୍ଷୁଦ୍ର ଓ ମଧ୍ୟମ ଜଳସେଚନ ଆଳରେ ଗୁଡିଏ ନଦୀବନ୍ଧ ନିର୍ମାଣ କରିବା ସହିତ ଏହାର ଜଳକୁ ବିଭିନ୍ନ ଶିଳ୍ପସଂସ୍ଥା ହାତରେ ଟେକି ଦେଇଛନ୍ତି। ଏହି ବନ୍ଧ ନିର୍ମାଣ ଅନେକ କ୍ଷେତ୍ରରେ ଶିଳ୍ପସଂସ୍ଥାମାନଙ୍କ ଅର୍ଥରେ ହୋଇଛି। ଛତିଶଗଡ଼ର ଚାଷୀମାନେ ଏହି ବନ୍ଧ ଯୋଗୁଁ ବିଶେଷ କିଛି ଫାଇଦା ପାଉନାହାନ୍ତି।

ହୀରାକୁଦ ନଦୀବନ୍ଧ ଯୋଜନା ଏକ ଜାତୀୟ ପ୍ରକଳ୍ପ। ଉପରମୁଣ୍ଡରୁ ଜଳ ପ୍ରବାହ ରୋକାଯିବା ଫଳରେ ଏହି ଜାତୀୟ ପ୍ରକଳ୍ପ ମଧ୍ୟ ଯେଉଁ ଉଦ୍ଦେଶ୍ୟରେ ପ୍ରତିଷ୍ଠା କରାଯାଇଥିଲା ତାହା ଲକ୍ଷ୍ୟଭ୍ରଷ୍ଟ ହେଉଛି।

ମହାନଦୀ ଉପରେ ଓଡ଼ିଶାର ୬୫ ପ୍ରତିଶତ ଲୋକ ନିର୍ଭରଶୀଳ ଥିବାରୁ ଏହାକୁ ରାଜ୍ୟର ଜୀବନରେଖା ବୋଲି କୁହାଯାଏ। ମହାନଦୀ ବିପର୍ଯ୍ୟୟ ହେଲେ ଚିଲିକା, ଭିତରକନିକା, ସାତକୋଶିଆ, ଗହୀରମଥା ଆଦି ମଧ୍ୟ ପ୍ରଭାବିତ ହେବ। ମହାନଦୀ ଶୁଖିଲା ପଡିଥିବାରୁ ଏହାର ଶାଖାନଦୀଗୁଡିକ ମଧ୍ୟ ସତ୍ତା ହରାଇବାକୁ ଯାଉଛନ୍ତି। ମହାନଦୀର ଅନେକ ଶାଖାନଦୀ ଚିଲିକା ହ୍ରଦରେ ପଡିଥାଏ। ଶାଖାନଦୀଗୁଡିକ ଶୁଖିଲା ପଡୁଥିବା ଏବଂ ଭୁବନେଶ୍ୱରର ବର୍ଜ୍ୟଜଳ ଗଙ୍ଗୁଆ ଦେଇ ଦୟା ମାଧ୍ୟମରେ ଚିଲିକାରେ ପଶୁଥିବାରୁ ଚିଲିକା ପାଣି ବିଷାକ୍ତ ହେବାରେ ଲାଗିଛି। ଏମିତିକି ଦୟା ତଟବର୍ତ୍ତୀ ଅଞ୍ଚଳଗୁଡ଼ିକରେ ପାନୀୟଜଳ ସଙ୍କଟ ଉତ୍କଟତର ହେଉଛି। ମୋଟାମୋଟି ଭାବେ ରାଜ୍ୟର ୧୬ଟି ଜିଲ୍ଲା ମହାନଦୀର ଜଳସଙ୍କଟ ଦୃଷ୍ଟିରୁ ଭୟଙ୍କର ଭାବରେ ପ୍ରଭାବିତ ହେଉଛନ୍ତି।

ମହାନଦୀ ସମସ୍ୟା ସମାଧାନ ହେଉନଥିବାରୁ ଜଳସେଚନ ମଧ୍ୟ ବିପର୍ଯ୍ୟସ୍ତ ହେବାରେ ଲାଗିଛି। ଏମିତିକି ଭୂତଳ ଜଳ ଭଣ୍ଡାର ବି ଉଦ୍‌ବେଗଜନକ ଭାବେ ତଳକୁ ଖସିବାରେ ଲାଗିଛି। ମହାନଦୀ ଟ୍ରିବ୍ୟୁନାଲ ସମେତ କେନ୍ଦ୍ରୀୟ ଜଳ କମିଶନ, ପରିବେଶ ମନ୍ତ୍ରଣାଳୟ, କେନ୍ଦ୍ର ସରକାର ଏବଂ ବିଶେଷକରି ଛତିଶଗଡ଼ ସରକାର ଏ ଦିଗରେ ଦୃଷ୍ଟି ଦେବାକୁ ବାରମ୍ବାର ଦାବି ହେଉଛି। ଅତୀତରେ ୧୯୬୮ ମସିହାରେ ଆନ୍ଧ୍ର ସହ ସୀମା ବିବାଦ ପ୍ରସଙ୍ଗ ଓଡ଼ିଶା ହାଇକୋର୍ଟରେ ଉଠିଥିଲା। ଏଯାବତ୍ ଏହି ସମସ୍ୟା ସମାଧାନ ହୋଇନଥିବାବେଳେ ଇତି ମଧ୍ୟରେ ପୋଲାଭରମ ଓ ନରେଡି ନଦୀବନ୍ଧ ଯୋଗୁଁ ଓଡ଼ିଶାର ବ୍ୟାପକ ଅଞ୍ଚଳ ଜଳାର୍ଣ୍ଣବ ହେବାକୁ ଯାଉଛି। ଏ ପରିପ୍ରେକ୍ଷୀରେ କେନ୍ଦ୍ର ସରକାର ମହାନଦୀ ଭଳି ସ୍ପର୍ଶକାତର ପ୍ରସଙ୍ଗରେ ହସ୍ତକ୍ଷେପ କରି ଛତିଶଗଡ଼ର ଅବରୋଧ ହଟାଇବାକୁ ଦାବି ହେଉଛି। (ତଥ୍ୟ)

# ଦ୍ୱିତୀୟ ବିରତିର ସ୍ଥାୟୀତ୍ୱ କେତେ ଦିନ?

ଯୁଦ୍ଧ ଓ ସଂଘର୍ଷର ଇତିହାସରେ 'ବିରତି' ବୋଲି ଶବ୍ଦଟି ସଦା ଏକ ଅସ୍ଥାୟୀ ଶାନ୍ତିର ପ୍ରତୀକ ଭାବେ ଦେଖାଯାଇଛି। ଦ୍ୱିତୀୟ ବିରତି ଘୋଷଣା ହେବା ସହିତ ଲୋକମନଙ୍କ ମନରେ ଏକ ପ୍ରଶ୍ନ ଜାଗ୍ରତ ହୋଇଛି - ଏହା କେତେ ଦିନ ଚାଲିବ? ଏହା କେବଳ ଏକ ଅସ୍ଥାୟୀ ବ୍ୟବସ୍ଥା ନା କି ଏହାର ମାଧ୍ୟମରେ




ସ୍ଥାୟୀ ଶାନ୍ତିର ଦିଗକୁ ଗତି ହେବ? ପ୍ରଥମ ବିରତିର ଅନୁଭବ ଆମକୁ ଶିଖାଇଛି ଯେ ଏପରି ବ୍ୟବସ୍ଥାଗୁଡିକ ଅନେକ ସମୟରେ ଦୃଢ଼ ଭିତିରେ ନ ଥାଏ। ଦୁଇପକ୍ଷୀୟ ଅବିଶ୍ୱାସ, ରାଜନୈତିକ ଚାପ ଓ ଭୂ-ରାଜନୈତିକ ସ୍ୱାର୍ଥ ବିରତିକୁ ଦୀର୍ଘ ସମୟ ଧରି ରଖିବାକୁ ଅସୁବିଧା କରେ। ଦ୍ୱିତୀୟ ବିରତି ମଧ୍ୟ ସେହି ପରିସ୍ଥିତିରେ ଘଟିଛି, ଯେଉଁଠାରେ ଦୁଇପକ୍ଷ ତାଙ୍କର ନିଜସ୍ୱ ଲାଭ ଓ ରଣନୀତିକୁ ମନେ ରଖି ଏହାକୁ ସ୍ୱୀକାର କରିଛନ୍ତି। ଏହି ପରିସ୍ଥିତିରେ ଏହା କହିବା କଷ୍ଟକର ଯେ ବିରତି କେତେ ଦିନ ଚାଲିବ।

ଏକ ପକ୍ଷରୁ ଦେଖିଲେ, ଯୁଦ୍ଧରେ କ୍ଳାନ୍ତ ହୋଇପଡ଼ିଥିବା ସାଧାରଣ ଲୋକଙ୍କ ପାଇଁ ବିରତି ହେଉଛି ଏକ ଆଶାର କିରଣ। ସେମାନେ ଚାହୁଁଛନ୍ତି ଯେ ଏହା ଦୀର୍ଘ ସମୟ ଧରି ଚାଲୁଥାଉ, ଯାହା ଦ୍ୱାରା ସେମାନେ ଆଉଥରେ ନିଜର ସାଧାରଣ ଜୀବନକୁ ଫେରି ପାରିବେ। ଅନ୍ୟପକ୍ଷରେ, ରାଜନୈତିକ ନେତୃତ୍ୱ ଓ ସେନା ଅଧିକାରୀମାନେ ବିରତିକୁ ଏକ କୌଶଳମୂଳକ ବିରାମ ଭାବେ ଦେଖନ୍ତି, ଯାହା ସେମାନଙ୍କୁ ପୁନଃସଂଗଠନ ଓ ନୂତନ ଯୋଜନା ପାଇଁ ସମୟ ଦେଇଥାଏ।

ଦ୍ୱିତୀୟ ବିରତିର ସ୍ଥାୟୀତ୍ୱ ନିର୍ଭର କରିବ କିଛି ମୁଖ୍ୟ କାରଣରୁ। ପ୍ରଥମତଃ, ଦୁଇପକ୍ଷର ମଧ୍ୟରେ ପାରସ୍ପାରିକ ଭରସା କେତେ ଦୃଢ଼ ହେଉଛି। ଯଦି ଏହି ଭରସା ବୃଦ୍ଧି ପାଏ, ତେବେ ବିରତି ଦୀର୍ଘ ସମୟ ଧରି ରହିପାରେ। ଦ୍ୱିତୀୟତଃ, ଆନ୍ତର୍ଜାତୀୟ ସମୁଦାୟର ଭୂମିକା ମଧ୍ୟ ଏଠାରେ ଗୁରୁତ୍ୱପୂର୍ଣ୍ଣ। ଯଦି ବିଶ୍ୱ ଶକ୍ତିମାନ୍ୟ ଦେଶମାନେ ଏହି ବିରତିକୁ ସମର୍ଥନ କରି ସକ୍ରିୟ ଭାବରେ ଶାନ୍ତି ପ୍ରକ୍ରିୟାକୁ ଆଗେଇ ନେବେ, ତେବେ ଏହାର ସ୍ଥାୟୀତ୍ୱ ବଢ଼ିପାରେ।

ତୃତୀୟତଃ, ଅନ୍ତର୍ନିହିତ ରାଜନୈତିକ ପରିସ୍ଥିତି ମଧ୍ୟ ଏକ ବଡ଼ କାରକ। ଯଦି ଦେଶମାନଙ୍କ ଭିତରେ ରାଜନୈତିକ ଅସ୍ଥିରତା ବଢ଼େ, ତେବେ ବିରତି ଭଙ୍ଗ ହେବାର ସମ୍ଭାବନା ବଢ଼ିଥାଏ। ଏହା ସହିତ, ଅତିରିକ୍ତ ଘଟଣା-ଯେପରିକି ଅକସ୍ମାତ ଆକ୍ରମଣ କିମ୍ବା ଭୁଲ ବୁଝାବୁଝି ମଧ୍ୟ ବିରତିକୁ ଅସ୍ଥିର କରିପାରେ।

ସତ୍ୟ କଥା ହେଲେ, ଯଦି ବିରତିକୁ ଦୀର୍ଘ ସମୟ ଧରି ରଖିବାକୁ ହେଉଛି, ତେବେ ଏହାକୁ କେବଳ ଏକ ସାମୟିକ ବ୍ୟବସ୍ଥା ଭାବରେ ନୁହେଁ, ଏକ ସ୍ଥାୟୀ ଶାନ୍ତି ପ୍ରକ୍ରିୟାର ଆରମ୍ଭ ଭାବେ ଦେଖିବା ଆବଶ୍ୟକ। ଦୁଇପକ୍ଷଙ୍କୁ ସଂଳାପ ଓ ସମ୍ମିଳିତ ଉଦ୍ୟମର ମାଧ୍ୟମରେ ମୂଳ ସମସ୍ୟାଗୁଡ଼ିକର ସମାଧାନ ଦିଗରେ ଆଗେଇ ଯିବାକୁ ହେବ।

ସମାପ୍ତିରେ, ଦ୍ୱିତୀୟ ବିରତି କେତେ ଦିନ ଚାଲିବ ତାହା କେବଳ ସମୟ ନିର୍ଣ୍ଣୟ କରିବ। କିନ୍ତୁ ଏହା ସ୍ପଷ୍ଟ ଯେ ଯଦି ସତ୍ୟ ସାର୍ଥକ ଚେଷ୍ଟା ନ ହୁଏ, ତେବେ ଏହା ମଧ୍ୟ ପୂର୍ବବର୍ତୀ ବିରତିମାନଙ୍କ ପରି ଅସ୍ଥାୟୀ ହୋଇ ରହିଯିବ। ଶାନ୍ତିର ଆଶା ରହିଛି, କିନ୍ତୁ ସେହି ଆଶାକୁ ବାସ୍ତବରେ ପରିଣତ କରିବା ପାଇଁ ସମସ୍ତଙ୍କ ସମନ୍ୱିତ ପ୍ରୟାସ ଆବଶ୍ୟକ।

# ରାଜ୍ କରିବା ମାର୍ଗରେ ପରମ ସତ୍ୟକୁ ଅମାନ୍ୟ ଦିଗ

ଉତ୍କଳାନନ୍ଦ ଅଜୟ କୁମାର ବେହେରା



ସେ ସତ୍ୟ ଯୁଗର କଥା ସେତେବେଳେ ରାଜ କରିଥାନ୍ତି ରାଜା ହିରଣ୍ୟ କଶିପୁ। ହିରଣ୍ୟ ମାନେ ସୁନା। ଲୋକେ ଶବ୍ଦଟିରେ ନାମ ସଂଯୋଗ ଓ ମୂଲ୍ୟବାନ ମୂଲ୍ୟାୟନରେ ସୁନା ଏବେ ବି ଲଗାଉଛନ୍ତି। ସୁନାର ତତୁଲ୍ୟ ତଦଭବ ସଦୃଶ ଏମିତି ବିଶେଷଣରେ ନାମ ହୋଇପାରେ ହିରଣ୍ୟ ଏଥିରୁ ଅନ୍ୟତମ ହିରଣ୍ୟକଶିପୁ, ହରିଣାକ୍ଷ ଏମିତି ଦୁଇ ଭାଇ। ଏମାନେ ସୁନାପୁଅ ବାପା ମାନଙ୍କର ଥିଲେ କି ନଥିଲେ ଏ ପ୍ରସଙ୍ଗ ନୁହେଁ, ପ୍ରସଙ୍ଗ ହେଉଛି ଏମାନେ କିପରି ଅନ୍ୟାୟରେ ଧନ ଏକଠାର କୌଶଳ ପ୍ରୟୋଗ କରିବା। ପ୍ରଜା ଧନରେ ରାଜାମାନେ ସ୍ୱାହା, ସେହି ଯୁଗରୁ ହୁଏତ ଆରମ୍ଭ, କିପରି ଅନେକଙ୍କୁ କରାୟତ କରିହେବ ଏ କୌଶଳ ତାଙ୍କ କପଟ ବୁଦ୍ଧିରେ ସେ ଭାବ ନେଇକି ସେପରି ପଥ ଧରିଥିଲେ। ଜ୍ଞାନୀ ବିଦ୍ୱାନଙ୍କୁ ମୁଣ୍ଡିଆ ମାରି ସମ୍ମାନିତ କରି ତାଙ୍କ ମୁହଁ ବନ୍ଦ କରି କେତେକଙ୍କୁ ଡରାଇ, ଧମକାଇ, ବହୁତ ବ୍ୟକ୍ତିରେ ଅଗ୍ରଗାମୀ ମତ ଉପସ୍ଥାପିତକାରୀଙ୍କୁ ବହୁଜନ ସମକ୍ଷରେ ପିଟିମାରି ରକ୍ତପାତ ପ୍ରାଣ ସଙ୍କଟ କରାଇ ଅନ୍ୟ ମାନଙ୍କୁ ଏକ ନିଜର କରି ଭୟ ବାତାବରଣ ସୃଷ୍ଟି କରି ବେଳକୁ ବେଳ ଅଧିକାର ବଢ଼ାଇ ବଢ଼ାଇ କୁଜୀ ଜମିଦାରରୁ ମହାରାଜ ହୋଇ ପ୍ରଜାଙ୍କୁ ମନମାନି କାନୁନ ଲଗାଇ ଅର୍ଥ ଧନ ଶୋଷଣ ଜାହିର ହେଉଥିଲା ଯେଉଁମାନେ ସ୍ୱର ଉତ୍ତୋଳନ କରିବା ଆଶଙ୍କା, ସେମାନଙ୍କ ବଳ ଭିନ୍ନ ଭାବରେ ଛୋଟ ଛୋଟ ଜମିଦାରୀ ଦେଇ ତାଙ୍କୁ ରାଜପରିଷଦ କରିବା ବୁଝାଯାଉଛି। ଭୋକିଲା ଶ୍ୱାନ, ରାବିଲା କାକ ଏମାନଙ୍କୁ ଖଣ୍ଡିଏ ଖଣ୍ଡିଏ ମାଂସ ଟୁକୁଡା ଦେଇଦେଲେ ପାଟି ଚୁପ ସୂତ୍ରଟି ହୁଏତ ସେହି ସମୟରୁ ଗଢ଼ି ଆସୁଛି। ପଞ୍ଚାଏ ସ୍ତୁତି ଗାନକାରି, ବିନା ପୁଞ୍ଜିରେ ରାଜନୁଗୃହିତ ହେବା କୌଶଳ ହାସଲ ସେହିଯୁଗର ସୂତ୍ରପାତ, ରାଜାଙ୍କୁ ଭଗବାନଙ୍କ ଅବତାର ପ୍ରଚାର ଏପରି କୌଶଳୀଙ୍କ ମିଠାବିଷର ଏକ ପନ୍ଥା। ରାଜକରରୁ ଭାଗ ଏମିତି ତୋଷରପାତର ପନ୍ଥା। ସର୍ବଦା ଶିକ୍ଷା ପରିମାର୍ଜିତ ହୋଇଚାଲୁଛି, ଏକ ପିଢ଼ି ପରେ ଅନ୍ୟ ପିଢ଼ି ପାଇଁ ସଦା ବିଦ୍ୟା ମାର୍ଜିତ, ନୂଆ ଭାବନା ଯୁକ୍ତ ହୋଇଥାଏ, ରାଜପିଢ଼ି ପ୍ରଜାପିଢ଼ି ଏକସାଥେ ବଦଳୁଛି। ବୁଢ଼ା ରାଜା, ବର୍ଷିଆନ ରାଜା କେତେ ଭୁଆଁ ବୁଲାଇ ପ୍ରଜାଙ୍କୁ ବର୍ଷ ବର୍ଷ ଶୋଷଣ କରିଚାଲିବେ ସମୟର ନିୟମ ବିବର୍ତ୍ତନ ହିଁ ପରିବର୍ତ୍ତନ ଆଣିବ ରାଜପୁତ୍ର ପାଠପଢ଼ିଲେ ଜାଣିଲେ ତାଙ୍କର ପରମ୍ପରାରେ ଦୋଷ କେଉଁଠି? ଅତୀତ କାଳର ଲୋକଙ୍କୁ ବୋକା ବନାଇ ଶାସନ ଜାହିର କେବେ ଠିକି ନୁହେଁ। ପ୍ରକୃତିର ଦାନକୁ ସମସ୍ତେ ଉପଭୋକ୍ତା, ଚାଲାଖି କରି ରାଜା ପ୍ରକୃତିର ନିୟନ୍ତ୍ରକ ଏ ଭାବନା ସୃଷ୍ଟି କରାଇ ପ୍ରଚାର କରାଇ ଶାସନ ଅଧିକାରୀ ହୋଇ ରହିବା କେବେ ଦୀର୍ଘସ୍ଥାୟୀ ନୁହେଁ। ହିରଣ୍ୟ କଶିପୁଙ୍କ ପୁତ୍ର ବିଦ୍ୟାର୍ଜନ କରି ଗୁରୁଗୃହରୁ ଫେରି ରାଜ ଦରବାରର ରେ ବିଦ୍ୟାର ସମବର୍ତ୍ତନରେ ଯେଉଁ ଦୀକ୍ଷାନ୍ତ ବକ୍ତବ୍ୟ ରଖିଲେ ଏଥିରେ ଖୋଦ ହିରଣ୍ୟ କଶିପୁ ଶୁଣି ଗର୍ଜନ କରି ଉଠିଥିଲେ। ଏ ଶିକ୍ଷା ଶିକ୍ଷା ନୁହେଁ, ସଂସାରର ସର୍ବେସର୍ବା ରାଜା, କେବେ ଭଗବାନ ହୋଇନପାରନ୍ତି, ଭଗବାଙ୍କୁ କେହି ବି ଦେଖି ନାହାଁ ଯେ ଅଦୃଶ୍ୟ ସେ ପୁଣି ରାଜକରିବ କିପରି? କିନ୍ତୁ କେହି ବିଶ୍ୱାସ କରୁ ନକରୁ ଭଗବାନ ନିଶ୍ଚିତ ଅଛନ୍ତି। ଏଥିଲା ପ୍ରହ୍ଲାଦଙ୍କ ଦୀକ୍ଷାନ୍ତ ବୟାନ। ରାଜା ବୋକା ବନାଇ ରଖି ରାଜ କରୁଥିବା ମାର୍ଗ ଉନ୍ମୋଚିତ ହେବାକୁ ଯାଉଛି ଜାଣି ପୁତ୍ର ଶତ୍ରୁ ତାକୁ ପଥରୁ ହଟାଇବା ପାଇଁ ଅନେକ ଚେଷ୍ଟା, ସବୁ ବିଫଳ ହୋଇଛି ଯାହାକୁ ରଖିବେ ଅନନ୍ତ କି କରି ପରେ ବଳବନ୍ତା ପୁଣି ରଖେ ହରି ତ ମାରେ କିଏ। ସମୟ ଆସିଲା ଶକ୍ତିଶାଳୀ ପ୍ରକୃତି ଆଗରେ ରାଜ ଅହମିକା ବଳ ହାରିଲା। ଦେବଶକ୍ତି କ'ଣ, ଅବିଦ୍ୟାଗ୍ରସ୍ତ ହିରଣ୍ୟ ଶେଷରେ ଜାଣିଲେ ଛାତ ଭାରଧାରୀ ଖମ୍ବଧାରୀ ଖମ୍ବ ତଳେ ଠିଆ ହୋଇ ଖମ୍ବଅସ୍ତ୍ରରେ ଭାଙ୍ଗିଲେ ଅକାଳ ମୃତ୍ୟୁ ଛାତ ପଡ଼ି ହେବକି ନାହିଁ? ପ୍ରହ୍ଲାଦ ଆଧୁନିକ ପାଠରେ ଧୁରୀଣ ଥିଲେ। ସେ ଶକ୍ତି କଣ, ତାଙ୍କ ଗୁରୁମାନଙ୍କ ଠାରୁ ଭଲ ଭାବରେ ଶିକ୍ଷା କରିଥିଲେ। ପ୍ରକୃତରେ ଗୁରୁମାନେ ହିଁ ନୃସିଂହ ଏହି ଶକ୍ତି କାହାକୁ ଭୟ କରନ୍ତି ନାହିଁ। ଭଲ ମେଧାବୀ ଛାତ୍ରକୁ ସେମାନେ ଆହ୍ଲାଦରେ ବିଦ୍ୟା ଦାନ କରନ୍ତି। ବିଶେଷ ଆହ୍ଲାଦଶିକ୍ଷିତ, ଭବିଷ୍ୟତରେ ଧର୍ମ ନୀତିରେ ଶାସନ ଜାହିର କରି ପ୍ରଜା ପାଳନ କରିବା ବ୍ୟକ୍ତି ହିଁ ଆହ୍ଲାଦିନୀ ଶକ୍ତିଭୂଷିତ ପ୍ରହ୍ଲାଦ। ଯେ ନୃସିଂହ ଦ୍ୱାରା ଗଢ଼ା ଅନ୍ୟ ଏକ ନୃସିଂହ। ଭାଗବତକାର ଜଗନ୍ନାଥ ଦାଶ, ଭଗବତର ଆଦ୍ୟ ଧାଡ଼ିରେ ଉଦଘୋଷ କରିଛନ୍ତି 'ନମଇଁ ନୃସିଂହ ଚରଣ, ଲୀଳା ବିଧୃତ କଳେବର। ବୁଝନ୍ତୁ କିଏ ହିରଣ୍ୟ? ପ୍ରଜା ପୀଡ଼କ ନା ପ୍ରଜାନୁରଞ୍ଜକ?


'ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ମୋବାଇଲ୍:୯୪୩୭୦୩୧୨୫୩


# ଅପଚୟର ମୂଲ୍ୟ ନବେ ହଜାର କୋଟି ଟଙ୍କା



ସୁବାସ ଷଡଙ୍ଗୀ



ବିଭିନ୍ନ ଗବେଷଣା ଓ ତଥ୍ୟରୁ ଆମେ ଅନେ କଥା ଜାଣିପାରୁ। ଏବେ ସେମିତି କିଛି ତଥ୍ୟ ପ୍ରକାଶ ପାଇଛି, ଯାହାକୁ ଦେଖିଲେ ଆମେ ବିସ୍ମିତ ହେଉ। ଆପଣ ଜାଣନ୍ତି କି, ଭାରତରେ ପ୍ରତିବର୍ଷ ଖାଦ୍ୟଶସ୍ୟର ଶତକଡା ୨୨ ଭାଗ ନଷ୍ଟ ହୋଇଯାଏ। ସେଇପରି ଭାରତରେ ପ୍ରାୟ କୋଡ଼ିଏ କୋଟି ଲୋକ ଦୁଇ ଓଳି ପେଟ ଭରି ଖାଇବାକୁ ପାଆନ୍ତି ନାହିଁ। ଶିଶୁମାନଙ୍କ ମଧ୍ୟରୁ ୩୫ ଭାଗ ଶିଶୁ ପୁଷ୍ଟିକର ଖାଦ୍ୟ ପାଇପାରନ୍ତି ନାହିଁ। ଆମ ଦେଶର ୧୯ ଭାଗ ଶିଶୁ ପୁଷ୍ଟିହୀନତାର ଶିକାର ବୋଲି କୁହାଯାଇଛି। ସେଇପରି ଆଉ ଏକ ତଥ୍ୟ ହେଲା, ଭାରତରେ ପ୍ରତିବର୍ଷ ନଅକୋଟି ଅଶୀ ଲକ୍ଷଟନ ଖାଦ୍ୟଶସ୍ୟ ନଷ୍ଟ ହୋଇଥାଏ। ଯାହାର ମୂଲ୍ୟ ହେଉଛି ନବେ ହଜାର କୋଟି ଟଙ୍କା। ପ୍ରତିବର୍ଷ ନବେ ହଜାର କୋଟି ଟଙ୍କା ଖାଦ୍ୟ ଶସ୍ୟ ନଷ୍ଟ ହେବା କଥା ଶୁଣିଲେ ଆମକୁ ଆଶ୍ଚର୍ଯ୍ୟ ଲାଗେ। ଫଳ ଓ ସବଜିର ଶତକଡା ୧୫ରୁ ୩୦ ଭାଗ ମଧ୍ୟ ନଷ୍ଟ ହୁଏ। ମୋଟାମୋଟି ହିସାବ ହେଲା, ଆମ ଦେଶରେ ଯଦି ଶହେକେଜି ଖାଦ୍ୟଶସ୍ୟ ଉତ୍ପାଦିତ ହେଲା, ତେବେ ସେଥିରୁ ୨୨ କିଲୋ ନଷ୍ଟ ହୋଇଯାଏ। ବାକି ତକ ଆମ ପାଖରେ ପହଂଚେ।

ଏସବୁକଥା ଜାଣିବା ପରେ କିଛି ଲୋକଙ୍କ ମନରେ ପ୍ରଶ୍ନ ଦେଖାଦେବ, ତାହାହେଲା, ଏତେ ପରିମାଣର ଖାଦ୍ୟନଷ୍ଟ ପାଇଁ କିଏ ଦାୟି? ଖାଦ୍ୟଶସ୍ୟ ନଷ୍ଟ ହେଉଛି ବୋଲି କଣ କିଛି ଲୋକଙ୍କୁ ଉପାସରେ ରହିବାକୁ ପଡୁଚି? ଯେଉଁମାନେ ପାଠଶାଠ ପଢ଼ିଛନ୍ତି, ସେମାନେ ଭଲ ଭାବରେ ଜାଣନ୍ତି, ଖାଦ୍ୟ ନଷ୍ଟ ଏବଂ ଖାଦ୍ୟ ଅପଚୟ ଏକାକଥା ନୁହେଁ। ନଷ୍ଟ କହିଲେ ଆମେ ବୁଝୁ ଉତ୍ପାଦନରୁ ଗରାଖଙ୍କ ପାଖରେ ପହଞ୍ଚିବା ଭିତର ପ୍ରକ୍ରିୟାଟିକୁ। ଏକାମଟି ସମ୍ପନ୍ନ ହୁଏ ସରକାରୀ ତତ୍ୱାଧାନରେ। ପ୍ରାକୃତିକ ଦୁର୍ବିପାକ, ପରିବହନ ସମସ୍ୟା ବା ମହଜୁଦ ରଖିବାର ବ୍ୟବସ୍ଥାରେ ତୃଟିଯୋଗୁଁ ଉପଭୋକ୍ତା ପାଖରେ ଜିନିଷ ପହଞ୍ଚିବା ପୂର୍ବରୁ ନଷ୍ଟ ହୋଇଯାଏ। ଏହାକୁ କୁହାଯାଏ ନଷ୍ଟ ହେବା। ଆଉ ଅପଚୟ ହେଲା, ଉପଭୋକ୍ତାଙ୍କ ଦ୍ୱାରା ନଷ୍ଟ ହେବା। ଖାଦ୍ୟ ପସନ୍ଦ ନହେବା, ଅଧିକ କିଣିଆଣି ଜିନିଷକୁ ଘରେ ରଖିବା, କୌଣସି କାରଣରୁ ତାହାକୁ ଠିକ ଭାବରେ ବ୍ୟବହାର ନକରିବା ଫଳରେ ଖାଦ୍ୟଶସ୍ୟ ନଷ୍ଟ ହୋଇଯାଏ। ଏହାକୁ କୁହାଯାଏ ଅପଚୟ। ଏଥିରେ ସରକାରଙ୍କ କିଛି ଦାଇତ୍ୱ ନାହିଁ। ଏଥିପେଇଁ ଆମେ ଦାୟି। ଆମାମନଙ୍କର ଜାଗରୁକତା ଅଭାବରୁ ଖାଦ୍ୟ ଅପଚୟ ହୁଏ। ଏଥିପାଇଁ ବେହିସାବି ସ୍ୱଭାବ ଦାୟି।

୨୦୩୦ ମସିହା ସୁଧା ବିଶ୍ୱ ଜନସଂଖ୍ୟା ୮୬୦ କୋଟିରେ ପହଞ୍ଚିବ ବୋଲି ପୂର୍ବାନୁମାନ କରାଯାଇଛି। ୨୦୫୦ ମସିହା ବେଳକୁ ବିଶ୍ୱର ଜନସଂଖ୍ୟା ଏକ ହଜାର କୋଟିରେ ପହଞ୍ଚିବ। ଏତେ ସଂଖ୍ୟକ ଲୋକମାନଙ୍କୁ ଭରପେଟ ଖାଦ୍ୟ ଯୋଗାଇବା ଦରକାର ଅଧିକ ଷାଠିଏ ଭାଗ ଅଧିକ ଖାଦ୍ୟ। ଯଦି କୌଣସି କାରଣରୁ ଉତ୍ପାଦନ ନବଢ଼ି ପାରିଲା, ତେବେ ଏକମାତ୍ର ଉପାୟ ହେଉଛି, ଖାଦ୍ୟ ନଷ୍ଟ ଓ ଅପଚୟକୁ ନିୟନ୍ତ୍ରଣ କରି ଲୋକଙ୍କୁ ଖାଦ୍ୟ ଯୋଗାଇବା। ତା ନହେଲେ ବିଶ୍ୱରେ ଖାଦ୍ୟ ସଂକଟ ଦେଖାଦେବ। ଏଠାରେ ଆପଣମାନେ ପଚାରି ପାରନ୍ତି, ଖାଦ୍ୟ ନଷ୍ଟ ହୁଏ କାହିଁକି?

ତଥ୍ୟ କହୁଛି, କେବଳ ସଂରକ୍ଷଣ ଅଭାବରୁ ବହୁ ପରିମାଣର ଖାଦ୍ୟ ଶସ୍ୟ ନଷ୍ଟ ହେଉଛି। ଫଳ ଓ ପନିପରିବା ନଷ୍ଟ ହେବାର କାରଣ ହେଉଛି, ପର୍ଯ୍ୟାପ୍ତ ଶୀତଳ ଭଣ୍ଡାରର ଅଭାବ। ପରିବହନ ସମସ୍ୟା, ବଜାରରେ ଦରଦାମ ହ୍ରାସ ଯୋଗୁଁ ଚାଷୀ ଠିକ ଦାମ ନପାଇବା ଫଳରେ କ୍ଷେତରୁ ଫସଲ ଉଠାଏ ନାହିଁ। ଏ ସବୁତକ କାରଣ ପାଇ ସରକାର ଦାୟି। ଅପରପକ୍ଷରେ ଆଉ ଏକ ତଥ୍ୟ କହୁଛି, ଭାରତର ପ୍ରତ୍ୟେକ ଲୋକ ବର୍ଷକୁ ହାରାହାରି ପଚାଶ କେଜି ଖାଦ୍ୟ ଅପଚୟ କରିଥାଏ। ବିଶେଷ କରି ମଧ୍ୟବିତ, ଉଚମଧ୍ୟବିତ ଓ ଧନୀ ଲୋକମାନେ ଏଭଳି ଖାଦ୍ୟ ନଷ୍ଟ କରନ୍ତି। ଏଭଳି ଅପଚୟ ମୋଟ ଅପଚୟର ହେଉଚି ୩୫ ଶତାଂଶ। ଗୋଟାଏ କଥା ସ୍ପଷ୍ଟ ହୋଇଯାଏ ଯେ ଖାଦ୍ୟ ନଷ୍ଟ ଓ ଅପଚୟ ପାଇଁ ସରକାର ଓ ନାଗରିକ ଉଭୟେ ଦାୟି। ସରକାର ଅପାରଗତା ଯୋଗୁଁ ନଷ୍ଟ ହୁଏ ଶତକଡା ୬୫ ଭାଗ ଖାଦ୍ୟଶସ୍ୟ। ସରକାରୀ ନୀତି ଲୋକମାନେ ବଦଳାଇ ପାରିବେ ନାହିଁ। ଦେଶ ସ୍ୱାଧୀନ ହେବାର ସତୁରି ବର୍ଷ ପରେ ମଧ୍ୟ କୌଣସି ସରକାର ଏଥିପ୍ରତି ଗୁରୁତ୍ୱ ଦେଉ ନାହାନ୍ତି। କାରଣ, ଆଜିର ଭୋଟ ବ୍ୟାଙ୍କ ରାଜନୀତିରେ ଏହା ଏକ ପ୍ରସଙ୍ଗ ନୁହେଁ। ସେଇ ସରକାରୀ ଆଇନକାନୁନ ଭିତରକୁ ଆମେ ପଶିବା ନାହିଁ, କିନ୍ତୁ ଆମେ ନିଜେ ଚାହିଁଲେ, ଅନେକ କିଛି ହୋଇପାରିବ।

ଆମେ ଖାଦ୍ୟ ଶସ୍ୟ କିଣିଲା ବେଳେ କେବହେଲେ ଦରକାର ବିଷୟରେ ସଚେତନ ହେଉନା। ଟିକିଏ ରିହାତି ପାଇବା ପାଇଁ ଅଧିକ ଜିନିଷ କିଣି ପକାଉ। ଯାହ ଘରେ ରହି ନଷ୍ଟ ହୋଇଯାଏ। ଯେତିକି ଦରକାର, ସେତିକି କିଣିବା ଦରକାର। ବଜାରରୁ ଅଧିକ କିଣି ଘରେ ଣଖିବା ଫଳରେ ପନିପରିବାର ଦାମ ଅଯଥାରେ ବଢ଼େ, କୃତ୍ରିମ ଋଭାବ ସୃଷ୍ଟି ହୁଏ। ବଜାରରୁ ଅଧିକ କିଣି ଘରେ ମହଜୁଦ କରିବା ହେଉଛି, ଅପଚୟର ଅନ୍ୟତମ କାରଣ। କାରଣ ସଠିକ ସଂରକ୍ଷଣ ବ୍ୟବସ୍ଥା ସମସ୍ତଙ୍କ ପାଖରେ ନଥାଏ। ପର୍ବପର୍ବାଣି ବା ବିବାହ ବ୍ରତରେ ଖାଦ୍ୟଶସ୍ୟ ଅଧିକ ନଷ୍ଟ ହୁଏ। କେତେକ କ୍ଷେତ୍ରରେ ଭୋଜିଭାତରେ ଅଧିକ ଖାଆନ୍ତି। ସମ୍ମାନ ପାଇଁ ଅଧିକ ଲୋକଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତ କରାଯାଏ। ଏଠାରେ ଦେଖାଇ ହେବାର ପ୍ରବଣତା ଅଧିକ କାମ କରେ। ଅନେକଗୁଡ଼ି ଆଇଟମ ଆମେ ବିନାକାରଣରେ କରୁ। ଯିଏ ଅଧିକ ମେନୁ କରିପାରିଲା, ସମାଜରେ ତାର ଷ୍ଟାଟସ ଅଧିକ ବଢ଼ିବ। ଏମିତି ଭାବରେ ଗୁଡାଏ ଆଇଟମ ଯେଗୁ ଅନେକ ବେଶି ଖାଇପାରନ୍ତି ନାହିଁ। ବଳିଯାଏ। ନିଜେ ଏ ବିଷୟରେ ସଚେତନ ହେବା ଦରକାର।

ଖାଦ୍ୟ ଶସ୍ୟ ନଷ୍ଟ ହେବା ସହିତ ଭୋଟର କୌଣସି ସିଧାସଳଖ ସମ୍ପର୍କ ନାହିଁ। ଏଣୁ ଏ ବିଷୟରେ ନେତାମାନେ ଗୁରୁତ୍ୱ ଦିଅନ୍ତି ନାହିଁ। କିନ୍ତୁ ଅଧିକ ଖାଦ୍ୟ ନଷ୍ଟ ହେଲେ ଏହାର ପ୍ରଭାବ ବଜାର ଉପରେ ପଡେ। ଦରଦାମ ବଢ଼ିଯାଏ। ବଜାରରେ ଦାମ ଠିକ ରଖିବାକୁ ହେଷଲ, ଯେତିକି ଦରକାର, ସେତିକି କିଣନ୍ତୁ।

ଆମ ଭାରତରେ ପ୍ରତିବର୍ଷ ପ୍ରାୟ ଦୁଇଲକ୍ଷ ଦଶ କୋଟି ଟନ ଗହମ ନଷ୍ଟ ହୁଏ ବୋଲି ତଥ୍ୟ କହୁଛି। ଏମିତି ବି ଦେଶ ଅଛି, ଏତିକି ପରିମାଣର ଗହମ ସେ ଦେଶରେ ଉତ୍ପାଦିତ ହୁଏ ନାହିଁ। ଏଣୁ ଆମେ ଯଦି ସତର୍କ ନହେବା, ତେବେ ସମୟ ଆସିବ, ଆମକୁ ହଇରାଣ ହେବାକୁ ପଡ଼ିବ।

ଆମେ ମଧ୍ୟବିତ। ଏଣୁ ଆମର ଚାହିଦା ଅଧକ। ସଉକ ମଧ୍ୟ ତତୋଧିକ। ଏରୁ ଆମେ ଅଧିକ ନଷ୍ଟ କରୁ। ପ୍ରଥମେ ଅମକୁ ହିଁ ସତର୍କ ହେବାକୁ ହେବ। ପରିସ୍ଥିତି ଅଣାୟତ ହେବା ପୂର୍ବରୁ ଆମେ କାହିଁକି ସତର୍କ ନହେବା?


ଭୁବନେଶ୍ୱର-୭୫୧୦୧୯
ମୋବାଇଲ୍:୯୪୩୯୭୫୨୩୨୨


# କୋଭିଡ୍ ଭାଇରସ୍‌ର ନୂଆ ରୂପ 'ସିକାଡା'

ଡାକ୍ତର ରାଜକିଶୋର ପଣ୍ଡା



ଜାନୁୟାରୀ ୨୦୨୦ରେ ପୃଥିବୀପୃଷ୍ଠକୁ ଆସିଥିଲା ମହାଭୟଙ୍କର କୋଭିଡ୍ ମହାମାରୀ। ଏହାକୁ କରୁଥିବା ଭାଇରସ୍‌ର ନାମ ଥିଲା କରୋନା ଭାଇରସ୍ ସାର୍ସ-ସି.ଓ.ଭି-୨। ଅସଂଖ୍ୟ ଲୋକ ଏହି ରୋଗରେ ପୀଡ଼ିତ ହୋଇ ମୃତ୍ୟୁବରଣ କଲେ। ୨୦୨୦ ମସିହା ମାର୍ଚ୍ଚ ମାସରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ(ଡବ୍ଲ୍ୟୁଏଚଓ) କୋଭିଡ୍ କୁ "ଗ୍ଲୋବାଲ ହେଲ୍‌ଥ ଏମର୍‌ଜେନ୍ସି" ଭାବରେ ଘୋଷଣା କରିଥିଲେ। ଏହି ଜରୁରୀକାଳୀନ ଘୋଷଣାର ସମୟସୀମା ପୂର୍ଣ୍ଣ ହୋଇ ଥିଲା ମେ ୨୦୨୩ରେ। ପ୍ରଥମ କୋଭିଡ୍ ଲହରୀ(୨୦୨୦) ଓ ଦ୍ୱିତୀୟ କୋଭିଡ୍ ଲହରୀ(୨୦୨୧) କୁ ଏ ମଧ୍ୟରେ ପାଞ୍ଚରୁ ଛଅ ବର୍ଷ ବିତି ଗଲାଣି। ଇତି ମଧ୍ୟରେ କୋଭିଡ୍ ଭାଇରସ୍‌ର ପରିବର୍ତ୍ତନ (**mutation**) ଘଟି ନୂଆ ନୂଆ ପ୍ରଜାତିର ଭାଇରସ୍ ମାନଙ୍କର ସୃଷ୍ଟି ହୋଇଅଛି। ନିବନ୍ଧଟିରେ ଆଗକୁ ଯିବା ପୂର୍ବରୁ ଆମେ ଭାଇରସ୍‌ର "ମ୍ୟୁଟେସନ୍" କହିଲେ କ'ଣ ବୁଝାଏ ତାହା ଜାଣିବା। ଏହି ମ୍ୟୁଟେସନ୍, ଭାଇରସ୍‌ର ଏକ ସ୍ଥାୟୀ ଓ ପ୍ରାକୃତିକ ପରିବର୍ତ୍ତନ ଅଟେ। ଭାଇରସ୍‌ରେ ଥିବା ନ୍ୟୁକ୍ଲିକ୍ ଏସିଡ୍ (ଡି.ଏନ୍.ଏ କିମ୍ବା ଆର.ଏନ.ଏ)ରେ ଏହି ପରିବର୍ତ୍ତନ ସଂଘଟିତ ହୋଇଥାଏ। ମ୍ୟୁଟେସନ୍ ପ୍ରକ୍ରିୟା ଭାଇରସ୍‌କୁ ନୂତନ ପରିବେଶ ସହ ଖାପ ଖୁଆଇବା, ଆଣ୍ଟିଭାଇରାଲ୍ ଔଷଧ ଏବଂ ଟୀକାକୁ ପ୍ରତିରୋଧ କରିବା ଇତ୍ୟାଦିରେ ସହଯୋଗ କରିଥାଏ। ପ୍ରକାଶ ଥାଉ କି ବେଳେବେଳେ ଏହା ଭାଇରସ୍ ପାଇଁ ଲାଭଦାୟକ ହୋଇଥାଏ ଏବଂ ଆଉ କେବେ କ୍ଷତିକାରକ ମଧ୍ୟ ହୋଇଥାଏ। ମ୍ୟୁଟେସନ୍ କରିପାରୁଥିବା ଗୋଟିଏ ବାହ୍ୟିକ କାରକ ହେଉଛି ଅଲ୍‌ଟ୍ରାଭାଇୟୋଲେଟ୍(ୟୁଭି) ରଶ୍ମି। ଯେଉଁ ଯେଉଁ ଭାଇରସ୍‌ମାନଙ୍କ ଠାରେ ଏହି ପ୍ରକ୍ରିୟା ଅଧିକ ମାତ୍ରାରେ ଦେଖିବା ପାଇଁ ମିଳିଥାଏ, ସେମାନେ ହେଉଛନ୍ତି-କୋଭିଡ୍, ଇନ୍‌ଫ୍ଲୁଏଞ୍ଜା ଓ ଏଚ୍.ଆଇ.ଭି। ତେବେ କୋଭିଡ୍ ଭାଇରସ୍‌ର ମ୍ୟୁଟେସନ୍ ଘଟି ଏକ ନୂତନ ପ୍ରଜାତିର ସୃଷ୍ଟି ହୋଇଥିଲା ୨୦୨୪ ମସିହାରେ। ଏହାର ନାମ ହେଉଛି "ସିକାଡା" ଓ ଏହା ହିଁ ଆମ ସନ୍ଦର୍ଭର ବିଷୟବସ୍ତୁ।

ସାର୍ସ ସିଓଭି-ଦୁଇ ରେ ବ୍ୟାପକ ପରିବର୍ତ୍ତନ ବା ମ୍ୟୁଟେସନ୍ ଘଟି ଏଥିରୁ ସର୍ବପ୍ରଥମେ ଓମିକ୍ରନ୍ (**Omicron**) ପ୍ରଜାତିର ସୃଷ୍ଟି ହୋଇଛି। ଏହି ଓମିକ୍ରନ୍ ସର୍ବପ୍ରଥମେ ଦକ୍ଷିଣ ଆଫ୍ରିକାରେ ୨୪ ନଭେମ୍ବର ୨୦୨୧ ମସିହାରେ ଚିହ୍ନଟ କରାଯାଇଥିଲା। ଏହାପରେ ଓମିକ୍ରନ୍‌ଠାରେ ମ୍ୟୁଟେସନ୍ ଘଟି ବହୁତ ଗୁଡ଼ିଏ ଅନ୍ୟ ପ୍ରଜାତିର ଉତ୍ପତ୍ତି ଘଟିଛି। ଏଗୁଡ଼ିକ ହେଉଛନ୍ତି ବିଏ.୧, ବିଏ.୨, ବିଏ.୩, ବିଏ.୪ ଓ ବିଏ.୫। ବିଏ.୩ ରୁ ବିଏ.୩.୨ ର ସୃଷ୍ଟି ମଧ୍ୟ ମ୍ୟୁଟେସନ୍ ମାଧ୍ୟମରେ ହିଁ ହୋଇଛି। ସୂଚନାଯୋଗ୍ୟ ଯେ ବିଏ.୩ ର ସ୍ପାଇକ୍ ପ୍ରୋଟିନ୍ ରେ ପଚାଶ ଥରରୁ ଅଧିକ ମ୍ୟୁଟେସନ୍ ଘଟି ବିଏ.୩.୨ ର ସୃଷ୍ଟି ହୋଇଛି। ଏହି ସ୍ପାଇକ୍ ପ୍ରୋଟିନ୍ କହିଲେ ଆମେ କଣ ବୁଝିବା? କୋଭିଡ ଭାଇରସ୍ ଠାରେ ଦେଖାଯାଉଥିବା ଚାରିଗୋଟି ପ୍ରମୁଖ ପ୍ରୋଟିନ୍ ମଧ୍ୟରୁ ଏହି ସ୍ପାଇକ୍ ପ୍ରୋଟିନ୍ ଅନ୍ୟତମ ଅଟେ। କୋଭିଡ୍ ଭାଇରସ୍‌ର ମନୁଷ୍ୟ ଶରୀର ମଧ୍ୟକୁ ପ୍ରବେଶ ପ୍ରକ୍ରିୟାରେ ଉପରୋକ୍ତ, ପ୍ରୋଟିନ୍‌ଟିର ଭୂମିକା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଅଟେ। ପ୍ରାୟ ସମସ୍ତ କୋଭିଡ୍ ଟୀକା ଆମ ଶରୀରର ରୋଗ ପ୍ରତିରୋଧକ ବ୍ୟବସ୍ଥା(**Immunity**) କୁ ଏହି ସ୍ପାଇକ୍ ପ୍ରୋଟିନ୍ ବିରୁଦ୍ଧରେ ହିଁ କାର୍ଯ୍ୟକ୍ଷମ କରାଇ ଥାଆନ୍ତି। ପାଠକମାନେ ଜାଣିରଖନ୍ତୁ ଯେ, ଏହି ମ୍ୟୁଟେସନ୍ କେବଳ ଭାଇରସ୍‌ରେ ନୁହେଁ ବରଂ ବ୍ୟାକ୍ଟେରିଆ ଓ କବକ (**Fungi**)ଠାରେ ମଧ୍ୟ ଦେଖାଯାଇଥାଏ।



ଏହି ବିଏ.୩.୨ ସିକାଡା ନାମକରଣ କରାଯାଇଛି, ସର୍ବପ୍ରଥମେ ୨୦୨୪ରେ ଦକ୍ଷିଣ ଆଫ୍ରିକାରେ ଲୋକମାନଙ୍କୁ ସଂକ୍ରମିତ କରିଥିଲା। ଏହା ପରେ କିଛି କାଳ ପର୍ଯ୍ୟନ୍ତ ନିଷ୍କ୍ରିୟ ହୋଇ ପୂନର୍ବାର ଯୁକ୍ତରାଷ୍ଟ୍ରରେ ସଂକ୍ରମଣ କରିବା ଆରମ୍ଭ କରିଥିଲା। ଯେହେତୁ ଜୀବବିଜ୍ଞାନରେ ଦେଖାଯାଉଥିବା ସିକାଡ଼ା ନାମକ ଏକ କୀଟପତଙ୍ଗ(**insect**) ଏହିଭଳି ଭାବେ ସକ୍ରିୟ ଓ ନିଷ୍କ୍ରିୟ ଆଚରଣ କରିଥାଏ, ତେଣୁ ଏହାକୁ ଅନୁକରଣ କରି ବିଏ.୩.୨ କୁ ସିକାଡା ନାମକରଣ କରାଯାଇଅଛି। ଯଦିଓ ଏପର୍ଯ୍ୟନ୍ତ ବ୍ୟାପକ ପରିମାଣରେ ସଂକ୍ରମଣ ସିକାଡା ଦ୍ୱାରା ହୋଇନାହିଁ, ତଥାପି ନିକଟ ଅତୀତରେ ୟୁରୋପରେ ଦେଖା ଦେଇଥିବା କୋଭିଡ୍‌ର ତିରିଶ ପ୍ରତିଶତ ଏହା ଯୋଗୁଁ ହୋଇଅଛି ବୋଲି ଗବେଷକ ମାନେ ମତବ୍ୟକ୍ତ କରିଅଛନ୍ତି। ଆମେରିକାର ପାଖାପାଖି ଦୁଇ ଡଜନ ରାଜ୍ୟରେ ଲୋକମାନେ ଏହି ଭାଇରସ୍ ଯୋଗୁଁ ପ୍ରଭାବିତ ହୋଇଛନ୍ତି। ଯଦି ଆମେ ଲକ୍ଷଣକୁ ଦେଖିବା, ତାହାହେଲେ ପୂର୍ବ କୋଭିଡ୍ ଭାଇରସ୍‌ମାନଙ୍କ ଦ୍ୱାରା ଆକ୍ରାନ୍ତ ହେଲେ, ଯେଉଁ ଲକ୍ଷଣମାନ ଦେଖାଯାଇଥାଏ, ତାହା ମଧ୍ୟ ସିକାଡାର ସଂକ୍ରମଣରେ ଦେଖାଯାଇଥାଏ। ଏହି ଲକ୍ଷଣଗୁଡ଼ିକ ହେଉଛି-ଥଣ୍ଡା, ମୁଣ୍ଡବିନ୍ଧା, କାଶ ଓ ଶରୀର ପୀଡ଼ା ଇତ୍ୟାଦି।

ବର୍ତ୍ତମାନ କୋଭିଡ-୧୯ ଟୀକା ହିଁ, ସିକାଡ଼ା ଜନିତ ସଂକ୍ରମଣର ପ୍ରାଥମିକ ପ୍ରତିଶେଧକ ବ୍ୟବସ୍ଥା ଭାବରେ ବ୍ୟବହୃତ ହେଉଅଛି ଯଦିଓ ଏହାର କାର୍ଯ୍ୟଦକ୍ଷତା କେତେ ତାହାକୁ ନେଇ ବ୍ୟାପକ ଗବେଷଣା ଚାଲୁ ରହିଛି। ଏହା ଉପରେ ମତ ଦେଇ ଭାଣ୍ଡରବିଲ୍‌ଟ ବିଶ୍ୱବିଦ୍ୟାଳୟର ସଂକ୍ରାମକ ରୋଗ ବିଭାଗର ପ୍ରଫେସର ଡାକ୍ତର ୱିଲିୟମ୍ ସ୍କାଫ୍‌ନର୍ କହିଛନ୍ତି କି "ଯେହେତୁ ସିକାଡ଼ା, ଓମିକ୍ରନ୍ ଭାଇରସ୍ ପରିବାରର ହିଁ ଅଂଶବିଶେଷ ତେଣୁ ଅତ୍ୟାଧୁନିକ କୋଭିଡ୍ ଟୀକା ଯେଉଁଗୁଡ଼ିକ କି ଓମିକ୍ରନ୍‌ର ଜେ ଏ.୩.୨ପ୍ରଜାତି ପାଇଁ ଉର୍ଦ୍ଦିଷ୍ଟ, ସେଗୁଡ଼ିକୁ ଆମେ ବିଏ.୩.୨ କିମ୍ବା ସିକାଡ଼ା ବିରୁଦ୍ଧରେ ମଧ୍ୟ ପ୍ରୟୋଗ କରିପାରିବା।"

ଶେଷରେ ଆସିବା କୋଭିଡ୍ ଟେଷ୍ଟ ବା ପରୀକ୍ଷଣକୁ। ବିଶେଷଜ୍ଞମାନେ କହିଛନ୍ତି କି, କୋଭିଡ୍ ପରୀକ୍ଷଣରେ ଭାଇରସ୍‌ର ଯେଉଁ ଅଂଶକୁ ପରୀକ୍ଷା କରାଯାଇଥାଏ, ତାହାର ମ୍ୟୁଟେସନ୍‌ରେ ବଦଳିବାର ସମ୍ଭାବନା ଅତ୍ୟନ୍ତ କମ୍। ତେଣୁ ଚିରାଚରିତ ପରୀକ୍ଷଣ ସିକାଡାରେ ମଧ୍ୟ କରାଯାଇପାରିବ। ତେବେ ଆଗାମୀ ଦିନରେ ସିକାଡା କୁ ନେଇ ବ୍ୟାପକ ଗବେଷଣାର ଆବଶ୍ୟକତା ରହିଛି।


ଓଡ଼ିଶା ସ୍ୱାସ୍ଥ୍ୟ ସେବା
ଭୁବନେଶ୍ୱର, ମୋବାଇଲ୍:୮୧୪୪୦୪୨୯୯୭

# ଇରାନ-ଆମେରିକା ଯୁଦ୍ଧବିରତି ଅବଧି ବଢ଼ିଲା

### ହର୍ମୁଜ ଅବରୋଧ ଜାରି ରହିବ

### ଆକାଶ ମାର୍ଗରେ ନୁହେଁ, ସମୁଦ୍ରରେ ଆମେରିକା ଇରାନକୁ ଘେରିବ

### ଯୁଦ୍ଧ ସରିନାହିଁ, କେବଳ ଶାନ୍ତି ପାଇଁ ସୁଯୋଗ ଦେଇଛି:ଟ୍ରମ୍ପ



ୱାଶିଂଟନ୍, ୨୨।୪: ପାକିସ୍ତାନରେ ଦ୍ୱିତୀୟ ପର୍ଯ୍ୟାୟ ଶାନ୍ତି ଆଲୋଚନା ଅନିଶ୍ଚିତତା ଘେରରେ ଥିବା ବେଳେ ଇରାନ ଉପରେ ଆମେରିକା ଜାରି କରିଥିବା ଯୁଦ୍ଧ ବିରତି ବୁଧବାର ଶେଷ ହୋଇଛି। ଯୁଦ୍ଧ ବିରତି ଅବଧି ସରିଯିବା ପରେ ହୁଏତ ପୁଣିଥରେ ମଧ୍ୟପ୍ରାଚ୍ୟ ଅଶାନ୍ତ ହୋଇପାରେ ବୋଲି ଆଶଙ୍କା କରାଯାଉଥିଲା। ମାତ୍ର ଆଜି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇ ସମସ୍ତଙ୍କୁ ଆଶ୍ୱସ୍ତ କରିଛନ୍ତି। ସେ ଇରାନ ସହିତ ଯୁଦ୍ଧବିରତିର ଅବଧି ବୃଦ୍ଧି କରିବାକୁ ଘୋଷଣା କରିଛନ୍ତି। ଟ୍ରମ୍ପ୍ କହିଛନ୍ତି, ଇରାନ ଆମେରିକା ନିକଟରେ ସମ୍ପୂର୍ଣ୍ଣ ପ୍ରସ୍ତାବ ଉପସ୍ଥାପନ ନ କରିବା ପର୍ଯ୍ୟନ୍ତ ଏବଂ ଦୁଇ ପକ୍ଷ ମଧ୍ୟରେ ଆଲୋଚନା ସମ୍ପୂର୍ଣ୍ଣ ନହେବା ଯାଏ ଏହି ଯୁଦ୍ଧବିରତି ବଳବତ୍ତର ରହିବ। ପାକିସ୍ତାନର ପ୍ରଧାନମନ୍ତ୍ରୀ ଶେହବାଜ ସରିଫ୍ ଏବଂ ପାକ୍ ସେନାମୁଖ୍ୟ ଅସୀମ ମୁନୀରଙ୍କ ଅନୁରୋଧ ରକ୍ଷାକରି ଯୁଦ୍ଧବିରତିର ଅବଧିକୁ ବୃଦ୍ଧି କରାଯାଇଛି। ଆମେରିକା ରାଷ୍ଟ୍ରପତି ତାଙ୍କ ଅଫିସିଆଲ ସୋସିଆଲ ମିଡ଼ିଆ ପ୍ଲାଟଫର୍ମ ଟ୍ରୁଥ ସୋସିଆଲରେ ଲେଖିଛନ୍ତି ଯେ, ଯୁଦ୍ଧ ସରିନାହିଁ। କେବଳ ଆଉଥରେ ଶାନ୍ତିକୁ ସୁଯୋଗ ଦିଆଯାଇଛି। ତେବେ ଇରାନ୍ ଏକଥା ଜାଣି ରଖିବା ଉଚିତ ଯେ, ମୋ ଧୈର୍ଯ୍ୟର ବି ଗୋଟେ ସୀମା ରହିଛି। ବର୍ତ୍ତମାନ ଇରାନର ଆନ୍ତରୀଣ ଅବସ୍ଥା ଭଲ ନାହିଁ। ସେଠାକାର ଅଧିକାରୀମାନଙ୍କ ମଧ୍ୟରେ କୌଣସି ତାଳମେଳ ରହୁନାହିଁ। ସେଥିଲାଗି ଆମେରିକା ଯୁଦ୍ଧବିରତିର ସୀମା ବୃଦ୍ଧିକରି ସେମାନଙ୍କୁ ଗୋଟାଏ ଚୂଡ଼ାନ୍ତ ନିଷ୍ପତ୍ତି ନେବା ଲାଗି ସୁଯୋଗ ଦେଇଛି। ତେଣୁ ପୂର୍ବପରି ବର୍ତ୍ତମାନ ଆକାଶ ମାର୍ଗରେ ଇରାନ ଉପରେ କୌଣସି ଆକ୍ରମଣ କରାଯିବ ନାହିଁ ବୋଲି ଟ୍ରମ୍ପ ଘୋଷଣା କରିଛନ୍ତି। ଏଥିସହିତ ସେ କହିଛନ୍ତି ଯେ, ଓମାନ ଉପସାଗରରେ ଇରାନର ବନ୍ଦରଗୁଡ଼ିକ ଉପରୁ କୌଣସି କଟକଣା ପ୍ରତ୍ୟାହାର କରାଯିବ ନାହିଁ। ସେହିଭଳି, ହର୍ମୁଜ ପ୍ରଣାଳୀରେ ଇରାନକୁ ଅବରୋଧ ଜାରି ରହିବା ସହିତ ସମୁଦ୍ରମାର୍ଗରେ ଆମେରିକାର ସେନା ଇରାନକୁ ଘେରିବେ। ଅପରପକ୍ଷରେ, ଯୁଦ୍ଧବିରତି ବୃଦ୍ଧି କରିବାର ନିଷ୍ପତ୍ତି ପାଇଁ ପାକିସ୍ତାନ ପକ୍ଷରୁ ଟ୍ରମ୍ପଙ୍କୁ ଧନ୍ୟବାଦ ଜଣାଯାଇଛି। ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ସରିଫ୍ ତାଙ୍କ ସୋସିଆଲ ମିଡ଼ିଆ ପ୍ଲାଟଫର୍ମ 'ଏକ୍ସ'ରେ ଲେଖିଛନ୍ତି, ଯୁଦ୍ଧବିରତିର ଅବଧି ବଢ଼ାଇବା ପାଇଁ ପାକିସ୍ତାନ ଦେଇଥିବା ପ୍ରସ୍ତାବକୁ ଆମେରିକା ଗ୍ରହଣ କରିଥିବାରୁ ମୋ ପକ୍ଷରୁ ଏବଂ ଫିଲ୍ଡ ମାର୍ଶାଲ ଅସୀମ ମୁନିରଙ୍କ ତରଫରୁ ମୁଁ ରାଷ୍ଟ୍ରପତି ଟ୍ରମ୍ପଙ୍କୁ ଧନ୍ୟବାଦ ଜଣାଉଛି। ଏହା ମଧ୍ୟପ୍ରାଚ୍ୟରେ ଶାନ୍ତି ପାଇଁ ଚାଲିଥିବା କୂଟନୈତିକ ପ୍ରୟାସକୁ ଏକ ସୁଯୋଗ ଦେଇଛି। ଉଭୟ ପକ୍ଷ ଯୁଦ୍ଧବିରତି ପାଳନ କରିବା ସହିତ ଆଗାମୀ ଦିନରେ ଇସଲାମାବାଦରେ ହେବାକୁ ଥିବା ଦ୍ୱିତୀୟ ପର୍ଯ୍ୟାୟ ଶାନ୍ତି ଆଲୋଚନା ଏକ ନିର୍ଣ୍ଣାୟକ ମୋଡ଼ ନେବ ବୋଲି ପାକିସ୍ତାନ ଆଶା ପ୍ରକାଶ କରିଛି।

## ଯୁଦ୍ଧବିରତି ଆମେରିକାର ଏକ ଚାଲ:ଇରାନ



ତେହେରାନ୍,୨୨।୪: ଇରାନ ସହିତ ଯୁଦ୍ଧ ବିରତିର ଅବଧିକୁ ବୁଧବାର ଟ୍ରମ୍ପ ବୃଦ୍ଧି କରିଥିବା ବେଳେ ଏହାକୁ ନେଇ ଇରାନ୍ ତା'ର ଅସନ୍ତୋଷ ବ୍ୟକ୍ତ କରିଛି। ଇରାନର ସଂସଦର ବାଚସ୍ପତି ମହମ୍ମଦ ବାଘେର ଗାଲିବାଫଙ୍କ ଜଣେ ପରାମର୍ଶଦାତା କହିଛନ୍ତି ଯେ, ଡୋନାଲ୍ଡ ଟ୍ରମ୍ପଙ୍କ ଯୁଦ୍ଧବିରତି ବୃଦ୍ଧି ଘୋଷଣାକୁ ଇରାନ୍ ଖାରଜ କରିଛି। ଇରାନ ଉପରେ 'ଆଶ୍ଚର୍ଯ୍ୟଜନକ ଆକ୍ରମଣ' ପାଇଁ ପ୍ରସ୍ତୁତ ହେବାଲାଗି ଆମେରିକାର ଏହା ଏକ ଚାଲ୍ ବୋଲି ଇରାନର ଏହି ଅଧିକାରୀଜଣକ ବର୍ଣ୍ଣନା କରିଛନ୍ତି। ଇରାନର ଆଧିକାରୀକ ସୂତ୍ରକୁ ଉଦ୍ଧାର କରି ରଏଟର୍ସ ଖବର ସରବରାହ ସଂସ୍ଥା କହିଛି, ଇରାନ ଏହି ପଦକ୍ଷେପକୁ ଏକ ଉତ୍ତେଜନାମୂଳକ ପଦକ୍ଷେପ ଭାବରେ ଦେଖୁଛି। ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନ ସହିତ ଚାଲିଥିବା ଯୁଦ୍ଧବିରତି ବୃଦ୍ଧି ଘୋଷଣା କରିଛନ୍ତି। ମାତ୍ ସେ ଇରାନ ବନ୍ଦରଗୁଡ଼ିକରେ ନୌସେନା ଅବରୋଧ ଜାରି ରଖିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ଟ୍ରମ୍ପଙ୍କର ଏହି ଘୋଷଣା କିମ୍ବା ଚେତାବନୀ ଇରାନ ଉପରେ କୌଣସି ପ୍ରଭାବ ପକାଇବ ନାହିଁ। ହର୍ମୁଜ ପ୍ରଣାଳୀରେ ଆମେରିକା ଅବରୋଧର ସାମରିକ ଜବାବ ଦେବାକୁ ଇରାନ ପ୍ରସ୍ତୁତ ଅଛି।

## ହର୍ମୁଜ ଖୋଲିବାକୁ ଏକାଠି ହେଲେ ୩୦ ଦେଶ



ଲଣ୍ଡନ,୨୨।୪: ବିଶ୍ୱ ତୈଳ ଅର୍ଥନୀତିର ନାଭିକେନ୍ଦ୍ର କୁହାଯାଉଥିବା ହର୍ମୁଜ ସାମୁଦ୍ରିକ ପଥକୁ ନେଇ ଆମେରିକା ଓ ଇରାନ ମଧ୍ୟରେ ଉତ୍ତେଜନା ଲାଗିରହିଛି। ଓମାନ ଉପସାଗରରେ ଇରାନର ବନ୍ଦରଗୁଡ଼ିକ ଉପରେ ଆମେରିକାର ନୌସେନାର ଅବରୋଧ ଯୋଗୁ ଇରାନ ହର୍ମୁଜ ପ୍ରଣାଳୀକୁ ବନ୍ଦ ରଖିଛି। ଏହାର ପ୍ରଭାବ ସମଗ୍ର ବିଶ୍ୱବାସୀଙ୍କୁ ଭୋଗିବାକୁ ପଡୁଛି। ହର୍ମୁଜକୁ କିପରି ଅବରୋଧ ମୁକ୍ତ କରାଯିବ ତଥା ଏହି ସଂକୀର୍ଣ୍ଣ ସାମୁଦ୍ରିକ ପଥରେ କିପରି ଜାହାଜ ଚଳାଚଳକୁ ସ୍ୱାଭାବିକ କରାଯିବ ଏ ବିଷୟରେ ବିଚାରବିମର୍ଶ କରିବା ଲାଗି ବୁଧବାରଠାରୁ ସାମରିକ ଯୋଜନାକାରୀଙ୍କର ଏକ ଦୁଇଦିନିଆ ବୈଠକ ଆରମ୍ଭ ହୋଇଛି। ବ୍ରିଟେନ ପ୍ରତିରକ୍ଷା ମନ୍ତ୍ରଣାଳୟ ନେତୃତ୍ୱରେ ଆୟୋଜିତ ଏହି ବୈଠକରେ ୩୦ରୁ ଅଧିକ ଦେଶର ସାମରିକ ଯୋଜନାକାରୀମାନେ ଯୋଗ ଦେଇଛନ୍ତି। ହରମୁଜ ପ୍ରଣାଳୀକୁ ପୁନଃ ଖୋଲିବା ଏବଂ ଏ ବାବଦରେ ଏକ ବିସ୍ତୃତ ଯୋଜନା ପ୍ରସ୍ତୁତ କରିବା ସହିତ ମିଶନକୁ ଆଗକୁ ବଢ଼ାଇବା ଏହି ବୈଠକର ଉଦ୍ଦେଶ୍ୟ ବୋଲି ବ୍ରିଟିଶ ପ୍ରତିରକ୍ଷା ମନ୍ତ୍ରୀ ଜନ୍ ହିଲି କହିଛନ୍ତି। ସୂଚନାଯୋଗ୍ୟ, ଗତ ସପ୍ତାହରେ ୟୁରୋପ, ଏସିଆ ଏବଂ ମଧ୍ୟପ୍ରାଚ୍ୟର ପ୍ରାୟ ୫୦ଟି ଦେଶ ଏକ ଭର୍ଚୁଆଲ ବୈଠକରେ ଅଂଶଗ୍ରହଣ କରିବା ପରେ ଏହି ଯୋଜନାକୁ ରୂପ ଦିଆଯାଇଥିଲା। ଅଂଶଗ୍ରହଣକାରୀ ୩୦ଟି ଦେଶର ନାମ ସାର୍ବଜନୀନ କରାଯାଇନାହିଁ। ତଥାପି ସମ୍ଭାବ୍ୟ ତାଲିକାରେ ବ୍ରିଟେନ, ଫ୍ରାନ୍ସ, ଜର୍ମାନୀ, ଇଟାଲି, ନେଦରଲ୍ୟାଣ୍ଡ, ସ୍ୱିଡେନ, ନରୱେ ପ୍ରମୁଖ ରହିଛନ୍ତି।

## ୮ ମହିଳାଙ୍କ ମୁକ୍ତି ପାଇଁ ଇରାନକୁ ଟ୍ରମ୍ପଙ୍କ ଅପିଲ



ୱାଶିଂଟନ,୨୨।୪: ଫାଶୀ ପାଇବାକୁ ଥିବା ୮ ଜଣ ଇରାନୀ ମହିଳା ସାମାଜିକ କର୍ମୀଙ୍କୁ ମୁକ୍ତ କରିବାକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନକୁ ଅନୁରୋଧ କରିଛନ୍ତି। ଟ୍ରୁଥ ସୋସିଆଲରେ ଟ୍ରମ୍ପ ଲେଖିଛନ୍ତି ଯେ, ଦୁଇଦେଶ ମଧ୍ୟରେ ଆଲୋଚନା ଜାରି ରହିଥିବା ବେଳେ ସେହି ମହିଳାମାନଙ୍କୁ ମୁକ୍ତ କଲେ ପରସ୍ପର ଉପରେ ଆସ୍ଥା ଓ ବିଶ୍ୱାସ ଦୃଢ଼ ହେବ। ଉଭୟ ଦେଶର ପ୍ରତିନିଧି ଆଲୋଚନାକୁ ଆସୁଛନ୍ତି । ସେମାନେ ଭେଟିବା ପୂର୍ବରୁ ଏହି ମହିଳାମାନଙ୍କୁ ମୁକ୍ତ କରିବା ଦ୍ୱାରା ଆଲୋଚନା ଏକ ସକାରାତ୍ମକ ପଦକ୍ଷେପରୁ ଆରମ୍ଭ ହୋଇପାରିବ। ସେମାନେ ମୁକ୍ତ ହେଲେ ସେ ଅଧିକ ଖୁସି ହେବେ ବୋଲି ଟ୍ରମ୍ପ ଲେଖିଛନ୍ତି। ଏହା ଆଗାମୀ ଦିନରେ ଦୁଇଦେଶ ମଧ୍ୟରେ କୂଟନୈତିକ ଆଲୋଚନାକୁ ଫଳପ୍ରଦ କରାଇବ। ଆମେରିକାର ଇରାନ ପ୍ରତି ରହିଥିବା ମନୋଭାବରେ ପରିବର୍ତ୍ତନ ଆସିବା ସହିତ ଏହି ମହିଳାମାନେ ମଧ୍ୟ ରଣୀ ରହିବେ। ତେଣୁ ଦୟାକରି ସେମାନଙ୍କର କିଛି କ୍ଷତି ନକରି ସେମାନଙ୍କୁ ମୁକ୍ତ କରାଯାଉ ବୋଲି ଟ୍ରମ୍ପ ନିବେଦନ କରିଛନ୍ତି। ଏଥିସହ ସୋସିଆଲ ମିଡିଆ କାର୍ଯ୍ୟକର୍ତ୍ତା ଏୟାଲ ୟାକୋବିଙ୍କ ପକ୍ଷରୁ ଜାରି କରାଯାଇଥିବା ସମ୍ପୃକ୍ତ ୮ ମହିଳାଙ୍କର ଫଟୋ ମଧ୍ୟ ଟ୍ରମ୍ପ ନିଜ ସୋସିଆଲ ମିଡିଆରେ ସେୟାର କରିଛନ୍ତି। ୟାକୋବି ଲେଖିଥିଲେ ଯେ ଏହି ମହିଳାମାନଙ୍କୁ ଇରାନରେ ଖୁବଶୀଘ୍ର ଫାଶୀ ଦିଆଯିବ। ସୂଚନାଯୋଗ୍ୟ, ଇରାନରେ ଦୀର୍ଘ ଦିନ ଧରି ମାନବାଧିକାର, ବିଶେଷକରି ମହିଳା ଅଧିକାରକୁ ନେଇ ପ୍ରତିବାଦ ଚାଲିଆସୁଛି। ଏହି ଆଠ ଜଣ ମହିଳା ବିଭିନ୍ନ ଅଭିଯୋଗରେ ଇରାନରେ ଜେଲରେ ଅଛନ୍ତି।

## ହ୍ୱାଇଟ୍ ହାଉସରେ ପରମାଣୁ କୋଡ଼ ମାଗିଲେ ଟ୍ରମ୍ପ

ୱାଶିଂଟନ, ୨୨।୪: ଇରାନ ଓ ଆମେରିକା ମଧ୍ୟରେ ଉତ୍ତେଜନା ଦିନକୁଦିନ ବୃଦ୍ଧି ପାଉଥିବା ବେଳେ ଏହା କୌଣସି ନିର୍ଣ୍ଣାୟକ ସ୍ଥିତିରେ ପହଞ୍ଚିପାରୁନାହିଁ। ଏଭଳି ପରିସ୍ଥିତିରେ ଟ୍ରମ୍ପ୍ ବେଳକୁବେଳ 'ନ୍ୟୁକ୍ଲିୟର ୱାର' ପ୍ରତି ଆଗ୍ରହୀ ହୋଇଉଠୁଥିବା ଜାଣିବାକୁ ମିଳିଛି। ଅବଶ୍ୟ ଏ ବିଷୟରେ ଖୋଲାଖୋଲି କୌଣସି ତଥ୍ୟ ପ୍ରକାଶ ପାଇନାହିଁ। ସିଆଇଏର ପୂର୍ବତନ ବିଶ୍ଳେଷଣକାରୀ ଲାରି ଜନସନଙ୍କ ଏକ ପୋଡକାଷ୍ଟରୁ ଏଭଳି ଏକ ଅନୁମାନ କରାଯାଇଛି। ପୋଡକାଷ୍ଟରେ ଲାରି କହିଥିଲେ ଯେ, ଏପ୍ରିଲ ୧୮ ତାରିଖରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏକ ଜରୁରୀକାଳୀନ ହ୍ୱାଇଟ୍ ହାଉସ୍ ବୈଠକରେ ଇରାନ ବିରୁଦ୍ଧରେ ପରମାଣୁ କୋଡ୍ ବ୍ୟବହାର କରିବାକୁ ଚାହୁଁଥିଲେ। କିନ୍ତୁ ଜଏଣ୍ଟ ଚିଫ୍ସ ଅଫ୍ ଷ୍ଟାଫ୍ର ଅଧ୍ୟକ୍ଷ ଜେନେରାଲ ଡାନ୍ କେନ୍ ତାଙ୍କୁ ଦୃଢ଼ ବିରୋଧ କରିଥିଲେ। ଏହାକୁ ନେଇ ଟ୍ରମ୍ପ୍ ଓ ଡାନ୍ କେନଙ୍କ ମଧ୍ୟରେ ବିବାଦ ଚରମ ସୀମାକୁ ଛୁଇଁଥିଲା। ଲାରି ତାଙ୍କ ପୋଡ଼କାଷ୍ଟରେ ଏହି ଆଲୋଚନାକୁ 'ସାଂଘାତିକ' ବୋଲି ବର୍ଣ୍ଣନା କରିଛନ୍ତି। ଏହା ଆମେରିକା ରାଷ୍ଟ୍ରପତିଙ୍କ ଅନିଶ୍ଚିତ ମାନସିକ ଆଚରଣ ଆଡ଼କୁ ଆଙ୍ଗୁଳି ଉଠାଉଛି ବୋଲି କହିବା ସହିତ ମାର୍କିନ୍ ଆଇନ ବିଶେଷଜ୍ଞମାନେ ଟମ୍ପଙ୍କ ମାନସିକ ଅବସ୍ଥା ବିଷୟରେ ସନ୍ଦେହ କରିବା ଆରମ୍ଭ କରିଛନ୍ତିୟ ବୋଲି ଲାରି ପ୍ରକାଶ କରିଛନ୍ତି। ୱାଲ ଷ୍ଟ୍ରିଟ ଜର୍ଣ୍ଣାଲ ମଧ୍ୟ ଲାରିଙ୍କ ଦାବିକୁ ସମର୍ଥନ କରିଛି। ୧୮ ତାରିଖ ବୈଠକ ସମୟରେ ଟ୍ରମ୍ପ୍ ଖୁବ୍ ବିଚଳିତ ଓ ଖୁବ୍ ଉତ୍ତେଜିତ ହୋଇଉଠିଥିଲେ ଏବଂ ଟ୍ରମ୍ପଙ୍କୁ ହ୍ୱାଇଟ ହାଉସରୁ ବାହାରକୁ ନିଆଯାଇଥିବା ୱାଲ ଷ୍ଟ୍ରିଟ୍ କହିଛି।




## ଶାନ୍ତିଦୂତ ସାଜିବ ଭାରତ !



ନୂଆଦିଲ୍ଲୀ, ୨୨।୪:ଇରାନ ଏବଂ ଆମେରିକା ବିବାଦର ସମାଧାନ ପାଇଁ ଭାରତ ଭବିଷ୍ୟତରେ ମଧ୍ୟସ୍ଥତା କରିପାରେ ବୋଲି ଭାରତର ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ କହିଛନ୍ତି। ଜର୍ମାନୀ ଗସ୍ତ ସମୟରେ ପଶ୍ଚିମ ଏସୀୟ ସଙ୍କଟ ମଧ୍ୟରେ ଭାରତ ଶାନ୍ତିଦୂତର ଭୂମିକା ଗ୍ରହଣ କରିପାରିବ କି ବୋଲି ଏକ ପ୍ରଶ୍ନର ଉତ୍ତର ଦେଇ ରାଜନାଥ ସିଂ ଏହା କହିଛନ୍ତି। ରାଜନାଥ କହିଛନ୍ତି ଯେ, ଭାରତ ପ୍ରକୃତରେ ନିଜ ପକ୍ଷରୁ ପ୍ରୟାସ କରିଛି। କିନ୍ତୁ ଯେତେବେଳେ ଏକ ସଙ୍କଟ ଚାଲୁଥାଏ, ସେତେବେଳେ କିଛି ଅସୁବିଧା ଅନିବାର୍ଯ୍ୟ ଭାବରେ ଉପୁଜିଥାଏ। ସବୁକିଛି ପାଇଁ ଏକ ସଠିକ୍ ସମୟ ଅଛି। ଏମିତି ବି ହେଇପାରେ ଯେତେବେଳେ ଆଗାମୀଦିନରେ ଭାରତ ଏହି ମାମଲାରେ ନିଜର ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ। ପ୍ରତିରକ୍ଷା ମନ୍ତ୍ରୀ ଆହୁରି କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଭୟ ପକ୍ଷଙ୍କ ସହିତ ବିଶେଷକରି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ଇରାନ ରାଷ୍ଟ୍ରପତି ମାସୁଦ ପେଜେଶକିୟାନଙ୍କ ସହିତ ଫୋନ୍ ମାଧ୍ୟମରେ କଥା ହୋଇଛନ୍ତି ଏବଂ ସେମାନଙ୍କୁ ବିବାଦ ସମାପ୍ତ କରିବାକୁ ନିବେଦନ କରିଛନ୍ତି। କୂଟନୈତିକ ମାମଲାରେ ଆମ ପ୍ରଧାନମନ୍ତ୍ରୀଙ୍କ ଆଭିମୁଖ୍ୟ ଅତ୍ୟନ୍ତ ସନ୍ତୁଳିତ ବୋଲି ରାଜନାଥ କହିଛନ୍ତି। ସୂଚନାଯୋଗ୍ୟ, ରାଜନାଥ ସିଂ ଏବେ ଏକ ତିନିଦିନିଆ ଜର୍ମାନ ଗସ୍ତରେ ଯାଇ ବର୍ଲିନରେ ପହଞ୍ଚିଛନ୍ତି।

## ଗଣତନ୍ତ୍ରକୁ ବିପଦରେ ପକାଇଛନ୍ତି ମମତା



କୋଲକାତା, ୨୨।୪ :ପଶ୍ଚିମବଙ୍ଗ ଗୁରୁବାର ଆରମ୍ଭ ହେବାକୁ ଯାଉଥିବା ବେଳେ ବୁଧବାର ସୁପ୍ରିମକୋର୍ଟ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ କଡ଼ାଭାଷାରେ ଭର୍ତ୍ସନା କରିଛନ୍ତି। ମମତା ବାନାର୍ଜୀ ଗଣତନ୍ତ୍ରକୁ ବିପଦରେ ପକାଇଛନ୍ତି ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଇଡି ରେଡ୍ ବେଳେ ବାଧା ସୃଷ୍ଟି କରିବା ମାମଲାକୁ ନେଇ ସର୍ବୋଚ୍ଚ ନ୍ୟାୟାଳୟ ଏଭଳି କହିଛନ୍ତି। ସୁପ୍ରିମକୋର୍ଟ କହିଛନ୍ତି ଯେ, ଏହା ରାଜ୍ୟ ଏବଂ କେନ୍ଦ୍ର ମଧ୍ୟରେ ବିବାଦ ନୁହେଁ, ବରଂ ଏକ ମାମଲା ଯେଉଁଠାରେ ଜଣେ ବ୍ୟକ୍ତି ମୁଖ୍ୟମନ୍ତ୍ରୀ ତଦନ୍ତ ପ୍ରକ୍ରିୟାରେ ହସ୍ତକ୍ଷେପ କରି ଗଣତନ୍ତ୍ରକୁ ବିପଦରେ ପକାଉଛନ୍ତି। ସୁପ୍ରିମକୋର୍ଟ ଆହୁରି କହିଛନ୍ତି ଯେ, ଜଣେ ମୁଖ୍ୟମନ୍ତ୍ରୀ ଏପରି ଭାବରେ ତଦନ୍ତରେ ହସ୍ତକ୍ଷେପ କରିବେ ଏବଂ ଏହି ଦେଶରେ ଏପରି ଗୋଟେ ଦିନ ଆସିବ ବୋଲି କେବେ କଳ୍ପନା କରାଯାଇ ନଥିଲା। ମୁଖ୍ୟମନ୍ତ୍ରୀ ସମଗ୍ର ବ୍ୟବସ୍ଥାକୁ ବିପଦରେ ପକାଇଛନ୍ତି ବୋଲି କୋର୍ଟ କଠୋର ଦୃଢ଼ ଭାବରେ ମତ ରଖିଛନ୍ତି।

## ବାରମେରରେ ସ୍କୁଲ ବସ୍ ଦୁର୍ଘଟଣା: ୧୦ ଆହତ

ରାଜସ୍ଥାନ, ୨୨।୨:ରାଜସ୍ଥାନର ବାରମେର ଜିଲ୍ଲା ବାୟତୁ ଅଞ୍ଚଳରେ ବୁଧବାର ଏକ ଦ୍ରୁତଗାମୀ ଟ୍ରକ୍ ଗୋଟିଏ ସ୍କୁଲବସକୁ ଧକ୍କା ଦେବା ଫଳରେ ୧୦ଜଣ ଛାତ୍ରଛାତ୍ରୀ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୫ଜଣଙ୍କ ଅବସ୍ଥା ସଂକଟାପନ୍ନ ରହିଛି। ସ୍କୁଲ ବସଟି ୩୬ ଜଣ ଛାତ୍ରଛାତ୍ରୀଙ୍କୁ ନେଇ ଯାଉଥିଲା। ସୂଚନା ଅନୁଯାୟୀ, ସରସ୍ୱତୀ ବିଦ୍ୟା ମନ୍ଦିରର ଏକ ସ୍କୁଲ ବସ୍ ଆଜି ସକାଳେ ପିଲାମାନଙ୍କୁ ନେଇ ସ୍କୁଲ ଯାଉଥିଲା। ପଛରୁ ଏକ ଦ୍ରୁତଗାମୀ ଟ୍ରକ୍ ଆସି ବସଟିକୁ ଧକ୍କା ଦେବାରୁ ଚାଳକ ନିଜର ସନ୍ତୁଳନ ହରାଇଥିଲେ ଏବଂ ବସଟି ରାସ୍ତା ତଳକୁ ଓଲଟି ପଡ଼ିଥିଲା। ସ୍ଥାନୀୟ ଗ୍ରାମବାସୀ ଏବଂ ଆଖପାଖ କ୍ଷେତରେ କାମ କରୁଥିବା ଲୋକମାନେ ତୁରନ୍ତ ଘଟଣାସ୍ଥଳକୁ ଆସି ବସର ଝରକା, କବାଟ ତାଡ଼ି ପିଲାମାନଙ୍କୁ ବାହାର କରିଥିଲେ ଓ ଆହତ ଛାତ୍ରଛାତ୍ରୀମାନଙ୍କୁ ନିକଟସ୍ଥ ଡାକ୍ତରଖାନାକୁ ନେଇଥିଲେ। ଚିକିତ୍ସା ଅଧିକାରୀଙ୍କ ସୂଚନା ଅନୁଯାୟୀ, ଏହି ଦୁର୍ଘଟଣାରେ ଆହତ ୧୦ ଜଣଙ୍କ ମଧ୍ୟରୁ ୫ ଜଣ ଶିଶୁଙ୍କୁ ଗଭୀର ଆଘାତ ଲାଗିଛି। ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ଉନ୍ନତ ଚିକିତ୍ସା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

### 'ଗେଟ୍ ଆଉଟ୍ ହିୟର'

## ରାଜନୈତିକ ରାଲି, ରାସ୍ତା ଅବରୋଧକୁ ମହିଳାଙ୍କ ଦୃଢ଼ ବିରୋଧ

**ଭାଇରାଲ ଭିଡ଼ିଓରେ ମହିଳାଙ୍କୁ ପ୍ରଶଂସା**



ମୁମ୍ବାଇ,୨୨।୪:'ଗେଟ୍ ଆଉଟ୍ ହିୟର, ତୁମେ ଟ୍ରାଫିକ ଜାମ୍ କରୁଛ।' ମଝି ରାସ୍ତାରେ ମନ୍ତ୍ରୀଙ୍କୁ ଏମିତି କହି ଝାଡ଼ିଛନ୍ତି ଜଣେ ମହିଳା। ବୁଧବାର ମୁମ୍ବାଇର ଓର୍ଲି ଅଞ୍ଚଳରେ ଶାସକ ଭାରତୀୟ ଜନତା ପାର୍ଟିର ଏକ ପ୍ରତିବାଦ ଶୋଭାଯାତ୍ରା ଯୋଗୁଁ ଭୟଙ୍କର ଟ୍ରାଫିକ ଜାମ୍ ସୃଷ୍ଟି ହୋଇଥିବା ବେଳେ ଜଣେ ସାଧାରଣ ମହିଳାଙ୍କ ଆକ୍ରୋଶର ଶିକାର ହୋଇଛନ୍ତି ମହାରାଷ୍ଟ୍ରର ଜଳସମ୍ପଦ ମନ୍ତ୍ରୀ ଗିରିଶ ମହାଜନ। ସୋସିଆଲ ମିଡିଆରେ ଉକ୍ତ ଘଟଣାର ଭିଡିଓ ଘୂରିବୁଲିବା ସହିତ ମହିଳାଙ୍କୁ ପ୍ରଶଂସା କରାଯାଉଛି।

ସୂଚନାଯୋଗ୍ୟ, ମହିଳା ଜଣକ ନିଜ ପିଲାକୁ ସ୍କୁଲରୁ ଆଣିବାକୁ ଯାଉଥିବା ବେଳେ ରାସ୍ତାରେ ଫସି ରହି ଧୈର୍ଯ୍ୟହରା ହୋଇ ଗାଡ଼ିରୁ ଓହ୍ଲାଇଥିଲେ ଏବଂ ସିଧାସଳଖ ମନ୍ତ୍ରୀ ଓ ପୋଲିସ କର୍ତ୍ତୃପକ୍ଷଙ୍କୁ ସମାଲୋଚନା କରିଥିଲେ। ମହିଳା ଜଣକ "ଏଠାରୁ ତୁରନ୍ତ ବାହାରିଯାଅ" ବୋଲି କହିବା ସହ ରାଜନୈତିକ କାର୍ଯ୍ୟକ୍ରମ ପାଇଁ ସାଧାରଣ ଜନତାଙ୍କୁ ହଇରାଣ କରିବା ଘଟଣାକୁ ନେଇ ଗମ୍ଭୀର ପ୍ରଶ୍ନ ଉଠାଇଛନ୍ତି। ମହିଳାଙ୍କ ଅଭିଯୋଗ ଅନୁଯାୟୀ, ଓର୍ଲିର ଜାମ୍ବୋରୀ ମଇଦାନ ପରି ଅତ୍ୟନ୍ତ ଜନଗହଳିପୂର୍ଣ୍ଣ ଅଞ୍ଚଳରେ ରାଲି ଆୟୋଜନ କରିବା ଯୋଗୁଁ ହଜାର ହଜାର ଲୋକ ଟ୍ରାଫିକରେ ଫସି ରହିଥିଲେ। ମନ୍ତ୍ରୀଙ୍କୁ ପାଖରେ ଥିବା ଏକ ଖାଲି ପଡ଼ିଆକୁ ଦେଖାଇ ପ୍ରଶ୍ନ କରିଥିଲେ ଯେ, "ପାଖରେ ଏତେ ବଡ଼ ପଡ଼ିଆ ଥାଉ ଥାଉ ରାସ୍ତା କାହିଁକି ବନ୍ଦ କରାଯାଇଛି ?" ମହିଳା ଜଣକ ମନ୍ତ୍ରୀଙ୍କ ସହ ଯୁକ୍ତିତର୍କ କରିବା ସହିତ ହସ୍ତକ୍ଷେପ କରୁଥିବା ପୁଲିସ ଅଧିକାରୀଙ୍କ ଉପରେ ମଧ୍ୟ ବର୍ଷିଥିଲେ ଏବଂ ବରିଷ୍ଠ ଅଧିକାରୀଙ୍କୁ ଡାକିବାକୁ ଜିଦ୍ ଧରିଥିଲେ। ଏହା ପରେ ପୁଲିସ ମହିଳାଙ୍କୁ ରାସ୍ତା କଡ଼କୁ ନେଇ ବୁଝାସୁଝା କରିଥିଲା। ସୂଚନାଯୋଗ୍ୟ ଯେ, ମହିଳା ସଂରକ୍ଷଣ ବିଲ୍ ପାସ୍ ନହେବା ପ୍ରତିବାଦରେ ବିଜେପି ପକ୍ଷରୁ ଏହି ''ମହାଯୁତି'' ରାଲିର ଆୟୋଜନ କରାଯାଇଥିଲା, ଯେଉଁଥିରେ ଶତାଧିକ ମହିଳା ସାମିଲ ହୋଇଥିଲେ।

## ୨୬ ଦିନ ବିତିନି ନେପାଳ ଗୃହମନ୍ତ୍ରୀଙ୍କ ଇସ୍ତଫା




କାଠମାଣ୍ଡୁ,୨୨।୪:ନେପାଳରେ ସରକାର ଗଠିତ ହେବାର ମାତ୍ର ୨୬ଦିନ ପରେ ଗୃହମନ୍ତ୍ରୀ ସୁଡାନ ଗୁରୁଂଗ ଇସ୍ତଫା ଦେଇଛନ୍ତି। ଏହାକୁ ବାଲେନ ଶାହ ସରକାରଙ୍କ ପାଇଁ ଏକ ବଡ଼ ଧକ୍କା ବୋଲି କୁହାଯାଉଛି। ଗୁରୁଂଗ ତାଙ୍କ ଇସ୍ତଫା ବିଷୟରେ ଘୋଷଣା କରି ସୋସିଆଲ ମିଡ଼ିଆରେ ଏକ ପୋଷ୍ଟ ସେୟାର କରିଛନ୍ତି। ସେଥିରେ ସେ ଲେଖିଛନ୍ତି, ଜନହିତକର ସ୍ୱାର୍ଥ ପାଇଁ ମୁଁ ପଦ ଛାଡ଼ିବାକୁ ନିଷ୍ପତ୍ତି ନେଇଛି। ତଦନ୍ତ ପରେ ମୁଁ ମୋର ଭବିଷ୍ୟତ ବିଷୟରେ ନିଷ୍ପତ୍ତି ନେବି। ସୁଡାନଙ୍କୁ ବାଲେନ ଶାହଙ୍କ ନିକଟତର ବୋଲି ବିବେଚନା କରାଯାଏ। ୨୦୨୫ରେ କେପି ଓଲି ସରକାରଙ୍କ ବିରୋଧରେ ହୋଇଥିବା ପ୍ରତିବାଦରେ ଗୁରୁଂଗ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ନେପାଳୀ ଖବରକାଗଜ ଇ-କାନ୍ତିପୁର ଅନୁସାରେ, ଗୁରୁଂଗଙ୍କ ନାମ ବିବାଦୀୟ ନେପାଳୀ ବ୍ୟବସାୟୀ ଦୀପକ ଭଟ୍ଟଙ୍କ ସହ ଯୋଡ଼ା ଯାଇଥିଲା। ଭଟ୍ଟଙ୍କ ବିରୁଦ୍ଧରେ ବର୍ତ୍ତମାନ ମନି ଲଣ୍ଡରିଂ ଯାଞ୍ଚ ଚାଲୁଛି। ଫଳରେ ସରକାରରେ ଗୁରୁଂଗଙ୍କ ସମ୍ପୃକ୍ତି ଉପରେ ପ୍ରଶ୍ନ ଉଠିଥିଲା ଏବଂ ଏହି ଘଟଣାକୁ ନେଇ ନେପାଳର ରାଜନୈତିକ ମହଲରେ ହଇଚଇ ସୃଷ୍ଟି କରିଥିଲା। ଦଳ ଭିତରେ ଗୁରୁଂଗଙ୍କ ଉପରେ ଇସ୍ତଫା ଦେବା ନେଇ ଚାପ ବଢୁଥିଲା। ଦୁଇଦିନର ଆଭ୍ୟନ୍ତରୀଣ ଅଶାନ୍ତି ପରେ ଗୁରୁଂଗ ଇସ୍ତଫା ଦେବାକୁ ନିଷ୍ପତ୍ତି ନେଇଛନ୍ତି।

## ପୂର୍ବାଞ୍ଚଳ ଏକ୍ସପ୍ରେସୱେରେ ଭାରତୀୟ ବାୟୁସେନାର ଅଭ୍ୟାସ



ନୂଆଦିଲ୍ଲୀ, ୨୨।୪:ଭାରତୀୟ ବାୟୁସେନା ଉତ୍ତର ପ୍ରଦେଶର ସୁଲତାନପୁରର ପୂର୍ବାଞ୍ଚଳ ଏକ୍ସପ୍ରେସୱେରେ ବୁଧବାର ଯୁଦ୍ଧାଭ୍ୟାସ କରିଛି। ସୁଖୋଇ-୩୦ ଏମକେଆଇ, ଜାଗୁଆର, ମିରାଜ-୨୦୦୦, ତେଜସ ଭଳି ଯୁଦ୍ଧ ବିମାନ ଏବଂ ସି-୨୯୫ ଭଳି କୌଶଳଗତ ବିମାନ ଏୟାର ଶୋରେ ଅବତରଣ କରିଛି। ଭାରତୀୟ ବାୟୁସେନା ପୂର୍ବାଞ୍ଚଳ ଏକ୍ସପ୍ରେସୱେକୁ ଜରୁରୀକାଳୀନ ସ୍ଥିତି ରନେୱେ ରୂପାରେ ବ୍ୟବହାର କରିବାର କ୍ଷମତା ରଖିଛି। ଏହାକୁ ଦେଖି ପ୍ରଶାସନ ଏକ୍ସପ୍ରେସ୍ୱେକୁ ୧୨ କିଲୋମିଟର ପର୍ଯ୍ୟନ୍ତ ସିଲ୍ କରି ଦେଇଛି। ଏହା ସହିତ ଟ୍ରାଫିକ୍କୁ ୧ ମଇ ପର୍ଯ୍ୟନ୍ତ ଡାଇଭର୍ଟ କରାଯାଇଛି। ଏଭଳି ହାଇୱେ ଏୟାରଷ୍ଟ୍ରିପ୍ ଯୁଦ୍ଧ ଭଳି ସ୍ଥିତିରେ ସେନା ପାଇଁ ବ୍ୟାକଅପ୍ ରନୱେର କାମ କରିଥାଏ। ଯଦି ଶତ୍ରୁପକ୍ଷ ଏୟାରବେସ୍ ଉପରେ ଆକ୍ରମଣ କରେ ତେବେ ତାକୁ ବାୟୁସେନା ଏୟାରଷ୍ଟ୍ରିପ୍ ଜରିଆରେ ଜବାବ ଦେଇଥାଏ। ଏଠାରେ ଦେଶର ବାୟୁସେନାରେ ସାମିଲ ପ୍ରାୟ ସବୁ ଫାଇଟର ଜେଟ୍ ଏକ୍ସରସାଇଜ୍ କରିଛନ୍ତି। ସୂଚନାଯୋଗ୍ୟ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୨୧ ନଭେମ୍ବର ୧୬ ତାରିଖରେ ପୂର୍ବାଞ୍ଚଳ ଏକ୍ସପ୍ରେସ୍ ୱେର ଏହି ଏୟାରଷ୍ଟ୍ରିପକୁ ଉଦଘାଟନ କରିଥିଲେ। ପିଏମ୍ ମୋଦି ନିଜେ ଏଠାରେ ସି-୧୩୦ ଜେ ହରକ୍ୟୁଲିସ୍ ବିମାନରେ ଅବତରଣ କରିଥିଲେ।

# ପାକିସ୍ତାନରେ ଲୁଚିଛି ପହଲଗାମ ମାଷ୍ଟରମାଇଣ୍ଡ

### ସାଧାରଣ ଜୀବନ ବଞ୍ଚୁଛି




ନୂଆଦିଲ୍ଲୀ,୨୨।୪: ପହଲଗାମ ଆତଙ୍କୀ ଆକ୍ରମଣକୁ ବର୍ଷେ ପୂରଣ ହେଇଛି। ବର୍ଷକ ପରେ ଏହି ନରସଂହାରର ମାଷ୍ଟରମାଇଣ୍ଡର ପର୍ଦ୍ଦାଫାସ ହୋଇଛି। ଜାତୀୟ ଗଣମାଧ୍ୟମରେ ପ୍ରସାରିତ ରିପୋର୍ଟରେ ପାକିସ୍ତାନରେ ଥିବା ଆତଙ୍କବାଦୀଙ୍କ ବିଷୟରେ ଫଟୋ ଏବଂ ସମ୍ପୂର୍ଣ୍ଣ ସୂଚନା ସାମ୍ନାକୁ ଆସିଛି, ଯିଏ ପହଲଗାମରେ ଆକ୍ରମଣ ଯୋଜନା କରିଥିଲା। ଏହି ମାଷ୍ଟରମାଇଣ୍ଡର ନାମ ସାଜିଦ ଜଟ୍ଟ। ଏକ ସ୍ୱତନ୍ତ୍ର ତଦନ୍ତରୁ ଆତଙ୍କବାଦୀର ପ୍ରଥମ ଫଟୋ ଓ ପାକିସ୍ତାନରେ ଲୁଚି ରହିଥିବାର ପ୍ରମାଣ ପ୍ରକାଶ ପାଇଛି। ଆଇଏସଆଇ ସହାୟତାରେ ସାଜିଦ ଜଟ୍ଟ ସଲିମ ଲଙ୍ଗଡା ନାମରେ ଗୋଟିଏ ସୁରକ୍ଷିତ ଘରେ ଖୁବ ସାଧାରଣ ଜୀବନ ବିତାଉଛି। ସାଜିଦ ପାକିସ୍ତାନରେ ଥାଇ ପହଲଗାମ ଆକ୍ରମଣ ପାଇଁ ସମ୍ପୂର୍ଣ୍ଣ ଯୋଜନା ପ୍ରସ୍ତୁତ କରିଥିଲା। ଏନଆଇଏ ତା'ର ତଦନ୍ତରେ ସାଜିଦ ଓରଫ ସୈଫୁଲ୍ଲାହ ସାଜକୁ ଏହି ନରସଂହାରର ମାଷ୍ଟରମାଇଣ୍ଡ ବୋଲି ଦର୍ଶାଇଛି। ସାଜିଦର ପ୍ରକୃତ ନାମ ହବିବୁଲ୍ଲା ତବସୁମ। ବୈସରନ ଘାଟିରେ ନିରୀହ ଲୋକଙ୍କ ଉପରେ ଗୁଳି ଚଳାଇବା ପରେ ସେ ସେଠାରୁ ଫେରାର ହୋଇଯାଇଥିଲା। ଏନଆଇଏ ସାଜିଦ ସମ୍ପର୍କରେ ସୂଚନା ଦେବାକୁ ୧୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରିଥିଲା। କସୁରରୁ ରାଓ୍ୱଲପିଣ୍ଡି ପର୍ଯ୍ୟନ୍ତ ସେ ନିଜ ଠିକଣା ବଦଳାଇ ଅତି ଗୋପନୀୟ ଭାବରେ ରହୁଥିବା ଜଣାପଡିଛି। ଏସବୁ ପଛରେ ପାକିସ୍ତାର ଗୁଇନ୍ଦା ସଂସ୍ଥା ଆଇଏସଆଇର ସହଯୋଗ ରହିଛି। ସାଜିଦକୁ ଏବେ ଅଜ୍ଞାତ ଆକ୍ରମଣକାରୀଙ୍କ ଭୟ ଘାରିଛି। ଏହି ଆକ୍ରମଣକାରୀମାନେ ଭାରତର ଶତ୍ରୁମାନଙ୍କୁ ପାକିସ୍ତାନରେ ଖୋଜି ଖୋଜି ହତ୍ୟା କରୁଥିବାରୁ ନିଜ ଜୀବନ ପ୍ରତି ବିପଦ ଆଶଙ୍କା କରି ସାଜିଦ ଆଦି ସାଧାରଣ ଜୀବନ ବଞ୍ଚୁଛି।

ସାଜିଦର ଦୁଇଟି ଭିନ୍ନଭିନ୍ନ ପରିଚୟପତ୍ର ସାମ୍ନାକୁ ଆସିଛି, ଯାହା ପାକିସ୍ତାନର ମିଛକୁ ପର୍ଦ୍ଦାଫାସ କରିଛି। ପ୍ରଥମଟି ୨୦୧୫ ମସିହା ଏପ୍ରିଲ ୨୬ରେ ଜାରି କରାଯାଇଥିଲା। ଏଥିରେ ତାର ଠିକଣା କସୁର ଜିଲ୍ଲା ଓ ଜନ୍ମ ତାରିଖ ୧୯୬୭ ମାର୍ଚ୍ଚ ୨୩ ଦର୍ଶାଯାଇଛି। ଦ୍ୱିତୀୟଟି ଇସଲାମାବାଦର ଜି-୬ ଅଞ୍ଚଳର ଏକ ଠିକଣାରେ ଜାରି ହୋଇଛି। ଏହି ନୂତନ କାର୍ଡରେ ତାର ଜନ୍ମ ୧୯୮୨ରେ ବୋଲି ଉଲ୍ଲେଖ ହୋଇଛି। ପାକିସ୍ତାନର ସମସ୍ତ ଉଦ୍ୟମ ସତ୍ତ୍ୱେ ଉଭୟ ଦଲିଲରୁ ପାକିସ୍ତାନର ପ୍ରକୃତ ପରିଚୟ ବିଶ୍ୱ ସମ୍ମୁଖରେ ସାମ୍ନାକୁ ଆସିଛି।

### ଓଡ଼ିଶାରେ ସିଭିଲ ସର୍ଭିସ ଦିବସ-୨୦୨୬ ପାଳିତ

# ସୁଶାସନ ଓ ନାଗରିକକେନ୍ଦ୍ରିକ ସେବାକୁ ଗୁରୁତ୍ୱ

**ଭୁବନେଶ୍ୱର,୨୨।୪(ସଂଚାର ବ୍ୟୁରୋ):** ରାଜ୍ୟ ସରକାରଙ୍କ ପକ୍ଷରୁ 'ସିଭିଲ ସର୍ଭିସ ଦିବସ ୨୦୨୬' ଆଜି ଲୋକସେବା ଭବନ ପରିସରସ୍ଥ ରାଜ୍ୟ ସମ୍ମିଳନୀ କେନ୍ଦ୍ରଠାରେ ଗୋପବନ୍ଧୁ ପ୍ରଶାସନିକ ଏକାଡେମୀ ପକ୍ଷରୁ ଆୟୋଜିତ ହୋଇଛି। ଏହି ଅବସରରେ ସରକାରୀ କର୍ମଚାରୀ ସାର୍ବଜନୀନ ସେବା, ସୁଶାସନ ଓ ନାଗରିକ-କୈନ୍ଦ୍ରିକ ପ୍ରଶାସନ ପ୍ରତି ନିଜର ପ୍ରତିବଦ୍ଧତାକୁ ପୁନର୍ବ୍ୟକ୍ତ କରିଥିଲେ। ପ୍ରତିବର୍ଷ ଏପ୍ରିଲ ୨୧ରେ ପାଳିତ ହେଉଥିବା ସିଭିଲ ସର୍ଭିସ ଦିବସ ସରକାରୀ କର୍ମଚାରୀମାନଙ୍କୁ ଦେଶ ଗଢ଼ିବା ଓ ଉତ୍କୃଷ୍ଟ ସାର୍ବଜନୀନ ସେବା ପ୍ରଦାନ ପ୍ରତି ପ୍ରତିବଦ୍ଧତା ପୁନଃଜାଗ୍ରତ କରିବାର ଅବସର ଦେଇଥାଏ।



କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଯୋଗଦେଇ 'ବିକଶିତ ଓଡ଼ିଶା' ଓ 'ବିକଶିତ ଭାରତ' ଯାତ୍ରାର ଗୁରୁତ୍ୱ ସମ୍ପର୍କରେ ଉଲ୍ଲେଖ କରିଥିଲେ। ସେ ଫଳାଫଳମୁଖୀ ଓ ନାଗରିକ କୈନ୍ଦ୍ରିକ ଶାସନ ପ୍ରଣାଳୀର ଆବଶ୍ୟକତାକୁ ଉଲ୍ଲେଖ କରିଥିଲେ, ଯାହା ଛଅଟି ମୁଖ୍ୟ ସିଦ୍ଧାନ୍ତ ଯଥା ବ୍ୟାପକତା, ଗତି, ସମନ୍ୱୟ, ବ୍ୟବସ୍ଥାଗତ ଗଠନ, ସରଳୀକରଣ ଓ ସ୍ଥାୟିତ୍ୱ ଉପରେ ଆଧାରିତ। ଏହି ଅବସରରେ ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ପୂର୍ବତନ ମୁଖ୍ୟ ଶାସନ ସଚିବ ଡଃ. ଯୁଗଳ କିଶୋର ମହାପାତ୍ର ତାଙ୍କର ସାରଗର୍ଭକ ବକ୍ତବ୍ୟ ମାଧ୍ୟମରେ ସହଯୋଗୀ ଶାସନର ନୂତନ ମଡେଲ୍ ଉପରେ ଆଲୋକପାତ କରି ମୂଲ୍ୟବାନ ପରାମର୍ଶ ଦେଇଥିଲେ ଓ ଅଧିକାରୀମାନଙ୍କୁ ସର୍ବୋଚ୍ଚ ସାର୍ବଜନିକ ସେବା ମାନଦଣ୍ଡ ରକ୍ଷା ପାଇଁ ଅନୁପ୍ରେରିତ କରିଥିଲେ।

ପରେ ସଭାରେ ଏକ ପାରସ୍ପରିକ ଆଲୋଚନା ଓ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ବିଭିନ୍ନ ସ୍ତରର ଅଧିକାରୀ ସେମାନଙ୍କର ଅନୁଭବ, ଭାବନା, ସେବା ପ୍ରଦାନ ଓ ଶାସନର ଫଳାଫଳ ବୃଦ୍ଧି ପାଇଁ କୌଶଳ ଆଦାନ ପ୍ରଦାନ କରିଥିଲେ। ସ୍ୱାଗତ ଅଭିଭାଷଣରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଗୋପବନ୍ଧୁ ପ୍ରଶାସନିକ ଏକାଡେମୀର ମହାନିର୍ଦ୍ଦେଶକ ଚିତ୍ରା ଅରୁମୁଗମ ଯୋଗଦେଇ ପରିବର୍ତ୍ତନଶୀଳ ଶାସନ ପରିପ୍ରେକ୍ଷୀରେ ସିଭିଲ୍ ସେବା ଅଧିକାରୀମାନଙ୍କର ବିକାଶଶୀଳ ଭୂମିକାକୁ ଉଲ୍ଲେଖ କରିଥିଲେ। ସମସ୍ତ ଜିଲ୍ଲାର ଜିଲ୍ଲାପାଳ ଓ ଜିଲ୍ଲାସ୍ତରୀୟ ପଦାଧିକାରୀମାନେ ଆଭାସୀ ମାଧ୍ୟମରେ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। କାର୍ଯକ୍ରମରେ ରାଜ୍ୟ ସରକାରଙ୍କର ବିଭିନ୍ନ ବିଭାଗର ପ୍ରାୟ ୩୦୦ ଅଧିକାରୀ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ।

## ଅନ୍‌ଲାଇନ୍ ଖାଦ୍ୟ ଠକେଇ ଦଳର ୧୭ ଗିରଫ

**କୋଲକାତା,୨୨।୪(ସଂଚାର ବ୍ୟୁରୋ):** ଲାଲବଜାର ସାଇବର ଥାନା ପୁଲିସ ଅନଲାଇନ ଖାଦ୍ୟ ଆଳରେ ଠକେଇ କରୁଥିବା ୧୭ ଜଣଙ୍କୁ ଗିରଫ କରିଛି। ଏକ କଲ୍ ସେଣ୍ଟରରୁ ୧୭ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ବ୍ୟକ୍ତିଙ୍କ ମଧ୍ୟରେ ୯ ଜଣ ମହିଳା ଅଛନ୍ତି। ପୋଲିସ ସେମାନଙ୍କଠାରୁ ୪୩ଟି ୱାୟାରଲେସ୍ ଫୋନ୍, ୪୩ଟି ମୋବାଇଲ ଫୋନ୍ ଏବଂ ୧୪ଟି ସିମ୍ କାର୍ଡ ଜବତ କରିଛି। ଜାଣିବାକୁ ମିଳିଛି ଯେ, ଏହି ଠକମାନେ ବିଭିନ୍ନ ଖାଦ୍ୟ ବିତରଣ କମ୍ପାନୀଗୁଡ଼ିକରୁ ଡାଟା ଚୋରି କରୁଥିଲେ। ପରବର୍ତ୍ତୀ ସମୟରେ, ସେମାନେ ଅର୍ଡର ଦେଇଥିବା ଗ୍ରାହକଙ୍କୁ ଫୋନ୍ କରୁଥିଲେ ଏବଂ ଏକ ବିଶେଷ ପରିସ୍ଥିତି ଉଲ୍ଲେଖ କରି ଖାଦ୍ୟ ବିତରଣ କରିବା ପୂର୍ବରୁ 'ପେମେଣ୍ଟ' କରିବାକୁ ପଡିବ ବୋଲି ଦାବି କରୁଥିଲେ। ସେମାନେ ଗ୍ରାହକଙ୍କ ପାଖକୁ ଏକ କ୍ୟୁଆର୍ କୋଡ୍ ପଠାଉଥିଲେ। ଏହାକୁ ସ୍କାନ କରିବା ପରେ ଖାଦ୍ୟ ପାଇଁ ଦେୟ ସେମାନଙ୍କ ଆକାଉଣ୍ଟକୁ ଚାଲିଯାଉଥିଲା। ପୋଲିସ ଏ ପ୍ରକାରର ଏକାଧିକ ଅଭିଯୋଗକୁ ଆଧାର କରି ଅଭିଯାନ ଆରମ୍ଭ କରିଥିଲା।

## ପୁରୁଣା ଭୋଟର ତାଲିକାରେ ବି ବିଜେପି ଜିତିବ: ଶମୀକ ଭଟ୍ଟାଚାର୍ଯ୍ୟ

**କୋଲକାତା,୨୨।୪(ସଂଚାର ବ୍ୟୁରୋ):** ଯଦି ରାଜ୍ୟରେ ପୁରୁଣା ଭୋଟର ତାଲିକା ଆଧାରରେ ନିର୍ବାଚନ କରାଯାଏ, ତଥାପି ଭାରତୀୟ ଜନତା ପାର୍ଟି (ବିଜେପି) ଜିତିବ ବୋଲି ପଶ୍ଚିମବଙ୍ଗ ବିଜେପି ସଭାପତି ଶମୀକ ଭଟ୍ଟାଚାର୍ଯ୍ୟ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ବୁଧବାର ଦିନ ହୁଗୁଳିର ଏକ ରାଜନୈତିକ କାର୍ଯ୍ୟକ୍ରମରେ ଭାଷଣ ଦେଇ ଶମୀକ କହିଛନ୍ତି ଯେ, ବିଜେପି ନିର୍ବାଚନ ଜିତିବା ପାଇଁ ନିର୍ବାଚନ କମିଶନ ଉପରେ ନିର୍ଭର କରେ ନାହିଁ। ତାଙ୍କ ଦଳ ପ୍ରତି ସାଧାରଣ ଜନତାଙ୍କର ସମର୍ଥନ ରହିଛି। ତୃଣମୂଳ କଂଗ୍ରେସର ଶାସନ ଏବେ ଶେଷ ହେବାକୁ ଯାଉଛି। ବିବାଦୀୟ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାକୁ ନେଇ ଚାଲିଥିବା ବିତର୍କ ସମ୍ପର୍କରେ ସେ କହିଛନ୍ତି ଯେ, ଯଦି ନିର୍ବାଚନ କମିଶନ ପୁରୁଣା ଭୋଟର ତାଲିକା ବ୍ୟବହାର କରି ନିର୍ବାଚନ କରନ୍ତି, ତଥାପି ବିଜେପିର ବିଜୟ ନିଶ୍ଚିତ। ରାଜ୍ୟର ଲୋକମାନେ ତୃଣମୂଳ କଂଗ୍ରେସ ପ୍ରତି ଅସନ୍ତୁଷ୍ଟ ହୋଇଛନ୍ତି। ଆଗାମୀ ନିର୍ବାଚନରେ ପରିବର୍ତ୍ତନ ଅନିବାର୍ଯ୍ୟ ହୋଇପଡ଼ିଛି ବୋଲି ସେ କହିଛନ୍ତି।

## ନିଆଁ ଲାଗି ଜଳିଗଲା ପେପର ପ୍ଲେଟ୍ ତିଆରି କାରଖାନା



**କୋଲକାତା,୨୨।୪ (ସଂଚାର ବ୍ୟୁରୋ):** ରାତି ଅଧରେ ଏକ ପେପର ପ୍ଲେଟ୍ ତିଆରି କାରଖାନାରେ ନିଆଁ ଲାଗି ସବୁକିଛି ଜଳିଯାଇଛି। ଦମକଳ ଗାଡ଼ି ପହଞ୍ଚିଥିଲେ ନିଆଁକୁ ଆୟତ୍ତ କରିବାକୁ ତିନି ଘଣ୍ଟା ଲାଗି ଯାଇଥିଲା। ପୂର୍ବ ବର୍ଦ୍ଧମାନର ଜମାଲପୁର ଥାନା ଅନ୍ତର୍ଗତ ଶୁରେ କାଲନା ଅଞ୍ଚଳରେ ମଙ୍ଗଳବାର ରାତି ପ୍ରାୟ ୨ଟା ୪୫ ସମୟରେ ଏହି ଘଟଣା ଘଟିଛି। ଅଗ୍ନିକାଣ୍ଡରେ କୌଣସି ମୃତାହତ ଖବର ମିଳିନାହିଁ। କାରଖାନା ମାଲିକ ସବ୍ୟସାଚୀ ପାଲ କହିଛନ୍ତି ଯେ, ରାତି ଅଧରେ ହଠାତ୍ ନିଆଁ ଲାଗିବାର ଖବର ପାଇ ସେ ଘଟଣାସ୍ଥଳରେ ପହଞ୍ଚିଥିଲେ। ସ୍ଥାନୀୟ ବାସିନ୍ଦାଙ୍କ ସହଯୋଗରେ ପମ୍ପ୍ ବ୍ୟବହାର କରି ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ବିଫଳ ହୋଇଥିଲେ। ପରେ ଅଗ୍ନିଶମ ବିଭାଗ ଏବଂ ପୋଲିସକୁ ଖବର ଦିଆଯାଇଥିଲା। କାରଖାନାରେ ନିଆଁ ଲାଗିବାର କାରଣ ଜଣାପଡ଼ିନାହିଁ। ଅଗ୍ନିଶମ ବିଭାଗର ପ୍ରାଥମିକ ତଦନ୍ତରୁ ଜଣାପଡିଛି ଯେ କାରଖାନା ପାଖରେ ଏକ ପରିତ୍ୟକ୍ତ କାଗଜ ଗଦା ରଖାଯାଇଥିଲା। ସେହି ଗଦାରେ ନିଆଁ ଲାଗି ଏପରି ବିପର୍ଯ୍ୟୟ ଘଟିଥିବା ସନ୍ଦେହ କରାଯାଉଛି।

## ଅନ୍ତିମ ପ୍ରଚାରରେ ମମତାଙ୍କୁ ଯୋଗୀଙ୍କ ଟାର୍ଗେଟ୍



**କୋଲକାତା,୨୨।୪ (ସଂଚାର ବ୍ୟୁରୋ):** ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପାଇଁ ଆଜି ଅନ୍ତିମ ପ୍ରଚାର ଥିବା ବେଳେ ଜୋଡାସାଙ୍କୋ ଓ ବଡ଼ବଜାରରେ ଆୟୋଜିତ ନିର୍ବାଚନ ସଭାରେ ଯୋଗଦେଇ ସମାବେଶକୁ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ବୁଧବାର କ୍ଷମତାସୀନ ତୃଣମୂଳ କଂଗ୍ରେସକୁ ଟାର୍ଗେଟ କରିଛନ୍ତି। ଆଇନ ଶୃଙ୍ଖଳା, ବେକାରୀ, ଶିଳ୍ପ ବିକାଶ, ସାଂସ୍କୃତିକ ପରିଚୟ ଏବଂ ଗୋ ସୁରକ୍ଷା ଭଳି ପ୍ରସଙ୍ଗ ଉଠାଇ ସେ ରାଜ୍ୟରେ ପରିବର୍ତ୍ତନ ପାଇଁ ଭୋଟରମାନଙ୍କୁ ଆହ୍ୱାନ ଦେଇଛନ୍ତି। ଜୋଡାସାଙ୍କୋର ସତ୍ୟନାରାୟଣ ପାର୍କରେ ଆୟୋଜିତ ଏକ ସଭାକୁ ସମ୍ବୋଧିତ କରି ଯୋଗୀ ଆଦିତ୍ୟନାଥ କହିଛନ୍ତି ଯେ, ବଙ୍ଗଳାର ଲୋକମାନେ ଏଥର ରାଜ୍ୟର ସଂସ୍କୃତି ଏବଂ ଐତିହ୍ୟକୁ ସୁରକ୍ଷିତ ରଖିବା ପାଇଁ ପରିବର୍ତ୍ତନ ଚାହୁଁଛନ୍ତି। ରାଜ୍ୟରେ ବେକାରୀ ବଢ଼ିଛି। ବହୁ ଶିଳ୍ପ ବନ୍ଦ ହୋଇଯାଇଛି। ଚାଷୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଯୁବକମାନଙ୍କ ପାଇଁ ନିଯୁକ୍ତି ସୁଯୋଗ ହ୍ରାସ ପାଇଛି। ତେଣୁ ଜନସାଧାରଣ ଏବେ ଉତ୍ତମ ଶାସନ ପାଇଁ ଅପେକ୍ଷା କରିଛନ୍ତି ବୋଲି ସେ କହିଛନ୍ତି। ଗୋ ସୁରକ୍ଷା ପ୍ରସଙ୍ଗ ଉଠାଇ ଯୋଗୀ ଆଦିତ୍ୟନାଥ କହିଛନ୍ତି ଯେ, ଆମେ ଗୋ'ମାତା ହତ୍ୟା କରିବାକୁ ଦେବୁ ନାହିଁ, କିମ୍ବା ହିନ୍ଦୁମାନଙ୍କୁ ବିଭାଜିତ ହେବାକୁ ଦେବୁନାହିଁ।

## ତୃଣମୂଳ କର୍ମୀଙ୍କ ଘର ଭଙ୍ଗାରୁଜା

**କୋଲକାତା,୨୨।୪ (ସଂଚାର ବ୍ୟୁରୋ):** ମଙ୍ଗଳବାର ରାତିରେ ପୂର୍ବ ମେଦିନୀପୁର ନନ୍ଦିଗ୍ରାମର କନ୍ଦପାସରାଠାରେ ତୃଣମୂଳ କର୍ମୀଙ୍କ ଘର ଭଙ୍ଗାରୁଜା କରାଯାଇଛି। ବିରୋଧୀ ବିଜେପିର ଗୁଣ୍ଡାମାନେ ଏପରି ଘଟାଇଥିବା ଅଭିଯୋଗ ହୋଇଛି। ଘର ଭାଙ୍ଗିବା ସହିତ ଲୁଟ୍‌ପାଟ୍ ହୋଇଛି ବୋଲି ପ୍ରଭାବିତ ପରିବାର ଦାବି କରିଛନ୍ତି। ଖବର ପାଇ ନନ୍ଦିଗ୍ରାମ ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ବୁଧବାର ସକାଳେ ନନ୍ଦିଗ୍ରାମ ତୃଣମୂଳ ପ୍ରାର୍ଥୀ ପବିତ୍ର କର ଘଟଣାସ୍ଥଳ ପରିଦର୍ଶନ କରିଥିଲେ। ପରାଜୟ ଭୟରେ ବିଜେପି ସଦସ୍ୟମାନେ ଲୋକମାନଙ୍କୁ ହଇରାଣ କରିବା ଆରମ୍ଭ କରିଦେଇଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ସେ ଆହୁରି କହିଛନ୍ତି ଯେ, ସୋମବାର ରାତିରେ ମହମ୍ମଦପୁରର ତୃଣମୂଳ ନେତା ପଞ୍ଚାୟତ ପ୍ରଧାନଙ୍କୁ ଗିରଫ କରିବାକୁ ଯୋଜନା କରାଯାଇଥିଲା। ମଙ୍ଗଳବାର ରାତିରେ କନ୍ଦପାସରାରେ ଦଳୀୟ କର୍ମୀଙ୍କ ଘର ଭଙ୍ଗାରୁଜା କରିଛନ୍ତି। ଏଭଳି ବ୍ୟକ୍ତିଙ୍କୁ ଗିରଫ କରିବାକୁ ସେ ଦାବି କରିଛନ୍ତି। ତେବେ ତୃଣମୂଳ କଂଗ୍ରେସର ଏ ଅଭିଯୋଗକୁ ବିଜେପି ଖଣ୍ଡନ କରିଛି।

● ଅକ୍ଷୟତୃତୀୟାରେ ଗୋମାତା ଭବନରେ ସାଧୁ-ସନ୍ଥଙ୍କ ମେଳି

## ବେଆଇନ ଗୋ-ଚାଲାଣ ବନ୍ଦ ପାଇଁ ଆଇନରେ ସୁଧାର ଆସିବା ଜରୁରୀ: ସୁରେଶ ପଣ୍ଡା

**କଟକ, ୨୨।୪ (ସଂଚାର ବ୍ୟୁରୋ) :** ସୋମବାର ଅକ୍ଷୟତୃତୀୟାରେ ଜଗତତପୁରସ୍ଥିତ ଗୋମାତା ଭବନରେ ପ୍ରତିବର୍ଷ ଭଳି ଏ ବର୍ଷ ମଧ୍ୟ ସୋନପୁର ଏବଂ ଉତ୍ତରପ୍ରଦେଶ ରାଜ୍ୟରୁ ନିମନ୍ତ୍ରିତ ବହୁ ସାଧୁ-ସନ୍ଥ ଏଠାରେ ଯୋଗ ଦେଇଥିଲେ। ବିଶ୍ୱ ଗୋ-ସୁରକ୍ଷା ସମିତି ଓଡିଶା ରାଜ୍ୟ ଶାଖା ସଭାପତି ତଥା ଆଇନଜୀବୀ ସୁରେଶ କୁମାର ପଣ୍ଡାଙ୍କ ଦ୍ୱାରା ଆୟୋଜିତ ଏହି ଆଧ୍ୟାତ୍ମିକ ସଭା ତାଙ୍କ ଜଗତପୁରସ୍ଥିତ ବାସଭବନରେ ଆୟୋଜିତ କରାଯାଇଥିଲା। ଓଡିଶା ରାଜ୍ୟ ତଥା ଦେଶରେ କିପରି ବେଆଇନ ଗୋ-ଚାଲାଣ ଏବଂ ଗୋ-ମାଂସ ଚାଲାଣ ରୋକିବାକୁ ଆଇନ କଡ଼ାକଡ଼ି ହେବା ଜରୁରୀ ବୋଲି ଆଇନଜୀବୀ ଶ୍ରୀ ପଣ୍ଡା ଉପସ୍ଥିତ ଥିବା ସମସ୍ତ ଆଧ୍ୟାତ୍ମିକ ଚେତନାଶୀଳ ବ୍ୟକ୍ତିମାନଙ୍କୁ ପରାମର୍ଶ ଦେଇଥିଲେ। ପ୍ରତ୍ୟେକ ଜିଲ୍ଲାରେ ଗୋ ଚାଲାଣ ବନ୍ଦ କରିବାକୁ ଜନସାଧାରଣ ଆଗେଇ ଆସିବା ଉଚିତ ବୋଲି ଶ୍ରୀ ପଣ୍ଡା ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ବେଆଇନ ଗୋ-ଚାଲାଣରେ ପୋଲିସ ପ୍ରଶାସନର ଭୂମିକାକୁ ସେ ନିନ୍ଦା କରିବା ସଂଗେ ସଂଗେ ରାଜ୍ୟରେ ଗୋ ସୁରକ୍ଷା ବାହିନୀକୁ ଆହୁରି ମଜବୁତ କରାଯିବ ବୋଲି ସେ କହିଥିଲେ। ଶ୍ରୀ ପଣ୍ଡା ବେଆଇନ ଗୋ ଚାଲାଣ ଓ ଗୋ ମାଂସ ପରିବହନ ହେଉଥିବା ଗାଡିକୁ ମଧ୍ୟ ବହୁବାର ଜବତ କରିଥିବା ନଜିର ରହିଛି।



ବେଆଇନ ଗୋ ଚାଲାଣରେ ଯେଉଁ ପୋଲିସ ସଂପୃକ୍ତ ଥିବେ, ତେବେ ସେହି ପୁଲିସ ଥାନାକୁ ଘେରାଉ କରାଯିବ ବୋଲି ଗୋ ସୁରକ୍ଷା ସଭାପତି ଏବଂ ଗୋ ସୁରକ୍ଷା ସମିତିର କର୍ମକର୍ତ୍ତାମାନେ ଏହି ବୈଠକରେ ଉପସ୍ଥିତ ସମସ୍ତ ଜନସାଧାରଣଙ୍କୁ ଆହ୍ୱାନ ଦେଇଥିଲେ। ସେ ଆହୁରି ମଧ୍ୟ କହିଥିଲେ ଯେ, ଗୋ-ବଂଶ ବଞ୍ଚିଲେ ସମାଜର ମଙ୍ଗଳ ହେବ। ତେବେ ଗୋ ବଂଶ ଲୋ।ଇଲେ ଦେଶ ତଥା ବିଶ୍ୱ ଲୋ ପାଇଯିବ ବୋଲି ଶ୍ରୀ ପଣ୍ଡା କହିଥିଲେ। ଆୟୋଜିତ ଏହି ସଭାରେ ବିଭିନ୍ନ ଜିଲ୍ଲା ତଥା ସ୍ଥାନରୁ ହଜାର ହଜାର ଗୋ ଭକ୍ତ ଏଥିରେ ସାମିଲ ହୋଇଥିବାର ଦେଖିବାକୁ ମିଳିଥିଲା। ଶେଷରେ ଆଧ୍ୟାତ୍ମିକ ପ୍ରବଚନ, ନାମ ସଂକୀର୍ତ୍ତନ ଆୟୋଜିତ ହୋଇଥିଲା। ଆଇନଜୀବୀ ଶ୍ରୀ ପଣ୍ଡାଙ୍କ ଏହି ଭୀଷ୍ମ ପ୍ରତିଜ୍ଞା ପରେ ବେଆଇନ ଗୋ ଚାଲାଣ, ଗୋ ମାଂସ ଚାଲାଣକାରୀଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି।

# ସବୁଜ ସାର ଦର ଆକାଶଛୁଆଁ

**ଭୁବନେଶ୍ୱର,୨୨।୪:** ସବୁଜ ସାର ଭାବେ ବ୍ୟବହାର ହେଉଥିବା ଧନିଚାର ଦର ଚଳିତବର୍ଷ ଆକାଶଛୁଆଁ ହୋଇଛି। କୁଇଣ୍ଟାଲ ପ୍ରତି ୪ହଜାର ଟଙ୍କା ହୋଇଥିବାବେଳେ ଏହାକୁ ନେବାପାଇଁ ଚାଷୀମାନଙ୍କୁ ପ୍ରଥମେ ୧୯ହଜାର ଟଙ୍କା ଦାଖଲ ପାଇଁ କୁହାଯାଉଛି। ଚାଷୀମାନେ ପ୍ରଥମେ ୧ ୯ହଜାର ଟଙ୍କା ପ୍ରଦାନ କରି ଧନିଚା ବିହନ ଉଠାଇବା ପରେ ସବସିଡି ବାବଦରେ ସେମାନଙ୍କ ବ୍ୟାଙ୍କ୍ ଆକାଉଣ୍ଟକୁ ୧୫ ହଜାର ଟଙ୍କା ଫେରିବ। ତେବେ ଚାଷୀମାନେ ଏକକାଳୀନ ଏତେ ଟଙ୍କା କେଉଁଠୁ ଆଣି ଜମା କରିବେ, ସେହି ଚିନ୍ତାରେ ପଡ଼ିଛନ୍ତି।



ଚାଷକାର୍ଯ୍ୟ ଆରମ୍ଭରୁ ଚାଷୀମାନେ ବିଲରେ ଧନିଚା ବୁଣିଥାନ୍ତି। ଧନିଚା ଗଛଗୁଡ଼ିକ ପ୍ରାୟ ଦେଢ଼ଫୁଟ ଉଚ୍ଚର ହୋଇଗଲେ ତାହାକୁ ହଳକରି ମାଟିରେ ମିଶାଇ ଦିଆଯାଏ। ମାଟିରେ ମିଶିବା ପରେ ଏହା ସାରର କାମ ଦେଇଥାଏ। ଧାନ ଫସଲ ପାଇଁ ଆବଶ୍ୟକ ସାରର ୩୦ ପ୍ରତିଶତ ଏହା ମେଣ୍ଟାଉଥିବାରୁ ଚାଷୀମାନେ ଧନିଚା ବିହନ ବୁଣିଥାନ୍ତି।

ଓଡ଼ିଶା ରାଜ୍ୟ ବିହନ ନିଗମ ଧନିଚା ବିହନ ଚାଷୀମାନଙ୍କୁ ଯୋଗାଇଥାଏ। ଓଡ଼ିଶାରେ ଏହା ଉତ୍ପାଦନ ହେଉନଥିବାରୁ ମିଜୋରାମ, ମଣିପୁର ଭଳି ରାଜ୍ୟରୁ ଏହା ଖରିଦ କରି ଚାଷୀଙ୍କୁ ଯୋଗାଇ ଦିଆଯାଏ। ଚଳିତବର୍ଷ ସରକାରୀ ଭାବେ ଏହାର ଦର କୁଇଣ୍ଟାଲପ୍ରତି ୪ହଜାର ଟଙ୍କା ରହିଛି। ତେବେ ଚାଷୀମାନଙ୍କୁ କିନ୍ତୁ ପାଇବାକୁ ଥିବା ସବସିଡ୍ ଅର୍ଥକୁ ମିଶାଇ କୁଇଣ୍ଟାଲ ପିଛା ୧୯ହଜାର ଟଙ୍କା ଜମା କରିବାକୁ କୁହାଯାଉଛି। ହେଲେ ଗାଁ ଗହଳର ଚାଷୀମାନେ ଏକକାଳୀନ ଏତେ ଟଙ୍କା କେଉଁଠାରୁ ଆଣିବେ ସେ ନେଇ ଚିନ୍ତାରେ ପଡିଛନ୍ତି।

ଚାଷୀମାନଙ୍କର କହିବାକଥା ଯେ ଧନିଚା ବିହନର ହଠାତ୍ ଏଭଳି ଦରବୃଦ୍ଧି ରାଜ୍ୟର ଚାଷ ବିଶେଷକରି ଜୈବିକ ଚାଷ ଉପରେ ପ୍ରଭାବ ପକାଇବ। ପୂର୍ବରୁ ଧନିଚା ବିହନ କୁଇଣ୍ଟାଲ କିଲୋପ୍ରତି ୭ଶହରୁ ୮ଶହ ଟଙ୍କାରେ ମିଳୁଥିବାବେଳେ ଏବେ ତାହା ଆକାଶଛୁଆଁ ହେବାରେ ଲାଗିଛି। ଏପରିକି ଧାନ ଓ ଅନ୍ୟାନ୍ୟ ଫସଲ ତୁଳନାରେ ଏହା ଅଧିକ ରହିଛି। ଯେଉଁସବୁ ରାଜ୍ୟରେ ଧନିଚା ଉତ୍ପାଦନ ହୋଇଥାଏ ସେଠାରେ ଏହା ମୁଖ୍ୟତଃ ଗୋଖାଦ୍ୟ ଭାବେ ବ୍ୟବହାର ହୋଇଥାଏ। ତେବେ ଓଡ଼ିଶା ସରକାର ଚାହିଦା ମେଣ୍ଟାଇବାକୁ ଉତ୍ତର-ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକରୁ ଏହା ଖରିଦ କରିଥାନ୍ତି। ତେବେ ହଠାତ୍ ଏହାର ଦାମ ଏତେ ଅଧିକ ହେବା ଏବେ ଓଡ଼ିଶାର ଚାଷୀମାନଙ୍କୁ ଆଶ୍ଚର୍ଯ୍ୟ କରିଛି।

ରାଜ୍ୟ ସରକାର ଜୈବିକ ଚାଷ ସହ କମ୍ ପରିମାଣର ରାସାୟନିକ ସାର ବ୍ୟବହାର ଉପରେ ଗୁରୁତ୍ୱାରୋପ କରୁଥିବା ବେଳେ ରାଜ୍ୟରେ କିନ୍ତୁ ସବୁଜସାର ପାଲଟିଥିବା ଧନିଚା ଉତ୍ପାଦନ ଉପରେ ଗୁରୁତ୍ୱ ଦେଉନାହାନ୍ତି। ଫଳରେ ରାଜ୍ୟର ଚାଷୀମାନେ ଏଥିପାଇଁ ଅନ୍ୟ ରାଜ୍ୟ ଉପରେ କେବଳ ନିର୍ଭରଶୀଳ ହେଉନାହାନ୍ତି, ବରଂ ଏ ବାବଦରେ ବିପୁଳ ଅର୍ଥ ମଧ୍ୟ ବ୍ୟୟ କରୁଛନ୍ତି। ତେବେ ଚଳିତବର୍ଷ ଧନିଚାର ଉଚ୍ଚା ଦର ସହ ଯେଭଳି ଅଧିକ ଅର୍ଥ ଜମା କରିବାକୁ ଚାଷୀମାନଙ୍କୁ କୁହାଯାଉଛି, ସେଥିରୁ ରାଜ୍ୟରେ ଏଥର ସବୁଜ ସାରର ବ୍ୟବହାର ଢେର ହ୍ରାସ ପାଇବ ବୋଲି ଚାଷୀମାନେ ମତ ଦେଉଛନ୍ତି। (ତଥ୍ୟ)

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୧୧ରୁ...

ଅଧିକାରୀ ଓ କର୍ମଚାରୀମାନେ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ କୌଣସି କାର୍ଯ୍ୟ କରିବେ ନାହିଁ। ସମ୍ପ୍ରତି ରାଜ୍ୟରେ ୨୦୨୭ ଜନଗଣନାର ପ୍ରଥମ ପର୍ଯ୍ୟାୟରେ ଗତ ୧୬ରୁ ଆସନ୍ତା ୧୫ ପର୍ଯ୍ୟନ୍ତ ଆବାସ ଗଣନା ଚାଲୁ ରହିଛି। ଏହି ପରିପ୍ରେକ୍ଷୀରେ ଜନଗଣନାରେ ନିୟୋଜିତ ଅଧିକାରୀ ଓ କର୍ମଚାରୀମାନେ ଘରକୁ ଘର ବୁଲି ବିଭିନ୍ନ ତଥ୍ୟ ସଂଗ୍ରହ କରୁଛନ୍ତି। ତେବେ ସମ୍ପ୍ରତି ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଯୋଗୁଁ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ସାମ୍ନାକୁ ଆସିଥିବା କିଛି ଘଟଣା ସମ୍ପର୍କରେ ରାଜ୍ୟ ସରକାର ଚିନ୍ତା ପ୍ରକଟ କରିବା ସହ ବିହିତ ପଦକ୍ଷେପ ଗ୍ରହଣ ନିମନ୍ତେ ସଜାଗ ରହିଛନ୍ତି। ଏ ସଂକ୍ରାନ୍ତରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ ସମସ୍ତ ପ୍ରମୁଖ ଜନଗଣନା ଅଧିକାରୀ ତଥା ସମସ୍ତ ଜିଲ୍ଲାର ଜିଲ୍ଲାପାଳ ଏବଂ ମ୍ୟୁନିସିପାଲ୍ ଅଫିସରମାନଙ୍କୁ ଚିଠି ଲେଖିଛନ୍ତି। ବିଶେଷ ଭାବେ ଗ୍ରୀଷ୍ମପ୍ରବାହ ତଥା ପ୍ରଚଣ୍ଡ ତାତିଜନିତ ସମସ୍ୟାର ମୁକାବିଲା, କାର୍ଯ୍ୟ ସମୟରେ ରହିଥିବା ବିଭିନ୍ନ ବିପଦ ଗୁଡ଼ିକୁ ଚିହ୍ନଟ କରିବା ସହ ଜନଗଣନାକାରୀଙ୍କୁ ନିୟମିତ ଭାବେ ଟ୍ରାକ୍ କରିବା ପାଇଁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି। ଏହାଛଡ଼ା ଜନଗଣନା କାର୍ଯ୍ୟରେ ନିୟୋଜିତ ସମସ୍ତ ଗଣନାକାରୀଙ୍କୁ ସେମାନଙ୍କ ସୁରକ୍ଷା ସମ୍ବନ୍ଧରେ ସଚେତନ କରାଇବା ପାଇଁ ପରାମର୍ଶ ଦିଆଯାଇଛି। ଯାହା ଫଳରେ ନିର୍ଦ୍ଧାରିତ ସମୟ ମଧ୍ୟରେ ସୁରୁଖୁରୁରେ ଓ ନିର୍ଭୁଲ ଭାବେ ତଥ୍ୟ ସଂଗ୍ରହ କାର୍ଯ୍ୟ ସମ୍ପନ୍ନ ହୋଇପାରିବ। ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଅଧିକାରୀମାନେ ଜନଗଣନା କରିବେ ନାହିଁ। ଦିନ ୧୧ଟାରୁ ୩ଟା ପର୍ଯ୍ୟନ୍ତ ଜନଗଣନା କାର୍ଯ୍ୟ ସ୍ଥଗିତ ରଖିବା ନିମନ୍ତେ ରାଜସ୍ୱ ମନ୍ତ୍ରୀ ସମସ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜନଗଣନାକାରୀଙ୍କ ପ୍ରାଥମିକ ଆବଶ୍ୟକତା ତଦାରଖ କରିବାକୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେବା ସହ ସେମାନଙ୍କ ସୁରକ୍ଷା ପାଇଁ ଏସଓପି ଜାରି କରି ଗୃହ ବିଭାଗ ସହ ଆଲୋଚନା କରି ପୁଲିସ ପ୍ରଶାସନକୁ ଦାୟିତ୍ୱ ଦେବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଜନଗଣନା କାର୍ଯ୍ୟରେ ଶିକ୍ଷକଶିକ୍ଷୟିତ୍ରୀମାନେ ମୁଖ୍ୟତଃ ନିୟୋଜିତ ହୋଇଥିବାରୁ ବିଦ୍ୟାଳୟରେ ଶିଶୁମାନଙ୍କ ପାଠପଢ଼ା ଓ ମଧ୍ୟାହ୍ନଭୋଜନରେ ବ୍ୟାଘାତ ନ ହେବା ପାଇଁ ବ୍ୟବସ୍ଥା କରାଯାଇଛି। ସେହିପରି ଖରାଛୁଟି ସମୟରେ ଅନଲାଇନ୍ ଶିକ୍ଷାଦାନ ବ୍ୟବସ୍ଥା ନିମନ୍ତେ ଆଲୋଚନା କରାଯାଇଛି। ଜନଗଣନା କାର୍ଯ୍ୟରେ ମୃତାହତ ଘଟଣାରେ ଆବଶ୍ୟକ ସ୍ଥଳେ ବିପର୍ଯ୍ୟୟ ପରିଚାଳନା ପାଣ୍ଠି କିମ୍ବା ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠି ଅଥବା ରେଡକ୍ରସ୍ ପାଣ୍ଠିରୁ କ୍ଷତିପୂରଣ ଯୋଗାଇ ଦିଆଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ପାଢ଼ୀ ଏବଂ ଓଡ଼ିଶା ଜନଗଣନା ନିର୍ଦ୍ଦେଶକ ନିଖିଲ ପଓ୍ୱନ କଲ୍ୟାଣ ଉପସ୍ଥିତ ଥିଲେ।

### ସୋରିଷ...

ଚାଷୀମାନେ ସିଧାସଳଖ ଉପକୃତ ହୋଇପାରିବେ। ବୈଠକରେ କେନ୍ଦ୍ର କୃଷି ମନ୍ତ୍ରୀ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀଙ୍କ ସହ କୃଷିଜାତ ଦ୍ରବ୍ୟ ସଂଗ୍ରହ ପାଇଁ ରାଜ୍ୟ ରଖିଥିବା ଦାବିଗୁଡ଼ିକର ସମୀକ୍ଷା କରିଥିଲେ। ରାଜ୍ୟ ସରକାରଙ୍କ ଦ୍ୱାରା ପଠାଯାଇଥିବା ପ୍ରସ୍ତାବ, ଉତ୍ପାଦନ ଆକଳନ ଓ ସଂଗ୍ରହ ଆବଶ୍ୟକତାକୁ ବିଚାର କରି ୫ଟି ପ୍ରମୁଖ ଫସଲ କେନ୍ଦ୍ର ପକ୍ଷରୁ ସଂଗ୍ରହ କରିବାକୁ ନିଷ୍ପତ୍ତି ନେଇଛନ୍ତି। ସୂଚନାନୁସାରେ, ଶ୍ରୀ ଚୌହାନ ରାଜ୍ୟରୁ ୩୪,୪୯୨ ମେଟ୍ରିକ୍ ଟନ୍ ମୁଗ କିଣିବା ଲାଗି ରଖାଯାଇଥିବା ଦାବିକୁ ମଧ୍ୟ ମଞ୍ଜୁର କରିଛନ୍ତି। ଏହା ଫଳରେ ଏମଏସପି ବାବଦରେ ରାଜ୍ୟର ମୁଗଚାଷୀମାନେ ୩୦୨.୪୨ କୋଟି ଟଙ୍କାର ସହାୟତା ଏମ୍ଏସ୍‌ପି ଭାବେ ପାଇବେ। ସେହିପରି ଚାଷୀମାନଙ୍କଠାରୁ ୧ ଲକ୍ଷ ୧୯ ହଜାର ୩୮୭ ମେଟ୍ରିକ୍ ଟନ୍ ବିରି କିଣାଯିବ। ଏଥିଲାଗି ସରକାର ଏମ୍ଏସ୍‌ପି ବାବଦରେ ଚାଷୀଙ୍କୁ ୯୩୧.୨୧ କୋଟି ଟଙ୍କା ଦେବେ। ଏହାଛଡ଼ା ୨୦,୨୧୯ ମେଟ୍ରିକ୍ ଟନ୍ ଚିନାବାଦାମ ପାଇଁ ୧୪୬.୮୫ କୋଟି ଟଙ୍କାର ଏମ୍ଏସ୍‌ପି ଘୋଷଣା କରାଯାଇଛି। ସେହିପରି ରାଜ୍ୟରେ ସୂର୍ଯ୍ୟମୁଖୀ ଚାଷୀଙ୍କଠାରୁ ସୂର୍ଯ୍ୟମୁଖୀ ମଞ୍ଜି କିଣିବା ଲାଗି କେନ୍ଦ୍ର ସରକାର ୧୭.୦୬ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଏଥିରେ ୨,୨୧୦ ମେଟ୍ରିକ୍ ଟନ୍ ସୂର୍ଯ୍ୟମୁଖୀ କିଣାଯିବ। ଆହୁରି ସୋରିଷ କ୍ଷେତ୍ରରେ କେନ୍ଦ୍ର କୃଷି ମନ୍ତ୍ରୀ ଓଡ଼ିଶାର ୪,୯୬୪ ମେଟ୍ରିକ୍ ଟନ୍ ଦାବିକୁ ମଞ୍ଜୁର କରିଛନ୍ତି, ଯାହାର ଏମଏସପି ମୂଲ୍ୟ ୩୦.୭ କୋଟି ଟଙ୍କା ବୋଲି କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଏହି ସମଗ୍ର ପ୍ରକ୍ରିୟା ପିଏମ୍-ଆଶା ଅଧୀନରେ ପରିଚାଳନା କରାଯିବ। ଏହା ୯୦ଦିନିଆ ଅବଧି ପାଇଁ ପ୍ରସ୍ତାବ କରାଯାଇଛି। ବୈଠକ ସମୟରେ ଶ୍ରୀ ଚୌହାନ ସୂର୍ଯ୍ୟମୁଖୀ ଚାଷ ନେଇ ବିଶେଷ ସନ୍ତୋଷ ବ୍ୟକ୍ତ କରିଛନ୍ତି। ସେ କହିଛନ୍ତି ଯେ ଏହି ଫସଲ ଅନେକ ଅଞ୍ଚଳରୁ ଧୀରେ ଧୀରେ ଅଦୃଶ୍ୟ ହୋଇଯାଉଥିବା ବେଳେ ଓଡ଼ିଶାରେ ଏହାର ନିରନ୍ତରତା ଓ ବୃଦ୍ଧି ଉତ୍ସାହଜନକ। ଏଥିସହ ସୂର୍ଯ୍ୟମୁଖୀ ଚାଷର କ୍ଷେତ୍ରଫଳ ଏବଂ ଉତ୍ପାଦନ ବୃଦ୍ଧି ପାଇଁ କେନ୍ଦ୍ର ସମସ୍ତ ସମ୍ଭାବ୍ୟ ସହାୟତା ଯୋଗାଇଦେବା ସକାଶେ ଶ୍ରୀ ଚୌହାନ ପ୍ରତିଶ୍ରୁତି ଦେଇଛନ୍ତି। ଆବଶ୍ୟକ ସ୍ଥଳେ ବୈଜ୍ଞାନିକ ତଥା ବୈଷୟିକ ସହାୟତା ମଧ୍ୟ ପ୍ରଦାନ କରାଯିବ ବୋଲି ସେ କହିଛନ୍ତି।

### ବିଶ୍ୱର...

ରହୁଥିବାରୁ ଏହା ସୌର ବିକିରଣକୁ ଅଧିକ ବ୍ୟାପକ କରୁଛି, ଯାହାକି ତାପମାତ୍ରାର ଅହେତୁକ ବୃଦ୍ଧି ପାଇଁ ଅନ୍ୟତମ କାରଣ ବୋଲି ପାଣିପାଗ ବିଶେଷଜ୍ଞମାନେ କହୁଛନ୍ତି। ତା'ଛଡ଼ା ଜଳବାୟୁ ପରିବର୍ତ୍ତନ ଅନ୍ୟ ଏକ ପ୍ରମୁଖ କାରଣ। ସେହିପରି ଶିଳ୍ପ କାରଖାନାରୁ ନିର୍ଗତ ଧୂଆଁ ଯୋଗୁଁ ମଧ୍ୟ ପରିସ୍ଥିତି ଦିନକୁ ଦିନ ଗୁରୁତର ହେଉଛି ବୋଲି ବିଶେଷଜ୍ଞମାନେ କହୁଛନ୍ତି। ଏଥିସହ ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ଏପରି ଗ୍ରୀଷ୍ମ ପ୍ରବାହ ଜାରି ରହିବ ବୋଲି ମଧ୍ୟ ସତର୍କ କରାଇ ଦିଆଯାଇଛି।

### ଝାରସୁଗୁଡ଼ା...

କୁହାଯାଇଛି। ଏଥିସହ ଝାରସୁଗୁଡ଼ା ଓ ବଲାଙ୍ଗୀରରେ ଆସନ୍ତା ୪୮ ଘଣ୍ଟା ପର୍ଯ୍ୟନ୍ତ ତାପମାତ୍ରାରେ ବିଶେଷ କୌଣସି ପରିବର୍ତ୍ତନ ହେବ ବୋଲି କୁହାଯାଇଛି।

### ଆଜି...

ନିର୍ବାଚନରେ ଶୁଭେନ୍ଦୁ ଏହି ନନ୍ଦିଗ୍ରାମ ଆସନରେ ମମତାଙ୍କୁ ପରାସ୍ତ କରିଥିଲେ। ଏବେ ଏହି ଆସନରେ ଟିଏମ୍‌ସିର ପବିତ୍ର କରଙ୍କ ସହ ଶୁଭେନ୍ଦୁଙ୍କର ମୁକାବିଲା ହେଉଛି। ସେହିପରି ବରହମପୁରରେ କଂଗ୍ରେସର ଅଧିର ରଞ୍ଜନ ଚୌଧୁରୀଙ୍କ ସହ ବିଜେପିର ସୁବ୍ରତ ମୈତ୍ରଙ୍କ ମଧ୍ୟରେ ହେଉଛି କଡ଼ା ମୁକାବିଲା। ଆସନସୋଲ ଦକ୍ଷିଣରେ ବିଜେପିର ଅଗ୍ନିମିତ୍ର ପଲଙ୍କ ବିପକ୍ଷରେ ଲଢୁଛନ୍ତି ଟିଏମସିର ତାପସ ବାନାର୍ଜୀ। ପଶ୍ଚିମବଙ୍ଗ ବିଜେପିର ଆଗଧାଡ଼ିର ନେତ୍ରୀ ହେଉଛନ୍ତି ଅଗ୍ନିମିତ୍ର ପଲ। ଅଗ୍ନିମିତ୍ର ଗତ ୨୦୨୧ ନିର୍ବାଚନରେ ଟିଏମସିର ସାୟୋନୀ ଘୋଷଙ୍କୁ ହରାଇଥିଲେ। ଖଡ଼ଗପୁର ସଦରରେ ବିଜେପିର ପୂର୍ବତନ ରାଜ୍ୟ ସଭାପତି ଦିଲୀପ ଘୋଷଙ୍କ ବିରୋଧରେ ପ୍ରାର୍ଥୀ ହୋଇଛନ୍ତି ଟିଏମସିର ପ୍ରଦୀପ ସର୍କାର। ସେହିଭଳି ତାମିଲନାଡୁରେ ମଧ୍ୟ ଏସଏପି ଓ ଏନଡିଏ ମଧ୍ୟରେ କଡ଼ା ଟକ୍କର୍ ହେଉଥିବା ବେଳେ ଅଭିନେତା ବିଜୟଙ୍କ ରାଜନୀତିରେ ପ୍ରବେଶ ଭୋଟରଙ୍କୁ ପ୍ରଭାବିତ କରିବ ବୋଲି ଆଶା କରାଯାଉଛି। ମୁଖ୍ୟମନ୍ତ୍ରୀ ଏମକେ ଷ୍ଟାଲିନ ପୁଣିଥରେ କ୍ଷମତାକୁ ଆସିବାକୁ ଚେଷ୍ଟା କରୁଥିବା ବେଳେ ଏଆଇଏଡିଏମକେ ସାଧାରଣ ସମ୍ପାଦକ ଇକେ. ପାଲାନାସ୍ୱାମୀ ମଧ୍ୟ ସରକାର ଗଠନ ପାଇଁ ଭାଗ୍ୟ ପରୀକ୍ଷା କରୁଛନ୍ତି। ତାମିଲନାଡୁର ୨୩୪ ଆସନ ଲାଗି ୪ ହଜାର ୨୩ ଜଣ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଣ୍ଣୟ କରିବେ ପ୍ରାୟ ୫ କୋଟି ୭୩ ଲକ୍ଷ ଭୋଟର। ଚଳିତ ନିର୍ବାଚନ ମୁଖ୍ୟମନ୍ତ୍ରୀ ଷ୍ଟାଲିନଙ୍କ ଲାଗି ଅଗ୍ନିପରୀକ୍ଷା। ଏଥର ବି କୋଲଥୁର ବିଧାନସଭା ନିର୍ବାଚନମଣ୍ଡଳୀରୁ ପ୍ରାର୍ଥୀ ହୋଇଛନ୍ତି ଷ୍ଟାଲିନ। ତାଙ୍କ ବିରୋଧରେ ଏଆଇଏଡିଏମକେରୁ ପ୍ରାର୍ଥୀ ହୋଇଛନ୍ତି ଆଦି ରାଜାରାମ। ଏହି ଆସନରୁ ଷ୍ଟାଲିନ ଗତ ୨୦୧୧ରୁ କ୍ରମାଗତ ଭାବେ ଜିତିଆସୁଛନ୍ତି। ଦ୍ୱିତୀୟ ଥର ଲାଗି ନିର୍ବାଚନ ମଇଦାନରେ ଅବତୀର୍ଣ୍ଣ ହୋଇଛନ୍ତି ଡିଏମକେ ପ୍ରାର୍ଥୀ ତଥା ତାମିଲନାଡୁ ମୁଖ୍ୟମନ୍ତ୍ରୀଙ୍କ ତୃତୀୟ ତଥା ସର୍ବକନିଷ୍ଠ ପୁଅ ଉଦୟନିଧି ଷ୍ଟାଲିନ। ଏଥର ବି ସେ ଚେପାକ-ତିରୁବାଲିକେନି ବିଧାନସଭା ଆସନରୁ ପ୍ରାର୍ଥୀ ହୋଇଛନ୍ତି। ୨ଟି ଆସନରୁ ଲଢୁଛନ୍ତି ସୁପରଷ୍ଟାର ବିଜୟ। ସେ ପେରାମ୍ବୁର ଓ ତିରୁଚିରାପଲ୍ଲୀ ଇଷ୍ଟରୁ ପ୍ରାର୍ଥୀ ହୋଇଛନ୍ତି। କେନ୍ଦ୍ରମନ୍ତ୍ରୀ ତଥା ବିଜେପି ନେତା ଏଲ୍ ମୁରୁଗାନ ଅବାନାଶୀରୁ ପ୍ରାର୍ଥୀ ହୋଇଥିବା ବେଳେ ଧର୍ମପୁରୀ ଆସନରୁ ଲଢୁଛନ୍ତି ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ରାଜ୍ୟସଭା ସଦସ୍ୟ ଡକ୍ଟର ଅମ୍ବୁମଣି ରାମଦୋସଙ୍କ ପତ୍ନୀ ଡକ୍ଟର ସୋମିୟା ଅମ୍ବୁମଣି।

### ସହଜ...

ପ୍ରୋତ୍ସାହିତ କରାଯିବ। ସିଟି ଗ୍ୟାସ ଡିଷ୍ଟ୍ରିବ୍ୟୁସନ ପ୍ରକଳ୍ପଗୁଡ଼ିକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ କରାଯିବ।ଏଥିସହ ପ୍ରକଳ୍ପ ସମ୍ପତ୍ତିର ସଠିକ ପରିଚାଳନା ମାଧ୍ୟମରେ ନିରାପଦ ଓ ନିରନ୍ତର ଗ୍ୟାସ ଯୋଗାଣକୁ ନିଶ୍ଚିତ କରାଯିବା ସହ ସ୍ୱଚ୍ଛ ଭାରତ ମିଶନ ଅନ୍ତର୍ଗତ ବାୟୋ ଗ୍ୟାସ (ସିବିଜି) ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ଆବଶ୍ୟକ ସହଯୋଗ ଯୋଗାଇ ଦିଆଯିବ। ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଏଥିପାଇଁ ନୋଡାଲ ଏଜେନ୍ସି ଭାବେ କାର୍ଯ୍ୟ କରିବ। ଏହାର ସଫଳ ରୂପାୟନ ପାଇଁ ଏକ ରାଜ୍ୟସ୍ତରୀୟ କମିଟି ଏବଂ ଜିଲ୍ଲା ସ୍ତରୀୟ ମନିଟରିଂ କମିଟି ଗଠନ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଏହାଦ୍ୱାରା ରାଜ୍ୟ ସରକାରଙ୍କ ଉପରେ କୌଣସି ଆର୍ଥିକ ବୋଝ ପଡ଼ିବ ନାହିଁ। କିନ୍ତୁ ଏହା ଘରୋଇ ପୁଞ୍ଜିନିବେଶକୁ ଆକୃଷ୍ଟ କରିବା ସହ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି। ସେହିଭଳି ଭୁବନେଶ୍ୱର ଓ କଟକ ମଧ୍ୟରେ ଜାତୀୟ ରାଜପଥରେ ସୃଷ୍ଟି ହେଉଥିବା ଟ୍ରାଫିକ ସମସ୍ୟାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ବର୍ତ୍ତମାନର ସୁବାଷ ଚନ୍ଦ୍ର ବୋଷ ସେତୁ ସମାନ୍ତରାଳରେ କାଠଯୋଡ଼ି ନଦୀ ଉପରେ ଆଉ ଏକ ସେତୁ ନିର୍ମାଣ କରିବେ। ଏହି ସେତୁ ତ୍ରିଶୂଳିଆ ଛକରୁ ଜୁଡିସିଆଲ ଏକାଡେମୀ ଛକକୁ ସଂଯୋଗ କରିବ। ଏହି ସେତୁ ପାଇଁ ୧୫୮ କୋଟି ୮୮ ଲକ୍ଷ ୯୦ ହଜାର ଟଙ୍କାର ଟେଣ୍ଡରକୁ ରାଜ୍ୟ କ୍ୟାବିନେଟ ଆଜି ମଞ୍ଜୁରୀ ଦେଇଛି। ମେସର୍ସ ଏସପିଏସ କନଷ୍ଟ୍ରକସନ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ ଏହି କାମ କରିବ। ଏହି କାର୍ଯ୍ୟ ୩୬ ମାସ ମଧ୍ୟରେ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହାଦ୍ୱାରା ଦ୍ୱୈତ ନଗରୀର ଲୋକେ ବିଶେଷ ଭାବେ ଉପକୃତ ହେବେ। ଏଥିସହ ରାଜ୍ୟରେ ଆପାର୍ଟମେଣ୍ଟ କିଣାବିକା ପ୍ରକ୍ରିୟାକୁ ସହଜ କରିବାକୁ ରାଜ୍ୟ କ୍ୟାବିନେଟ ଆଜି ଭାରତୀୟ ଷ୍ଟାମ୍ପ ଅଧିନିୟମ ୧୮୯୯ରେ ଆବଶ୍ୟକ ସଂଶୋଧନ ପାଇଁ ଅଧ୍ୟାଦେଶ ଜାରି କରିବାକୁ କ୍ୟାବିନେଟ ମଞ୍ଜୁରୀ ଦେଇଛି। ଆପାର୍ଟମେଣ୍ଟ ମାଲିକାନା ଓ ପରିଚାଳନା ଆଇନ ଅନୁଯାୟୀ ପ୍ରଥମ ଆପାର୍ଟମେଣ୍ଟ ହସ୍ତାନ୍ତର ଦଲିଲ ପଞ୍ଜୀକରଣ ସମୟରେ ସାଧାରଣ କ୍ଷେତ୍ର ଓ ସୁବିଧାଗୁଡ଼ିକୁ ଆସୋସିଏସନ ଅଫ ଆଲଟିଙ୍କ ସପକ୍ଷରେ ଦେବା ବାଧ୍ୟତାମୂଳକ। ଏଥିପାଇଁ ଆସୋସିଏସନ ଅଫ ଆଲଟିଙ୍କୁ ପଞ୍ଜୀକରଣ ପାଇଁ ୫ ପ୍ରତିଶତ ଷ୍ଟାମ୍ପ ଡ୍ୟୁଟି ଦେବାକୁ ପଡ଼ିଥିଲା, ଯାହାକି ସେମାନଙ୍କ ଉପରେ ଅଧିକ ଆର୍ଥିକ ଭାର ସୃଷ୍ଟି କରୁଥିଲା। ଏଥିସହ ପ୍ରତ୍ୟେକ ଆପାର୍ଟମେଣ୍ଟର ମୂଲ୍ୟ ଅନୁଯାୟୀ ୩/୪/୫ ପ୍ରତିଶତ ହାରରେ ଷ୍ଟାମ୍ପ ଦେୟ ଦେବାକୁ ପଡୁଥିଲା। ଏହି ସଂଶୋଧିତ ଅଧ୍ୟାଦେଶ ଦ୍ୱାରା ଆପାର୍ଟମେଣ୍ଟରେ ଥିବା ସାଧାରଣ କ୍ଷେତ୍ର ଓ ସୁବିଧାଗୁଡ଼ିକର ପଞ୍ଜୀକରଣ ପାଇଁ ଆସୋସିଏସନ ଅଫ ଆଲଟିଙ୍କୁ ପଞ୍ଜୀକରଣ ପାଇଁ ୫୦ ହଜାର ଟଙ୍କାର ଷ୍ଟାମ୍ପ ଡ୍ୟୁଟି ଦେବାକୁ ପଡିବ। ପରବର୍ତ୍ତୀ ସମୟରେ ବ୍ୟକ୍ତିଗତ ଆପାର୍ଟମେଣ୍ଟ ୟୁନିଟ ବିକ୍ରି ସମୟରେ ୫ ପ୍ରତିଶତ ଷ୍ଟାମ୍ପ ଡ୍ୟୁଟି ଆନୁପାତିକ ଭାବେ ଆଦାୟ ହେବ। ପଶ୍ଚିମ ଓଡିଶାରେ ଶିଳ୍ପାୟନ ପ୍ରକ୍ରିୟାକୁ ସୁଦୃଢ଼ କରିବାକୁ ରାଜ୍ୟ କ୍ୟାବିନେଟ ଆଜି ଅମ୍ବିକା କଟସ୍ପିନ ପ୍ରାଇଭେଟ ଲିମିଟେଡ ଦ୍ୱାରା ବଲାଙ୍ଗୀର ଜିଲ୍ଲାରେ ଏକ ଅତ୍ୟାଧୁନିକ ସୂତା ଉତ୍ପାଦନ ୟୁନିଟ ପ୍ରତିଷ୍ଠା ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି। ଏହି ପ୍ରକଳ୍ପ ଦ୍ୱାରା କେବିକେ ଓ ଆକାଂକ୍ଷୀ ଜିଲ୍ଲାଗୁଡିକରେ ଉଚ୍ଚମୂଲ୍ୟର ଶିଳ୍ପ କାର୍ଯ୍ୟକଳାପକୁ ପ୍ରୋତ୍ସାହିତ କରାଯାଇପାରିବ। ଏହି ପ୍ରକଳ୍ପରେ ମୋଟ ୧୨୪ କୋଟି ଟଙ୍କାର ନିବେଶ ହେବ ଏବଂ ଏହା ବଲାଙ୍ଗିର ଓ କେବିକେ ଅଞ୍ଚଳରେ ଶିଳ୍ପ ଅଭିବୃଦ୍ଧିର ମୂଳଦୁଆ ପକାଇବ। ଏହି ୟୁନିଟରେ ୩୦୦ ଜଣଙ୍କୁ ସିଧାସଳଖ ନିଯୁକ୍ତି ମିଳିବ ବୋଲି ଆଶା କରାଯାଉଛି। ରାଜ୍ୟ ପ୍ରଶାସନକୁ ସୁଦୃଢ଼ କରିବା ସହ ଡିଜିଟାଲ ରୂପାନ୍ତରଣରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଆଜି ରାଜ୍ୟ କ୍ୟାବିନେଟ ଆଜି ରାଜ୍ୟ ଡାଟା ନୀତି-୨କୁ ମଞ୍ଜୁରୀ ଦେଇଛନ୍ତି। ଏହି ନୀତିର ଉଦ୍ଦେଶ୍ୟ ହେଉଛି ପୂରା ଡାଟା ଜୀବନଚକ୍ରରେ ଏକ ବ୍ୟାପକ ଏବଂ ସୁଦୃଢ଼ ଡାଟା ଗଭର୍ଣ୍ଣାନ୍ସ ଫ୍ରେମୱାର୍କକୁ ସଂସ୍ଥାଗତ କରିବା। ସେହିଭଳି ନ୍ୟାସନାଲ କମିଶନ ଫର୍ ଆଲାଏଡ ଆଣ୍ଡ ହେଲ୍‌ଥକେୟାର ପ୍ରଫେସନ ଆଇନ ୨୦୨୧ ଆଧାରରେ ଓଡ଼ିଶା ଆଲାଏଡ ଆଣ୍ଡ ହେଲ୍‌ଥକେୟାର କାଉନସିଲ ନିୟମାବଳୀ ପ୍ରଣୟନ ପ୍ରସ୍ତାବକୁ କ୍ୟାବିନେଟ ମଞ୍ଜୁରୀ ଦେଇଛି।

### ମତାମତ...

ଓ ପରାମର୍ଶ ଆହ୍ୱାନ କରାଯାଇଛି। ଉକ୍ତ ପ୍ରସ୍ତାବଗୁଡ଼ିକ ଉପରେ ଜନପ୍ରତିନିଧି ଓ ଜନସାଧାରଣ ସେମାନଙ୍କ ମତାମତ ତଥା ସୁଚିନ୍ତିତ ପରାମର୍ଶ ଆଜିଠାରୁ ଏକ ମାସ ମଧ୍ୟରେ ଦେଇପାରିବେ।

### ପୁଣି...

ବୋଲି ଇରାନର ସରକାରୀ ଟେଲିଭିଜନ ରିପୋର୍ଟ କରିଛି। ଅନ୍ୟଏକ ଘଟଣାକ୍ରମରେ ପାନାମା ପତାକା ଲାଗିଥିବା ଅନ୍ୟ ଏକ ଜାହାଜ 'ୟୁଫୋରିଆ'କୁ ମଧ୍ୟ ଇରାନ ନୌସେନା ଉପକୂଳଠାରୁ ୮ ନଟିକାଲ ମାଇଲ ପଶ୍ଚିମରେ ଟାର୍ଗେଟ୍ କରିଛନ୍ତି, ଆଉ ତାହା ଏବେ ଇରାନ ଉପକୂଳରେ ଫସି ରହିଛି। 'ୟୁଫୋରିଆ' ଜେଦ୍ଦାହ ଅଭିମୁଖେ ଯାତ୍ରା କରୁଥିଲା। ସାମୁଦ୍ରିକ ଟ୍ରାଫିକ ତଥ୍ୟ ଅନୁଯାୟୀ, 'ଏପାମିନୋଣ୍ଡାସ୍' ଦୁବାଇରୁ ବାହାରି ଗୁଜରାଟର ମୁନ୍ଦ୍ରା ବନ୍ଦର ଅଭିମୁଖେ ଯାତ୍ରା କରୁଥିଲା। ସେହିପରି 'ଏମସଏସି ଫ୍ରାନସେସ୍କା' ଇରାନର ଉପକୂଳରୁ ପ୍ରାୟ ୬ ନଟିକାଲ୍ ମାଇଲ୍ ଦୂରରେ ହର୍ମୁଜ୍ ପ୍ରଣାଳୀର ଦକ୍ଷିଣରେ ଥିବା ଓମାନ ଉପସାଗରକୁ ଯାତ୍ରା କରୁଥିଲା। ଏହା ଶ୍ରୀଲଙ୍କାର ହାମ୍ବନଟୋଟା ବନ୍ଦରକୁ ଯାଉଥିବା ଜଣାପଡ଼ିଛି।ବ୍ରିଟେନର ମେରିଟାଇମ୍ ଟ୍ରେଡ୍ ଅପରେସନ୍ସ (ୟୁକେଏମଟିଓ) ଏହି ଆକ୍ରମଣ ଘଟଣାର ପୁଷ୍ଟି କରିଛି। ହର୍ମୁଜରେ ୩ଟି ବ୍ୟାବସାୟିକ ଜାହାଜ ଉପରକୁ ଗୁଳିଚାଳନା ହୋଇଛି ବୋଲି ୟୁକେଏମଟିଓ ସ୍ପଷ୍ଟ କରିଛି। ରଏଟର୍ସର ରିପୋର୍ଟ ଅନୁଯାୟୀ, ଆଇଆରଜିସିର ଗୁଳି ଓ ଗ୍ରେନେଡ ମାଡ଼ରେ ଜାହାଜଗୁଡ଼ିକ ମଧ୍ୟରୁ ଗୋଟିଏ ଜାହାଜର ବ୍ରିଜ୍ (କେନ୍ଦ୍ରୀୟ କମାଣ୍ଡ ସେଣ୍ଟର) କ୍ଷତିଗ୍ରସ୍ତ ହୋଇଛି। ତେବେ କ୍ରୁ ସଦସ୍ୟଙ୍କର କୌଣସି କ୍ଷତି ହୋଇନାହିଁ। ଓମାନ ଉପକୂଳରେ ଆମେରିକାର ନୌସେନା ଇରାନର ପତାକା ଲାଗିଥିବା ଦୁଇଟି ଜାହାଜକୁ ଜବତ କରିନେବା ପରେ ଇରାନ 'ଯେଶାକୁ ତେସା' ନୀତିରେ ଏଭଳି ପଦକ୍ଷେପ ନେଇଥାଇପାରେ ବୋଲି ଅନୁମାନ କରାଯାଉଛି। ତେବେ ଏହି ଆକ୍ରମଣ ନେଇ ଇରାନ ନୌସେନା ପକ୍ଷରୁ ସଫେଇ ଦିଆଯାଇଛି। ଜାହାଜଗୁଡ଼ିକ ନିକଟରେ ହର୍ମୁଜ ଅତିକ୍ରମ ଲାଗି 'ଆବଶ୍ୟକୀୟ ଅନୁମତି' ନ ଥିବା ବେଳେ ସେମାନେ ଜିପିଏସ ସ୍ପୁଫିଂ ଓ ଜାମିଂ ଭଳି ନୌଯାତ୍ରା-ବିଭ୍ରାନ୍ତକାରୀ ବ୍ୟବସ୍ଥାର ଦୁରୁପଯୋଗ କରି ସାମୁଦ୍ରିକ ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରିଥିଲେ ବୋଲି ଇରାନୀ ନୌସେନା ପକ୍ଷରୁ କୁହାଯାଇଛି।

### ପ୍ରଭାତ...

ହୋଇଛନ୍ତି, କିନ୍ତୁ ବିଜେପି ଲାଇନ୍‌ରେ ସିଏ ନାହାନ୍ତି। ତାଙ୍କର କେତେକ ପଦକ୍ଷେପ ଏବେ ସରକାରଙ୍କୁ ଅଡୁଆରେ ପକାଇବାରେ ଲାଗିଛି। ତେଣୁ ବିଜେପି ମଧ୍ୟ କଟକରେ ସଂଗଠନ ଦାୟିତ୍ୱ ଦେବା ସକାଶେ ଜଣେ ଟାଣୁଆ ନେତାଙ୍କ ସନ୍ଧାନରେ ରହିଛି। ଏହାକୁ ଏକ ମଉକା ଭାବି ପ୍ରଭାତ ବିଜେପିମୁହାଁ ହୋଇଥିବା ବେଳେ ପୁଅ ସୌଭିକ କିନ୍ତୁ ବିଜେଡି ବିଧାୟକ ରହିବାକୁ ଏକପ୍ରକାର ବାଧ୍ୟ। କାରଣ ଯଦିଓ ସୌଭିକ ଦଳରୁ ନିଲମ୍ବିତ ହୋଇଛନ୍ତି, କିନ୍ତୁ ସେ ବିଜେପିରେ ଯୋଗଦେଇପାରିବେ ନାହିଁ। କାରଣ ଦଳ ବଦଳାଇଲେ, ତାଙ୍କ ବିଧାୟକ ପଦ ଯିବା ନିଶ୍ଚିତ। ଗୋଟିଏ ପଟେ ପ୍ରଭାତ ବିଜେପିମୁହାଁ ହୋଇଥିବା ବେଳେ ଅନ୍ୟପଟେ ପ୍ରଭାତଙ୍କ କାନ୍ଧରେ ବନ୍ଧୁକ ରଖି ବିଜେପି ମଧ୍ୟ ଆଗଧାଡ଼ିର ବିଜେପି ନେତାଙ୍କୁ ଶିକାର କରିବାର ସମ୍ଭାବନା ରହିଛି। କାରଣ ପୋଷାକ ବଦଳ ପରେ ପ୍ରଭାତ ଯେଭଳି ପ୍ରଣବ ପ୍ରକାଶ ଦାସଙ୍କ ଭଳି ଆଗଧାଡ଼ିର ନେତାଙ୍କ ଗୋହି ଖୋଳିବାରେ ଲାଗିଛନ୍ତି, ଏଭଳି ସ୍ଥିତିରେ ସେ ବିଜେପିକୁ ଗଲେ ସେଥିରୁ କାହାକୁ କେତେ ଫାଇଦା ମିଳିବ, ତାହାକୁ ନେଇ ଏବେଠାରୁ ଆଲୋଚନା ଜୋର୍ ଧରିଛି।

# କୋଣାର୍କ ପରିଦର୍ଶନ କରି ଅଦ୍ଭୁତ ଅନୁଭୂତି ସାଉଁଟିଲେ ତିନି ରାଜ୍ୟର ବାଚସ୍ପତି



କାକଟପୁର/ଅସ୍ତରଙ୍ଗ,୨୨।୪(ସଂଚାର ବ୍ୟୁରୋ)ଃ ଗତ ମଙ୍ଗଳବାର ପୁରୀ ଠାରେ ବିଧାନସଭା ବାଚସ୍ପତି ମାନଙ୍କର ସମ୍ମିଳନିରେ ଯୋଗଦେବା ପରେ ସନ୍ଧ୍ୟାରେ ଓଡିଶା ବିଧାନସଭା ବାଚସ୍ପତି ସୁରମା ପାଢ଼ୀ, ମହାରାଷ୍ଟ୍ର ବିଧାନସଭା ବାଚସ୍ପତି ଶ୍ରୀ ରାହୁଲ ସୁରେଶ ନର୍ଯ୍ୟୁକାର ଓ କର୍ଣ୍ଣାଟକ ବିଧାନସଭା ବାଚସ୍ପତି ଶ୍ରୀ ୟୁ ଟି ଖାଦେରେ ଫରିଦ କୋଣାର୍କ ସୂର୍ଯ୍ୟ ମନ୍ଦିର ପରିଦର୍ଶନ କରିଛନ୍ତି। କୋଣାର୍କ ସୂର୍ଯ୍ୟ ମନ୍ଦିର ପରିଦର୍ଶନ ସମୟରେ କୋଣାର୍କ ର ନିଖୁଣ କଳାକୃତି କୁ ଦେଖି ଅଦ୍ଭୁତ ଅନୁଭବ କରିବା ସହିତ ମଣିଷ ବିଚାରଧାରା ଠାରୁ ଅଧିକ ଅନୁଭବ କୁ ଏତେ ସୁନ୍ଦର ଭାବରେ ତିଆରି ପଥର ର କଳାକୃତି ଦେଖିବାର ସୌଭାଗ୍ୟ ଅନୁଭବ କରିଛନ୍ତି। ଅନ୍ୟ ପକ୍ଷରେ ଓଡ଼ିଶାର ଆତିଥ୍ୟ ଓ କଳା ସଂସ୍କୃତି କୁ ସମ୍ମାନ ଜଣାଇବା ବେଳେ ସୂର୍ଯ୍ୟ ମନ୍ଦିରରେ ନିର୍ମିତ କଳାକୃତି ଆମ ଭାରତ ର କଳା, ସଂସ୍କୃତି ଓ ପରମ୍ପରା ର ପରିଚୟ ବୋଲି ମତପ୍ରକାଶ କରିଥିଲେ। ଯାହା ଆମ ପୂର୍ବଜ ମାନଙ୍କ ଅତୁଳନୀୟ ଅବଦାନ ଅଟେ ବୋଲି ନିଜର ମତ ବ୍ୟକ୍ତ କରିଛନ୍ତି। ପରେ ସୂର୍ଯ୍ୟ ମନ୍ଦିର ପରିଦର୍ଶନ ସାରିବା ପରେ କୋଣାର୍କ ସୂର୍ଯ୍ୟ ମନ୍ଦିର ନିକଟରେ ଥିବା ଇଣ୍ଟରପ୍ରେଟ ଅଡିଟୋରୀୟମ ବୁଲି ଦେଖିବା ସହିତ ଭିଡ଼ିଓ ଗ୍ରାଫି ମାଧ୍ୟମରେ କୋଣାର୍କ ଐତିହ୍ୟ, କଳାକୃତି, ସମେତ ସୂର୍ଯ୍ୟ ମନ୍ଦିର ନିର୍ମାଣର ଇତିହାସ କୁ ଦେଖିଥିଲେ।

# ପ୍ରକଳ୍ପ ଉ.ପ୍ରା. ବିଦ୍ୟାଳୟ ବାର୍ଷିକ ଉତ୍ସବ



ଗୋପ,୨୨।୪ (ସଂଚାର ବ୍ୟୁରୋ)ଃ ବେଗୁନିଆ ପ୍ରକଳ୍ପ ଉ. ପ୍ରା. ବିଦ୍ୟାଳୟ ର ବାର୍ଷିକ ଉତ୍ସବ ମହସମାରୋହ ରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ସଭାପତି ହରେକୃଷ୍ଣ ସାହୁ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଉକ୍ତ ଉତ୍ସବରେ ବେଦପୁର ଗ୍ରାମ ପଞ୍ଚାୟତ ସରପଞ୍ଚ ଜୟନ୍ତୀ ଜେନା ,ମୁଖ୍ୟ ଅତିଥି ପିଲାଙ୍କ ଖବରକାଗଜ ବାନର ସେନା ର ସମ୍ପାଦକ ପ୍ରକାଶ ଚନ୍ଦ୍ର ଛାଟୋଇ, ଉତ୍ସର୍ଗ ପରିବାର ର ସମ୍ପାଦକ ବିଷ୍ଣୁ ମୋହନ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବିଦ୍ୟାଳୟ ଚରିତ୍ର ଗଠନ ର ପୁଣ୍ୟ କ୍ଷେତ୍ର ବୋଲି କହିଥିଲେ। ଛାତ୍ର ଛାତ୍ରୀ ଏବଂ ବିକାଶ ପାଇଁ ଉଭୟ ଅଭିଭାବକ ଓ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଗୁରୁ ଦାୟିତ୍ୱ ତୁଲାଇବାକୁ ପରାମର୍ଶ ଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସ୍ନେହଲତା ପରିଡ଼ା, ସହକାରୀ ଶିକ୍ଷୟିତ୍ରୀ ମମତା ମହାନ୍ତି, ସମିତା ରାଉତରାୟ, ମାନସୀ ସାହୁ, ଗାୟତ୍ରୀ ଦାସ ଓ ବିଦ୍ୟାଳୟ ର ଉପସଭାପତି ଦେବକୀ ବେହେରା ପ୍ରମୁଖ ନିଜ ନିଜ ର ବକ୍ତବ୍ୟ ରଖିଥିଲେ। ପରିବେଶ ସୁରକ୍ଷା ଓ ସ୍ୱଚ୍ଛତା ପାଇଁ ଉତ୍ସର୍ଗ ପରିବାର କୁ ସମ୍ମାନିତ କରାଯାଇଥିଲେ। ଅତିଥି ମାନେ କୃତି ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କାର ବିତରଣ କରିବା ସହ ବିଦ୍ୟାଳୟର ପ୍ରାଚୀର ପତ୍ର ଉନ୍ମୋଚନ କରିଥିଲେ। ସପ୍ତମ ଶ୍ରେଣୀ ଛାତ୍ର ଛାତ୍ରୀ ମାନଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆ ଯାଇଥିଲା। କୁନି କୁନି ଛାତ୍ର ଛାତ୍ରୀଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

**ପୂର୍ତ୍ତ ବିଭାଗର ଉଦାସୀନତା**

# ରାସ୍ତା ଉପରେ ବିପଦ ସାଜିଛି ନଦୀ ବାଲି



ବଢ଼ୁଛି ଦୁର୍ଘଟଣା,ପ୍ରଶାସନ ଚୁପ

ଯାଜପୁର,୨୨।୪(ସଂଚାର ବ୍ୟୁରୋ)ଃ ଯାଜପୁର ଜିଲା ବିଭିନ୍ନ ମୁଖ୍ୟ ରାସ୍ତା ଏବେ ବାଲିମୟ ହୋଇ ପଡ଼ିଛି। ନଦୀ ମାନଙ୍କରୁ ଓଭର ଲୋଡିଂ ବାଲି ମୁଖ୍ୟ ରାସ୍ତାର ଉଭୟ ପାର୍ଶ୍ୱରେ ପଡ଼ି ବିପଦ ସାଜିଛି। କାରଣ ଲୋକମାନେ ଯାତାୟାତ ସମୟରେ ଏଥି ଯୋଗୁଁ ଦୁର୍ଘଟଣାର ସମ୍ମୁଖୀନ୍ନ ହେଉଛନ୍ତି। ସରକାର ଡଷ୍ଟ ସ୍ୱିପିଙ୍ଗ ମେସିନ ଯୋଗାଇ ଦେଇଥିଲେ ମଧ୍ୟ କିଛି ପଦାଧିକାରୀଙ୍କ ଖାମଖିଆଲୀ ନୀତି ପାଇଁ ଏହା କାର୍ଯ୍ୟକାରୀ ନ ହେବା ଘଟଣା ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟ ଦକ୍ଷତା ଉପରେ ପ୍ରଶ୍ନବାଚୀ ହୋଇଛି। ଯାହାକି ବ୍ୟାସନଗର ପୌରାଞ୍ଚଳ ଏବଂ କଳିଙ୍ଗନଗର ଶିଳ୍ପାଞ୍ଚଳ ରାସ୍ତା ମାନଙ୍କରେ ପ୍ରଚୁର ବାଲି ଜମୁଥିବାର ଦେଖାଯାଇଥିଲା। ମୁଖ୍ୟତଃ ନଦୀ ବାଲି ଏବଂ କାରଖାନାର ବର୍ଯ୍ୟ ପାଉଁଶ ଗାଡ଼ିରେ ପରିବହନ ସମୟରେ ରାସ୍ତାରେ ପଡ଼ି ଜମୁଥିଲା। ଏଥି ଯୋଗୁଁ ଦୁର୍ଘଟଣା ବଢ଼ୁଥିବା ର ସ୍ଥାନୀୟ ଲୋକେ ପ୍ରତିବାଦର ସ୍ୱର ଉଠାଇଥିଲେ। ତେଣୁ ଏହାର ସୁଧାର ଆଣିବାକୁ ସରକାର ଏକ ଡଷ୍ଟ ସ୍ୱିପିଙ୍ଗ ମେସିନ ଯୋଗାଉଦେଇଛନ୍ତି। ହେଲେ କୋଟି କୋଟି ଟଙ୍କା ବିନିମୟରେ ମେସିନ କିଣା ହୋଇଥିଲେ ବି ଏହା କାର୍ଯ୍ୟକାରୀ ନ ହେବା ପଛରେ କଣ ରହସ୍ୟ ରହିଛି ତାହା ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ଯାହା ଫଳରେ ଯାଜପୁର ଜିଲା କଳିଙ୍ଗନଗର ଶିଳ୍ପାଞ୍ଚଳସ୍ଥ ବିଜୁ ବିଜୁପଟ୍ଟନାୟକ ମାର୍ଗ (ମିଲିଟାରୀ ଛକ - ପଙ୍କପାଳ ବଙ୍ଗଳା) ଟି ଏବେ ଯାତାୟତ ପାଇଁ ବିପଦ ପାଲଟିଛି। ଏହିଁ ରାସ୍ତାଟି ପୂର୍ତ୍ତ ବିଭାଗ ଅଧୀନରେ ରହିଛି। ଏହିଁ ପିଚୁ ରାସ୍ତାର ଉଭୟ ପାର୍ଶ୍ୱରେ ନଦୀ ବାଲି ଜମି ରହିଥିବାରୁ ଦୁର୍ଘଟଣା ବଢ଼ୁଛି। ଏହିଁ ରାସ୍ତାଟି କଳିଙ୍ଗନଗର ଶିଳ୍ପାଞ୍ଚଳର ମୁଖ୍ୟ ରାସ୍ତା। ହେଲେ ଜିଲା ପ୍ରଶାସନ ଠାରୁ ଆରମ୍ଭ କରି ରାଜନେତା ପର୍ଯ୍ୟନ୍ତ ଦୈନନ୍ଦିନ ଏହିଁ ରାସ୍ତା ଦେଇ ଯାତାୟାତ କରୁଥିଲେ ମଧ୍ୟ ଏଥି ପ୍ରତି କାହାର ଧ୍ୟାନ ନ ଦେବା ଘଟଣା ସାଧାରଣରେ ପ୍ରଶ୍ନବାଚୀ ହୋଇଛି। ଅପରପକ୍ଷରେ ରାସ୍ତାଟି ପୂର୍ତ୍ତ ବିଭାଗ ଅଧୀନରେ ରହିଛି।

କିନ୍ତୁ ବିଜୁପଟନାୟକମାର୍ଗ ପିଚୁ ରାସ୍ତାର ଉଭୟ ପାର୍ଶ୍ୱରେ ଜମି ଥିବା ବାଲି ଜନସାଧାରଣଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ହୋଇଛି। କାରଣ ନଦୀ ବାଲି ଏବଂ କାରଖାନାର ବର୍ଯ୍ୟ ପାଉଁଶ ହାଇୱାରେ ଓଭର ଲୋଡିଂ କରାଯାଇ ପରିବହନ ହେଉଥିବାରୁ ପିଚୁ ରାସ୍ତା ଉପରେ ବାଲି ଓ ବର୍ଯ୍ୟ ପାଉଁଶ ଜମୁଥିବା ଅନ୍ୟ ଏକ କାରଣ। ତେବେ ଏହିଁ ରାସ୍ତାଟି କଳିଙ୍ଗନଗର ଶିଳ୍ପାଞ୍ଚଳର ବ୍ୟସ୍ତ ବହୁଳ ରାସ୍ତା। ତେଣୁ ବାଇକ ଓ ସାଇକେଲରେ ଯାଉଥିବା ଲୋକେ ଅନେକ ସମୟରେ ଦୁର୍ଘଟଣାର ଶିକାର ହୋଇ ମୃତ୍ୟୁ ଘଟୁଥିବା ଅଭିଯୋଗ ହୋଇଛି ।

**କୋରାପୁଟ ଜିଲ୍ଲାସ୍ତରୀୟ ଅକ୍ଷୟ ତୃତୀୟା ଓ କୃଷକ ଦିବସ**

# ଚାଷୀଙ୍କୁ ୧୭.୯୮ କୋଟି ସହାୟତା ଟଙ୍କା ବିତରଣ



ବୋରିଗୁମ୍ମା/କୋଟପାଡ଼, ୨୨।୪ (ସଂଚାର ବ୍ୟୁର)ଃ ପବିତ୍ର ଅକ୍ଷୟ ତୃତୀୟା ଓ ଜିଲ୍ଲା ସ୍ତରୀୟ କୃଷକ ଦିବସ ଅବସରରେ କୋଟପାଡ଼ ସ୍ଥିତ ସରକାରୀ କୃଷି ଫାର୍ମ ଠାରେ କୋଟପାଡ଼ ବିଧାୟକ ରୁପୁ ଭତ୍ରା ଅକ୍ଷିମୁଠି ଅନୁକୂଳ କରିବା ସହ ସିଏମ- କିଷାନ ଯୋଜନାରେ ୧୭.୯୮ କୋଟି ଖରିପ ଋତୁର ପ୍ରଥମ କିସ୍ତି ଟଙ୍କା ରାଜ୍ୟ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚୋରଣ ମାଝୀ ଡିବିଟି ମାଧ୍ୟମରେ କୋରାପୁଟ ଜିଲ୍ଲାର ମୋଟ ୮୯,୯୦୭ ପ୍ରକୃତ ଚାଷୀଙ୍କ ବ୍ୟାଙ୍କ ଖାତାକୁ ସିଧା ସଳଖ ସହାୟତା ପ୍ରଦାନ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଆଭାସି ମାଧ୍ୟମରେ 'ଆମ ବିହନ ରଥ' 'କୃଷି ରଥ'ର ଶୁଭାରମ୍ଭ କରିଛନ୍ତି। କୃଷକଙ୍କୁ ଆର୍ଥିକ ଭାବେ ସଶକ୍ତ କରିବା ହେଉଛି ସରକାରଙ୍କ ପ୍ରାଥମିକତା ଓ ଏହି ଯୋଜନା ତାହାର ଉଦାହରଣ ବୋଲି କହିଛନ୍ତି। ବିଧାୟକ ରୁପୁ ଭତ୍ରା କହିଛନ୍ତି ରାଜ୍ୟର ଅର୍ଥନୀତି ଓ ପ୍ରଗତିର ମେରୁଦଣ୍ଡ ହେଉଛନ୍ତି ଆମର କୃଷକ ସମାଜ। ଆପଣ ମାନଙ୍କ ପରିଶ୍ରମରେ ଆମମାଟି ସୁଜଳା ସୁଫଳା ହୋଇଥାଏ। ଆପଣମାନଙ୍କ ସ୍ୱାର୍ଥ ରକ୍ଷାକରିବା ଏବଂ କୃଷି କାର୍ଯ୍ୟକୁ ଅଧିକ ସରଳ ଓ ସ୍ୱଚ୍ଛ କରିବାକୁ ଆମ ରାଜ୍ୟ ସରକାର ସଦା ସର୍ବଦା ଚେଷ୍ଟିତ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିରୂପେ ଜିଲ୍ଲାପରିଷଦ ଅଧ୍ୟକ୍ଷା ସସ୍ମିତା ମେଲକା, ବ୍ଲକ ଅଧ୍ୟକ୍ଷା କମଳା ଭତ୍ରା, ଅତିରିକ୍ତ ଜିଲ୍ଲାପାଳ ନରେଶ ଚନ୍ଦ୍ର ଶବର, ନବରଙ୍ଗପୁର ସାଂସଦ ପ୍ରତିନିଧି ରାମେଶ୍ୱର ଜେନା, ମୁଖ୍ୟ ଜିଲ୍ଲା କୃଷିଅଧିକାରୀ ଭବାନୀ ଶଙ୍କର ମହାପାତ୍ର, ଅତିରିକ୍ତ କୃଷିଅଧିକାରୀ ଡ଼. ପର୍ଶୁରାମ ହିଆଲ, ବରିଷ୍ଠ ବୈଜ୍ଞାନିକ ବିନୋଦ ବେହେରା, ଜିଲ୍ଲା କୃଷି ଅଧିକାରୀ ହେମନ୍ତ କୁମାର ପଡ଼ିହାରୀ, ଓ ଜିଲ୍ଲା କୃଷିଅଧିକାରୀ ଲଲାଟେନ୍ଦୁ ମହାପାତ୍ର, ସୁଜାତା ନିଶଙ୍କ ପ୍ରମୁଖ ଯୋଗଦେଇଥିଲେ।

# ଅଗ୍ନି ସେବା ସପ୍ତାହ ଉଦ୍‌ଯାପିତ



ସୁନ୍ଦରଗଡ଼,୨୨।୪(ସଂଚାର ବ୍ୟୁରୋ)ଃ ଏନଟିପିସି ଦର୍ଲିପାଲି ସୁପର ଥର୍ମାଲ ପାୱାର ଷ୍ଟେସନରେ ଅଗ୍ନିଶମ ସେବା ସପ୍ତାହ ଉଦଯାପିତ ହୋଇଯାଇଛି। ଏନଟିପିସି ଦର୍ଲିପାଲିର ହେଲିପ୍ୟାଡ୍ ଗ୍ରାଉଣ୍ଡରେ ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ସାଧାରଣ ପରିଚାଳକ (ଓ ଏଣ୍ଡ ଏମ) ରବିନ୍ଦର ଶର୍ମା ଯୋଗ ଦେଇଥିଲେ ଏବଂ ଡେପୁଟି କମାଣ୍ଡାଣ୍ଟ ଏଲ୍ ମହାନ୍ତି ଏବଂ ଅଗ୍ନିଶମର ସହାୟକ କମାଣ୍ଡାଣ୍ଟ ଧର୍ମେନ୍ଦ୍ର ସିଂହ, (ଏଜିଏମ/ ଏଚ ଆର) ଏସ୍ କେ ମିଞ୍ଜ୍ ଏବଂ ବାଲ୍ ଭାରତୀ ପବ୍ଲିକ୍ ସ୍କୁଲର ପ୍ରିନ୍ସିପାଲ୍ ଶ୍ରୀମତୀ ଉନ୍ନତି ରାଉତ ଜୋଶୀ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ସିଆଇଏସଏଫ ସୁରକ୍ଷା ୱିଙ୍ଗ କର୍ମଚାରୀ, ଏନଟିପିସି କର୍ମଚାରୀ ଏବଂ ସିଆଇଏସଏଫ କର୍ମଚାରୀଙ୍କ ଗୃହିଣୀମାନେ ମଧ୍ୟ ଉପସ୍ଥିତ ଥିଲେ। ସମାପ୍ତି ଉତ୍ସବ ଆୟୋଜନ ସମୟରେ ସିଆଇଏସଏଫ ଅଗ୍ନିଶମ ୱିଙ୍ଗ କର୍ମଚାରୀମାନଙ୍କ ଦ୍ୱାରା ଅଗ୍ନି ନିବାରଣ ଏବଂ ସୁରକ୍ଷା ସମ୍ବନ୍ଧୀୟ ବାର୍ତ୍ତା ପ୍ରସାର କରି ଏକ ସୁନ୍ଦର ଅଗ୍ନି ପ୍ରଦର୍ଶନ ମଧ୍ୟ କରାଯାଇଥିଲା। ମୁଖ୍ୟ ଅତିଥି ଶ୍ରୀ ରବିନ୍ଦର ଶର୍ମା ସମାଜ ଏବଂ ଶିଳ୍ପରେ ଅଗ୍ନି ନିବାରଣ ନିୟମାବଳୀର ଗୁରୁତ୍ୱ ବିଷୟରେ ସମସ୍ତଙ୍କୁ ଅବଗତ କରାଇଥିଲେ। ଏପ୍ରିଲ ୧୪ରୁ ୨୦ ତାରିଖ ପର୍ଯ୍ୟନ୍ତ ଅଗ୍ନିଶମ ସେବା ସପ୍ତାହ ୨୦୨୬ ପାଳନ ସମୟରେ, ଠିକା ଶ୍ରମିକ ଏବଂ ଏନଟିପିସି କର୍ମଚାରୀଙ୍କ ମଧ୍ୟରେ ପ୍ରାଥମିକ ଚିକିତ୍ସା ଅଗ୍ନି ନିର୍ବାପନ ଶ୍ରେଣୀ ପରିଚାଳନା କରାଯାଇଥିଲା ଏବଂ ବିଭିନ୍ନ ସ୍ଥାନରେ ଅଗ୍ନିଶମ ବିଭାଗ ଦ୍ୱାରା ଗୃହିଣୀମାନଙ୍କ ପାଇଁ ଘରେ ଏଲପିଜିର ନିରାପଦ ବ୍ୟବହାର ମଧ୍ୟ ଆୟୋଜନ କରାଯାଇଥିଲା।

# ଭିବିଜିରାମଜୀ ଦୁର୍ନୀତି ପାଇଁ ବିଡିଓ ନାରେ ଅଭିଯୋଗ

ନବରଙ୍ଗପୁର,୨୨।୪(ସଂଚାର ବ୍ୟୁରୋ)ଃ ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକରେ ଭିବିଜିରାମଜୀ (ମନରେଗା)ରେ ହୋଇଥିବା ଦୁର୍ନୀତିକୁ ନେଇ ବିଜେଡିର ଏକ ସ୍ୱତନ୍ତ୍ର ଟିମ ନବରଙ୍ଗପୁର ଭିଜିଲାନ୍ସ ଠାରେ ନନ୍ଦାହାଣ୍ଡି ବିଡିଓ କ୍ଷୀରଦ ଚନ୍ଦ୍ର ସାହୁଙ୍କ ନାମରେ ଏକ ଅଭିଯୋଗ କରିଛନ୍ତି। ବ୍ଲକ ପ୍ରଶାସନ ପକ୍ଷ ରୁ ନିସନାହାଣ୍ଡି ସିନ୍ଧିଗୁଡା, ଡ଼ଙ୍ଗରଭେଜା ଓ ମେଣ୍ଟ୍ରି ଠାରେ ସମୁଦାୟ ୧୫ ଗୋଟିରୁ ଉର୍ଦ୍ଧ୍ୱ ପ୍ରକଳ୍ପ ମନରେଗା ଯୋଜନା ରେ କାର୍ଯ୍ୟ କରାଯାଇଥିବା ଦର୍ଶାଇ ପ୍ରାୟ ଏକ କୋଟି ତିରିଶି ଲକ୍ଷ ଟଙ୍କାର ଦୁର୍ନୀତି କରାଯାଇଥିବା ଅଭିଯୋଗ କରିବା ସହ ବିଭିନ୍ନ କାଗଜ ପତ୍ର ଓ ଭିଡିଓ ପ୍ରଦାନ କରିଛନ୍ତି। ପୂର୍ବରୁ ମଧ୍ୟ ଏହାକୁ ନେଇ ପୂର୍ବତନ ସାଂସଦ ତଥା ବିଜେଡି ନେତା ପ୍ରଦୀପ ମାଝୀ ସାମ୍ବାଦିକ ସମ୍ମିଳନୀ କରି ଥିଲେ ଓ ଆଜି ବିଜେଡି ର ଏକ ଟିମ ସମସ୍ତ ତଥ୍ୟ ସହ ଭିଜିଲାନ୍ସର ଦ୍ୱାରସ୍ତ ହୋଇଛନ୍ତି।

**ସିସିଟିଭି ଅଚଳଃ ଗଞ୍ଜାମ ସହରର ସୁରକ୍ଷା ବ୍ୟବସ୍ଥା ସଙ୍କଟରେ**



# କାମରେ ଆସୁନି କ୍ୟାମେରା, ବଢ଼ୁଛି ଅପରାଧ

ଛତ୍ରପୁର,୨୨।୪(ସଂଚାର ବ୍ୟୁରୋ)ଃ ଗଞ୍ଜାମ ଏନଏସି ଅନ୍ତର୍ଗତ ଗଞ୍ଜାମ ଥାନା ଅଞ୍ଚଳରେ ସିସିଟିଭି ସର୍ଭିଲାନ୍ସ ବ୍ୟବସ୍ଥା ସମ୍ପୂର୍ଣ୍ଣ ଅଚଳ ହୋଇପଡ଼ିବାରୁ ସହରର ସୁରକ୍ଷା ବ୍ୟବସ୍ଥା ଗଭୀର ସଙ୍କଟରେ ପଡ଼ିଛି। ଅପରାଧ ନିୟନ୍ତ୍ରଣ ଓ ଟ୍ରାଫିକ ସୁବ୍ୟବସ୍ଥା ପାଇଁ ସାଂସଦ ପାଣ୍ଠିରୁ ସହରର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଛକରେ ସ୍ଥାପିତ ୨୫ରୁ ଅଧିକ ସିସିଟିଭି କ୍ୟାମେରା ବର୍ତ୍ତମାନ ସମ୍ପୂର୍ଣ୍ଣ ଅକାର୍ଯ୍ୟକ୍ଷମ ଅବସ୍ଥାରେ ପଡ଼ିରହିଛି। କ୍ୟାମେରାମାନଙ୍କ ରକ୍ଷଣାବେକ୍ଷଣ ପାଇଁ କୌଣସି ସ୍ପଷ୍ଟ ବିଭାଗୀୟ ଦାୟିତ୍ୱ ନ ଥିବାରୁ ବିଭିନ୍ନ ବିଭାଗ ମଧ୍ୟରେ ଅସ୍ପଷ୍ଟତା ସୃଷ୍ଟି ହୋଇଛି। ଏହାର ପରିଣାମରେ ଦୀର୍ଘଦିନ ଧରି କ୍ୟାମେରାଗୁଡ଼ିକ ଅଚଳ ଅବସ୍ଥାରେ ପଡ଼ିରହିଛି। କିଛି ସମୟ ପୂର୍ବରୁ ଗଞ୍ଜାମ ବ୍ଲକ୍ ପ୍ରଶାସନ ପକ୍ଷରୁ ସଜାଡ଼ା ପ୍ରୟାସ ହୋଇଥିଲେ ମଧ୍ୟ, ସେହି ବ୍ୟବସ୍ଥା ଦୀର୍ଘସ୍ଥାୟୀ ହୋଇପାରିନାହିଁ। ଏହାର ପରିଣାମରେ ପୁଲିସ ଓ ପ୍ରଶାସନ ବର୍ତ୍ତମାନ ଘରୋଇ ଓ ବେସରକାରୀ ସିସିଟିଭି କ୍ୟାମେରା ଉପରେ ଭରସା କରିବାକୁ ବାଧ୍ୟ ହେଉଛନ୍ତି। ସମ୍ପ୍ରତି ଷ୍ଟେଟ୍ ବ୍ୟାଙ୍କ ଅଫ ଇଣ୍ଡିଆ ସମ୍ମୁଖରେ ଡିକି ଭାଙ୍ଗି ପ୍ରାୟ ୨ ଲକ୍ଷ ଟଙ୍କା ଲୁଟ୍ ଘଟଣାରେ ଏହି ଅବ୍ୟବସ୍ଥାର ପ୍ରଭାବ ସ୍ପଷ୍ଟ ଭାବେ ଦେଖାଯାଇଛି। ଘଟଣାସ୍ଥଳରେ ସିସିଟିଭି ଥିଲେ ମଧ୍ୟ ତାହା ଅଚଳ ଥିବାରୁ ପୁଲିସ ପାଖରେ କୌଣସି ଭିଡିଓ ପ୍ରମାଣ ମିଳିନାହିଁ, ଯାହା ତଦନ୍ତକୁ ଅଧିକ ଜଟିଳ କରିଦେଇଛି। ସହରରେ ବଢ଼ୁଥିବା ବାଇକ୍ ଚୋରି, ବାଲି-ମୋରମ ଓ ମଦ ଭଳି ଅବୈଧ ଚୋରା ଚାଲାଣ, ଓ ଅନ୍ୟାନ୍ୟ ଅପରାଧିକ କାର୍ଯ୍ୟକଳାପ ଅଭିଯୋଗ ସହରର ସାମଗ୍ରିକ ଆଇନ-ଶୃଙ୍ଖଳା ପରିସ୍ଥିତିକୁ ଆହୁରି ଗମ୍ଭୀର ଓ ଚିନ୍ତାଜନକ କରୁଛି। ଏହି ଘଟଣାଗୁଡ଼ିକ ବୃଦ୍ଧି ପାଇବା ସହିତ ସାଧାରଣ ଲୋକଙ୍କ ମଧ୍ୟରେ ଭୟ ଓ ଅସୁରକ୍ଷାର ଭାବନା ଆହୁରି ଗଭୀର ହେଉଛି।

# ରକ୍ତଦାନ ଶିବିର ମାଧ୍ୟମରେ ଜନ୍ମଦିନ ପାଳିଲେ ସମାଜସେବୀ ରାଜେଶ



ଯାଜପୁର ରୋଡ୍,୨୨।୪(ସଂଚାର ବ୍ୟୁରୋ)ଃ ବ୍ୟାସନଗର ପୌରାଅଞ୍ଚଳ ସହରର ଜଣେ ସମାଜସେବୀ ତଥା କ୍ଲବ ଦ ୟୁଥମାସ ସଂଗଠନ ସମ୍ପାଦକ ରାଜେଶ କୁମାର ରାଉତ (ଟିକିନା) ତାଙ୍କ ଜନ୍ମ ଦିନକୁ ନିଆରା ଢଙ୍ଗରେ ପାଳନ କରିଛନ୍ତି। ଏହି ସଂଗଠନର ସଭାପତି ପ୍ରକାଶ ଜେନା ଓ ସଦସ୍ୟ ମାନଙ୍କ ସହିତ ମିଶି ଯାଜପୁର ରୋଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ କରିଥିଲେ। ଏହି ଶିବିରଟିକୁ ସମ୍ମାନୀୟ ଅତିଥି ଭାବେ ମାୟାଧର ନାୟକ, ରସାନନ୍ଦ ମହାନ୍ତି, ଆଲୋକ ମହାନ୍ତି, ବିବେକାନନ୍ଦ ମହାନ୍ତି, ପ୍ରିତିରଞ୍ଜନ ସାହୁ, ଡ଼ଃ ପ୍ରସନଜିତ କର, ଡ଼ଃ ଦେବାଶିଷ ସାହୁ ପ୍ରମୁଖ ଯୋଗ ଦେଇ ଆନୁଷ୍ଠାନିକ ଭାବେ ରକ୍ତଦାନ ଶିବିରର ଶୁଭାରମ୍ଭ କରିଥିଲେ। ୟୁଥ୍ ମାସ ସଦସ୍ୟଙ୍କ ସକ୍ରିୟ ସହଭାଗିତାରେ ୫୦ ୟୁନିଟ୍ ରକ୍ତ ସଂଗ୍ରହ ପାଇଁ ଟାର୍ଗେଟ କରାଯାଇଥିଲା।

# ଅଙ୍ଗନୱାଡି କେନ୍ଦ୍ରରେ ପୋଷଣ ପକ୍ଷ ପାଳନ



ନୀଳଗିରି,୨୨।୪(ସଂଚାର ବ୍ୟୁରୋ)ଃ ଓଡିଶା ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ପ୍ରତି ଜିଲ୍ଲାର ବ୍ଲକ୍ ଏବଂ ଏନଏସି ଅନ୍ତର୍ଗତ ପ୍ରତି ଟି ଅଙ୍ଗନବାଡ଼ି କେନ୍ଦ୍ର ମାନଙ୍କରେ ଏପ୍ରିଲ୍ ୯ତାରିଖରୁ ୨୩ତାରିଖ ପର୍ଯ୍ୟନ୍ତ ଅଷ୍ଟମ ପୋଷଣ ପକ୍ଷ ପାଳନ କରାଯାଉଥିବା ବେଳେ ନୀଳଗିରି ଏନ୍‌ଏସି ର ୧ନମ୍ବର ୱାର୍ଡ କଦମସାହି ବାଗୁଲିସାହି ଅଙ୍ଗନବାଡ଼ି କେନ୍ଦ୍ରରେ ସେକ୍ଟର ସ୍ତରୀୟ ପାଷଣ ପକ୍ଷ ଆଜିପାଳିତ ହୋଇଯାଇଛି। ଏନ୍‌ଏସି ସେକ୍ଟର୧ ର ୧୭ଟି ସେଣ୍ଟର ରୁ ସମସ୍ତ ୱାର୍କର ଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ପୁଷ୍ଟି କର ଖାଦ୍ୟ ପ୍ରସ୍ତୁତ କରି ଆଣିବା ସହିତ ପନିପରିବା, ଫଳ, ପିଠା ଆଦି ପ୍ରଦର୍ଶିତ କରାଯାଇ ଉପସ୍ଥିତ ଗର୍ଭବତୀ ମହିଳା ଓ ମା ମାନଙ୍କୁ ପୋଷଣ ବିଷୟ ରେ ସୂଚନା ପ୍ରଦାନ କରିଥିଲେ। ତେବେ ଜନ୍ମରୁ ୭ବର୍ଷ ବୟସ ମଧ୍ୟରେ ଶିଶୁଙ୍କ ମସ୍ତିଷ୍କ ବିକାଶ ପାଇଁ ସର୍ବାଧିକ ଗୁରୁତ୍ୱ ଦେଇ କାର୍ଯ୍ୟକ୍ରମ କରାଯାଇଛି। ଏହି ଅବସରରେ ଗର୍ଭବତୀ ମହିଳା ମାନଙ୍କୁ ବନ୍ଧାପନା କରିବା ସହିତ ପୁଷ୍ଟି କର ଖାଦ୍ୟ ଖୁଆଯାଇଥିଲା।ପରେ ଶିଶୁ ମାନଙ୍କ ଅର୍ଣ୍ଣପ୍ରସନ ମଧ୍ୟ କରାଯାଇଥିଲା। ଏହି ଅବସରରେ୧ନମ୍ବର କାଉନସିଲର ରାତିପ୍ରଭା ସାହୁ, ସୁପରଭାଇଜର ରଶ୍ମିରେଖା ହେମ୍ବ୍ରମ, ଆଶା ତାରିଣୀ ବାଳା ମହାନ୍ତି, ସୁସ୍ମିତାମଲ୍ଲିକ, ଅଙ୍ଗନ ବାଡ଼ିୱାର୍କର ଭାରତୀ ନାୟକ, ଆରତୀ ପାଣି, ରିତାଞ୍ଜଳି ସାହୁ, ସନ୍ଧ୍ୟାରାଣୀ ସିଂହ, ରୁନୁ ରାଣୀ ସାମନ୍ତ, ସବିତା ପାତ୍ର, ଅମିତା ନନ୍ଦ, ଶୁଭାଗା ରାଉତ, ନିରୁପମା ବିଶ୍ୱାଳ, ମଧୁସ୍ମିତା ବେହେରା, ମୃଣାଳାନିବେହେରା ଙ୍କ ସମେତ୧୭ଟି ଅଙ୍ଗନବାଡ଼ି କେନ୍ଦ୍ରର ୱାର୍କର୍, ଗର୍ଭବତୀ ମହିଳା ପ୍ରମୁଖ ଉପସ୍ଥିତ ଥିଲେ।

# ବିଧାୟକଙ୍କ ଜିଲ୍ଲା କାରାଗାର ପରିଦର୍ଶନ

ସୁନ୍ଦରଗଡ,୨୨।୪(ସଂଚାର ବ୍ୟୁରୋ)ଃ ସୁପରିଟେଣ୍ଡେଣ୍ଟ ଜୀବନ ସିଂ ଓ ଜେଲର ସଞ୍ଜୀବ ଦୀପଙ୍କ ନିମନ୍ତ୍ରଣକୁ ରକ୍ଷାକରି ସୁନ୍ଦରଗଡ ସଦର ବିଧାୟକ ଯୋଗେଶ କୁମାର ସିଂ ଏପ୍ରିଲ ୨୧ ତାରିଖ ସୁନ୍ଦରଗଡ଼ ୧୨ ଘଟିକା ସମୟରେ ସୁନ୍ଦରଗଡ଼ ଜିଲ୍ଲା କାରାଗାରକୁ ପରିଦର୍ଶନରେ ଯାଇଥିଲେ ଓ ସମସ୍ତ କୋଠରୀ ଗୁଡିକର ଶୋଚନୀୟ ଅବସ୍ଥା ଦେଖିଥିଲେ । ୱର୍ତମାନର ପ୍ରଚଣ୍ଡ ଗରମରେ କିପରି କାରାଗାରରେ ଅନ୍ତେବାସୀ ମାନେ ରହୁଛନ୍ତି ଦେଖିଥିଲେ । ଏହି ସବୁ ଅବସ୍ଥା ଦେଖିଲା ପରେ ବିଧାୟକ ସିଂ ନିଜ ହାତରୁ ୧୫ ଗୋଟି କୁଲର



ଓ ଗୋଟିଏ ସାଉଣ୍ଡ ସିଷ୍ଟମ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ସବୁଠୁ ଖୁସିର କଥା ହେଉଛି ବିଧାୟକ ପ୍ରତିଶ୍ରୁତି ଦେବାର ୨୪ ଘଣ୍ଟା ୧୫ ଗୋଟି କୁଲର ଓ ସାଉଣ୍ଡ ସିଷ୍ଟମ କାରାଗାରକୁ ପଠାଇ ଥିଲେ । ଏଥିପାଇଁ ସୁନ୍ଦରଗଡ଼ ଜିଲ୍ଲା କାରାଗାର ସୁପରିଟେଣ୍ଡେଣ୍ଟ ମୁଣ୍ଡା,ଜେଲର ଦୀପ ଓ କାରାଗାର କର୍ମଚାରୀ ବୃନ୍ଦଙ୍କ ସମେତ ସମସ୍ତ ଅନ୍ତେବାସୀ ମାନେ ବିଧାୟକ ସିଂଙ୍କୁ ଧନ୍ୟବାଦ ଦେବା ସହ କୃତଜ୍ଞତା ଜ୍ଞାପନ ଜଣାଇ ଥିଲେ। ଉକ୍ତ କାର୍ଯ୍ୟକ୍ରମ ରେ ବିଧାୟକ ସିଂଙ୍କ ଧର୍ମପତ୍ନୀ ଶ୍ରଦ୍ଧାଞ୍ଜଳି ସିଂ, ଜିଲ୍ଲା ପରିଷଦ ସଦସ୍ୟ (କ) ଅଶ୍ୱିନୀ କୁମାର ନାଏକ,ୱାର୍ଡ ନମ୍ବର ୨ ର କାଉଁସିଲର ସୁନିଲ ମହାପାତ୍ର, ରିତେଶ ସିଂ, ଆଇନଜୀବି ଅଶୋକ କୁମାର ସ୍ୱାଇଁ ଓ ଜିତେନ୍ଦ୍ର ପଟେଲ ଉପସ୍ଥିତ ଥିଲେ ।

# ପ୍ରବଳ ଗ୍ରୀଷ୍ମ ଯୋଗୁଁ ବିଦ୍ୟାଳୟ ଛୁଟି



ସୁନ୍ଦରଗଡ଼,୨୨।୪(ସଂଚାର ବ୍ୟୁରୋ)ଃ ବର୍ତ୍ତମାନ ସମଗ୍ର ପଶ୍ଚିମ ଓଡିଶା ତାତିଲା କଢ଼େଇରେ ଭାଜି ହେଉଛି ସବୁ ସହର ୪୦ ଡିଗ୍ରୀ ଉପରେ। କିଛି ଦିନ ହେଲା ସୁନ୍ଦରଗଡ଼ ସହର ଓ ଆଖପାଖ ଅଞ୍ଚଳରେ ତାପମାତ୍ରା ଅହେତୁକ ଭାବେ ବୃଦ୍ଧି ପାଉଛି। ଦିନ ୧୦ଟା ପରେ ରାସ୍ତାଘାଟ ଶୂନଶାନ ହୋଇ ଯାଉଛି। ବିନା କାମରେ ଲୋକ ଘରୁ ବାହାରୁ ନାହାନ୍ତି। ବିଭିନ୍ନ ସଂଗଠନ ପକ୍ଷରୁ ବିଦ୍ୟାଳୟ ଗୁଡିକ ଛୁଟି କରିବା ପାଇଁ ସାମାଜିକ ଗଣମାଧ୍ୟମରେ ଦାବୀ ହେଉଥିଲା। ଆଜି ସୁନ୍ଦରଗଡ଼ ଶିକ୍ଷା ବିଭାଗ ପକ୍ଷରୁ ନୋଟିସ ଜାରୀ କରାଯାଇଛି ଆଗାମୀ ଏପ୍ରିଲ ୨୭ ତାରିଖ ଯାଏଁ ସମସ୍ତ ସରକାରୀ ଓ ବେସରକାରୀ ବିଦ୍ୟାଳୟ ଗୁଡିକ ଛୁଟି ରହିବ ପରବର୍ତ୍ତୀ ପରିସ୍ଥିତି ଦେଖି ୨୭ ତାରିଖ ପରେ ଛୁଟି ବୃଦ୍ଧି ନେଇ ବିଚାର କରାଯିବ। ଏହି ଛୁଟି ପାଇଁ ଅନେକ ଅବିଭାବକ ପ୍ରଶାସନ ର ପଦକ୍ଷେପକୁ ପ୍ରଶଂସା କରିଛନ୍ତି।

# ଜଡିଦା ପଞ୍ଚାୟତରେ କଂଗ୍ରେସ କମିଟି ଗଠିତ



ନୀଳଗିରି,୨୨।୪ (ସଂଚାର ବ୍ୟୁରୋ)ଃ ନୀଳଗିରି ବ୍ଲକ କଂଗ୍ରେସ ସଭାପତି ତପନ କୁମାର ରାଉତ ଙ୍କ ଅଧ୍ୟକ୍ଷତା ରେ ଜଡିଦା ଗ୍ରା:ପ ର କଂଗ୍ରେସ କମିଟି ଗଠନ କରାଯାଇଛି। କମିଟିରେ ସଭାପତି ଭାବେ ପିତାମ୍ବର ମିଶ୍ର, ଉପସଭାପତି ଭାବେକଟି ସିଂ, ସମ୍ପାଦକ ଭାବେ ବୁଦ୍ଧିରାମ ଖଣ୍ଡେଇ, ସହସମ୍ପାଦକ ଭାବେ ରଞ୍ଜିତା ପାତ୍ର ଏବଂ କୋଷାଧ୍ୟକ୍ଷ ଭାବେ ଶ୍ୟାମ ମାଝୀ ମନୋନୀତ ହୋଇଛନ୍ତି। ଦଳ ପକ୍ଷରୁ ୩୧ ଜଣିଆ କମିଟି ଗଠନ କରାଯାଇଥିଲା। ଉକ୍ତ ବୈଠକରେ ବାଲେଶ୍ୱର ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ଯୋଗେଶ୍ୱର ବେହେରା ଓ ବରିଷ୍ଠ କଂଗ୍ରେସ ନେତା ସୁରେନ୍ଦ୍ର ଦାସ ଉପସ୍ଥିତ ଥିବା ବେଳେ ନୀଳଗିରି ବ୍ଲକ ର ପୂର୍ବତନ ଉପାଧ୍ୟକ୍ଷ ତଥା ବରିଷ୍ଠ କଂଗ୍ରେସ ନେତା ରାମକୃଷ୍ଣ ଜେନା ନିର୍ବାଚିତ ସମସ୍ତ ନୂତନ ସଦସ୍ୟ ଓ କର୍ମକର୍ତ୍ତା ଙ୍କୁ ଅଭିନନ୍ଦନ କରିଥିଲେ। ଶେଷରେ ପଞ୍ଚାୟତ ର ବରିଷ୍ଠ ନେତା ଭାଗବତ ମଣ୍ଡଳ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ଅଂଶୁଘାତରେ ଟଳିପଡ଼ିଲେ ପୂଜକ

ନୀଳଗିରି,୨୨।୪(ସଂଚାର ବ୍ୟୁରୋ)ଃ ବାଲେଶ୍ୱର ଜିଲ୍ଲା ନୀଳଗିରି ଥାନା ଶ୍ୟାମସୁନ୍ଦରପୁର ପଞ୍ଚାୟତ ଗୋପ ଗ୍ରାମର ପୂଜକ ଗଜେନ୍ଦ୍ର ଦନାକ (୭୨)ଦିନ ସାରା ନିଆରା ରେ ଉପବାସ ରହି ଆଜି ସନ୍ଧ୍ୟାରେ ଗ୍ରାମରେ ଥିବା ଅଧିଷ୍ଠାତ୍ରୀ ଦେବି ମା ବୁଢ଼ୀ ମଙ୍ଗଳା ଠାକୁରାଣୀ ଙ୍କ ପୂଜା କରିଥିଲେ ଓ ବ୍ରାହ୍ମଣ ଚଣ୍ଡି ପାଠ ସରିବା ପରେ ଶ୍ରୀ ଦନାକ ମାଙ୍କ ପୂଜାର୍ଚ୍ଚନା ସାରି ରାତି ପ୍ରାୟ ୯ ଘଟିକା ସମୟରେ ଦେହ ଅସୁସ୍ଥ ଅନୁଭବ ଲାଗିବାରୁ ଲକ୍ଷ୍ମୀ ମଣ୍ଡପ ରେ ଡେରି ଯାଇଥିଲେ। କିଛି ସମୟ ପରେ ଅଚେତ ହୋଇ ପଡ଼ିରହି ଥିବା ଦେଖି ଗ୍ରାମବାସୀଙ୍କ ସହଯୋଗରେ ନୀଳଗିରି ମେଡିକାଲ କୁ ଅଣାଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅଂଶୁଘାତ ରେ ମୃତ୍ୟୁ ବୋଲି ପ୍ରାଥମିକ ସ୍ତରରେ ଜଣା ପଡ଼ିଛି।

**ହୃଦରୋଗୀ ଶିଶୁଙ୍କ ପାଇଁ ମାଗଣା ଚିକିତ୍ସା କ୍ୟାମ୍ପ**

# ମାଗଣା ପରୀକ୍ଷା ସହ ଅସ୍ତ୍ରୋପଚାର କରିବ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ



ସୁନ୍ଦରଗଡ଼,୨୨।୪(ସଂଚାର ବ୍ୟୁରୋ)ଃ ରାଷ୍ଟ୍ରୀୟ ବାଳ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ (ଆରବିଏସ୍‌କେ) ଅଧୀନରେ ଆଜି ସୁନ୍ଦରଗଡ଼ ଏମ୍‌ସିଏଚ୍ ବିଲଡିଙ୍ଗରେ ଏକ ଶିଶୁ ମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କ୍ୟାମ୍ପ ଅନୁଷ୍ଠିତ ହୋଇଯାଇଛି। ଜନ୍ମଜାତ କିମ୍ବା ପରବର୍ତ୍ତୀ ସମୟରେ ହୃଦରୋଗରେ ପୀଡ଼ିତ ଶିଶୁମାନଙ୍କ ପାଇଁ ଏହି କ୍ୟାମ୍ପ ଅନୁଷ୍ଠିତ ହୋଇଛି। ସାଧାରଣତଃ ହୃଦରୋଗ ସମ୍ବନ୍ଧୀୟ ଚିକିତ୍ସା ଓ ଅସ୍ତ୍ରୋପଚାର ବ୍ୟୟବହୁଳ ହୋଇଥିବାରୁ ଗରିବ ଓ ମଧ୍ୟବର୍ଗୀୟ ପରିବାର ପାଇଁ ଏହା ବହୁତ ଦୁର୍ଲଭ ହୋଇପଡ଼େ। ଏହି ପରିସ୍ଥିତିକୁ ଆଖିଆଗରେ ରଖି ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜନ୍ମରୁ ୧୮ ବର୍ଷ ମଧ୍ୟରେ ହୃଦରୋଗରେ ପୀଡ଼ିତ ଶିଶୁମାନଙ୍କ ପାଇଁ ମାଗଣା ଚିକିତ୍ସା ସୁବିଧା ଆରମ୍ଭ କରାଯାଇଛି। ଏହି ଉଦ୍ୟମ ଅନୁସାରେ, ଚିହ୍ନଟ ହୋଇଥିବା ଶିଶୁମାନଙ୍କର ପ୍ରଥମେ ସ୍ଥାନୀୟ ଜିଲ୍ଲା ସରକାରୀ ଡାକ୍ତରଖାନା ପରିସରରେ ଥିବା ଏମ୍‌ସିଏଚ୍ ବିଲ୍ଡିଂ ରେ ନିଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି। ଏହି ପରୀକ୍ଷାରେ ହୃଦୟ ରୋଗ ଜନିତ ବିଭିନ୍ନ ଆବଶ୍ୟକ ଟେଷ୍ଟ କରାଯାଉଛି। ଏହା ପାଇଁ କଲିକତାରୁ ଆସିଥିବା ବିଶେଷଜ୍ଞ ଡାକ୍ତରମାନଙ୍କର ଏକ ଦଳ ସୁନ୍ଦରଗଡ଼ରେ ପହଞ୍ଚିଛନ୍ତି ଓ ପୂର୍ବରୁ ଚିହ୍ନଟ ହୋଇଥିବା ପ୍ରାୟ ୧୦୦ ଜଣ ଶିଶୁଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରୁଛନ୍ତି। ପରୀକ୍ଷା ପରେ ଯେଉଁ ଶିଶୁମାନଙ୍କୁ ଉନ୍ନତ ଚିକିତ୍ସା କିମ୍ବା ଅସ୍ତ୍ରୋପଚାର ଆବଶ୍ୟକ ହେବ, ସେମାନଙ୍କୁ ସୁନ୍ଦରଗଡ଼ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କଲିକତାକୁ ନେଇଯିବା ବ୍ୟବସ୍ଥା କରାଯିବ। ସେଠାରେ ଶିଶୁଙ୍କ ପୁନଃ ବିସ୍ତୃତ ପରୀକ୍ଷା କରାଯାଇ ପ୍ରୟୋଜନ ଅନୁଯାୟୀ ମାଗଣାରେ ଅସ୍ତ୍ରୋପଚାର କରାଯିବ ବୋଲି ଜିଲ୍ଲାର ଅତିରିକ୍ତ ସ୍ୱାସ୍ଥ୍ୟ ଅଧିକାରୀ ସୂଚନା ଦେଇଛନ୍ତି।

# କ୍ୟାନଫେଷ୍ଟର ୨ୟ ସନ୍ଧ୍ୟା- ମନ ମୋହିଲା କାରାଗାରର କାହାଣୀ

ପାରାଦ୍ୱୀପ,୨୨।୪(ସଂଚାର ବ୍ୟୁରୋ)ଃ ପାରାଦୀପର ଜୟଦେବ ସଦନ ଠାରେ ଆୟୋଜିତ ୨୩ତମ ଜାତୀୟ ନାଟ୍ୟ ମହୋତ୍ସବ କାନଫେଷ୍ଟର ୨ୟ ସନ୍ଧ୍ୟାରେ ରାଉରକେଲାର ନିଉ କ୍ରେଷ୍ଟ ରିପରଟରି ଅନୁଷ୍ଠାନ ଯୁବ ନାଟ୍ୟ ନିର୍ଦ୍ଦେଶକ ନଳିନୀ ନିହାର ନାୟକଙ୍କ ନିର୍ଦ୍ଦେଶନାରେ ଓଡ଼ିଆ ନାଟକ କାରାଗାରର କାହାଣୀ ମଞ୍ଚସ୍ଥ କରିଥିଲେ। ଏହି ନାଟକରେ ଜେଲ ହେଉଛି ନାୟକ ଯିଏ ଏହାର କାହାଣୀକୁ ସମସାମୟିକ ଭାବରେ ବର୍ଣ୍ଣନା କରେ। ଜେଲ ହେଉଛି ଶାସକଙ୍କ ଗର୍ବ, ଅହଂକାର ଏବଂ ସାହସର ପ୍ରତୀକ। ଜେଲର ଅଞ୍ଚଳରେ ମଣିଷର ସ୍ୱାଧୀନ ଚିନ୍ତାଧାରା ଓ ବିବେକକୁ ନିଷ୍ଠୁର ଭାବରେ ଚୂର୍ଣ୍ଣ କରାଯାଏ। ତଥାପି ଜେଲ ହେଉଛି ଚିନ୍ତାଧାରା ଏବଂ ପରିବର୍ତ୍ତନର ନୂତନ ଉପାୟର ଉତ୍ସ ଯାହା ମାନବ ମନର ଅନ୍ଧକାରର ଅନ୍ତ ଘଟାଇଥାଏ। ଶାସକଙ୍କ ନିର୍ଦ୍ଦେଶରେ ଜେଲଗୁଡ଼ିକ ତିଆରି ଏବଂ ଅକୃତକାର୍ଯ୍ୟ ହୁଏ। ମାନବ ମନରେ ମଧ୍ୟ ସମାନ କାରଣଗୁଡ଼ିକ ଚାଲିଛି।

# ବେଲ୍ ନାମଞ୍ଜୁର ହେବାରୁ ବଢ଼ିଲା ଏସିଏଫଙ୍କ ଅଡୁଆ

## ଡ଼ିଏଫଓଙ୍କ ତଲାସୀ ନିର୍ଦ୍ଦେଶ ପରେବି ୧୫ଦିନ ଧରି ହାତ ବାନ୍ଧି ବସିଛି ପୁଲିସ



ନୀଳଗିରି, ୨୨।୪ (ସଂଚାର ବ୍ୟୁରୋ)ଃ ଆଜି ଏସିଏଫ ଓ ଅନ୍ୟ୩ଅଭିଯୁକ୍ତବନ କର୍ମଚାରୀ ଙ୍କ ର ବେଲକୁ ନୀଳଗିରି ଅତିରିକ୍ତ ଦୌରାଜଜଙ୍କ କୋର୍ଟ ବେଲ ନାମଞ୍ଜୁର କରିଥିବା ରୁ ଭାରପ୍ରାପ୍ତ ରେଞ୍ଜର ତଥା ଏସିଏଫ ସୁବ୍ରତ ବେହେରା(୩୨), ଫରେଷ୍ଟ ଗାର୍ଡରକେଶ କୁମାର ବାରିକ(୪୨), ଫରେଷ୍ଟ ଗାର୍ଡଅଞ୍ଜନ କୁମାର ଦାସ(୪୭)ଓ ସବୁଜ ବାହିନି ମନୋଜ କୁମାର ରାଉତ(୩୩) ବେଲେ ନାମାଜୁର ହୋଇଛି।ଅଭିଯୁକ୍ତ ମାନଙ୍କର ଅଡୁଆ ବଢ଼ିଛି।ଦେଖି ବାକୁ ରହିଲା ନୀଳଗିରି ପୋଲିସ କଣ କରୁଛି। କୁଳଡିହା ଭାରପ୍ରାପ୍ତରେଞ୍ଜର ତଥା ଏସିଏଫ ସୁବ୍ରତ କୁମାର ବେହେରା ଗତ ମାର୍ଚ୍ଚ ୨୫ ତାରିଖ ରାତିରେ ଗାଡି ଓଭର ଟେକ କୁ ନେଇ ରାତି୧୨ଟା ବେଳେ ଗରଡ଼ି ଛକ ନିକଟରେ ବନ କର୍ମଚାରୀ ପଦ୍ମଲୋଚନ ପାତ୍ର ଓ ନୀଳଗିରି ବିଦ୍ୟୁତ ବିଭାଗ କର୍ମଚାରୀଙ୍କୁ ପିଟି ପିଟି ପିଠି ଫଟେଇ ଦେଇଥିଲେ। ଘଟଣା ର ନ୍ୟାୟ ପାଇଁ ପଦ୍ମଲୋଚନ ଙ୍କ ସ୍ତ୍ରୀ ଦୀପ୍ତିମୟୀ ପାତ୍ର ବରମପୁରଥାନା ରେ ଅଭିଯୋଗ କରିଥିଲେ।ଥାନା ପକ୍ଷରୁ ୪୧/୨୬ ଏକ ମାମଲା ରୁଜୁ ହୋଇଥିଲା।ଏହାରି ଭିତରେ ୭ଦିନ ବିତି ଯାଇଥିଲେ ସୁଦ୍ଧା ପରିବାରକୁ ନ୍ୟାୟ ନମିଳିବା ରୁ ନୀଳଗିରି ଏସଡିପିଓ ଙ୍କ ଅଫିସ ସମ୍ମୁଖରେ ଗତ ୫ ତାରିଖ ଦିନ ଶାନ୍ତିପୂର୍ଣ୍ଣ ଧର୍ମଘଟ କରିଥିଲେ। ପରେ ଅପରାହ୍ନ ୩ ଘଟିକା ସମୟରେ ଖୁଦ ନୀଳଗିରିଏସଡିପିଓ ପ୍ରମୋଦ ମଲ୍ଲିକ ଧାରଣା ସ୍ଥଳକୁ ଆସି ପରିବାରଙ୍କୁ ନ୍ୟାୟ ଦେବା ପାଇଁ ପ୍ରତିଶ୍ରୁତି ଦେବା ସହିତଭାରପ୍ରାପ୍ତ ରେଞ୍ଜର ସୁବ୍ରତ ବେହେରା ଓ ଅନ୍ୟ ଅଭିଯୁକ୍ତ ମାନେ କୁଳଡିହା ଅଭୟାରଣ୍ୟ ଭିତରେ ଲୁଚିଥିବା ନେଇ ନୀଳଗିରି ଏସ୍‌ଡିପିଓ ଖୋଜିବା ପାଇଁ ଡିଏଫଓ ଙ୍କୁ ଅନୁମତି ମାଗିଥିବା କହି ଥିଲେ।

### ପିଏଲ୍‌ଏଫ୍‌ଏସ୍ ସମ୍ପର୍କିତ ଦୁଇଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଯାପିତ

# ତଥ୍ୟ ଆଧାରିତ ନିଷ୍ପତ୍ତି ପାଇଁ ଉଲ୍ଲେଖନୀୟ ପଦକ୍ଷେପ




ଭୁବନେଶ୍ୱର,୨୨।୪(ସଂଚାର ବ୍ୟୁରୋ): ରାଜ୍ୟ ଯୋଜନା ଓ ସଂପ୍ରସାରଣ ବିଭାଗ ଅନ୍ତର୍ଗତ ଅର୍ଥ ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟ ପକ୍ଷରୁ ଆଞ୍ଚଳିକ ଇନଷ୍ଟିଚ୍ୟୁଟ୍ ଅଫ ପ୍ଲାନିଂ, ପ୍ରୟୋଗ ହୋଇଥିବା ଅର୍ଥନୀତି ଓ ପରିସଂଖ୍ୟାନ (ଆରଆଇପିଏଇଏସ୍), ନୟାପଲ୍ଲୀଠାରେ ସମୟାନୁକ୍ରମିକ ଶ୍ରମ ଶକ୍ତି ସର୍ବେକ୍ଷଣ (ପିଏଲଏଫଏସ୍) ସମ୍ପର୍କିତ ଏକ ଦୁଇଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଗତକାଲି ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ରାଜ୍ୟ ଅର୍ଥ ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟ ନିର୍ଦ୍ଦେଶକ ଡଃ. ବିଜୟ ଭୂଷଣ ନନ୍ଦ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ ନୀତି ନିର୍ଦ୍ଧାରଣ ପ୍ରକ୍ରିୟାକୁ ସୁଦୃଢ଼ କରିବା ପାଇଁ ସଠିକ ଓ ଉଚ୍ଚ ଗୁଣାତ୍ମକ ମାନ ତଥ୍ୟର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ। ଏହି ସର୍ବେକ୍ଷଣ ମାଧ୍ୟମରେ ତଥ୍ୟର ବିଶ୍ୱସନୀୟତା ଓ ଭରସାଯୋଗ୍ୟ ସୁନିଶ୍ଚିତ କରିବାରେ କ୍ଷେତ୍ର ଅନୁସନ୍ଧାନକାରୀ ଓ ପର୍ଯ୍ୟବେକ୍ଷକ ଅଧିକାରୀମାନଙ୍କର ପ୍ରମୁଖ ଭୂମିକା ରହିଥିବା ଉପରେ ଆଲୋଚନା କରାଯାଇଥିଲା।

ଶ୍ରମ ଶକ୍ତି ସର୍ବେକ୍ଷଣର ଲକ୍ଷ୍ୟ ହେଉଛି ଭାରତର ଶ୍ରମ ବଜାର ଏବଂ ଅସଂଗଠିତ କ୍ଷେତ୍ର ପାଇଁ ଏକ ଭରସାଯୋଗ୍ୟ, ଉଚ୍ଚମାନ ଓ ବିସ୍ତୃତ ତଥ୍ୟ (ଡାଟା) ଉତ୍ପନ୍ନ କରିବା, ଯାହା ତଥ୍ୟଭିତ୍ତିକ ନୀତି ନିର୍ଦ୍ଧାରଣ ଓ ଯୋଜନା ପ୍ରସ୍ତୁତି ପାଇଁ ଜରୁରୀ। ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜିଲ୍ଲା-ସ୍ତରର ଅଧିକାରୀ ଯଥା ସହକାରୀ ନିର୍ଦ୍ଦେଶକ, ପରିସଂଖ୍ୟାନ ଅଧିକାରୀ, ସହକାରୀ ପରିସଂଖ୍ୟାନ ଅଧିକାରୀ ଓ ଅନୁସନ୍ଧାନକାରୀଙ୍କ ମଧ୍ୟରୁ ମାଷ୍ଟର୍ ଟ୍ରେନରମାନଙ୍କୁ ଚିହ୍ନଟ କରିବା। ପ୍ରଶିକ୍ଷିତ ଅଧିକାରୀମାନେ ରାଜ୍ୟର ସବୁ ଜିଲ୍ଲାରେ ସର୍ବେକ୍ଷଣ କାର୍ଯ୍ୟକଳାପକୁ ସହାୟତା ଓ ମାର୍ଗଦର୍ଶନ ପ୍ରଦାନ କରିବେ। ଏହି ସର୍ବେକ୍ଷଣରେ ମହେଶ ଚନ୍ଦ୍ର ତ୍ରିପାଠୀ, ବରିଷ୍ଠ ପରିସଂଖ୍ୟାନ ଅଧିକାରୀ (ଏସ୍‌ଏସ୍‌ଓ), କ୍ଷେତ୍ର ପରିଚାଳନା ଡିଭିଜନ୍, ଆଞ୍ଚଳିକ କାର୍ଯ୍ୟାଳୟ, ସମ୍ବଲପୁର, ପ୍ରଧାନ ସାଧନ ବ୍ୟକ୍ତି ଭାବେ କାର୍ଯ୍ୟରତ ଅଛନ୍ତି।

ଉଦ୍‌ଘାଟନୀ ଅଧିବେଶନରେ ରାଜ୍ୟ ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶକଙ୍କ ସମେତ ନିର୍ଦ୍ଦେଶାଳୟର ବରିଷ୍ଠ ପଦାଧିକାରୀ, ନିର୍ଦ୍ଦେଶାଳୟ ଅନ୍ତର୍ଗତ କେନ୍ଦ୍ରାଞ୍ଚଳ ଓ ଦକ୍ଷିଣାଞ୍ଚଳ ରେଞ୍ଜର ଯୁଗ୍ମ ନିର୍ଦ୍ଦେଶକ ପ୍ରମୁଖ ଯୋଗଦେଇ ଅଂଶଗ୍ରହଣକାରୀଙ୍କ ସହ ଆଲୋଚନା କରିଥିଲେ। ତଥ୍ୟ ସଂଗ୍ରହ କାର୍ଯ୍ୟର କ୍ଷମତା ଓ ସଠିକତା ସୁନିଶ୍ଚିତ କରିବା ପାଇଁ କମ୍ପ୍ୟୁଟର ସହାୟତା ପରିଚାଳିତ ବ୍ୟକ୍ତିଗତ ସାକ୍ଷାତକାର (କାପି) ପ୍ରଯୁକ୍ତି ବିଦ୍ୟା ଉପଯୋଗ କରାଯିବ। ଆସନ୍ତା ମାସରେ ପ୍ରଶିକ୍ଷିତ ସର୍ବେକ୍ଷଣ ଗଣନାକାରୀ ଓ ସର୍ଭେ ପର୍ଯ୍ୟବେକ୍ଷକଙ୍କ ସକ୍ରିୟ ଅଂଶଗ୍ରହଣରେ କ୍ଷେତ୍ର ସର୍ବେକ୍ଷଣ ଆରମ୍ଭ କରାଯିବାକୁ ନିର୍ଦ୍ଧାରିତ ହୋଇଛି। ସାମଗ୍ରିକ ଭାବେ ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହେଉଥିବା ଏହି ପ୍ରଶିକ୍ଷଣରେ ଆସନ୍ତାକାଲିଠାରୁ ଅଣସଂଗଠିତ ଉଦ୍ୟୋଗ କ୍ଷେତ୍ରରେ ବାର୍ଷିକ ସର୍ବେକ୍ଷଣ (ଏଏସୟୁଏସଇ) ସମ୍ପର୍କିତ ଦୁଇଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ରାଜ୍ୟ ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟ ପକ୍ଷରୁ ସୂଚନା ଦିଆଯାଇଛି।

● ଲୋକଭବନରେ ପୃଥିବୀ ଦିବସ ପାଳିତ

## ଚାରା ରୋପଣ କଲେ ରାଜ୍ୟପାଳ



ଭୁବନେଶ୍ୱର,୨୨।୪(ସଂଚାର ବ୍ୟୁରୋ): ପୃଥିବୀ ଦିବସ ପାଳନ ଅବସରରେ ଲୋକ ଭବନରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ଚାରା ରୋପଣ କରିଛନ୍ତି। ପରିବେଶ ସଂରକ୍ଷଣ ଓ ଏ ଦିଗରେ ସ୍ଥାୟୀ ଅଭ୍ୟାସ ଉପରେ ଧ୍ୟାନ ଦେଇ ପୃଥିବୀ ଦିବସ ପାଳନ କରାଯାଇଛି। ଏହି ଅବସରରେ ରାଜ୍ୟପାଳ ବାର୍ତ୍ତା ଦେଇ କହିଛନ୍ତି ଯେ ଏପରି ଅର୍ଥପୂର୍ଣ୍ଣ କାର୍ଯ୍ୟ ପ୍ରକୃତିର ପୋଷଣ ଓ ସୁରକ୍ଷା ପାଇଁ ସମ୍ମିଳିତ ଦାୟିତ୍ୱକୁ ପ୍ରତିଫଳିତ କରେ। ପ୍ରତ୍ୟେକ ଚାରା ଏକ ସବୁଜ ଓ ସୁସ୍ଥ ଭବିଷ୍ୟତର ପ୍ରତିଶ୍ରୁତି ବହନ କରେ ଏବଂ ପରିବେଶ ସୁରକ୍ଷା ଏବଂ ଆଗାମୀ ପିଢ଼ି ପାଇଁ ସ୍ଥାୟୀ ଅଭିବୃଦ୍ଧି ସୁନିଶ୍ଚିତ କରିବା ପାଇଁ ସାମୂହିକ ପ୍ରୟାସର ଆବଶ୍ୟକତା ରହିଛି ବୋଲି ରାଜ୍ୟପାଳ କହିଛନ୍ତି। ପୃଥିବୀ ଦିବସ ପାଳନ ଅବସରରେ ରାଜ୍ୟପାଳଙ୍କ କମିଶନର ତଥା ଶାସନ ସଚିବ ଡ. ରୂପା ରୋଶନ ସାହୁ ମଧ୍ୟ ଲୋକଭବନ ପରିସରରେ ଚାରା ରୋପଣ କରିଥିଲେ। ଏହାଛଡ଼ା ଲୋକ ଭବନର ଅଧିକାରୀ ଓ କର୍ମଚାରୀମାନେ ବି ଚାରା ଲଗାଇଥିଲେ।

## ଏନ୍‌ଏଚ୍‌ରେ ଜଳିଗଲା ଟ୍ରକ



ଭୁବନେଶ୍ୱର,୨୨।୪(ସଂଚାର ବ୍ୟୁରୋ): ରାଜଧାନୀ ଭୁବନେଶ୍ୱରର ପଳାଶୁଣି ଛକ ନିକଟରେ ଆଜି ଏକ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି। ଜାତୀୟ ରାଜପଥରେ ଏକ ଚଳନ୍ତା ଟ୍ରକ୍‌ରେ ହଠାତ ନିଆଁ ଲାଗିଯିବା ଫଳରେ ଚାହୁଁ ଚାହୁଁ ତା' ହୁତୁହୁତୁ ହୋଇ ଜଳିଯାଇଛି। ଏହି ଘଟଣାକୁ ନେଇ ଜାତୀୟ ରାଜପଥରେ କିଛି ସମୟ ପାଇଁ ଭୟ ଓ ଅସ୍ଥିରତାର ବାତାବରଣ ସୃଷ୍ଟି ହୋଇଥିଲା। ମିଳିଥିବା ସୂଚନାନୁଯାୟୀ, ଟ୍ରକ୍‌ଟିରେ ହଠାତ ନିଆଁ ଲାଗିଯାଇଥିଲା ଓ କିଛି ସମୟ ପରେ ନିଆଁ ଭୟଙ୍କର ରୂପ ନେଇଥିଲା। ଡ୍ରାଇଭର ଓ ହେଲପର ତୁରନ୍ତ ଟ୍ରକ୍‌ରୁ ବାହାରିଯିବାରେ ସକ୍ଷମ ହୋଇଥିବାରୁ ସେମାନଙ୍କ ଜୀବନ ଅଳ୍ପକେ ବଞ୍ଚିଯାଇଛି। ଏନେଇ ସୂଚନା ପାଇବା ପରେ ଅଗ୍ନିଶମ ବାହିନୀ ଟିମ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ନିୟନ୍ତ୍ରଣ କରିଛି। ଏହି ଅଗ୍ନିକାଣ୍ଡ ଯୋଗୁଁ ଜାତୀୟ ରାଜପଥରେ କିଛି ସମୟ ପାଇଁ ଗାଡ଼ି ମଟର ଯାତାୟାତ ବନ୍ଦ ରହିଥିଲା। ପୁଲିସ ଓ ଅଗ୍ନିଶମ ବିଭାଗ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ଏଥିସହ ଉକ୍ତ ଡିଟର୍ଜେଣ୍ଟ ବୋଝେଇ ଟ୍ରକରେ ହଠାତ୍ କିଭଳି ନିଆଁ ଲାଗିଲା, ତା'ର ଖୋଳତାଡ଼ ମଧ୍ୟ ହେଉଥିବା ଜଣାପଡ଼ିଛି।

## ଦୁଷ୍କର୍ମ ଅଭିଯୋଗରେ ଶିକ୍ଷକ ଗିରଫ

କେନ୍ଦ୍ରାପଡ଼ା,୨୨।୪(ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଜିଲ୍ଲାର କୁଦାନଗରୀ ଥାନାଞ୍ଚଳର ଜଣେ ଶିକ୍ଷକଙ୍କ ବିରୋଧରେ ଦୁଷ୍କର୍ମ ଅଭିଯୋଗ ଆସିଥିବା ବେଳେ ଉକ୍ତ ଶିକ୍ଷକଙ୍କୁ ଆଜି ପୁଲିସ୍ ଗିରଫ କରିଛି। ମିଳିଥିବା ସୂଚନାନୁସାରେ, କୋରୁଆ ସରକାରୀ ସ୍କୁଲରେ କାର୍ଯ୍ୟ କରୁଥିବା ଶିକ୍ଷକ ବାଲେଶ୍ୱର ଜିଲ୍ଲାର ରଞ୍ଜନ ଜେନା ଗତ ୨୦୨୨ରୁ ଏଠାରେ ରହିଆସିଛନ୍ତି। ତେବେ ଟିଉସନ୍ ଦେବା ନାମରେ ସେ ଅସଦାଚରଣ ଓ ଦୁଷ୍କର୍ମ କରୁଥିବା ନେଇ ଥାନାରେ ଅଭିଯୋଗ ହେବା ପରେ ତାଙ୍କୁ ଗିରଫ କରାଯାଇଛି। ଏହି ଅଭିଯୋଗ ଆଧାରରେ କୁଦାନଗରୀ ଥାନାରେ ଏକ ମାମଲା ରୁଜୁ ହୋଇଥିବା ଥାନାଧିକାରୀ ଜଗନ୍ନାଥ ପାଣିଗ୍ରାହୀ ସୂଚନା ଦେଇଛନ୍ତି। ଏହି ଘଟଣାରେ ଭାରତୀୟ ନ୍ୟାୟ ସଂହିତାର ଧାରା ୬୪ ଓ ୬୫ ଲାଗୁ ହୋଇଛି। ଧାରା ୬୪ ଅନୁଯାୟୀ ଗୁରୁତର ଯୌନ ଅପରାଧ ପାଇଁ କଡ଼ା ଶାସ୍ତି ବ୍ୟବସ୍ଥା ରହିଥିବା ବେଳେ ଧାରା ୬୫ରେ ବିଶେଷକରି ନାବାଳିକା କିମ୍ବା ଭରସାର ସମ୍ପର୍କର ଦୁରୁପଯୋଗ ହେଲେ ଅଧିକ କଡ଼ା ଦଣ୍ଡ ବିଧାନ ବ୍ୟବସ୍ଥା ରହିଛି। ତେବେ ଦୁଷ୍କର୍ମ ଅଭିଯୋଗ ଆସିବା ପରେ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଓ ଚିନ୍ତାର ପରିବେଶ ସୃଷ୍ଟି ହୋଇଛି। ବିଶେଷକରି ଅଭିଭାବକମାନେ ସ୍କୁଲ ଓ ଟିଉସନ୍ ବ୍ୟବସ୍ଥା ପ୍ରତି ଆଶଙ୍କା ପ୍ରକାଶ କରିଛନ୍ତି। ଏନେଇ ପୁଲିସ ପକ୍ଷରୁ କୁହାଯାଇଛି ଯେ ଘଟଣାର ସମ୍ପୂର୍ଣ୍ଣ ସତ୍ୟାସତ୍ୟ ଖୋଜିବା ପାଇଁ ତଦନ୍ତ ଜାରି ରହିଛି।

## ଦାଦନ ନିଖୋଜ, ଖୋଜି ଆଣିବାକୁ ପତ୍ନୀଙ୍କ ନିବେଦନ



ଭବାନୀପାଟଣା,୨୨।୪(ସଂଚାର ବ୍ୟୁରୋ): ଦାଦନ ଖଟିବାକୁ ତେଲଙ୍ଗାନା ଯାଇ ନିଖୋଜ ହୋଇଗଲେ ଶ୍ରମିକ। ନିଖୋଜ ଶ୍ରମିକ ଜଣଙ୍କ କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକ ରାଣୀବାହାଲ ଗ୍ରାମର ରଘୁନାଥ ରାଉତ। ଏହି ଘଟଣାକୁ ନେଇ ତାଙ୍କ ସ୍ତ୍ରୀ ଅହଲ୍ୟା କଳାହାଣ୍ଡି ଜିଲ୍ଲାପାଳ, ଜିଲ୍ଲା ଶ୍ରମ ଅଧିକାରୀ, ନିୟୋଜନ ଅଧିକାରୀ ପ୍ରମୁଖଙ୍କୁ ଲିଖିତ ଭାବେ ଜଣାଇବା ସହ ଏ ଦିଗରେ ପଦକ୍ଷେପ ନେବାକୁ ଦାବି କରିଛନ୍ତି। ପ୍ରକାଶଯୋଗ୍ୟ ଯେ ୫ ମାସ ତଳେ ରଘୁ ଦାଦନ ଖଟିବାକୁ ତେଲଙ୍ଗାନା ରାଜ୍ୟର ହାଇଦ୍ରାବାଦ ନିକଟ ଭୋଳାରାମକୁ ଯାଇଥିଲେ। ସେଠାରେ ସେ ଜନୈକ ବ୍ୟକ୍ତିଙ୍କ ନିକଟରେ ମିସ୍ତ୍ରି ଭାବେ କାମ କରୁଥିଲେ। ତେବେ ମାସକ ତଳେ ସେଠାରେ କାମ ସରିଯିବାରୁ ରଘୁନାଥ ଭୋଳାରାମରୁ ପଠାନ ଚୋର୍ ନାମକ ଅନ୍ୟ ଏକ ସ୍ଥାନକୁ କାମ କରିବାକୁ ବାହାରିଥିଲେ। ହେଲେ ସନ୍ଧ୍ୟା ସୁଦ୍ଧା ସେ ଉକ୍ତ ସ୍ଥାନରେ ପହଞ୍ଚି ନଥିଲେ। ଏପରିକି ତାଙ୍କ ସାଙ୍ଗମାନେ ମଧ୍ୟ ସେଠାରେ ବହୁତ ଖୋଜାଖୋଜି କରିବା ପରେ ବି ତାଙ୍କୁ ପାଇ ନ ଥିଲେ। ପରେ ଘଟଣା ସମ୍ପର୍କରେ ସାଙ୍ଗମାନେ ଘର ଲୋକଙ୍କୁ ଜଣାଇଥିଲେ। ସେହିପରି ରଘୁଙ୍କ ମୋବାଇଲକୁ ବାରମ୍ବାର କଲ କରାଯିବା ପରେ ତା' ସୁଇଚଅଫ ହୋଇଯାଇଥିଲା। ବର୍ତ୍ତମାନ ଏହି ଘଟଣାର ମାସେ ପୂରିଯାଇଥିବା ବେଳେ ବି ରଘୁନାଥଙ୍କର କୌଣସି ଖୋଜଖବର ମିଳି ପାରିନାହିଁ। ଏହାକୁ ନେଇ ତାଙ୍କ ପରିବାର ଲୋକେ ମଧ୍ୟ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି। ସ୍ୱାମୀ ରଘୁନାଥଙ୍କୁ ଶୀଘ୍ର ସେଠାରୁ ଫେରାଇ ଆଣିବାକୁ ସ୍ତ୍ରୀ ଅହଲ୍ୟା ଜିଲ୍ଲା ପ୍ରଶାସନକୁ ନିବେଦନ କରିଛନ୍ତି।

### କୋଣାର୍କ ସୂର୍ଯ୍ୟ ମନ୍ଦିରରୁ ବାଲି କାଢ଼ିବା ପ୍ରସଙ୍ଗ

## ଆଇଆଇଟି ମାଡ୍ରାସ ରିପୋର୍ଟରେ ବାଲି ସୁରକ୍ଷିତ



ଖୁବ୍‌ଶୀଘ୍ର ଏଏସଆଇ ବାଲି କାଢ଼ିବା ଆରମ୍ଭ ହେବ

କୋଣାର୍କ,୨୨।୪(ସଂଚାର ବ୍ୟୁରୋ): କୋଣାର୍କ ସୂର୍ଯ୍ୟ ମନ୍ଦିରର ଗର୍ଭଗୃହରେ ଥିବା ବାଲି ସୁରକ୍ଷିତ କି ନାହିଁ, ତାହା ଏକ ବିବାଦୀୟ ପ୍ରସଙ୍ଗ ରହିଥିବା ବେଳେ ଏହା ଉପରେ ଏବେ ପୂର୍ଣ୍ଣଚ୍ଛେଦ ପଡ଼ିଛି। ଗତ ଡିସେମ୍ବରରେ ସୂର୍ଯ୍ୟ ମନ୍ଦିରର ପଶ୍ଚିମ ପାଖ କାନ୍ଥରେ ଡ୍ରିଲିଂ କରାଯାଇ ବାଲିର ନମୂନା ସଂଗ୍ରହ କରାଯାଇଥିଲା। ଉକ୍ତ ବାଲିକୁ ଉକ୍ତ ମାସ ୮ ତାରିଖରେ ପରୀକ୍ଷା ପାଇଁ ଆଇଆଇଟି ମାଡ୍ରାସକୁ ପଠାଯାଇଥିଲା। ଯାଞ୍ଚ ପରେ ଭିତର ବାଲି ପୂର୍ବପରି ସୁରକ୍ଷିତ ଥିବା ରିପୋର୍ଟ ଆସିଛି। ବାଲି କାଢ଼ିଲେ କୋଣାର୍କ ମନ୍ଦିରକୁ କୌଣସି ବିପଦ ନାହିଁ ବୋଲି ବିଶେଷଜ୍ଞ କହିଛନ୍ତି। ଏଥିପାଇଁ ସମସ୍ତ ବୈଷୟିକ କାର୍ଯ୍ୟ ଶେଷ ହୋଇଛି ବୋଲି ଏଏସ୍‌ଆଇ ପକ୍ଷରୁ କୁହାଯାଇଛି। ରିପୋର୍ଟ ଆସିବା ପରେ ଏଏସଆଇ ପକ୍ଷରୁ ବାଲି କାଢ଼ିବା ପ୍ରକ୍ରିୟା ଆରମ୍ଭ ହେବ। ସୂଚନାନୁଯାୟୀ, ସୂର୍ଯ୍ୟମନ୍ଦିରର ୮୦ ଫୁଟ ଉଚ୍ଚରେ ପଶ୍ଚିମ ପଟ କାନ୍ଥରେ ୯ ଫୁଟ ଚଉଡ଼ାରେ ପଥର କଟାଯାଇ ଭିତରକୁ ପ୍ରବେଶ ପାଇଁ ଟନେଲ ନିର୍ମାଣ କରାଯିବ। ସୁରକ୍ଷା ଦୃଷ୍ଟିରୁ ଟନେଲ ମଧ୍ୟରେ କୌଣସି ମଣିଷ ପ୍ରବେଶ କରିବେ ନାହିଁ। ଏହା ମଧ୍ୟକୁ ସ୍ୱୟଂଚାଳିତ ରୋବୋଟିକ ଟ୍ରଲି ପ୍ରବେଶ କରି ଗର୍ଭଗୃହରୁ ବାଲି ସଂଗ୍ରହ କରି ତଳକୁ ଅଣାଯିବ। ସେଠାରୁ ପାଇପ ସାହାଯ୍ୟରେ ମନ୍ଦିରର ଉତ୍ତର-ପଶ୍ଚିମ କୋଣରେ ସୁରକ୍ଷିତ ରଖାଯିବ। ଏନେଇ ସମସ୍ତ ମେକାନିକାଲ ପ୍ଲାଟଫର୍ମ ନିର୍ମାଣ କାର୍ଯ୍ୟ ଇତିମଧ୍ୟରେ ଶେଷ ହୋଇଛି।

### ଗ୍ରାମୀଣ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଅଗ୍ରଗତି ସମୀକ୍ଷା

## ମେଗା ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ




ଭୁବନେଶ୍ୱର,୨୨।୪(ସଂଚାର ବ୍ୟୁରୋ): ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଗ୍ରାମୀଣ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଅଗ୍ରଗତି ସମୀକ୍ଷା କରାଯାଇଛି। ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ନିର୍ଦ୍ଦେଶରେ ବିଭାଗୀୟ ସଚିବ ଗିରୀଶ ଏସ୍‌ଏନ୍ ରାଜ୍ୟରେ ଗ୍ରାମୀଣ ପାନୀୟ ଜଳ ଯୋଗାଣ ପ୍ରକଳ୍ପର ସ୍ଥିତି ଓ ଅଗ୍ରଗତି ସମୀକ୍ଷା କରିଥିଲେ। ବୈଠକରେ ଗ୍ରାମାଞ୍ଚଳରେ ନିର୍ମାଣାଧୀନ ମେଗା ପାଇପ ଜଳ ଯୋଗାଣ ପ୍ରକଳ୍ପ ଓ ବିଭିନ୍ନ ଜଳ ଯୋଗାଣ ପ୍ରକଳ୍ପର ସାମ୍ପ୍ରତିକ ସ୍ଥିତି ଏବଂ ସେଗୁଡ଼ିକର କାର୍ଯ୍ୟକାରିତା ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା।

ରାଜ୍ୟର ପ୍ରତିଟି ଗ୍ରାମୀଣ ପରିବାରକୁ ପାଇପ ଯୋଗେ ଶୁଦ୍ଧ ପାନୀୟ ଜଳ ଯୋଗାଇଦେବା ପାଇଁ ସରକାରଙ୍କ ଲକ୍ଷ୍ୟ ରହିଛି ଓ ଏ ଦିଗରେ ହୋଇଥିବା ଅଗ୍ରଗତିକୁ ବିଭାଗୀୟ ସଚିବ ଅନୁଧ୍ୟାନ କରିବା ସହ ବାକି ରହିଥିବା କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ରାଜ୍ୟରେ ମେଗା ପାନୀୟ ଜଳ ପ୍ରକଳ୍ପ, ଏକକ ଗ୍ରାମ୍ୟ ପ୍ରକଳ୍ପ (ସିଙ୍ଗଲ ଭିଲେଜ ପ୍ରୋଜେକ୍ଟ) ଓ ସୌର ଶକ୍ତିଚାଳିତ ପ୍ରକଳ୍ପଗୁଡ଼ିକ ମାଧ୍ୟମରେ ଜଳ ଯୋଗାଣ କାର୍ଯ୍ୟ ଜାରି ରହିଛି। ରାଜ୍ୟରେ ୨୦୭ଟି ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକାରୀ ହେବାକୁ ଥିବା ବେଳେ ସେଥିରୁ ଅଦ୍ୟାବଧି ୩୦ଟି ସମ୍ପୂର୍ଣ୍ଣ ହୋଇଛି ଏବଂ ୫୫ଟି ମେଗା ପ୍ରକଳ୍ପ ୯୦ ପ୍ରତିଶତରୁ ଅଧିକ ସରିଛି। ଆଗାମୀ ୨୦୨୭ ମାର୍ଚ୍ଚ ମାସ ସୁଦ୍ଧା ସମସ୍ତ ମେଗା ପାନୀୟ ଜଳ ପ୍ରକଳ୍ପ ଶେଷ ହେବ ଓ ଏହାଦ୍ୱାରା ମୋଟ ୩୨,୨୩୩ଟି ଗ୍ରାମକୁ ପାନୀୟ ଜଳ ସୁବିଧା ମିଳିବା ନେଇ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି।

# ଭିଜିଲାନ୍ସ ଜାଲରେ ଝାରସୁଗୁଡ଼ା ମୁଖ୍ୟ ଚିକିତ୍ସାଳୟ ଏସ୍‌ଓ



ଝାରସୁଗୁଡ଼ା,୨୨।୪(ସଂଚାର ବ୍ୟୁରୋ): ଭିଜିଲାନ୍ସ ଜାଲରେ ପଡ଼ିଲେ ଆଉ ଜଣେ ବାବୁ। ଝାରସୁଗୁଡ଼ା ଜିଲ୍ଲା ମୁଖ୍ୟମୁଖ୍ୟ ଚିକିତ୍ସାଳୟର ସେକ୍ସନ ଅଫିସର (ଏସ୍‌ଓ) ଅନିତ ଗୁରୁ ଆଜି ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ବଡ଼ ଧରଣର ଭିଜିଲାନ୍ସ ଚଢ଼ାଉ କରାଯାଇଥିବା ବେଳେ ଶ୍ରୀ ଗୁରୁ ଅଢ଼େଇ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଓଡ଼ିଶା ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଛନ୍ତି।

ମିଳିଥିବା ସୂଚନାନୁଯାୟୀ, ୨୦୨୬-୨୭ ଶିକ୍ଷା ବର୍ଷ ପାଇଁ ଜିଏନ୍‌ଏମ୍ ଛାତ୍ରଛାତ୍ରୀମାନଙ୍କୁ ବିଭିନ୍ନ ପିଏଚ୍‌ସି ଏବଂ ସିଏଚ୍‌ସି ସ୍ତରରେ ପ୍ରାକ୍ଟିକାଲ ଟ୍ରେନିଂ ପାଇଁ ଅନୁମତି ଦେବା ନିମନ୍ତେ ଆବେଦନ ପ୍ରକ୍ରିୟା ଜାରି ରହିଥିଲା। ଏହି କାର୍ଯ୍ୟ ପାଇଁ ଶ୍ରୀ ଗୁରୁ ଜଣେ ନର୍ସିଂ ସ୍କୁଲ ଶିକ୍ଷକଙ୍କୁ ଦୀର୍ଘ ଦିନ ଧରି ହଇରାଣ କରିବା ସହ ତାଙ୍କୁ ଅଢ଼େଇ ହଜାର ଟଙ୍କା ଲାଞ୍ଚ ଦାବି କରିଆସୁଥିଲେ। ପୂର୍ବରୁ ମଧ୍ୟ ଜିଲ୍ଲାର ଅନ୍ୟ ନର୍ସିଂ ସ୍କୁଲଗୁଡ଼ିକୁ ସମାନ ଢଙ୍ଗରେ ହଇରାଣ କରୁଥିବା ନେଇ ତାଙ୍କ ବିରୋଧରେ ଅଭିଯୋଗ ଆସିଥିଲା। ତେବେ ଶ୍ରୀ ଗୁରୁଙ୍କ ଲାଞ୍ଚ ଦାବିରେ ଅତିଷ୍ଠ ହୋଇ ଶେଷରେ ସମ୍ପୃକ୍ତ ଶିକ୍ଷକ ଜଣଙ୍କ ଭିଜିଲାନ୍ସ ବିଭାଗର ଦ୍ୱାରସ୍ଥ ହୋଇଥିଲେ। ପୂର୍ବ ଯୋଜନା ଅନୁଯାୟୀ ଆଜି ଅପରାହ୍ନରେ ଶ୍ରୀ ଗୁରୁ ଅଫିସରେ ଲାଞ୍ଚ ଟଙ୍କା ଗ୍ରହଣ କରୁଥିବା ସମୟରେ ଭିଜିଲାନ୍ସ ଟିମ୍ ତାଙ୍କୁ ମାଡ଼ି ବସିଥିଲା। ତାଙ୍କ ନିକଟରୁ ସମସ୍ତ ଚିହ୍ନିତ ଲାଞ୍ଚ ଟଙ୍କା ଜବତ କରାଯାଇଛି। ଏହି ଘଟଣା ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ସନ୍ଦେହରେ ଭିଜିଲାନ୍ସ ପକ୍ଷରୁ ଶ୍ରୀ ଗୁରୁଙ୍କ ସହ ଜଡ଼ିତ ଦୁଇଟି ସ୍ଥାନରେ ଏକକାଳୀନ ଚଢ଼ାଉ ଜାରି ରହିଛି। ଏହି ମାମଲାରେ ରାଉରକେଲା ଭିଜିଲାନ୍ସ ଥାନାରେ କେସ୍ ନଂ ୦୨, ତା-୨୨.୦୪.୨୦୨୬, ଦୁର୍ନୀତି ନିବାରଣ (ସଂଶୋଧନ) ଅଧିନିୟମ, ୨୦୧୮ ର ଧାରା ୭ ଅନୁଯାୟୀ ଏକ ମାମଲା ରୁଜୁ କରାଯାଇଛି।

● ବ୍ରହ୍ମଗିରିରେ ନାବାଳିକାକୁ ଦୁଷ୍କର୍ମ ଘଟଣା

## ପରିବାରକୁ ଭେଟିଲେ ବିଜେଡି ପ୍ରତିନିଧି



ଭୁବନେଶ୍ୱର,୨୨।୪(ସଂଚାର ବ୍ୟୁରୋ): ବ୍ରହ୍ମଗିରି ଅଞ୍ଚଳରେ ୬ ବର୍ଷର ନାବାଳିକାକୁ ଦୁଷ୍କର୍ମ ଘଟଣାରେ ଆଜି ପୂର୍ବାହ୍ନରେ ପୁରୀ କୋର୍ଟ ପରିସରରେ ପୀଡ଼ିତାଙ୍କ ପରିବାରକୁ ଭେଟିବା ସହ ପୀଡ଼ିତାଙ୍କ ଗାଁ କୃଷ୍ଣପ୍ରସାଦ ବ୍ଲକ ବିରିଜିପୁର ପଞ୍ଚାୟତର ଗୋରାପୁର ଗ୍ରାମକୁ ଯାଇ ଗ୍ରାମବାସୀଙ୍କ ସହ ଏଭଳି ଅମାନବୀୟ ଘଟଣା ସମ୍ପର୍କରେ ଆଲୋଚନା କରିଥିଲା ବିଜେଡିର ଏକ ପ୍ରତିନିଧିମଣ୍ଡଳୀ। ଗ୍ରାମବାସୀମାନେ ଏଭଳି ଘଟଣାକୁ ଦୃଢ଼ ନିନ୍ଦା କରିବା ସହ ଅଭିଯୁକ୍ତକୁ କଠୋର ଦଣ୍ଡ ଦେବା ପାଇଁ ଦାବି କରିଥିଲେ।

ଆଜି ଅପରାହ୍ନରେ ବିଜେଡି ପ୍ରତିନିଧିମଣ୍ଡଳୀ ସହ ଦଳର ଉପସଭାପତି ସଞ୍ଜୟ ଦାସବର୍ମା ପୁରୀ ଜିଲ୍ଲାର ଆରକ୍ଷୀ ଅଧୀକ୍ଷକ ପ୍ରତୀକ ସିଂଙ୍କୁ ଭେଟି ଘଟଣା ସମ୍ପର୍କରେ ସମସ୍ତ ଦିଗ ଉପରେ ଆଲୋଚନା କରିଥିଲେ। ବ୍ରହ୍ମଗିରିରେ ବାରମ୍ବାର ଘଟୁଥିବା ଏଭଳି ଘଟଣା ଭବିଷ୍ୟତରେ ଯେଭଳି ପୁନରାବୃତ୍ତି ନ ହୁଏ, ସେଥିପ୍ରତି ଦୃଷ୍ଟି ଦେବା ସହ ଅପରାଧୀକୁ କଠୋରରୁ କଠୋରତମ ଦଣ୍ଡ ଦେବାକୁ ଦାବି କରିଥିଲେ। ଏଭଳି ଘଟଣା ପାଇଁ ବ୍ରହ୍ମଗିରି ନିନ୍ଦିତ ହେବା ସହ ଶ୍ରୀଜଗନ୍ନାଥଙ୍କ ଶ୍ରୀକ୍ଷେତ୍ର ଓ ଚିଲିକା ଭଳି ପର୍ଯ୍ୟଟନସ୍ଥଳୀ ମଧ୍ୟ ନିନ୍ଦିତ ହୋଇଛି। ଏହି ସାମାଜିକ ବ୍ୟାଧିକୁ ଦଳମତ ନିର୍ବିଶେଷରେ ସମସ୍ତେ ନିନ୍ଦା କରିବା ସହ ଏଭଳି ଘଟଣାର ଯେଭଳି ପୁନରାବୃତ୍ତି ନ ହୁଏ, ସେଥିପ୍ରତି ଦୃଷ୍ଟି ଦେବାକୁ ଏସ୍‌ପିଙ୍କ ନିକଟରେ ପ୍ରତିନିଧିମଣ୍ଡଳୀ ଦାବି କରିଥିଲା। ଏହି ଦୁଷ୍କର୍ମ ଘଟଣା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୃଷ୍ଟିକୁ ଆସିବା ପରେ ବିଜେଡିର ଏକ ପ୍ରତିନିଧିମଣ୍ଡଳୀ ପଠାଇ ପୀଡ଼ିତାଙ୍କ ପରିବାର, ଗ୍ରାମବାସୀ ଓ ଜିଲ୍ଲା ପ୍ରଶାସନକୁ ଭେଟି ପୀଡ଼ିତା କିପରି ନ୍ୟାୟ ପାଇବେ, ସେଥିପ୍ରତି ଦୃଷ୍ଟି ଦେବାକୁ କହିଥିଲେ। ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ବିଜେଡିର ଏକ ପ୍ରତିନିଧିମଣ୍ଡଳୀ ପୀଡ଼ିତାଙ୍କ ଗାଁକୁ ଗସ୍ତ କରି ଜିଲ୍ଲା ପ୍ରଶାସନ ସହ ଆଲୋଚନା କରିଥିଲେ। ପୀଡ଼ିତାଙ୍କୁ କ୍ଷତିପୂରଣ ଦିଆଯିବା ସହ ନିରପେକ୍ଷ ତଦନ୍ତ କରି ପକ୍‌ସୋ ଆକ୍ଟରେ ଫାଷ୍ଟଟ୍ରାକ କୋର୍ଟରେ ଦୋଷୀକୁ କଠୋର ଦଣ୍ଡ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ ପୁରୀ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ପ୍ରତୀକ ସିଂ।

## ମା'-ପୁଅଙ୍କୁ ଦଳିଦେଲା ହାତୀ

ଆଠଗଡ଼,୨୨।୪(ସଂଚାର ବ୍ୟୁରୋ): ନରସିଂହପୁର ବ୍ଲକ୍‌ରେ ଘଟିଛି ଦୁଃଖଦ ଘଟଣା। ଶୌଚ ହେବାକୁ ଯାଇଥିବା ବେଳେ ମା'-ପୁଅକୁ ଦଳି ମାରିଦେଲା ହାତୀ। ମୃତକ ଦ୍ୱୟ ହେଲେ ନରସିଂହପୁର ବ୍ଲକ ଅନ୍ତର୍ଗତ ଦେବଭୂଇଁ ନୂଆଗାଁ ଗ୍ରାମର ସସ୍ମିତା ନାଏକ ଓ ତାଙ୍କ ପୁଅ ପ୍ରିୟାଂଶୁ ନାଏକ। ନରସିଂହପୁର ବ୍ଲକ ଅନ୍ତର୍ଗତ ଦେବଭୂଇଁ ନୂଆଗାଁ ଗ୍ରାମର ବଂଶୀଧର ନାଏକଙ୍କ ପତ୍ନୀ ସସ୍ମିତା ଓ ପୁଅ ପ୍ରିୟାଂଶୁ ଘର ପଛପଟକୁ ଶୌଚ ପାଇଁ ଯାଇଥିଲେ। ତେବେ ଏହି ସମୟରେ ସେମାନେ ହାତୀ ଆକ୍ରମଣର ଶିକାର ହୋଇଥିଲେ। ହାତୀ ଆକ୍ରମଣରେ ଉଭୟ ଗୁରୁତର ହୋଇଥିଲେ। ଉଭୟଙ୍କୁ ଉଦ୍ଧାର କରି ହିନ୍ଦୋଳ ମେଡିକାଲକୁ ଚିକିତ୍ସା ପାଇଁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଉଭୟଙ୍କ ମୃତ୍ୟୁ ଘଟିଛି। ଏହି ଘଟଣା ପରେ ସ୍ଥାନୀୟ ଲୋକମାନେ ଦେବଭୂଇଁ-ନରସିଂହପୁର ମୁଖ୍ୟ ରାସ୍ତା ଅବରୋଧ କରିଛନ୍ତି। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ ହେଁ ଖବର ଲେଖାଯିବା ପର୍ଯ୍ୟନ୍ତ ଅବରୋଧ ଜାରି ରହିଥିଲା।

## ପରିବେଶ ସୁରକ୍ଷା ବାର୍ତ୍ତା ଦେଲେ ରୂପା ରୋଶନ



ଭୁବନେଶ୍ୱର, ୨୨।୪ (ସଂଚାର ବ୍ୟୁରୋ): ପୃଥିବୀ ଦିବସ ଅବସରରେ ଓଡ଼ିଶା ରାଜ୍ୟପାଳଙ୍କ-ସଚିବ ରୂପା ରୋଶନ ସାହୁ ଲୋକସେବା ଭବନ ପରିସରରେ ଏକ ବୃକ୍ଷରୋପଣ ଅଭିଯାନର ନେତୃତ୍ୱ ନେଇ ପରିବେଶ ସଂରକ୍ଷଣ ପ୍ରତି ତାଙ୍କର ଗଭୀର ପ୍ରତିବଦ୍ଧତା ପ୍ରଦର୍ଶନ କରିଛନ୍ତି। ପ୍ରକୃତି ପ୍ରତି ସମର୍ପଣ ଏବଂ ପ୍ରଶାସନିକ ନେତୃତ୍ୱ ପାଇଁ ଜଣାଶୁଣା ଡକ୍ଟର ସାହୁ ବ୍ୟକ୍ତିଗତ ଭାବରେ ଚାରା ରୋପଣ କରିବାକୁ ପଦକ୍ଷେପ ନେଇଥିଲେ। ଏହି କାର୍ଯ୍ୟକ୍ରମରେ ଲୋକସେବା ଭବନର ବିଭିନ୍ନ ଅଧିକାରୀ ଏବଂ କର୍ମଚାରୀମାନେ ସକ୍ରିୟ ଅଂଶଗ୍ରହଣ କରି ଏକ ସବୁଜ ଏବଂ ସ୍ଥାୟୀ ପରିବେଶକୁ ପ୍ରୋତ୍ସାହିତ କରିବା ପାଇଁ ଅଭିଯାନରେ ଯୋଗ ଦେଇଥିଲେ। ଡକ୍ଟର ସାହୁଙ୍କ ସମ୍ପୃକ୍ତି ଜଣେ ଯତ୍ନବାନ ଆଇଏଏସ୍ ଅଧିକାରୀ ଭାବରେ ପରିଚିତ ଡକ୍ଟର ସାହୁ ନିରନ୍ତର ଭାବରେ ତାଙ୍କ ସେବା କ୍ଷେତ୍ରରେ ପରିବେଶଗତ ଦାୟିତ୍ୱକୁ ସାମିଲ କରିଛନ୍ତି। ଏପରି ପଦକ୍ଷେପଗୁଡ଼ିକୁ ପ୍ରାଥମିକତା ଦେଇ ସେ ସରକାରୀ କର୍ମଚାରୀ ଏବଂ ସାଧାରଣ ଜନତାଙ୍କ ମଧ୍ୟରେ ପରିବେଶଗତ ପରିଚାଳନାର ସଂସ୍କୃତିକୁ ପ୍ରେରଣା ଦେଇ ଚାଲିଛନ୍ତି।

## ସାନଭାଇର ଟାଙ୍ଗିଆ ଚୋଟରେ ବଡ଼ଭାଇର ମୃତ୍ୟୁ



ମୁନିଗୁଡା,୨୨।୪(ସଂଚାର ବ୍ୟୁରୋ): ରାୟଗଡ଼ା ଜିଲା ମୁନିଗୁଡା ଥାନା ମୁନିଖୋଲ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଡ଼ଙ୍ଗରିଆ ଗାଁ ଗୋରଠା ଗ୍ରାମରେ ସାନ ଭାଇର ଟାଙ୍ଗିଆ ଚୋଟରେ ବଡ ଭାଇର ମୃତ୍ୟୁ ହୋଇଛି। ପ୍ରାପ୍ତ ସୂଚନା ଅନୁସାରେ, ମୁନିଗୁଡା ଥାନା ଅନ୍ତର୍ଗତ ନିୟମଗିରି ପାର୍ବତ୍ୟାଞ୍ଚଳର ଗୋରଠା ଗ୍ରାମରେ ଦୁଇ ଭାଇଙ୍କ ମଧ୍ୟରେ କୌଣସି କାରଣରୁ ଉଭୟଙ୍କ ଗଣ୍ଡଗୋଳ ହୋଇଥିଲା। ହଠାତ ସାନଭାଇ ଉତ୍ତ୍ୟକ୍ତ ହୋଇ ଟାଙ୍ଗିଆରେ ବଡଭାଇକୁ ହାଣିଥିଲେ। ଫଳରେ ଘଟଣାସ୍ଥଳରେ ହିଁ ବଡ଼ ଭାଇର ମୃତ୍ୟୁ ହୋଇଥିଲା। ମୃତକ ହେଉଛନ୍ତି ଗୁଲଟା ଜାକାସିକା। ହତ୍ୟାର କାରଣ ଅସ୍ପଷ୍ଟ ଥିବା ବେଳେ ସାନଭାଇ ଆଦୁ ଜାକାସିକା ଘଟଣା ଘଟାଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ଜଣାପଡିଛି। ଖବରପାଇ ଏସଡିପିଓ ସନ୍ତୋଷୀନି ଓରାମ, ମୁନିଗୁଡା ଥାନା ଅଧିକାରୀ କେଶବ ଷଡ଼ଙ୍ଗୀ, ଏସାଇ ମନୋରଞ୍ଜନ ବିଶ୍ୱାଳ ଓ ହୋମଗାର୍ଡ କମାଣ୍ଡାଣ୍ଟ ସନ୍ତୋଷ କୁମାର ପାଢ଼ୀ ପ୍ରମୁଖଙ୍କ ସମେତ ଅନ୍ୟ ପୋଲିସ ଅଧିକାରୀ ଓ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ମୁନିଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଛନ୍ତି।

## ଜଳ ଭଣ୍ଡାରରେ ବୁଡ଼ି ଯୁବକ ମୃତ

ରିଆମାଳ,୨୨।୪(ସଂଚାର ବ୍ୟୁରୋ):ରିଆମାଳ ଥାନା କଂସର ଫାଣ୍ଡି ଅନ୍ତର୍ଗତ ଗୋହିରା ଜଳ ଭଣ୍ଡାରରେ ବୁଡ଼ି ବୁଧବାର ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତ ଯୁବକ ଜଣକ ବରଗଡ଼ ଜିଲା ଭଟଲିଛକ ନିବାସୀ ଗଣନାଥ ରଥ(୪୨)। ସେ ଆମ୍ବଘାଟ ଗ୍ରାମ ସ୍ଥିତ ଜଣେ ସମ୍ପର୍କୀୟଙ୍କ ବିବାହ ଉତ୍ସବରେ ସାମିଲ ହେବାକୁ ଆସିଥିବା ବେଳେ ବୁଧବାର ମଧ୍ୟାହ୍ନରେ ଜଳ ଭଣ୍ଡାରକୁ ଗାଧୋଇବାକୁ ଯାଇ ପାଣିରେ ବୁଡ଼ି ଯାଇଥିଲେ। ଏହା ଦେଖି ତାଙ୍କ ସାଙ୍ଗରେ ଆସିଥିବା ଅନ୍ୟ ସମ୍ପର୍କୀୟ ମାନେ ପାଣିରେ ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନଥିଲେ। ପରେ ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ଜଳଭଣ୍ଡାର ମଧ୍ୟରୁ ମୃତଦେହ ଉଦ୍ଧାର କରିଥିଲେ। ସେହିପରି ସୂଚନା ପାଇ କଂସର ଫାଣ୍ଡି ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ତେବେ ମୃତ ଗଣନାଥଙ୍କ ପରିବାର ଲୋକ ପହଞ୍ଚିବା ପରେ ଗୁରୁବାର ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ରିଆମାଳ ଥାନାଧିକାରୀ ବିନୟ କେରକେଟ୍ଟା ସୂଚନା ଦେଇଛନ୍ତି।

## ଥମୁନି ତାତି: ୩ ଜିଲ୍ଲାରେ ବଢ଼ିଲା ସ୍କୁଲ ଛୁଟି ଅବଧି



ଭୁବନେଶ୍ୱର,୨୨।୪(ସଂଚାର ବ୍ୟୁରୋ): ଗ୍ରୀଷ୍ମ ପ୍ରବାହକୁ ଆଖି ଆଗରେ ରଖାଯାଇ ୩ ଜିଲ୍ଲାରେ ବଢ଼ିଛି ସ୍କୁଲ ଛୁଟି ଅବଧି। ଏହି ତିନି ଜିଲ୍ଲାଟି ହେଲା ସମ୍ବଲପୁର, ସୁନ୍ଦରଗଡ଼ ଓ କେନ୍ଦ୍ରାପଡ଼ା। ତାତି ବଢୁଥିବାରୁ ସୁନ୍ଦରଗଡ଼ ରେ ଆସନ୍ତା ୨୭ ପର୍ଯ୍ୟନ୍ତ ଛୁଟି ଘୋଷଣା କରିଛି ଜିଲ୍ଲା ଶିକ୍ଷା ବିଭାଗ। ଫଳତଃ ଆସନ୍ତା ୨୭ ତାରିଖ ଯାଏଁ ଜିଲ୍ଲାର ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲ ବନ୍ଦ ରହିବ। ସେହିପରି ସମ୍ବଲପୁରରେ ୩ ଦିନ ଛୁଟି ଅବଧି ବଢ଼ିବା ଫଳରେ ଏଣିକି ଜିଲ୍ଲାର ସମସ୍ତ ସ୍କୁଲ୍, ଅଙ୍ଗନବାଡ଼ି ଓ କଲେଜ ଆଦି ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ବନ୍ଦ ରହିବ। ଏନେଇ ସ୍ଥାନୀୟ ଜିଲ୍ଲାପାଳ ଘୋଷଣା କରିଛନ୍ତି। ଅପରପକ୍ଷରେ କେନ୍ଦ୍ରାପଡ଼ା ଜିଲ୍ଲାରେ ଆସନ୍ତା ୨୫ ତାରିଖ ଯାଏଁ ସ୍କୁଲ ଓ ଅଙ୍ଗନବାଡ଼ି ଆଦିକୁ ଛୁଟି ଘୋଷଣା କରାଯାଇଛି। ଏନେଇ ଜିଲ୍ଲା ଶିକ୍ଷାଧିକାରୀଙ୍କ ପକ୍ଷରୁ ନୋଟିସ ମଧ୍ୟ ଜାରି ହୋଇଛି। ଏପଟେ କୋରାପୁଟରେ ୩ ଦିନ ବଢ଼ିଛି ସ୍କୁଲ ଛୁଟି ଅବଧି। ଏନେଇ ଜିଲ୍ଲାପାଳ ଘୋଷଣା କରିଥିବା ବେଳେ ଜିଲ୍ଲାରେ ଆସନ୍ତାକାଲିଠାରୁ ୨୫ ତାରିଖ ପର୍ଯ୍ୟନ୍ତ ଏହି ଛୁଟି ଲାଗୁ ହୋଇଛି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

# ଖୁବ୍‌ଶୀଘ୍ର ଲଞ୍ଚ ହେବ ହ୍ୟୁଣ୍ଡାଇର ଇଲେକ୍ଟ୍ରିକ୍ କାର୍



ନୂଆଦିଲ୍ଲୀ, ୨୨।୪ଃ ୨୦୨୬ ରେ ନିଜର ନୂଆ ଇଲେକ୍ଟ୍ରିକ୍ କାର୍ ହୁଣ୍ଡାଇ ୟୁନିକ ୩ର ପର୍ଦ୍ଦା ଉଠାଇବାକୁ ଯାଉଛି ହୁଣ୍ଡାଇ। ଏହି କାରଟି ବିଶେଷ ଭାବରେ ସେହି ଲୋକଙ୍କ ପାଇଁ ହୋଇଛି, ଯେଉଁମାନେ କମ୍ ପ୍ରାଇସରେ ଭଲ ରେଞ୍ଜ ଏବଂ ମର୍ଡନ ଫିଚର୍ସ ଥିବା ଏକ ଇଲେକ୍ଟ୍ରିକ୍ କାର୍ ଖୋଜିଥାନ୍ତି। ବର୍ତ୍ତମାନ, ଏହାକୁ ୟୁରୋପୀୟ ବଜାରକୁ ଦୃଷ୍ଟିରେ ରଖି ଲଞ୍ଚ କରାଯାଇଛି।

ହୁଣ୍ଡାଇ ୟୁନିକ ୩ର ଡିଜାଇନ୍ ବହୁତ ମର୍ଡନ ଏବଂ ଫ୍ୟୁଚରଷ୍ଟିକ୍। ଏଥିରେ ସ୍ଲିକ୍ ଲାଇଟ୍ ଏବଂ ଏକ ସ୍ପେଶାଲ ପିକ୍ସେଲ ଡିଜାଇନ୍ ରହିଛି, ଯାହା ଏହାକୁ ଅଧିକ ଆଟ୍ରାକ୍ଟିଭ୍ କରିଥାଏ। କମ୍ପାନୀ ଏହାକୁ ଏକ ଏରୋ ହ୍ୟାଚ ଡିଜାଇନ୍ ବୋଲି କହିଛି, ଯାହାର ଅର୍ଥ ଏହା ପବନର ପ୍ରେସରକୁ କମ୍ କରିବ ଏବଂ ଭଲ ମାଇଲେଜ୍ ପ୍ରଦାନ କରିବ। ଏଥିସହ ଏହା କାର୍ ପ୍ରେମୀଙ୍କୁ ବଢ଼ିଆ ଏକ୍ସପ୍ରିଏନ୍ସ ମଧ୍ୟ ଦେବ।

ରେଞ୍ଜ ଦୃଷ୍ଟିରୁ, ଏହି କାର ଦୁଇଟି ବ୍ୟାଟେରୀ ଅପ୍ସନରେ ଆସିବ। ଛୋଟ ବ୍ୟାଟେରୀ ପ୍ୟାକ୍ ସହିତ, ଏହା ୩୪୪ କିଲୋମିଟର ପର୍ଯ୍ୟନ୍ତ ଯାତ୍ରା କରିପାରିବ ଏବଂ ବଡ ବ୍ୟାଟେରୀ ମଡେଲଟି ଥରେ ଚାର୍ଜ କଲେ ୪୯୬ କିଲୋମିଟର ପର୍ଯ୍ୟନ୍ତ ଯାତ୍ରା କରିପାରିବ। ଏହାର ସର୍ବାଧିକ ଗତି ପ୍ରାୟ ୧୭୦ କିଲୋମିଟର/ଘଣ୍ଟା, ଏବଂ ଫାଷ୍ଟ ଚାର୍ଜିଂ ସହିତ, କାରଟି ପ୍ରାୟ ୨୯ ମିନିଟରେ ୧୦% ରୁ ୮୦% ପର୍ଯ୍ୟନ୍ତ ଚାର୍ଜ ହୋଇପାରିବ।

ଏହି କାରଟିରେ ଅନେକ ପାୱାରଫୁଲ୍ ଫିଚର୍ସ ମଧ୍ୟ ରହିଛି। କାର୍ ଭିତର ବସିଲେ ଆପଣ ଅନୁଭବ କରିବେ ଯେପରି ଆପଣ ଏକ ଲଗଜରୀ ଘରେ ଅଛନ୍ତି। ଏହାର ଇଣ୍ଟେରିୟରକୁ ଫନିଶ୍ଡ ସ୍ପେଶ୍ ଥିମ୍ ସହିତ ଡିଜାଇନ୍ କରାଯାଇଛି ଏବଂ ଏଥିରେ ଏକ ଏକ୍ସଟ୍ରା ମେଗାବକ୍ସ ଷ୍ଟୋରେଜ୍ ସାମିଲ୍। ଏହି ସମସ୍ତ ଫିଚର୍ସ ଗାଡ଼ି ଚାଳନାକୁ ସହଜ ଏବଂ ସୁରକ୍ଷିତ କରିଥାଏ। ଏଥିରେ ବୁଟ୍ ସ୍ପେସ୍, ଏକ ବଡ଼ ସ୍କ୍ରିନ୍ ସହିତ ଉନ୍ନତ ଇନଫୋଟେନମେଣ୍ଟ ସିଷ୍ଟମ୍, ଏକ ପ୍ରିମିୟମ୍ ସାଉଣ୍ଡ ସିଷ୍ଟମ୍ ଏବଂ ଏକ ଡିଜିଟାଲ୍ କୀ ଭଳି ଫିଚର୍ସଗୁଡ଼ିକ ରହିଛି। ଏଥିସହ ସେଫ୍ଟି ଫିଚର୍ସ ବିଷୟରେ କହିବାକୁ ଗଲେ, ଏଥିରେ ଉନ୍ନତ ଡ୍ରାଇଭର୍ ଆସିଷ୍ଟାନ୍ସ ସିଷ୍ଟମ୍ (ADAS), ବ୍ଲାଇଣ୍ଡ ସ୍ପଟ୍ ମନିଟରିଂ ଏବଂ ସ୍ମାର୍ଟ ପାର୍କିଂ ସାମିଲ୍।ଯାହା ଗାଡ଼ି ଚଲାଇବାର ଏକ୍ସପେରିୟନ୍ସକୁ ଭିନ୍ନ କରିଥାଏ।



Image credit: Reuters

# ଦାନ ଧର୍ମରେ ସବୁଠାରୁ ପଛରେ ଏଲନ ମସ୍କ

ନୂଆଦିଲ୍ଲୀ, ୨୨।୪ଃ ବିଜନେଶ ମାଗାଜିନ ଫୋର୍ବ୍ସ ଏଥର ଏକ ଭିନ୍ନ ଦୃଷ୍ଟି କୋଣ ନେଇ ବିଶ୍ୱର ଧନୀମାନଙ୍କର ତାଲିକା ଜାରି କରିଛି। ଯେଉଁଥିରେ ଅରବପତିଙ୍କ ସମ୍ପତ୍ତିକୁ ଆଉଥରେ ଗଣନା କରାଯାଇଛି, ହେଲେ ଏଥର ଅରବପତିମାନେ ଦାନ କରିଥିବା ସମ୍ପତ୍ତିକୁ ମଧ୍ୟ ଏଥିରେ ଯୋଡ଼ାଯାଇଛି। ଯଦି ଉଦାର ଅରବପତିମାନେ ଦାନ କରି ନଥାନ୍ତେ, ତେବେ ଧନୀ ତାଲିକାରେ ସେମାନେ କେଉଁ ସ୍ଥାନରେ ଥାନ୍ତେ, ତାହା ଜାଣିବା ଏହି ନୂଆ ତାଲିକାର ମୂଳ ଉଦ୍ଦେଶ୍ୟ। ତେବେ ଏହି ତାଲିକା ଅନୁସାରେ, ବିଶ୍ୱର ନମ୍ବର-୧ ଧନୀ ଏଲନ ମସ୍କ ଦାନ ଧର୍ମ କ୍ଷେତ୍ରରେ କେଉଁ ସ୍ଥାନରେ ଅଛନ୍ତି ତାହା ଜାଣିଲେ ଆପଣ ଆଶ୍ଚର୍ଯ୍ୟ ହେବେ। ସବୁଥର ସମ୍ପତ୍ତି ହିସାବ କରି କିଏ କେତେ ଧନୀ ଏହାର ତାଲିକା ପ୍ରସ୍ତୁତ କରିଥାଏ ବିଜ୍ନେଶ ମାଗାଜିନ ଫୋର୍ବ୍ସ। ହେଲେ ଏଥର ପତ୍ରିକା ଯେଉଁ ଅରବପତିଙ୍କ ତାଲିକା ଜାରି କରିଛି ତାହା ଟିକେ ଭିନ୍ନ। ଏଥରେ ଉଦାର ଅରବପତିମାନେ ଦାନ କରୁଥିବା ସମ୍ପତ୍ତିକୁ ମଧ୍ୟ ଯୋଡ଼ା ଯାଇଛି। ଦୁନିଆର ଉଦାର ଅରବପତି ଯଦି ସମ୍ପତ୍ତି ଦାନ କରି ନଥାନ୍ତେ, ତେବେ ତାଙ୍କ ସମ୍ପତ୍ତିର ରାଙ୍କିଙ୍ଗ କେମିତି ହୋଇଥାନ୍ତା,ଏହା ଜାଣିବା ପାଇଁ ଫୋର୍ବସ ଟ୍ରୁ ନେଟ୍ ୱର୍ଥ ରାଙ୍କିଙ୍ଗ୍ ଜାରି କରିଛି। ଅରବପତିମାନେ ଯେଉଁ ଶେୟାର ଦାନ କରିଛନ୍ତି ଓ ଯଦି ସେସବୁ ସମ୍ପତ୍ତି ବର୍ତ୍ତମାନର ବଜାର ଅନୁସାରେ ନିବେଶ ହୋଇଥାନ୍ତା, ତେବେ ସେମାନଙ୍କର ସମ୍ପତ୍ତିର ରାଙ୍କି କେତେ ରହିଥାନ୍ତା ତାହା ଏହି ନୂଆ ତାଲିକାରେ ଦର୍ଶାଯାଇଛି। ଏଲନ ମସ୍କ ଫୋର୍ବ୍ସର ଉଭୟ ଲିଷ୍ଟରେ ନମ୍ବର ୱାନ୍ରେ ରହିଛନ୍ତି। ହେଲେ ଦାନ କ୍ଷେତ୍ରରେ ସେ ସବୁଠାରୁ କମ ଦାନ କରିଛନ୍ତି। ମସ୍କ ତାଙ୍କ ସମ୍ପତ୍ତିରେ ମାତ୍ର ୦.୦୬% ବାସ୍ତବରେ ଦାନ କରିଛନ୍ତି। ଅନ୍ୟପଟେ ବିଲଗେଟ୍ସ ମାଇକ୍ରୋସଫ୍ଟର ପାଖାପାଖି ୭୩.୧ କୋଟି ଶେୟାର ଦାନ କରିଛନ୍ତି। ଯଦି ସେ ଏହି ସବୁତକ ଶେୟାର ପାଖରେ ରଖିଥାନ୍ତେ, ତେବେ ତାଙ୍କ ସମ୍ପତ୍ତି ପାଖାପାଖି ୪ ଗୁଣା ଅଧିକ ହୋଇଥାନ୍ତା, ଓ ସେ ବର୍ତ୍ତମାନର ୧୯ ତମ ସ୍ଥାନ ପରିବର୍ତ୍ତେ ଦ୍ୱିତୀୟ ସର୍ବାଧିକ ଧନୀ ହୋଇଥାନ୍ତେ। ସେହିଭଳି ଇନଭେଷ୍ଟ କିଂ ୱାରେନ ବଫେଟ ମଧ୍ୟ ଯଦି ଦାନ କରି ନଥାନ୍ତେ, ତେବେ ସେ ବର୍ତ୍ତମାନର ନବମ ସ୍ଥାନ ପରିବର୍ତ୍ତେ ତୃତୀୟ ସବୁଠାରୁ ଧନୀ ବ୍ୟକ୍ତି ହୋଇଥାନ୍ତେ। ୨୦୦୬ରେ ବଫେଟଙ୍କ ଦ୍ୱାରା ଦାନ କରିଥିବା ଶେୟାରର ଭାଲ୍ୟୁ ପାଖାପାଖି ୭୦୦% ବଢ଼ିଛି। ସେହିପରି ନୋଭେଲିଷ୍ଟ ଓ ଜେଫ୍ ବେଜୋସଙ୍କ ପୂର୍ବତନ ପତ୍ନୀ ମ୍ୟାକେଞ୍ଜି ସ୍କଟ୍ ମଧ୍ୟ ଯଦି ସମ୍ପତ୍ତି ଦାନ କରିନଥାନ୍ତେ ତେବେ ବର୍ତ୍ତମାନ ସେ ୫୮ ସ୍ଥାନ ପରିବର୍ତ୍ତେ ୨୬ ନମ୍ବର ସ୍ଥାନରେ ଥାନ୍ତେ।

# ମ୍ୟୁଚୁଆଲ ଫଣ୍ଡ୍ ଶିଳ୍ପକୁ ଝଟ୍‌କା

# ମାର୍ଚ୍ଚରେ ଉଠାଇ ନେଲେ ୨.୯ ଲକ୍ଷ କୋଟି

ନୂଆଦିଲ୍ଲୀ, ୨୨।୪ଃ ଯୁଦ୍ଧ ଯୋଗୁ ମାର୍ଚ୍ଚ ମାସରେ ଦେଶର ମ୍ୟୁଚୁଆଲ ଫଣ୍ଡ ଶିଳ୍ପକୁ ଲାଗିଛି ନଗଦ ଝଟ୍‌କା। ଗୋଟିଏ ମାସରେ ନିବେଶକ ୨.୯ ଲକ୍ଷ କୋଟି ଟଙ୍କା ଉଠାଇ ନେଇଛନ୍ତି। ଗତ କିଛି ବର୍ଷ ମଧ୍ୟରେ କୌଣସି ମାସରେ ଏହା ସର୍ବାଧିକ ଉଠାଣ। ମ୍ୟୁଚୁଆଲ ଫଣ୍ଡ ଶିଳ୍ପରେ ନିବେଶକଙ୍କ ଆତ୍ମବିଶ୍ୱାସ ପ୍ରଭାବିତ ହେବା ଯୋଗୁ ଏଭଳି ସ୍ଥିତି ଉପୁଜିଛି। ଏସ୍‌ବିଆଇ କ୍ୟାପ ଡାଟା ମୁତାବକ, ଆର୍ଥିକ ବର୍ଷ ୨୬ରେ ଡେଟ୍ ମ୍ୟୁଚୁଆଲ ଫଣ୍ଡକୁ ପାଣ୍ଠି ଆସିବାରେ ସଙ୍କଟ ସ୍ଥିତି ଉପୁଜିଛି। ଏସବୁ ସ୍କିମ ଗୁଡ଼ିକରେ ପାଣ୍ଠି ଆସିବା ୮୪% ହ୍ରାସ ହୋଇ ୨୧୨ ବିଲିୟନ ରହିଛି। ଇକ୍ୱିଟି ଏବଂ ହାଇବ୍ରିଡ ସ୍କିମ ଗୁଡ଼ିକରେ ନିବେଶ ହୋଇଥିଲେ ମଧ୍ୟ ଶିଳ୍ପର ମୋଟ ଉଠାଣ ମାତ୍ରା ଅଧିକ ରହିଛି। ଆର୍ଥିକ ବର୍ଷ ୨୬ରେ ମ୍ୟୁଚୁଆଲ ଫଣ୍ଡରେ ନେଟ୍ ନିବେଶ ୯.୪% ହ୍ରାସ ହୋଇ ୭.୪ ଲକ୍ଷ କୋଟି ଟଙ୍କା ରହିଛି। ଡେଟ୍ ଭିତ୍ତିକ ଫଣ୍ଡ ଗୁଡ଼ିକରେ ନିବେଶ ୮୪% ହ୍ରାସ ହୋଇଥିବା ବେଳେ ଇକ୍ୱିଟି ଭିତ୍ତିକ ଫଣ୍ଡରେ ନିବେଶ ୧୬.୯% ହ୍ରାସ ହୋଇ ୩.୫ ଲକ୍ଷ କୋଟି ଟଙ୍କା ରହିଛି। ହାଇବ୍ରିଡ ଫଣ୍ଡ ଗୁଡ଼ିକରେ ନିବେଶ ୩୦% ବଢ଼ିଛି। ଚଳିତ ବର୍ଷ ଟଙ୍କା ମୂଲ୍ୟ ୧୧% ହ୍ରାସ ହେବା ମଧ୍ୟ ଶିଳ୍ପକୁ ପ୍ରଭାବିତ କରିଛି। ଟଙ୍କା ମୂଲ୍ୟକୁ ଦୃଢ଼ କରିବା ଦିଗରେ ରିଜର୍ଭ ବ୍ୟାଙ୍କ ପଦକ୍ଷେପ ଗ୍ରହଣ କରିଛି। ଏବେ ସୁଦ୍ଧା ସ୍ଥିତି ସମ୍ପୂର୍ଣ୍ଣ ଭାବେ ସ୍ୱାଭାବିକ ହୋଇନି। ଆସୋସିଏସନ ଅଫ୍ ମ୍ୟୁଚୁଆଲ ଫଣ୍ଡ୍‌ସ ଇନ ଇଣ୍ଡିଆ (ଏଏମ୍‌ଏଫ୍‌ଆଇ) ମୁତାବକ, ଡେଟ୍ ସ୍କିମ ମଧ୍ୟରେ ଲିକ୍ୟୁଡ ଫଣ୍ଡରୁ ସର୍ବାଧିକ ନିବେଶ ଅର୍ଥ ଉଠାଣ ହୋଇଛି। ମାର୍ଚ୍ଚରେ ଏହି ସ୍କିମରୁ ୧.୩୫ ଲକ୍ଷ କୋଟି କାଢ଼ି ନେଇଛନ୍ତି ନିବେଶକ। ଡେଟ୍ ଫଣ୍ଡ ସ୍କିମ ମଧ୍ୟରେ ଓଭରନାଇଟ ଫଣ୍ଡ ସ୍କିମରୁ ୪୦,୨୨୭ କୋଟି, ମନି ମାର୍କେଟରୁ ୨୯,୨୦୭ କୋଟି ଏବଂ ସ୍ୱଳ୍ପ ଅବଧି ଫଣ୍ଡ ଗୁଡ଼ିକରୁ ୨୫, ୨୨୭ କୋଟି ଟଙ୍କା ଉଠାଣ ହୋଇଛି। ଇରାନ୍- ଆମେରିକା ଯୁଦ୍ଧ ସ୍ଥିତି ସ୍ୱାଭାବିକ ନହେଲେ ଆଗାମୀ ଦିନଗୁଡ଼ିକରେ ମଧ୍ୟ ନିବେଶକଙ୍କ ଭରସା ଦୃଢ଼ ହୋଇନପାରେ। ଫଳରେ ଉଭୟ ପୁଞ୍ଜିବଜାର ଏବଂ ମ୍ୟୁଚୁଆଲ ଫଣ୍ଡ ବଜାର ପ୍ରଭାବିତ ରହିବ।




ଗତ ୪ ମାସରେ ବିଦେଶୀ ପୋର୍ଟଫୋଲିଓ ନିବେଶକ (ଏଫ୍‌ପିଆଇ) ମାନେ ଦେଶର ପୁଞ୍ଜି ବଜାରରୁ ୧.୬୮ ଲକ୍ଷ କୋଟି ଟଙ୍କା ପ୍ରତ୍ୟାହାର କଲେଣି। ଏହାର ଏକ ବଡ ଭାଗ ମାର୍ଚ୍ଚ ମାସରେ ପ୍ରତ୍ୟାହାର କରାଯାଇଛି। ମଧ୍ୟପ୍ରାଚ୍ୟ ଯୁଦ୍ଧ ଜନିତ ସଙ୍କଟ ସ୍ଥିତି ଯୋଗୁ ବିଦେଶୀ ନିବେଶକ ଏଭଳି ନୀତି ଆପଣାଇଛନ୍ତି। ଯୁଦ୍ଧ ଯୋଗୁ ଭାରତୀୟ ପୁଞ୍ଜି ବଜାର ଉପରେ ବଡ ପ୍ରଭାବ ପଡିଛି। ଚଳିତ ବର୍ଷ ସେନସେକ୍ସ ୭.୯% ଏବଂ ନିଫ୍ଟି ୬.୮% ହ୍ରାସ ହୋଇଛି। ବିଏସ୍‌ଇ ସୂଚୀଭୁକ୍ତ କମ୍ପାନି ଗୁଡ଼ିକର ବଜାର ମୂଲ୍ୟ ୧୦ ଲକ୍ଷ କୋଟିରୁ ଊର୍ଦ୍ଧ୍ୱ ହ୍ରାସ ହୋଇଛି।

# ରେଷ୍ଟୁରାଣ୍ଟ ଓ୍ୱାନ୮ କମ୍ୟୁନେରେ ଲାଗିଲା ତାଲା

ବେଙ୍ଗାଲୁରୁ,୨୨।୪ଃ ଭାରତୀୟ କ୍ରିକେଟଷ୍ଟାର ବିରାଟ କୋହଲୀଙ୍କ ସହ ସମ୍ପର୍କିତ ବେଙ୍ଗାଲୁରୁର ଚର୍ଚ୍ଚିତ ରେଷ୍ଟୁରାଣ୍ଟ 'ୱାନ ଏଇଟ୍ କମ୍ୟୁନେ' ଏବେ ପୁରାପୁରି ବନ୍ଦ ହୋଇଯାଇଛି। ବକେୟା ଭଡ଼ା, ମେଣ୍ଟେନାନ୍ସ ଚାର୍ଜ ଓ ଅନ୍ୟ ପୈଠ ନ ହୋଇ ପାରିବାରୁ କୋର୍ଟଙ୍କ ଆଦେଶରେ ଏହି ଆଉଟଲେଟ୍ ରେ ତାଲା ପକାଇ ଦିଆଯାଇଛି। ଏହି ଖବର ସାମ୍ନାକୁ ଆସିବା ପରେ କ୍ରିକେଟ ଫ୍ୟାନସ୍ ଓ ରେଷ୍ଟୁରାଣ୍ଟ ଇଣ୍ଡଷ୍ଟ୍ରିରେ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ରିପୋର୍ଟ ଅନୁସାରେ ଏହି ସଂସ୍ଥା ସଞ୍ଚାଳନ କରୁଥିବା କମ୍ପାନୀ ଗତ କିଛିମାସ ହେଲା ଦୋକାନ ଭଡା ଦେଇ ପାରୁନଥିଲା।

କୁହାଯାଉଛି ଏହି ରେଷ୍ଟୁରାଣ୍ଟ ଉପରେ ଘର ମାଲିକଙ୍କର ଗତ ୬ ମାସର ଭଡ଼ା ବାକି ରହିଛି। ଏହାଛଡା ମେଣ୍ଟେନାନ୍ସ ବାବଦ ଦେୟ ଓ ରେଭିନ୍ୟୁ ସେୟାର ପଇସା ଜମା କରାଯାଉନଥିଲା। ଏହି ସଂସ୍ଥା ଉପରେ ମୋଟ ବକେୟା ରାଶି ୨ କୋଟି ଟଙ୍କାରୁ ଅଧିକ ହୋଇଯାଇଥିଲା। ଏଣୁ ବିଲ୍ଡିଂ ମାଲିକ କୋର୍ଟଙ୍କ ଶରଣାପନ୍ନ ହୋଇଥିଲେ। ଯେଉଁ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ପୈଠ ନ ହୋଇଛି ସେ ପର୍ଯ୍ୟନ୍ତ ରେଷ୍ଟୁରାଣ୍ଟ ବନ୍ଦ ରଖିବାକୁ କୋର୍ଟ ଆଦେଶ ଦେଇଛନ୍ତି।

ଏହି ପୁରା ମାମଲାରେ ଖାସ କଥା ହେଉଛି ଏହି ରେଷ୍ଟୁରାଣ୍ଟ ସହିତ ବିରାଟ କୋହଲୀଙ୍କ କୌଣସି ସିଧା ସମ୍ପର୍କ ନଥିଲା। ରିପୋର୍ଟ ଅନୁସାରେ ସେ ପୂର୍ବରୁ ରେଷ୍ଟୁରାଣ୍ଟ ସହିତ ତାଙ୍କ ପାର୍ଟନରସିପ୍ ସମାପ୍ତ କରିସାରିଥିଲେ। କେବଳ ଏତିକି ନୁହେଁ ବିରୋଟ କୋହଲୀ ତାଙ୍କ ବ୍ରାଣ୍ଡ 'ୱାନ ଏଇଟ୍'ର ନାମ ମଧ୍ୟ ଏହି ଆଉଟଲେଟରୁ ହଟାଇ ନେଇଥିଲେ। କୁହାଯଉଛି ବିବାଦ ଓ ଲଗାତର ଅଭିଯୋଗ ହେବା ଯୋଗୁ ବିରାଟ ସମୟ ପୂର୍ବରୁ ନିଜକୁ ସଂସ୍ଥାରୁ ପୃଥକ କରିନେଇଥିଲେ।

ଏହି ରେଷ୍ଟୁରାଣ୍ଟ ପୂର୍ବରୁ ମଧ୍ୟ ବିବାଦୀୟ ଥିଲା। ସ୍ଥାନୀୟ ପ୍ରଶାସନ ଓ ନଗର ନିଗମ ପକ୍ଷରୁ ଫାୟର ସେଫ୍ଟି ଅନ୍ୟ ନିୟମକୁ ନେଇ ରେଷ୍ଟୁରାଣ୍ଟକୁ ନୋଟିସ୍ ଜାରି କରିଥିଲେ। ସୂତ୍ରଙ୍କ ଅନୁସାରେ ନିୟମ ଉଲ୍ଲଂଘନ ଓ ଖରାପ ହେଉଥିବା ଛବିର ପ୍ରଭାବ ବ୍ୟବସାୟ ଉପରେ ପଡିଥିଲା। ଧିରେ ଧିରେ ଗ୍ରାହକଙ୍କ ସଂଖ୍ୟା ହ୍ରାସ ହେବାରେ ଲାଗିଥିଲା ଓ ରେଷ୍ଟୁରାଣ୍ଟର କ୍ଷତି ବଢ଼ିବଢ଼ି ଚାଲିବାକୁ ଲାଗିଥିଲା। ଏହା ଏକ ପ୍ରିମିୟମ ରେଷ୍ଟୁରାଣ୍ଟ ଓ ବାର ବ୍ରାଣ୍ଡ ଏବଂ ଏହାକୁ ବିରାଟ କୋହଲି ଆରମ୍ଭ କରିଥିଲେ ବୋଲି କୁହାଯାଏ। ଏହାର ଆଉଟଲେଟ୍ ଦିଲ୍ଲୀ, ଗୁରୁଗ୍ରାମ, ପୁଣେ, କୋଲକାତା, ନୋଏଡା, ବେଙ୍ଗାଲୁରୁ ଓ ହାଇଦ୍ରାବାଦ ଭଳି ସହରମାନଙ୍କରେ ରହିଛି। ଏହି ବ୍ରାଣ୍ଡ ବିଳାଶମୟ ପରିବେଶ, ଅତ୍ୟାଧୁନିକ ଇଣ୍ଟେରିୟର ଓ ପ୍ରିମିୟମ ଡାଇନିଂ ଅନୁଭବ ଲାଗି ଜଣାଯାଏ। ଏବେ ସମସ୍ତଙ୍କ ନଜର ଏହି କଥା ଉପରେ ଯେ ବେଙ୍ଗାଲୁରୁ ଆଉଟଲେଟ୍ ଆରମ୍ଭ ହେବ କି ନାହିଁ ? ହେଲେ ଯେଉଁ ପର୍ଯ୍ୟନ୍ତ ବକେୟା ରାଶି ଜମା ନ ହୋଇଛି ଏହା ଦ୍ୱିତୀୟ ବାର ଖୋଲିବା ସମ୍ଭାବନା କମ ବୋଲି କୁହାଯାଉଛି।




## ସ୍ମାର୍ଟଫୋନ୍‌ରେ ହେବାକୁ ଯାଉଛି ପରିବର୍ତ୍ତନ

# ସାଇଜ୍ ହେବ ଆହୁରି ବଡ଼, ୟୁଜର ନିଜେ ବଦଳାଇ ପାରିବେ ବ୍ୟାଟେରୀ

ନୂଆଦିଲ୍ଲୀ,୨୦।୪ଃ ବ୍ୟାଟେରୀ ଶେଷ ହୋଇଯିବାରୁ ଆପଣ ଶୀଘ୍ର ନୂଆ ଫୋନ୍ କିଣିବାର କଷ୍ଟରୁ ମୁକ୍ତି ପାଇପାରିବେ। ଅନେକ ଉପଭୋକ୍ତା ଅଭିଯୋଗ କରନ୍ତି ଯେ ସେମାନଙ୍କ ବ୍ୟାଟେରୀ ଖରାପ ଯୋଗୁଁ ନୂଆ ଫୋନ୍ ପାଇଁ ଟଙ୍କା ଖର୍ଚ୍ଚ କରିବାକୁ ପଡିଥାଏ। ତେବେ ଏହି ପରିସ୍ଥିତି ପରିବର୍ତ୍ତନ ହେବାକୁ ଯାଉଛି। ୟୁରୋପୀୟ ସଂଘ ନୂତନ ନିୟମ ଲାଗୁ କରିବାକୁ ପ୍ରସ୍ତୁତି କରୁଛି। ଯାହାଦ୍ୱାରା କମ୍ପାନୀଗୁଡ଼ିକୁ ଏପରି ଫୋନ୍ ତିଆରି କରିବାକୁ ପଡିବ ଯାହା ଅଧିକ ସମୟ ପର୍ଯ୍ୟନ୍ତ ଚାଲିବ ଏବଂ ମରାମତି କରିବା ସହଜ ହେବ। ବ୍ୟାଟେରୀ ସମ୍ପର୍କରେ ମଧ୍ୟ ଏକ ବଡ଼ ପରିବର୍ତ୍ତନ ହୋଇପାରେ। ଗତ କିଛି ବର୍ଷ ଧରି, କମ୍ପାନୀଗୁଡ଼ିକ ସେମାନଙ୍କ ଫୋନରେ ବଦଳାଯାଇପାରୁଥିବା ବ୍ୟାଟେରୀ ଯୋଗାଇବା ବନ୍ଦ କରିଦେଇଛନ୍ତି। ଏହାର ଅର୍ଥ ହେଉଛି ଯେ, ୟୁଜର ଚାହିଁଲେ ମଧ୍ୟ ସହଜରେ ବ୍ୟାଟେରୀ ବଦଳାଇପାରିବେ ନାହିଁ। ୨୦୨୭ ରେ ନୂତନ ନିୟମ କାର୍ଯ୍ୟକାରୀ ହେବା ପରେ, କମ୍ପାନୀଗୁଡ଼ିକୁ ଏପରି ଫୋନ୍ ଡିଜାଇନ୍ କରିବାକୁ ପଡ଼ିବ ଯାହାର ବ୍ୟାଟେରୀ ୟୁଜରଙ୍କ ଦ୍ୱାରା ସହଜରେ ବଦଳାଯାଇପାରିବ। ଏହା ସହିତ, ଫୋନ୍ଗୁଡ଼ିକରେ ଏପରି ବ୍ୟାଟେରୀ ରହିବା ଆବଶ୍ୟକ ଯାହା ଅଧିକ ସମୟ ପର୍ଯ୍ୟନ୍ତ ଚାଲିପାରିବ ଏବଂ ଅଧିକ ଚାର୍ଜ ରଖିପାରିବ। ଏହା ଫଳରେ ଫୋନ୍ ଆକାର ମଧ୍ୟ ବଡ଼ ହୋଇପାରେ। ଲଞ୍ଚ ହେବା ପରେ ୧୦ ବର୍ଷ ପାଇଁ କମ୍ପାନୀଗୁଡ଼ିକ ଏକ ମଡେଲ୍ ପାଇଁ ସ୍ପେୟାର ପାର୍ଟସ୍ ଯୋଗାଇବାକୁ ବାଧ୍ୟ ହେବେ। ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଅନେକ ବିଶେଷଜ୍ଞ ବିଶ୍ୱାସ କରନ୍ତି ଯେ ନୂତନ ନିୟମ କମ୍ପାନୀଗୁଡ଼ିକର ମନମାନି ଆଚରଣକୁ ରୋକିବାରେ ସହାୟକ ହେବ। କମ୍ପାନୀଗୁଡ଼ିକ ବର୍ତ୍ତମାନ ଲିମିଟେଡ୍ ଲାଇଫସ୍ପାମ୍ ସହିତ ଫୋନ୍ ଡିଜାଇନ୍ କରୁଛନ୍ତି, ଯାହା ଫଳରେ ୟୁଜରଙ୍କୁ କିଛି ବର୍ଷରେ ସେଗୁଡ଼ିକୁ ବଦଳାଇବାକୁ ବାଧ୍ୟ କରୁଛି। ଏହି ପଦକ୍ଷେପ ଇଲେକ୍ଟ୍ରୋନିକ୍ ଅପଚୟକୁ ରୋକିବାର ଆଶା କରାଯାଉଛି। ପ୍ରତିବର୍ଷ, ଫୋନ୍ ଏବଂ ଏହାର ଆନୁଷଙ୍ଗିକ ଜିନିଷଗୁଡ଼ିକ ଏକ ଗୁରୁତ୍ୱପୂର୍ଣ୍ଣ ପରିମାଣର ଇଲେକ୍ଟ୍ରୋନିକ୍ ଅପଚୟ ସୃଷ୍ଟି କରେ, ଯାହା ପରିବେଶ ପାଇଁ କ୍ଷତିକାରକ। ଏହି ନୂତନ ନିୟମ ଆସନ୍ତା ବର୍ଷଠାରୁ ୟୁରୋପୀୟ ସଂଘରେ କାର୍ଯ୍ୟକାରୀ ହେବ। ଏହି ନିୟମ ସିଧାସଳଖ ଭାରତୀୟ ଗ୍ରାହକମାନଙ୍କୁ ପ୍ରଭାବିତ କରିବ ନାହିଁ। ତଥାପି, ଗୋଟିଏ କ୍ଷେତ୍ରରେ ଏହି ନିୟମଗୁଡ଼ିକ କାର୍ଯ୍ୟକାରୀ ହେବା ପରେ, କମ୍ପାନୀଗୁଡ଼ିକ ଉପରେ ଚାପ ବୃଦ୍ଧି ପାଇବ ଏବଂ ଅନ୍ୟ ବଜାରର ଗ୍ରାହକମାନେ ମଧ୍ୟ ଏପରି ଫୋନ୍ ଦାବି କରିପାରନ୍ତି।





# ଆଜିର ସୁନା ଦର

ବର୍ତ୍ତମାନ ରୁପା ଦର ଏକ କେଜି ପିଛା ୧୦ ହଜାର ବଢ଼ି ହୋଇଛି ୨ ଲକ୍ଷ ୬୫ ହଜାର ଟଙ୍କା। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୫୩,୮୨୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୪୧,୦୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୫୩,୮୨୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୪୧,୦୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୫୩,୮୨୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୪୧,୦୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୫୩,୯୭୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୪୧,୧୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୫୪,୯୧୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୪୨,୦୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୫୩,୮୨୦ ୧,୪୧,୦୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୫୦,୦୦୦ ଟଙ୍କା ହୋଇଛି।



# ଆଜିର ପେଟ୍ରୋଲ, ଡିଜେଲ୍ ଦର

ଗାଡ଼ିରେ ପେଟ୍ରୋଲ କିମ୍ବା ଡିଜେଲ ପକାଇବା ପୂର୍ବରୁ ଜାଣି ନିଅନ୍ତୁ ଦର। ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୧୯ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୭୭ ପଇସା ରହିଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୪ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫.୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୮ ପଇସା ରହିଛି।

## ଖସି ଖସିଯାଉଛି ଭୂତଳ ଜଳସ୍ତର

# ଶୁଖିଯାଉଛି ପୋଖରୀ, ଖୁଣ୍ଟ ଭଳି ଠିଆ ହୋଇଛି ନଳକୂଅ

**ରାଜନଗର,୨୨।୪ (ସଂଚାର ବ୍ୟୁରୋ):** ନଦୀ, ସମୁଦ୍ର ଘେରା ଉପକୂଳବର୍ତ୍ତୀ ଜିଲ୍ଲାରେ ଉତ୍କଟ ହେଲାଣି ପାନୀୟଜଳ ସମସ୍ୟା । ଭୂତଳ ଜଳସ୍ତର ଦ୍ରୁତଗତିରେ ତଳକୁ ଖସୁଛି । କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ଅଞ୍ଚଳରେ ସ୍ଥିତି ଉଦବେଗ ଜନକ । ଜଳସ୍ତର ହ୍ରାସ ଯୋଗୁଁ ଗତ ୫ ବର୍ଷରେ ୨ ଶହ ନଳକୂପ ଅଚଳ ହୋଇ ପଡିଲାଣି । ୫ ବର୍ଷ ତଳେ ୧୮୦ରୁ ୨୦୦ ମିଟର ଭୁତଳରେ ଭଲ ପିଇବା ପାଣି ମିଳୁଥିଲା । ୨୦୧୮ ପୂର୍ବରୁ ଖୋଳା ଯାଇଥିବା ସମସ୍ତ ନଳକୂପ ୧୮୦ରୁ ୨୦୦ ମିଟର ମଧ୍ୟରେ ଖୋଳାଯାଉଥିଲା । ଏବେ କିନ୍ତୁ ସମୟ ସାଙ୍ଗକୁ ସ୍ଥିତି ବଦଳିଲାଣି । ୨୪୦ରୁ ୨୫୦ ମିଟର ଭୁତଳରେ ମିଳୁଛି ପିଇବା ପାଣି । ୧୪୦ରୁ ୨୦୦ ମିଟର ମଧ୍ୟରେ ଆଇରନ ମିଶା ପାଣି ରହୁଛି । ଅର୍ଥାତ୍ ୬ବର୍ଷ ମଧ୍ୟରେ ଭୂତଳ ଜଳସ୍ତର ପାଖାପାଖି ୭୦ ମିଟର ବା ୨୩୦ ଫୁଟରୁ ଅଧିକ ତଳକୁ ଖସିଗଲାଣି । କେବଳ ରାଜନଗର ବ୍ଲକ ନୁହେଁ, ଜିଲ୍ଲାର ଅନ୍ୟ ଅଞ୍ଚଳରେ ମଧ୍ୟ ଭୂତଳ ଜଳର ସ୍ଥିତି ଆହୁରି ସଙ୍ଗୀନ । ଡାଙ୍ଗମାଳ, ଖମାରସାହି, ଈଶ୍ୱରପୁର ଅଞ୍ଚଳରେ ପୂର୍ବରୁ ୧୮୦ରୁ ୨୦୦ ମିଟର ମଧ୍ୟରେ ଭଲ ପିଇବା ପାଣି ମିଳୁଥିଲା । ହେଲେ ବର୍ଷକ ମଧ୍ୟରେ ଏହା ୨୪୦ ରୁ ୨୫୦ ମିଟର ତଳକୁ ଖସି ଗଲାଣି । ପ୍ରବଳ ଖରା ସାଙ୍ଗକୁ ଜଳ ସଙ୍କଟ ଯୋଗୁଁ, ମହିଳା ମାନଙ୍କୁ ଲମ୍ବା ଲମ୍ବା ଲାଇନରେ ଠିଆ ହୋଇ ପାଣି ନେବାକୁ ପଡୁଛି । ନଦୀ ଓ ସମୁଦ୍ର ଘେରା ରାଜନଗର ବ୍ଲକରେ ପାନୀୟଜଳ ସଙ୍କଟ ନୂଆ ସମସ୍ୟା ଭାବେ ଉଭା ହୋଇଛି । ଏହାକୁ ସୀମିତ କରିବାକୁ ସରକାରୀ ଯୋଜନା କେବଳ କାଗଜ କଲମରେ ସୀମିତ ରହିଯାଇଛି। ଭୁବନେଶ୍ୱରର କପିଳ ପ୍ରସାଦ, ସହିଦନଗର ଭଳି ଅଞ୍ଚଳରେ ଖସି ଚାଲିଛି ଭୂତଳ ଜଳସ୍ତର। ରାୟଗଡ଼ା, ମାଲକାନଗିରି, ଗଜପତି, ନୟାଗଡ଼, ଯାଜପୁରର କୋରେଇ, ତାଳଚେର, ଝାରସୁଗୁଡ଼ା, ନୂଆପଡ଼ାରେ ଖସୁଛି ଜଳସ୍ତର। ଜଳବାୟୁ ପରିବର୍ତ୍ତନର ପ୍ରଭାବ ଓ ସଚେତନତା ଅଭାବରୁ ଏଭଳି ଅବସ୍ଥା ସୃଷ୍ଟି ହୋଇଛି ବୋଲି ପରିବେଶବିତ୍ତ କହିଛନ୍ତି । ଭୂତଳ ଜଳସ୍ତର ଖସୁଥିବାରୁ ଆଗାମି ଦିନରେ ଏହାର ଭୟଙ୍କର ପ୍ରଭାବ ପଡିବ। ପାନୀୟ ଜଳ ସଙ୍କଟ ଉତ୍କଟ ହେବାର ନେଇ ଆଶଙ୍କା ରହିଛି।

## ଅକ୍ଷୟ ତୃତୀୟାରେ ରଥ କାଠ ଅନୁକୂଳ



**ବୋରିଗୁମ୍ମା,୨୨।୪(ସଂଚାର ବ୍ୟୁରୋ):** ଆସନ୍ତା ଜୁଲାଇ ୧୬ ତାରିଖରେ ରଥଯାତ୍ରା। ଏଥିପାଇଁ ପରମ୍ପରା ମୁତାବକ ସୋମବାର ପବିତ୍ର ଅକ୍ଷୟ ତୃତୀୟାରେ ଶ୍ରୀଜୀଉଙ୍କ ରଥ ନିର୍ମାଣ ପାଇଁ କାଠ ଅନୁକୂଳ ହୋଇଛି। ଅପରାହ୍ନରେ ଜଗନ୍ନାଥ ମନ୍ଦିରରୁ ମହାପ୍ରଭୁଙ୍କ ଆଜ୍ଞାମାଳ ଆସି ରଥଖୋଳା ସମ୍ମୁଖରେ ପହଞ୍ଚିଥିଲା। ଅନୁକୂଳ ପାଇଁ ରଖାଯାଇଥିବା ଅଖ, ଚକ କାଠରେ ଆଜ୍ଞାମାଳ ବିଜେ ହେବା ପରେ ରଥ ନିର୍ମାଣ କାର୍ଯ୍ୟ ଅନୁକୂଳ ହୋଇଥିଲା। ଏହି ଅବସରରେ ରଥ ନିର୍ମାଣରେ ନିୟୋଜିତ ସେବକ ଜଗା ମହାରଣାଙ୍କର ଶାଢ଼ି ବନ୍ଧାଯାଇଥିଲା ରଥଖୋଳା ସମ୍ମୁଖରେ ଚକ, ଅଖ କାଠକୁ ସ୍ନାନ କରାଯାଇ ରଖାଯାଇଥିଲା। ମନ୍ଦିର ମୁଖ୍ୟ ପୁରୋହିତ ଦିଲିପ ପଣ୍ଡା ଓ ମନ୍ଦିର କମିଟି ସଭାପତି କେ. ନାଗରାଜ ଦୋରା, ସମ୍ପାଦକ ପି. ଗଣପତି ରାଓ, ଗୌରୀ ଶଙ୍କର ବେହେରା, ମନୁ ରଥ ଓ ଅନ୍ୟ କମିଟି ସଦସ୍ୟ ପ୍ରମୁଖ ଏଥିରେ ସାମିଲ ଥିଲେ। ସେପଟେ ପ୍ରଭୁ ଜଗନ୍ନାଥଙ୍କ ମନ୍ଦିରରେ ମଧ୍ୟାହ୍ନଧୂପ ବଢ଼ିବା ପରେ ମନ୍ଦିରରୁ ବୈଷ୍ଣବାଗ୍ନି ଆଣି ହୋମରେ ଅଗ୍ନି ସ୍ଥାପନା କରାଯାଇଥିଲା। ନୂତନ ଭାବେ ଅଣାଯାଇଥିବା କୁରାଢ଼ି ଅଭିମନ୍ତ୍ରିତ କରି ପୂଜା କରାଯାଇଥିଲା। ପୁରୋହିତ, ମହାରଣା ସେବକ ପୂଜା ହୋଇଥିବା କୁରାଢ଼ିରେ ସ୍ପର୍ଶ କରି ରଥ ନିର୍ମାଣ ଅନୁକୂଳ କରିଥିଲେ।

## ବିପଦସଙ୍କୁଳ ଅବସ୍ଥାରେ ପାତଳପଡ଼ା ପ୍ରାଥମିକ ବିଦ୍ୟାଳୟ

**ବଲାଙ୍ଗିର,୨୨।୪(ସଂଚାର ବ୍ୟୁରୋ):** ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ ହଳଦୀ ପଞ୍ଚାୟତ ଅନ୍ତର୍ଗତ ପାତଳପଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷା ବ୍ୟବସ୍ଥାର ଏକ ବିକଳାଙ୍ଗ ଦୃଶ୍ୟ ସାମ୍ନାକୁ ଆସିଛି। ୧୯୭୩ ମସିହାରେ ସ୍ଥାପିତ ଏହି ପୁରାତନ ବିଦ୍ୟାଳୟଟି ଏବେ ଚରମ ଅବହେଳାର ଶିକାର ହୋଇଛି। ବାଲବାଟିକା ଠାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ସର୍ବମୋଟ ୯୦ ଜଣ ଛାତ୍ରଛାତ୍ରୀ ଏଠାରେ ଶିକ୍ଷା ଗ୍ରହଣ କରୁଥିବା ବେଳେ ସେମାନଙ୍କ ଜୀବନ ଏବେ ବିପଦପୂର୍ଣ୍ଣ ସ୍ଥିତିରେ ରହିଛି। ବିଦ୍ୟାଳୟରେ ଶ୍ରେଣୀଗୃହର ଘୋର ଅଭାବ ରହିଥିବା ବେଳେ ଉପଲବ୍ଧ ଥିବା କୋଠରୀ ଗୁଡ଼ିକ ଏବେ ସମ୍ପୂର୍ଣ୍ଣ ଜରାଜୀର୍ଣ୍ଣ। ଏହି ଗୃହଗୁଡ଼ିକର ଅବସ୍ଥା ଏମିତି ହୋଇଛି ଯେ ତାହା ଆଉ ସାମାନ୍ୟ ମରାମତି ଦ୍ୱାରା ବ୍ୟବହାର ଯୋଗ୍ୟ ହେବା ସ୍ଥିତିରେ ନାହିଁ। ଛାତରୁ ସିମେଣ୍ଟ ଅତଡ଼ା ଖସୁଥିବାରୁ କେତେବେଳେ କାହା ଉପରେ ପଡ଼ି ଅଘଟଣ ଘଟିବ ସେ ନେଇ ଛାତ୍ରଛାତ୍ରୀ ଓ ଅଭିଭାବକ ମାନେ ଆତଙ୍କିତ ଅଛନ୍ତି। ସାମାନ୍ୟ ବର୍ଷା ହେଲେ ଛାତରୁ ପାଣି ଗଳୁଥିବାରୁ ପାଠପଢ଼ା ସମ୍ପୂର୍ଣ୍ଣ ବ୍ୟାହତ ହେଉଛି। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ କନକଲତା ମାଝୀଙ୍କ କହିବା ଅନୁସାରେ ଏ ସମ୍ପର୍କରେ ସ୍ଥାନୀୟ ସରପଞ୍ଚ, ସିଆରସିସି ଏବଂ ବିଇଓଙ୍କ କାର୍ଯ୍ୟାଳୟକୁ ବାରମ୍ବାର ଲିଖିତ ଓ ମୌଖିକ ଭାବେ ଜଣାଯାଇଛି। କିନ୍ତୁ ଦୁଃଖର ବିଷୟ ଏପର୍ଯ୍ୟନ୍ତ କୌଣସି ସୁଧାର ଆସିନାହିଁ।

## ଆସୋସିଏସନ୍ ବିରୋଧରେ ଟ୍ରକ୍ ମାଲିକଙ୍କ ଅସନ୍ତୋଷ



**ଯୋଡ଼ା,୨୨।୪(ସଂଚାର ବ୍ୟୁରୋ):** କେନ୍ଦୁଝର ଜିଲ୍ଲାର ଯୋଡ଼ା ଖଣି ଅଞ୍ଚଳରେ ଯୋଡ଼ା ଟ୍ରକ୍ ଓନର ଆସୋସିଏସନ୍ (ଜେଟିଓଏ) ବିରୋଧରେ ଟ୍ରକ୍ ମାଲିକମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ସଂଘର କାର୍ଯ୍ୟପ୍ରଣାଳୀ, ଲୋଡିଂ ଡିଓ ବଣ୍ଟନରେ ଅନିୟମିତତା ଓ କର୍ମକର୍ତ୍ତାଙ୍କ ଅନୁପସ୍ଥିତିକୁ ନେଇ ଅସନ୍ତୁଷ୍ଟ ଗାଡ଼ି ମାଲିକମାନେ ସଂଘ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସି ବିରୋଧ ପ୍ରଦର୍ଶନ କରିଛନ୍ତି। ଟ୍ରକ୍ ମାଲିକମାନଙ୍କ ଅଭିଯୋଗ ଅନୁଯାୟୀ, ସଂଘର ସଭାପତି ମାତା ପ୍ରସାଦ ଜେଶ୍ୱାଲ ଓ ସମ୍ପାଦକ ସୁଶାନ୍ତ ବାରିକଙ୍କୁ ପୂର୍ବରୁ ସଭାରେ ଯୋଗଦେବା ପାଇଁ ଫୋନ୍ ଯୋଗେ ଅନୁରୋଧ କରାଯାଇଥିଲା। କିନ୍ତୁ ସେମାନେ ଉପସ୍ଥିତ ହୋଇନଥିବାରୁ ସଦସ୍ୟମାନଙ୍କ ମଧ୍ୟରେ କ୍ଷୋଭ ଆହୁରି ବଢ଼ିଛି। ୨୦ ଏପ୍ରିଲରେ ଗ୍ରୁପ୍ ମାଧ୍ୟମରେ ସମସ୍ୟା ଆଲୋଚନା ପାଇଁ ସୂଚନା ଦିଆଯାଇଥିଲା ବୋଲି ସଦସ୍ୟମାନେ କହିଛନ୍ତି। ତଥାପି ସଭାରେ କୋଷାଧ୍ୟକ୍ଷ ରାଜେଶ ରୋଶନଙ୍କୁ ଛାଡ଼ି ଅନ୍ୟ କୌଣସି କର୍ମକର୍ତ୍ତା ନଥିବା ନେଇ ପ୍ରଶ୍ନ ଉଠିଛି। ଧାରଣାରେ ବସିଥିବା ଗାଡ଼ି ମାଲିକମାନେ କହିଛନ୍ତି ଯେ, ଦୀର୍ଘଦିନ ଧରି ଲୋଡିଂ ଡିଓ ବଣ୍ଟନରେ ସ୍ୱଚ୍ଛତାର ଅଭାବ ରହିଛି। ସାଧାରଣ ସଦସ୍ୟମାନେ କାମ ପାଇବାରେ ବଞ୍ଚିତ ହେଉଥିବା ବେଳେ କିଛି ନିର୍ଦ୍ଦିଷ୍ଟ ଗାଡ଼ିକୁ ପ୍ରାଥମିକତା ଦିଆଯାଉଛି। ସଂଘର କିଛି କର୍ମକର୍ତ୍ତା ନିଜ ପରିଚିତ ଓ ନିଜସ୍ୱ ଗାଡ଼ିକୁ ଅଧିକ ଲାଭ ଦେବା ପାଇଁ ଡିଓ ବଣ୍ଟନରେ ପକ୍ଷପାତ କରୁଥିବା ଅଭିଯୋଗ ଉଠିଛି। ଟ୍ରକ୍ ଭଡ଼ା ଦର କମିଯିବା, ପେମେଣ୍ଟରେ ବିଳମ୍ବ ଓ ଟନ୍ ପିଛା ନିର୍ଦ୍ଦିଷ୍ଟ ଟଙ୍କା ଆଦାୟ ନେଇ ମଧ୍ୟ ମାଲିକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ସେମାନଙ୍କ ମତରେ, ଟ୍ରାନ୍ସପୋର୍ଟରୁ ଆସୁଥିବା ଦର ଏକ ଥିଲେ ମଧ୍ୟ ପରେ କମ୍ ହୋଇଯାଉଛି। ଏହି ତଫାତ କିପରି ହେଉଛି, ତାହା ସଂଘ ପକ୍ଷରୁ ସ୍ପଷ୍ଟ କରାଯାଉନଥିବାରୁ ସନ୍ଦେହ ବଢ଼ିଛି।

## ତହସିଲଦାରଙ୍କ ଉପରେ ଗାଡ଼ିଚଢ଼ା ଘଟଣା: ଏସପିଙ୍କ କାର୍ଯ୍ୟାଳୟରେ ପହଞ୍ଚିଲେ ବିଭିନ୍ନ ସାମାଜିକ ସଂଗଠନ



**କୋରେଇ,୨୨।୪(ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲାର କୋରେଇ ଅଞ୍ଚଳରେ ବାଲି, ମାଟି ମାଫିଆ ମାନଙ୍କ ଦ୍ୱାରା ଆତଙ୍କରାଜ ସହିତ କିଛି ଦିନ ପୂର୍ବରୁ ରଚିତ ବହୁ ଚର୍ଚ୍ଚିତ ବ୍ୟାସନଗର ତହସିଲଦାର ଶ୍ରୀ ପ୍ରଶାନ୍ତ ପଣ୍ଡା'ଙ୍କୁ ଟ୍ରାକ୍ଟର ଚଢ଼ାଇ ହତ୍ୟା ଉଦ୍ୟମ ଘଟଣାକୁ ନେଇ ଓ ଜିଲ୍ଲାର ଭୁସମ୍ପତି ଲୁଟ୍ ମାଫିଆ ମାନଙ୍କ ଦ୍ୱାରା ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ବ୍ୟବସ୍ଥାର ପରିସ୍ଥିତିକୁ ନେଇ ଆଜି ବିଭିନ୍ନ ସାମାଜିକ ସଂଗଠନର ଅଧ୍ୟକ୍ଷ, ଅବାହକ ମାନେ ଯାଜପୁର ଜିଲ୍ଲାର ଏସପିଙ୍କ କାର୍ଯ୍ୟାଳୟରେ ପହଂଚିଥିଲେ। କୋରେଇ ଅଞ୍ଚଳରେ ବ୍ୟାପକ ବେଆଇନ ଭାବେ ବାଲି, ମାଟି ଚାଲାଣରେ ସମ୍ପୃକ୍ତ ମେସିନ୍, ଗାଡ଼ି ଓ ଏହା ପଛରେ ରହିଥିବା କିଙ୍ଗପିନ୍ ମାନଙ୍କୁ ଧରିବା ଲାଗି ପୋଲିସ ପ୍ରଶାସନ କଳ ପଦକ୍ଷେପ ନେବା ସହ ପ୍ରାକୃତିକ ସମ୍ପଦର କ୍ଷୟକ୍ଷତି ବିଷୟରେ ଉପ ଆରକ୍ଷୀ ଅଧିକ୍ଷକଙ୍କୁ ଭେଟି ଆଲୋଚନା କରିଥିଲେ। ହ୍ୟୁମାନ ରାଇଟସ୍ ଫ୍ରଣ୍ଟ ଇଣ୍ଡିଆର ଅଧ୍ୟକ୍ଷ ଶ୍ରୀ ମନୋଜ ଜେନା, ମହାନଦୀ ବଂଚାଓ ଆନ୍ଦୋଳନର ଆବାହକ ସୁଦର୍ଶନ ଦାସ, ଓଡ଼ିଶା ସୁଚନା ଅଧିକାର ଅଭିଯାନର ଆବାହକ ପ୍ରଦୀପ ପ୍ରଧାନ, ଆମ ଜନତା ଅଧିକାରର ଆବାହକ ବାସୁଦେବ ଭଞ୍ଜ ପ୍ରମୁଖଙ୍କ ସମେତ ସମାଜସେବୀ ମାନେ ଏସପିଙ୍କ କାର୍ଯ୍ୟାଳୟରେ ପହଂଚିଥିବା ଦେଖିବାକୁ ମିଳିଥିଲା। ପରେ ପରେ ବିଗତ ଦିନରେ ଘଟିଥିବା ତହସିଲଦାରଙ୍କ ଦୃର୍ଘଟଣା ଗ୍ରସ୍ତସ୍ଥାନକୁ ଦେଖିବାକୁ ଏହି ସଂଗଠନ ସଦସ୍ୟ ମାନେ ସେଠାକୁ ଯାଇଥିଲେ।

## ସେବା ଓ ସମର୍ପଣ ପକ୍ଷରୁ ଏମବିକେ, ସିଆରପି ଓ ଇସିମାନଙ୍କୁ ସମ୍ବର୍ଦ୍ଧିତ



**ନିଶ୍ଚିନ୍ତକୋଇଲି,୨୨।୪(ସଂଚାର ବ୍ୟୁରୋ):** ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତି ଅନ୍ତର୍ଗତ ବଡ଼କ୍ଷୀର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସମାଜସେବା ଓ ସମର୍ପଣ ପକ୍ଷରୁ ଏକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି। ବଡ଼କ୍ଷୀର ପଞ୍ଚାୟତର ମିଶନଶକ୍ତି ସଭାନେତ୍ରୀ ଅମ୍ରିତା ସିଂହ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନିଶ୍ଚିନ୍ତକୋଇଲି ୨୪ନଂ ଜୋନ୍ ଜିଲ୍ଲାପରିଷଦ ସଭ୍ୟ ବିପ୍ଳବକିଶୋର କାପ, ସମ୍ମାନୀତ ଅତିଥି ଭାବେ ବଡ଼କ୍ଷୀର ଗ୍ରାମପଞ୍ଚାୟତ ସରପଞ୍ଚ ହିମାଂଶୁନାରାୟଣ ମଲ୍ଲ, ଅନ୍ୟତମ ସମ୍ମାନୀତ ଅତିଥି ଭାବେ ସମିତିସଭ୍ୟ ତଥା ଯୁବନେତା ପ୍ରଦୋଷ କୁମାର ସାହୁ, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ଜୟଦେବ ସାହୁ, ପତ୍ରକାର ପ୍ରକାଶ କୁମାର ରାଉଳ, ସମାଜସେବୀ ପ୍ରତାପ କୁମାର ସିଂହ, ଶଙ୍କର୍ଷଣ ସ୍ୱାଇଁ, ପ୍ରତାପଚନ୍ଦ୍ର ସ୍ୱାଇଁ, ପ୍ରଶାନ୍ତ କୁମାର ସାହୁଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ। ନାରୀନେତ୍ରୀ ଅମ୍ରିତା ସିଂହ ୪ବର୍ଷ ହେବ ବଡ଼କ୍ଷୀର ପଞ୍ଚାୟତର ମିଶନ ଶକ୍ତି ସଭାନେତ୍ରୀ ଭାବେ କାର୍ଯ୍ୟ କରି ଆସୁଛନ୍ତି। ତାଙ୍କର ଏହି ୪ବର୍ଷ ମଧ୍ୟରେ ଅନେକ ପ୍ରକାର ଜନହିତକର କାର୍ଯ୍ୟ କରିଛନ୍ତି। ତାଙ୍କର ଦକ୍ଷତା, ମାଆ ମାନଙ୍କୁ ଭଲପାଇବା ଏବଂ ସମୟାନୁବର୍ତ୍ତିତା ଯୋଗୁଁ ଏ ଅଞ୍ଚଳ ପାଇଁ ଜଣେ ନାରୀନେତ୍ରୀ ଭାବରେ ସୁନାମ ଅର୍ଜନ କରିଛନ୍ତି। ମିଶନଶକ୍ତି ମାଆ ମାନଙ୍କ ସହଯୋଗ ପାଇଁ ଶ୍ରୀମତୀ ସିଂହ ସମସ୍ତଙ୍କୁ ଧନ୍ୟବାଦ ଦେଇଛନ୍ତି। ତାଙ୍କ ସମୟରେ କୌଣସି ମାଆ ମାନେ ଅପ୍ରୀତିକର ପରିସ୍ଥିତି ସମ୍ମୁଖୀନ ହୋଇନାହାଁନ୍ତି। ଏହି ପଞ୍ଚାୟତରେ ଥିବା ଏମବିକେ, ସିଆରପି ଓ ଇସିମାନଙ୍କ ସହଯୋଗ ଓ ବଳିଷ୍ଠ ନେତୃତ୍ୱ ପାଇଁ ସମସ୍ତ କାର୍ଯ୍ୟ ସମ୍ଭବ ହୋଇପାରିଥିବାରୁ ଏମ୍ବିକେ, ସିଆରପି ଏବଂ ଇସିମାନଙ୍କୁ ଉତ୍ତରୀୟ, ମାନପତ୍ର ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ଉପସ୍ଥିତ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଶ୍ରୀମତୀ ସିଂହଙ୍କୁ ପଞ୍ଚାୟତ ତରଫରୁ ନାରୀଶକ୍ତି ସମ୍ମାନରେ ସମ୍ମାନୀତ କରାଯାଇଥିଲା।

## ସମସେରପଦର ଗାଁରେ ପାନୀୟ ଜଳ ସଙ୍କଟ



**ନୂଆପଡ଼ା,୨୨।୪(ସଂଚାର ବ୍ୟୁରୋ):** ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ଡୁଆଝର ଗ୍ରାମ ପଞ୍ଚାୟତର ସମସେରପଦର ଗାଁ। ଗାଁରେ ପ୍ରାୟ ଦୁଇ ଶହ ପରିବାରର ପନ୍ଦର ଶହ ଲୋକ ରହନ୍ତି। ଗାଁରେ ଏବେ ପିଇବା ପାଣିର ଘୋର ସମସ୍ୟା। ଗ୍ରାମକୁ ଦେଢ଼ ବର୍ଷ ତଳେ ବସୁଧା ଯୋଜନାରେ ପାଇପ ଯୋଗେ ପାନୀୟ ଜଳର ବ୍ୟବସ୍ଥା କରା ଯାଇଥିଲା। କିନ୍ତୁ ସବୁଦିନ ପାଣି ମିଳୁ ନଥିଲା। ଏବେ ଛଅ ମାସ ହେଲା ପାଇପରୁ ପାଣି ଆସିବା ବନ୍ଦ ହୋଇ ଯାଇଛି। ଫଳରେ ଲୋକେ ପାଣି ମୁନ୍ଦିଏ ପାଇଁ ନାହିଁ ନଥିବାର ଦୁଃଖ ଭୋଗ କରୁଛନ୍ତି। ଗାଁ ରେ ତିନିଟି ନଳକୂପ ଥିବା ବେଳେ ଗୋଟିଏ ନଳକୂପରୁ ପାଣି ବାହାରୁଛି। ତାହା କିନ୍ତୁ ଗ୍ରାମବାସୀଙ୍କ ଶୋଷ ମେଣ୍ଟାଇବାକୁ ଅକ୍ଷମ। ଏବେ ଖରା ମାସ ହେବାରୁ ଭୂମିତଳ ପାଣି ଶୁଖି ଯିବାରୁ ଠିକ୍ ହିସାବରେ ପାଣି ଆସୁନି। ମହିଳା ମାନେ ଦିନ ସାରା ଖରାରେ ପାଣି ଗୋଟିଏ ବାଲଟି ପାଇଁ ଅପେକ୍ଷା କରି ରହୁଛନ୍ତି। ଏନେଇ ବାରମ୍ବାର ପ୍ରଶାସନିକ ଅଧିକାରୀଙ୍କୁ ଜଣାଇଲେ ମଧ୍ୟ କେହି ଶୁଣୁ ନଥିବା ଅଭିଯୋଗ ହେଉଛି। ଶୀଘ୍ର ପାନୀୟ ଜଳର ଅଭାବ ଦୂର ନକଲେ ବ୍ଲକ ଘେରାଉ କରିବେ ବୋଲି ଚେତାବନୀ ଦେଇଛନ୍ତି ଗ୍ରାମବାସୀ। ଏନେଇ ଖଡ଼ିଆଳ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ନନ୍ଦଙ୍କୁ ପଚାରିବାରୁ ବିଭାଗୀୟ ଯନ୍ତ୍ରୀଙ୍କୁ ଗାଁକୁ ପଠାଇବେ ଓ ଶୀଘ୍ର ପାନୀୟ ଜଳର ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।

## କଙ୍କଣ ହାର ପଲ୍ଲୀ ମହୋତ୍ସବ ଦ୍ୱିତୀୟ ସନ୍ଧ୍ୟା



**ଖୋର୍ଦ୍ଧା,୨୨।୪(ସଂଚାର ବ୍ୟୁରୋ):** କଙ୍କଣ ହାର ପଲ୍ଲୀ ମହୋତ୍ସବ ଦ୍ୱିତୀୟ ସନ୍ଧ୍ୟା ରେ ମୁଖ୍ୟ ଅତିଥି ଭାବେ ଶ୍ରୀମତୀ ରୂପଶ୍ରୀ ରାଣୀ ଗୁମାନସିଂହ, ସମ୍ମାନୀୟା ଅଧକ୍ଷା ଜିଲ୍ଲା ପରିଷଦ ଖୋର୍ଦ୍ଧା ଯୋଗ ଦେଇଥିବା ବେଳେ ଶ୍ରୀଯୁକ୍ତ ଗୋପୀନାଥ ମହାରଣା ସମ୍ମାନୀୟ ଉପାଧ୍ୟକ୍ଷ୍ୟ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ପଲ୍ଲୀ ମହୋତ୍ସବ, ଓଡ଼ିଆ ଘରର କଳା ଓ ପରମ୍ପରାକୁ ବଞ୍ଚାଇ ରଖିବା ପାଇଁ ଏହା ଏକ ମାଧ୍ୟମ ତାହା ସହିତ ପଲ୍ଲୀ ର ଲୋକମାନେ କଳା, ସଂସ୍କୃତି, ପରମ୍ପରା ର ଘରେ ବସି ତାକୁ ଉପଭୋଗ କରିପାରିଲେ। ଅନୁଷ୍ଠାନର ଅଧକ୍ଷ ମାଧବ ଚନ୍ଦ୍ର ରାଉତରାୟ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିବା ବେଳେ, ପୂର୍ବତନ ସରପଞ୍ଚ ଶ୍ରୀଯୁକ୍ତ କାର୍ତ୍ତିକ ଚନ୍ଦ୍ର ରାଉତରାୟ ଅତିଥି ମାନଙ୍କୁ ଉତ୍ତରୀୟ ଦେଇ ସମ୍ମାନିତ କରିଥିଲେ। ଦିଲ୍ଲୀପ ମହାନ୍ତି ସଭା ପରିଚାଳନା କରିଥିଲେ। ଦ୍ୱିତୀୟ ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ଥିଲା, ମା ବିନ୍ଧେଶ୍ୱରୀ କଳା ପରିଷଦ, ପୁରୀର ଘୋଡା ନାଚ ଓ ନୟାଗଡ଼ର ଭରତ ଲୀଳା ଦର୍ଶକ ଙ୍କ ମନ ମୋହିଥିଲା। ଅନ୍ୟମାନଙ୍କ ମଧ୍ୟରେ ରଜନୀକାନ୍ତ ରଣବିଜୁଳି, ଶିବ ପ୍ରସାଦ ରାଉତରାୟ, ଚନ୍ଦନ ରଣବିଜୁଳି, ଶ୍ରୀଧର ବେହେରା, ଦିବାକର ପ୍ରଧାନ, ଶ୍ରୀକାନ୍ତ କୁମାର ସାହୁ ପ୍ରମୁଖ କମିଟିର ସଦସ୍ୟ ମାନେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

## ଆନନ୍ଦପୁର କଲେଜର ସାମ୍ସ ରୁମରେ ଅଗ୍ନିକାଣ୍ଡ



**ବଞ୍ଚୋ,୨୨।୪(ସଂଚାର ବ୍ୟୁରୋ):** ଆନନ୍ଦପୁର କଲେଜର ସାମ୍ସ ରୁମରେ ଆଜି ହଠାତ୍ ଅଗ୍ନିକାଣ୍ଡ ଘଟିଛି । ରୁମ ଭିତରେ ହଠାତ୍ ନିଆଁ ଲାଗିଯାଇଥିବାରୁ ୧୦ରୁ ଅଧିକ କମ୍ପ୍ୟୁଟର ସହିତ ଛାତ୍ରୀଛାତ୍ରଙ୍କ ଅନେକ ଜରୁରୀ ଡକ୍ୟୁମେଣ୍ଟ ଓ ଫାଇଲ ସମ୍ପୂର୍ଣ୍ଣ ଭାବେ ଜଳି ନଷ୍ଟ ହୋଇଯାଇଛି। ଅଗ୍ନିକାଣ୍ଡ ଘଟିବା ପରେ କଲେଜ ପରିସରରେ ଆତଙ୍କ ଓ ଅସ୍ଥିରତା ଦେଖାଦେଇଥିଲା। ଖବର ପାଇବା ପରେ ସଙ୍ଗେସଙ୍ଗେ ଆନନ୍ଦପୁର ଅଗ୍ନିଶମ ବିଭାଗର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ନିୟନ୍ତ୍ରଣ କରିଥିଲେ। ସେମାନଙ୍କ ଦ୍ରୁତ ପଦକ୍ଷେପ ଫଳରେ ବଡ଼ ଦୁର୍ଘଟଣାକୁ ଏଡାଇ ଦିଆଯାଇଛି। ପ୍ରାଥମିକ ତଦନ୍ତରୁ ବିଦ୍ୟୁତ୍ ସର୍କିଟ୍ ତ୍ରୁଟି ଯୋଗୁଁ ଏହି ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି। କ୍ଷତିର ସଠିକ୍ ଆକଳନ ଏପର୍ଯ୍ୟନ୍ତ ହୋଇନଥିବା ବେଳେ, ଘଟଣାକୁ ନେଇ କଲେଜ ପକ୍ଷରୁ ତଦନ୍ତ ଜାରି ରହିଛି ।

## ଖୋଲାମେଲାରେ ବିଛାଯାଇଛି ପାନୀୟଜଳ ନଳ; ଅଭିଯୋଗ କଲେ ଗ୍ରାମବାସୀ



**ନିଶ୍ଚିନ୍ତକୋଇଲି,୨୨।୪(ସଂଚାର ବ୍ୟୁରୋ):** ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ପ୍ରତ୍ୟେକ ପରିବାରକୁ ବିଶୁଦ୍ଧ ପାନୀୟଜଳ ଯୋଗାଇଦେବା ଲକ୍ଷ୍ୟ ନେଇ ନଳ ଯୋଗେ ପ୍ରତି ଘରକୁ ପାନୀୟ ଜଳ ଯୋଗାଇବାର ବ୍ୟବସ୍ଥା କରିଛନ୍ତି। ବସୁଧା ଯୋଜନା ମାଧ୍ୟମରେ କେନ୍ଦୁପାଟଣା ପଞ୍ଚାୟତ ଅଧିନସ୍ଥ ରାଜସ୍ୱ ଗ୍ରାମ ରିଷୋର ୧୭ନଂ, ୧୮ନଂ ଦୁଇଗୋଟି ୱାର୍ଡ଼ର ଜନସାଧାରଣମାନଙ୍କ ପାଇଁ ଏକ ପାନୀୟଜଳ ପ୍ରକଳ୍ପ ନିର୍ମାଣ କରାଯାଇ ପ୍ରତ୍ୟେକ ପରିବାରକୁ ନଳ ବିଛାଯାଇ ପାନୀୟଜଳ ଯୋଗାଇବାର ବ୍ୟବସ୍ଥା କରାଯାଇଛି। ହେଲେ ବିଭାଗୀୟ ଅଧିକାରୀଙ୍କ ଅନୁପସ୍ଥିତିର ସୁଯୋଗ ନେଇ ଠିକାଦାର ମନ ମୁତାବକ ନଳ ବିଛାଇବା କାର୍ଯ୍ୟ ଶେଷ କରିଛି। ମୁଖ୍ୟ ନଳକୁ ଅତ୍ୟନ୍ତ ଅଗଭୀର ଭାବେ ଖୋଳି ପୋତି ଦେଇଥିଲା ବେଳେ ଘରକୁ ବିଛାଯାଇଥିବା ନଳ କେଉଁଠି କେଉଁଠି ମାତ୍ର ୬ଇଞ୍ଚ ଗଭୀରରେ ପୋତିଥିବା ବେଳେ ଅଧିକାଂଶ ସ୍ଥାନରେ ନଳଗୁଡ଼ିକ ନପୋତି ଖୋଲାମେଲାରେ ବିଛାଇଯାଇ ଯାଇଥିବାରୁ ଉକ୍ତ ନଳ ଉପରେ ବୁଲା ଷଣ୍ଢ ଓ ଗୋରୁଗାଈଙ୍କ ପାଦ ପଡ଼ି ଉକ୍ତ ନଳଗୁଡ଼ିକ ଫାଟିଯାଉଥିବାର ଦେଖିବାକୁ ମିଳୁଛି। ଦୀର୍ଘ ଦିନ ହେବ ପ୍ରକଳ୍ପ ନିର୍ମାଣ ଓ ନଳବିଛା କାର୍ଯ୍ୟ ଶେଷ ହୋଇଥିଲେ ମଧ୍ୟ ବର୍ତ୍ତମାନ ଗ୍ରୀଷ୍ମ ପ୍ରବାହ ସମୟରେ ପିଇବା ପାଇଁ ପାନୀୟ ଜଳ ଯୋଗାଣ ହୋଇପାରିନାହିଁ। ଶୁଣିବାକୁ ମିଳୁଛି ରାଜନେତା ଫିତାକାଟି ଉଦଘାଟନ କଲାପରେ ସାଧାରଣ ଲୋକମାନଙ୍କୁ ପିଇବା ପାଇଁ ପାଣି ମିଳିବ। ତେବେ ଗ୍ରୀଷ୍ମ ଦିନେ ପିଇବା ପାଣି ନଯୋଗାଇ ରାଜନେତାଙ୍କୁ ଖୁସି କରିବାକୁ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଓ ଠିକାଦାରଙ୍କ ଏଭଳି କାର୍ଯ୍ୟକୁ ସାଧାରଣରେ ନାପସନ୍ଦ କରାଯାଇଛି। ଗ୍ରାମରେ ପାନୀୟଜଳର ଅବ୍ୟବସ୍ଥାକୁ ନେଇ ସ୍ଥାନୀୟ ଗ୍ରାମବାସୀ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ନିର୍ବାହୀ ଯନ୍ତ୍ରୀ କଟକଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପତ୍ରର ଏକକିତା ଅବିକଳ ନକଲ କେନ୍ଦୁପାଟଣା ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ପ୍ରେରଣ କରାଯାଇଛି।

## ଚଳିତ ଶିକ୍ଷାବର୍ଷ ୨୦୨୬-୨୭ର ପୋଷାକ ବିତରଣ ଉତ୍ସବ ଅନୁଷ୍ଠିତ

**ବଲାଙ୍ଗିର,୨୨।୪(ସଂଚାର ବ୍ୟୁରୋ):** ବଲାଙ୍ଗିର ଜିଲ୍ଲା ଗୁଡଭେଲା ବ୍ଲକ ଅନ୍ତର୍ଗତ ସରକାରୀ ବାଳକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ତୁଷୁରା ଠାରେ ଚଳିତ ଶିକ୍ଷାବର୍ଷ ୨୦୨୬-୨୭ ର ପୋଷାକ ବିତରଣ ଉତ୍ସବ ପ୍ରଧାନ ଶିକ୍ଷକ ଡ. ହେମନ୍ତ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସାଧନ ସଂଯୋଜକ ଜଗ ମୋହନ ତ୍ରିପାଠୀ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ପୋଷାକ ବିତରଣ କରିଥିଲେ। ମାଗଣା ପୋଷାକ, ମାଗଣା ମଧ୍ୟାହ୍ନ ଭୋଜନ ଓ ମାଗଣା ପାଠ୍ୟପୁସ୍ତକ ଛାତ୍ରଛାତ୍ରୀଙ୍କୁ ସରକାରୀ ସ୍କୁଲକୁ ଆକର୍ଷିତ କରିବା ସହ ଡ୍ରପ୍ ଆଉଟ୍ ହାର କମାଇବାରେ ସହାୟକ ହେବ ବୋଲି ମୁଖ୍ୟ ଅତିଥି ଶ୍ରୀ ତ୍ରିପାଠୀ କହିଥିଲେ। ସହକାରୀ ଶିକ୍ଷୟିତ୍ରୀ ରଞ୍ଜିତା ନାଗ, ବିନ୍ଦୁ ମାହାଣା ଓ ଆକାଂକ୍ଷା ରାଣୀ ଯୋଶୀ ସହଯୋଗ କରିଥିଲେ।

## ସାର ହୋଲସେଲର ଗୋଦାମରେ ଚଢ଼ାଉ

**ଜୟପୁର,୨୨।୪(ସଂଚାର ବ୍ୟୁରୋ):** କୋରାପୁଟ ଜିଲ୍ଲା ପ୍ରଶାସନ ପକ୍ଷରୁ ସାର କଳାବଜାର ବନ୍ଦ କରିବା ନେଇ ଚଢ଼ଉ ଆରମ୍ଭ କରାଯାଇଛି। ଆଜି କୃଷିବିଭାଗ ପକ୍ଷରୁ ବୋରିଗୁମ୍ମା ଅଞ୍ଚଳର କରୁଣାମୟ ଫର୍ଟିଲାଇଜର ଦୋକାନରେ ଚଢ଼ାଉ କରାଯାଇଥିଲା। ଗୋଦାମରେ ଗଚ୍ଛିତ ସାର, ୭.୬ ମେଟ୍ରିକ ଟନ ସାର ବିକ୍ରି କରିବାର କାଗଜ ପତ୍ର ଯାଞ୍ଚ କରାଯାଇଥିଲା। ଏଥିରେ ଅନିୟମିତତା ରହିଥିବା ଜଣା ପଡ଼ିବା ପରେ କୃଷି ବିଭାଗ ପକ୍ଷରୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପୂର୍ବରୁ କାରଣଦର୍ଶାଅ ନୋଟିସ ଜାରି କରାଯାଇଛି। ଏହି ଚଢ଼ଉ ଓ ଯାଞ୍ଚ ବେଳେ କୋରାପୁଟ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଭବାନୀ ଶଙ୍କର ମହାପାତ୍ର, ବୋରିଗୁମ୍ମା ତହସିଲଦାର ଶୋଭନ କୁମାର ବେହେରା, ସହକାରୀ କୃଷି ଅଧିକାରୀ ଲଲାଟେନ୍ଦୁ ମହାପାତ୍ର, ସହକାରୀ ଜିଲ୍ଲା କୃଷି ଅଧିକାରୀ ଲଲାଟେନ୍ଦୁ ମହାପାତ୍ର, ସହକାରୀ ଜିଲ୍ଲା କୃଷି ଅଧିକାରୀ କାହ୍ନୁ ଚରଣ ଦାସ, ବୋରିଗୁମ୍ମା ବିଏଓ ରାଜ କିଶୋର ସ୍ୱାଇଁ, କୁମୁଲି ଏଏଓ ସିବାନୀ ସୁଆର, ଶୁଶ୍ରିତା ପ୍ରିୟଦର୍ଶନୀଙ୍କ ସମେତ ବୋରିଗୁମ୍ମା ପୁଲିସ କର୍ମଚାରୀ ଉପସ୍ଥିତ ଥିଲେ।

## ପୂର୍ଣ୍ଣିମା ରାୟଙ୍କ ନେତୃତ୍ୱରେ ମହିଳା କ୍ରିକେଟ ଦଳ ଘୋଷଣା

**କେନ୍ଦୁଝର, ୨୧।୪ (ସଂଚାର ବ୍ୟୁରୋ):** ଓଡ଼ିଶା କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ କଟକ ବାରବାଟୀ ଷ୍ଟାଡିୟମ ଠାରେ ଟି -୨୦ ଫର୍ମାଟ ଚାଲିଥିବା ଆନ୍ତଃ ଜିଲ୍ଲା ମହିଳା କ୍ରିକେଟ ଟୁର୍ଣ୍ଣାମେଣ୍ଟ ପାଇଁ ପୂର୍ଣିମା ରାୟଙ୍କ ନେତୃତ୍ୱରେ ଏକ ୧୫ ଜଣିଆ କେନ୍ଦୁଝର ଜିଲ୍ଲା ଦଳ ଗତକାଲି ସନ୍ଧ୍ୟାରେ ଘୋଷଣା କରାଯାଇଛି। ଜିଲ୍ଲା ଦଳ ପାଇଁ ମନୋନୀତ ହୋଇଥିବା ଖେଳାଳି ମାନେ ହେଲେ ପୁର୍ଣିମା ରାୟ (ଅଧିନାୟକ ), ତନବୀ ରଞ୍ଜନ (ଉପ ଅଧିନାୟକ ), ରାନୀ କେ ପ୍ରସାଦ, ସ୍ୱାତିଲଗ୍ନ ପ୍ରଧାନ, ଯଶସ୍ୱିନୀ ନାଏକ, ଦୀପା ଗାଗରାଇ, ସୀତା ସିଙ୍କୁ, ନାମୀ ମିଶ୍ର, ପୂଜା ଗାଗରାଇ, ସାଇ ପ୍ରତୀକ୍ଷା ଜେନା, ସାଇ ଲକ୍ଷ୍ମୀ ଜେନା, ତମନ୍ନା ସିଂହ, ଲିପସା ଜେନା, ସୋନାଲି ଦାସ, ମନୀଷା ନାଏକ। ଷ୍ଟାଣ୍ଡବାଇ ଖେଳାଳି ଭାବେ ଅନିଶା ସାହା, ସୁଶ୍ରୀ ମହାନ୍ତ, ଆର୍ଯ୍ୟସ୍ମୃତ ଜେନା, ଭାଗ୍ୟଶ୍ରୀ ବଳ, ଶ୍ରେୟା ସାହୁ ରହିଛନ୍ତି। ଦଳ ସହ ମ୍ୟାନେଜର ଭାବେ ସସ୍ମିତା ମୁଣ୍ଡା ଏବଂ କୋଚ ଭାବେ ଅମରେନ୍ଦ୍ର ମହାନ୍ତି କେନ୍ଦୁଝର ଦଳ ସହ ଆଜି ସଖାଳେ ଟ୍ରେନ ଯୋଗେ କଟକ ଅଭିମୁଖେ ଯାତ୍ରା କରିଛନ୍ତି। ଲିଗ କମ ନକ ଆଉଟ ପଦ୍ଧତିରେ ଅନୁଷ୍ଠିତ ହେବାକୁଥିବା ଏହି ପ୍ରତିଯୋଗିତାରେ କେନ୍ଦୁଝର ତାର ପ୍ରଥମ ଖେଳରେ ନିମପୁର ପଡ଼ିଆରେ ଗତବର୍ଷର ଚମ୍ପିୟାନ ବଲାଙ୍ଗୀର ଜିଲ୍ଲାକୁ ଭେଟିବ ବୋଲି ଜିଲ୍ଲା କ୍ରୀଡା ସଂସ୍ଥା ସାଧାରଣ ସମ୍ପାଦକ ସଂଗ୍ରାମ କେଶରୀ ପଟ୍ଟନାୟକ ଠାରୁ ପ୍ରକାଶ।

## ଦୃଷ୍ଟି ନଥିଲେ ବି ଦୃଷ୍ଟାନ୍ତ: ଅଧୁରା ରହିଗଲା ମା' ତାରିଣୀ ମନ୍ଦିରର ସ୍ୱପ୍ନ!



**ଯାଜପୁର ଟାଉନ, ୨୧।୪ (ସଂଚାର ବ୍ୟୁରୋ):** ଶାରିରିକ ଅସମର୍ଥତା କେବେ ବି ମନୋବଳକୁ ରୋକି ପାରେନି— ଏହାକୁ ନିଜ ଜୀବନରେ ସାବ୍ୟସ୍ତ କରିଥିଲେ ଯାଜପୁର ବ୍ଲକ ଚଉନପୁର ପଞ୍ଚାୟତ ଗୁରୁଦାସପୁର ଗ୍ରାମର ୭୩ ବର୍ଷୀୟ ଜଳଧର ଜେନା। କିନ୍ତୁ ଦୁଃଖଦ ଘଟଣା ହେଉଛି ଏହି ଅଦମ୍ୟ ସଂଘର୍ଷର ଜୀବନ ହଠାତ୍ ଅବସାନ ହୋଇଛି। ଗତ ୬ ଦିନ ତଳେ ହୃଦଘାତରେ ତାଙ୍କର ମୃତ୍ୟୁ ଘଟିଥିବାରୁ, ଏବେ ସେ ଆରମ୍ଭ କରିଥିବା ମା' ତାରିଣୀଙ୍କ ମନ୍ଦିର କାମ ଅଧୁରା ଅବସ୍ଥାରେ ରହିଯାଇଛି। ଏହା ଅଞ୍ଚଳବାସୀଙ୍କ ମନକୁ ବିଷାଦମୟ କରିଛି।ଜଳଧର ଜେନା ଜନ୍ମରୁ ଦୃଷ୍ଟିବାଧକ ଥିଲେ। ଛୋଟବେଳୁ ଦୁର୍ଦ୍ଦଶା ସହ ଜୀବନ ଯାପନ କରିଥିବା ସେ, ଯେତେବେଳେ ଶକ୍ତି ଥିଲା ଏଣୁତେଣୁ କାମ କରି ନିଜ ଜୀବିକା ଚଳାଉଥିଲେ। ବୟସ ବଢ଼ିବା ସହିତ ଶରୀର ଦୁର୍ବଳ ହୋଇଯାଉଥିବାରୁ ସେ ବାଛିନେଲେ ଭିକ୍ଷାବୃତ୍ତିକୁ। ପ୍ରାୟ ୨୦ ବର୍ଷ ଧରି ସେ ଯାଜପୁର ସହରର ବିଭିନ୍ନ ମନ୍ଦିର, ଘର ଓ ବଜାର ଘୁରି ଭିକ୍ଷା କରି ଜୀବନ ଚଳାଉଥିଲେ। ମାସକୁ ସରକାରଙ୍କ ପକ୍ଷରୁ ୩୫୦୦ ଟଙ୍କା ଭତ୍ତା ଓ ୫ କିଲୋ ଚାଉଳ ପାଇଥିଲେ ମଧ୍ୟ, ଭିକ୍ଷାରୁ ଯେତେକି ଆୟ ହୁଏ, ସେଥିରୁ ନିଜର ଦୈନିକ ଖର୍ଚ୍ଚ କରି ବାକି ଟଙ୍କା ସଞ୍ଚୟ କରୁଥିଲେ। ଏହି ସଞ୍ଚୟରେ ଥିଲା ତାଙ୍କ ଜୀବନର ସବୁଠୁ ବଡ଼ ସ୍ୱପ୍ନ— ମା' ତାରିଣୀଙ୍କ ଏକ ମନ୍ଦିର ଗଢ଼ିବା। ୨୦୨୨ ମସିହାରେ ଅଡ଼ଙ୍ଗ ନଦୀବନ୍ଧ ରାସ୍ତା ପ୍ରଶସ୍ତିକରଣ ସମୟରେ ମା' ତାରିଣୀଙ୍କ ଏକ ଛୋଟ ମନ୍ଦିର ଭାଙ୍ଗିଦିଆଯାଇଥିଲା। ଏହା ତାଙ୍କୁ ଗଭୀର ଭାବେ ବ୍ୟଥିତ କରିଥିଲା। ତା'ପରେ ସେ ନିଷ୍ପତ୍ତି ନେଲେ— ନିଜେ ମା'ଙ୍କ ପାଇଁ ଏକ ନୂତନ ମନ୍ଦିର ନିର୍ମାଣ କରିବେ। ସମ୍ବଳ ନଥିଲେ ମଧ୍ୟ, ଭକ୍ତି ଓ ସଂକଳ୍ପକୁ ସହାରା କରି ସେ ଭିକ୍ଷାର ଟଙ୍କାକୁ ପୁଞ୍ଜି କରି ମନ୍ଦିର କାମ ଆରମ୍ଭ କରିଥିଲେ। ମନ୍ଦିର କାମ ପ୍ରାୟ ଶେଷ ପର୍ଯ୍ୟାୟକୁ ପହଞ୍ଚିଥିଲା। ତାଙ୍କର ଜଣେ ବଡ଼ ଭାଇ କାମର ଦେଖାଶୁଣା କରୁଥିଲେ ଓ ଜଳଧର ନିଜେ ଶ୍ରମିକ ଓ ରାଜମିସ୍ତ୍ରୀଙ୍କୁ ଟଙ୍କା ଦେଉଥାନ୍ତି। ଦୃଷ୍ଟି ନଥିଲେ ମଧ୍ୟ, ସେ ମନ୍ଦିରର ସୌନ୍ଦର୍ଯ୍ୟ ଓ କାର୍ଯ୍ୟଗତ ଅଗ୍ରଗତି ବିଷୟରେ ନିରନ୍ତର ଖବର ନେଉଥିଲେ।

# ଅପମାନର ପ୍ରେରଣା



ଡ. ଚନ୍ଦ୍ରକଳା ନାୟକ



ଘର ବାହାରେ କେହି ଜଣେ ବାରମ୍ବାର କଲିଂ ବେଲ ବଜାଉଥିଲା। ଓ ହୋ .... ଆଜି ରବିବାରଟାରେ କିଏ ? ଏତେ ସକାଳୁ ରାତି ନପାହୁଣୁ ମଣିଷକୁ ଟିକେ ଶାନ୍ତିରେ ଶୋଇବାକୁ ଦେବେନି। ସକାଳଟାରୁ ଗେଟ ବାହାରେ କିଏ ଗୋଟେ ପହରା ଦେଲାଣି। ମାଗଣ କରିବାକୁ କିଏ ବୋଧେ ଆସିଛନ୍ତି। ମୋର ସମ୍ପର୍କୀୟ ତ କେହି ଏତେ ସକାଳୁ ଆସିବେନି। ଯଦି ବି କିଏ ନିଜ ଲୋକ ଆସିଥାନ୍ତେ, ଫୋନ ତ ନିଶ୍ଚୟ କରିଥାନ୍ତେ। ମଧୁମିତା ଏ ସବୁ ଭାବୁ ଭାବୁ ପୁଣି ଜୋରରେ କଲିଂ ବେଲଟା ବାଜିଲା। ଅସଜଡା ଅଲରା କେଶ ଓ ଶାଢ଼ୀର କାନିକୁ ସଜାଡି ସଜାଡି ମଧୁମିତା କବାଟ ଖୋଲିଲା। କବାଟ ମୁହଁରେ ଜଣେ ଦରବୁଢ଼ା ମଣିଷଙ୍କୁ ଦେଖିଲା। ଏକଦମ ନିପଟ ଗାଉଁଲିଆ। ରୋଗୀଣା, ମଳିମୁଣ୍ଡିଆ, ଜୀର୍ଣ୍ଣ ଶରୀର, ପୋଷାକପତ୍ର ଭାରି ଅପରିଷ୍କାର, ଆଣ୍ଠୁ ଉପରକୁ ମଳିଛିଆ ଗଂଜି ଖଣ୍ଡେ ଦେହରେ, ଆଉ ହାତରେ ଗାନ୍ଧୀ ଅମଳର ଝୁଲା ବ୍ୟାଗଟିଏ। ବୁଢ଼ାର ମୁହଁରୁ ଜଣା ପଡୁଥିଲା, ସେ ଯେମିତି ବହୁତ ଦୁଃଖୀ ଓ ବିଷାଦ ଗ୍ରସ୍ତ।

ବୁଢ଼ାଟା ଭିକାରୀ ଭାବି ମଧୁମିତା ବିରକ୍ତି ପ୍ରକାଶ କଲା। କହିଲା କଣ ହେଲା ? ରାତି ନପାହୁଣୁ ମାଗିବାକୁ ଚାଲି ଆସିଲ ? କିଛି ବି ମିଳିବନି, ଏଠୁ ଆଗ ଗଲ। ବୁଢ଼ା ଏକ ନୟନରେ ତୃଷାର୍ତ୍ତ ପରି ମଧୁମିତାର ମୁହଁକୁ ଅନାଇ ରହିଛି। ପାଟିରୁ ଭାଷା ବାହାରୁ ନଥିଲା। ବୁଢ଼ା କହିଲା- ମାଆ ଟିକେ ଶୁଣ ମୋ କଥା। ମଧୁମିତା କହିଲା- କଣ ଶୁଣିବି, ଏମିତି ତ ଆଜିର ସକାଳଟା ତୁମେ ପୁରା ଖରାପ କରିଦେଲ। ସକାଳୁ ବାରବୁଲା ମୁହଁ ଚାହିଁଲି ଯେ, ଆଜି ଦିନଟା ଅମଙ୍ଗଳ ନିଶ୍ଚୟ ହେବ। ବୁଢ଼ା ଆଖିରୁ ଜୁଳୁଜୁଳିଆ ପୋକ ବାହାରି ଆସିଲା। ବୁଢ଼ାକୁ ଲାଗିଲା ତା ଗାଲରେ ଯେମିତି କିଏ ଶକ୍ତ ଚାପୁଡ଼ାଟିଏ ଦେଲା। ଏ ଅମଙ୍ଗଳିଆ ଶବ୍ଦଟା ତା ଜୀବନର ନିଃସଙ୍ଗତାକୁ ରାମ୍ପି ପକାଉଥିଲା। ବୁଢ଼ା ନିଜକୁ ସମ୍ଭ୍ରମ କରି କହିଲା, ମାଆ ମୁଁ ଭିକାରୀ ନୁହେଁ। ମୁଁ ସାଧାରଣ ମଣିଷ। ଟିକେ 'ଜଗତ'କୁ ଡାକିଦେବ। ମୋର ତା ସହ ଗୋଟେ କଥା ବାକି ଅଛି। ମଧୁମିତା ଏଥର କ୍ରୋଧରେ ଥରିବାକୁ ଲାଗିଲା। ବୁଢ଼ା ତୋର ଏତେ ସାହସ, ତୁ ମୋର ସ୍ୱାମୀଙ୍କ ନାଁଆ ଧରୁଛୁ। ଯାଆ, ଯାଆ ଏଥର ପଳା, ନହେଲେ ଦେଖିବୁ ମୋତେ।

ଏତେବଡ ଚିତ୍କାର ଶୁଣି ମଧୁମିତାଙ୍କ ସ୍ୱାମୀ ଜଗତବନ୍ଧୁ ମିଶ୍ରଙ୍କ ନିଦ ଭାଙ୍ଗିଗଲା। ବିଛଣାରୁ ଉଠି ମୁହଁ ନଧୋଇ ଦାଣ୍ଡଘର ଦେଇ ବାହାରକୁ ଆସିଲେ। ଆରେ ମଧୁମିତା କଣ ହେଲା ? ମୁଁ ତ ଡରିଗଲି। ଭାବିଲି ଫୁଲ ତୋଳୁ ତୋଳୁ କିଛି ଗୋଟାଏ ଅଘଟଣ ଘଟି ଯାଇଛି ବୋଧେ। ଆଜିକାଲି ସୁନାଚେନ ଟାଣିବାର ଟ୍ରେଣ୍ଡଟା ଚାଲିଛି ତ। ମଧୁମିତା ମୁହଁ ବୁଲାଇ ସ୍ୱାମୀଙ୍କୁ ଉତ୍ତର ଦେଲା, ଏ ବୁଢ଼ାର ଦେଖିଲ କେତେ ବହପ ? ମୋ ଘରେ ଠିଆହୋଇ ମୋ ସ୍ୱାମୀଙ୍କ ନାମକୁ କଦର୍ଯ୍ୟ ଭାବରେ କହୁଛି। ଆରେ କିଏ ? ପଚାରିଲେ ଜଗତବନ୍ଧୁ।

ମଧୁମିତା ରାସ୍ତା କଡକୁ ଅଙ୍ଗୁଳି ନର୍ଦ୍ଦେଶ କରି ସେଇ ମଳିମୁଣ୍ଡିଆ ଗାଉଁଲି ଲୋକଟାକୁ ଆଙ୍ଗୁଳି ନିର୍ଦ୍ଦେଶ କଲା। ଜଗତବନ୍ଧୁ ଜୋରରେ ଚାଲି ଚାଲି ଯାଇ, ପାଖରେ ଦେଖି, ଆଶ୍ଚର୍ଯ୍ୟ ପ୍ରକାଶ କଲେ। ଏ ଦୀନାକକା ତମେ। ସାଷ୍ଟାଙ୍ଗ ପ୍ରଣିପାତ ଜଣାଇଲେ। ବୃଦ୍ଧ ଉତ୍ତର ଦେଲେ- ବାପାରେ ତୁ ମୋତେ ଚିହ୍ନି ପାରିଲୁ। ଏଇଟା ମୋର ପରମ ସୌଭାଗ୍ୟ। ଆଜିକାଲି ନିଜ ଲୋକ ମୁହଁ ଫେରାଇ ଦେଉଥିବା ବେଳେ ତୁ ଏ ଦିନା କକାକୁ ଚିହ୍ନି ପାରିଛୁ, ସେଇଟା ମୋ ପାଇଁ ଯଥେଷ୍ଟ। ଦୀର୍ଘ ତିରିଶ ବର୍ଷ ତଳର ଏଇ ମଣିଷକୁ ତୁ ଏକାଥରେ ଜାଣିଦେଲୁ। ଅଥଚ ମୋ ପୁଅ ମୋତେ ଏ ରୂପରେ ଦେଖିଲେ ଚାକରର ପରିଚୟ ଦିଏ। ତୋର ଏଇ କାକା ଡାକଟା ଭାରି ମିଠାରେ।

କିଛି ଦୂରରେ ଦଣ୍ଡାୟମାନ ମଧୁମିତା ଏ ଦୃଶ୍ୟକୁ ଖୁବ ଆଶ୍ଚର୍ଯ୍ୟରେ ଅନାଇ ରହିଥାଏ। ଜଗତବନ୍ଧୁ କହିଲା, - ଆରେ ମଧୁମିତା ଦେଖୁଛ କଣ, ଏ ପରା ଆମ ମଧୁପୁର ଗାଁର ମୁରବୀ। ଦିନକୃଷ୍ଣ ଶତପଥୀ ଓରଫ ସମସ୍ତଙ୍କ ପ୍ରୀୟ ଦୀନାକକା। ଜାଣିଛ, ଆଖପାଖ ଅଞ୍ଚଳରେ ସମସ୍ତେ ତାଙ୍କୁ ମାନନ୍ତି। ପାଞ୍ଚଖଣ୍ଡ ମୌଜାରେ ନ୍ୟାୟ କରିବାର ଅଛି ତ, ଦିନାକକାକୁ ହିଁ ଖୋଜାପଡେ। ଧନୀ ବି ଥିଲେ, ହେଲେ କଣ ହେବ, ଗୋଟିଏ ମାତ୍ର ପୁଅ ଅଭିମନ୍ୟୁକୁ ଡାକ୍ତରୀ ପଢ଼ାଇବାରେ ସର୍ବସ୍ୱାନ୍ତ ହୋଇଗଲେ। ତାଙ୍କ ପୁଅ ଏବେ କଟକ ଏସ.ସି.ବି ମେଡିକାଲରେ ଜଣେ ଜଣାଶୁଣା ସ୍ତ୍ରୀ ରୋଗ ବିଶେଷଜ୍ଞ। ଜାଣିଛ ମଧୁ, ମୁଁ ଆଜି ଓ.ଏ.ଏସ ହେବା ଫଳରେ ଦୀନାକକାଙ୍କର ହିଁ ହାତ ଅଛି। ତାଙ୍କ ପାଇଁ ତ ମୁଁ ଆଜି ପ୍ରତିଷ୍ଠିତ। ହେଲେ ଏମିତି ପରିସ୍ଥିତି, ଆଉ ଏତେ ବର୍ଷ ପରେ .... ଏତିକି କହି ମଧୁମିତା ଅଟକି ଗଲା। ଇଛା ନଥିଲେ ବି କାକାଙ୍କୁ ପ୍ରଣାମ ଜଣାଇଲା। ମଧୁମିତା ନିଜର ବ୍ୟବହାର ପାଇଁ ଦୁଃଖ ପ୍ରକାଶ ବି କଲା। ଜଗତବନ୍ଧୁ ନିଜ ସ୍ତ୍ରୀଙ୍କ ଖୁବ ପ୍ରଶଂସା କାକାଙ୍କ ଆଗରେ କରୁଥିଲେ। ସେ ଜାଣନ୍ତି ମଧୁମିତାଙ୍କୁ ପ୍ରଶଂସା କରିବା ଭାରି ସୁଆଦିଆ ଲାଗେ। ଘରକୁ ଡାକିନେବା ବାଟରେ ଜଗତବାବୁ କହୁଥିଲେ, ମଧୁ ଭାରି ପରୋପକାରୀ। ସମସ୍ତଙ୍କ ଭଲ ମନ୍ଦ ବୁଝେ। ଭୁଲବଶତ ସେ ଆପଣଙ୍କୁ ଚିହ୍ନି ପାରି ନଥିବାରୁ ଭାରି ଅନୁତପ୍ତ। ଆପଣଙ୍କୁ ଜାଣିଥିଲେ କଣ ତଡି ଦେଇଥାନ୍ତା ?

ଏଥର ପ୍ରଫୁଲ୍ଲ ମନରେ ମଧୁ କାକାଙ୍କୁ ଘରକୁ ଡାକିନେଲା। କାକା, ମୋତେ ଝିଅ ଭାବି କ୍ଷମା କରିଦିଅନ୍ତୁ। ଆପଣ ବସନ୍ତୁ ଏଇ ସୋଫାରେ, କଥାବାର୍ତ୍ତା କରନ୍ତୁ. ମୁଁ ଚାହା ଜଳଖିଆର ବ୍ୟବସ୍ଥା କରୁଛି। ମଧୁମିତା ଠିକ ଯିବାର ସୁଯୋଗ ନେଇ ଜଗତବାବୁ କାକାଙ୍କ ଶୋଚନୀୟ ଅବସ୍ଥା କଥା ବୁଝିବାକୁ ଆରମ୍ଭ କଲେ। କାକା, ଅଭିମନ୍ୟୁ କଣ କିଛି ବୁଝୁନାହିଁ। ସେ ତ ବିରାଟ ବଡ ଲୋକ କୋଟି କୋଟି ଟଙ୍କା ସମ୍ପତ୍ତିର ମାଲିକ। ଆଉ ଆପଣ ଏମିତି ଅବସ୍ଥାରେ ......। ତାର ତ କିଛି ଅଭାବ ନାହିଁ। କିନ୍ତୁ ଆପଣଙ୍କ ଏ ଅବସ୍ଥା ପାଇଁ ଦାୟୀ କିଏ ?

କାକା କୋହ ଭରା କଣ୍ଠରେ କାନ୍ଦିବାକୁ ଆରମ୍ଭ କଲେ। କହିଲେ ବାପା, ଏତ କଲା କର୍ମର ଫଳ। ଯେମିତି ଗଛ ଲଗାଇଛି, ଫଳ ତ ମୁଁ ହିଁ ଭୋଗିବ ନାଁ। ଜାଣିଛୁରେ ବାପ, ସେ ମୋତେ ବାପର ପରିଚୟ ଦେଲା ନାହିଁ। କଟକରେ ତାର ବନ୍ଧୁ ମାନଙ୍କୁ ମୋତେ ଚାକରର ପରିଚୟ ଦେଲା। ସେ ତ ଶ୍ୱଶୁର ଘରର ଜ୍ୱାଇଁ ହୋଇ ଶ୍ୱଶୁର ଘର କଥା ବୁଝୁଛି। ଶାଳୀ, ଶଳା, ଶ୍ୱଶୁର, ସେ ସବୁ ତାର ଏକାନ୍ତ ଅନ୍ତରଙ୍ଗ। ମୁଁ କିଏ ? ଏବେ ତ ପୁଅ ଜନମ ପର ଘରକୁ ଲୋ ବାପା। ସମସ୍ତେ କଣ ତୋ ପରି ପୁଅ ହୋଇଛନ୍ତି ଯେ, ବାପା, ମାଆଙ୍କ ସୁଖ ଦୁଃଖ ବୁଝିବେ। ଆଚ୍ଛା କହିଲୁ ପ୍ରଥମ ଥର ଦେଖାରେ ତୁ ବୋହୁକୁ ମିଛ କାହିଁକି କହିଲୁ ? ମୁଁ ତ ତୋର କିଛି ବି କରିନି। ବରଂ ତୋତେ ଆନେକ କଷ୍ଟ ଦେଇଛି। କେବଳ ଗାଁରୁ ଏଠିକି ଆସିବାର ଏକମାତ୍ର କାରଣ, ତୋତେ ଭୁଲ ମାଗି ଶେଷ ଜୀବନରେ ଶାନ୍ତିରେ ମିରି ପାରିବି। ଛି, କାକା ଏ କଣ କହୁଛନ୍ତି। ସେ ଅତୀତକୁ ମୁଁ କେବେଠାରୁ ଭୁଲି ସାରିଛି। ବର୍ତ୍ତମାନ ମୁଁ ତ ଖୁବ ଭଲରେ ଅଛି। ହଠାତ ଦୀନକୃଷ୍ଣ ସୋଫାରୁ ଓହ୍ଲାଇ ଜଗତବାବୁଙ୍କ ଗୋଡ ଦିଇଟାକୁ ଧରି କଇଁ କଇଁ ହୋଇ କାନ୍ଦି ଉଠିଲେ। ଅନୁତାପର ଲୁହ ଗୁଡା ଆଦୌ ବୋଲ ମାନୁ ନଥିଲା। ଜଗତବାବୁ ଦିନାକାକାଙ୍କୁ କୁଣ୍ଡାଇ ପକାଇଲେ। ଅତି ବିନୟରେ କହିଲେ- କାକା, ଆପଣ ଏମିତି କଣ କହୁଛନ୍ତି ? ମୋତେ କ୍ଷମା ମାଗିଲେ, ମୋର ଅମଙ୍ଗଳ ହେବ। ମୋର ଆୟୁସ ହାନି ଘଟିବ। ମନେ ଅଛି କାକା, ଆପଣଙ୍କ କେଇପଦ କଥା, ମୋ ଜୀବନ ରାସ୍ତାକୁ ବଦଳାଇ ଦେଇଥିଲା। ମୋ ଭିତରର ଆତ୍ମସତ୍ତାକୁ ଉଖାରି ଜାଗ୍ରତ କରିଥିଲା। ଆଜି ବି ମୋର ସେ ଦିନ ଜଳ ଜଳ ହୋଇ ମନେ ପଡୁଛି। ସେଦିନ ଥିଲା ମାର୍ଚ୍ଚ ସାତ ତାରିଖ ରବିବାର। ଆପଣ ଏବଂ ଆପଣଙ୍କ ପୁଅ ଅଭିମନ୍ୟୁ କଟକ ବାହାରି ଥିଲେ। ମୁଁ ପଚାରି ଥିଲି, ଆରେ ଅଭିମନ୍ୟୁ ଭାଇ ଏତେ ସହଳ କୁଆଡେ ? ଅଭିମନ୍ୟୁ ଘୃଣା ଓ ବିରକ୍ତି ହୋଇ ଉତ୍ତର ଦେଇଥିଲା, ରାଣ୍ଡି ପୁଅ ଅନନ୍ତା, ତୋର ଭାରି ସାହସ। ଅତି କଦର୍ଯ୍ୟ ଭାବେ ମୋତେ ଅପମାନ ଦେଇଥିଲା। ତା ପରେ କାକା ଆପଣ ମୋତେ ଅମଙ୍ଗଳିଆ, ଅଲକ୍ଷଣା କହି ଅନେକ ଗାଳି ଦେଇଥିଲେ। ମୁଁ କିଛି ବୁଝିବା ପୂର୍ବରୁ ଆପଣ କଟକରୁ ଫେରିଲେ, ଜୀବନରେ ମାରି ଦେବାର ଧମକ ଦେଇ ଚାଲି ଯାଇଥିଲେ।

ମୁଁ ତ ନିଆଶ୍ରି ପିଲା। ଅଭିମନ୍ୟୁ ଠାରୁ ତିନିବର୍ଷ ସାନ ହେବି। ଏ କଥା ପଦକରେ କଣ ଥିଲା, ସେଦିନ ମୁଁ ନିଜେ ବି ବୁଝି ପାରି ନଥିଲି। ପଛରୁ ଡାକିବାଟା କଣ ମୋର ଏତେ ବଡ ଭୁଲ ? ବୋଉକୁ କାନ୍ଦି କାନ୍ଦି ସବୁ କହିଲି। ବୋଉ ମୋତେ ବୁଝାଇ ଦେଲା, ଆରେ ବାପା ସେମାନେ ଶୁଭ କାମରେ ଯାଉଥିବେ। ତୁ ପଛରୁ ଡାକିଦେଲୁ ତ, ସେଥିପାଇଁ ତୋତେ ସେମାନେ ଗାଳି ଦେଲେ। ମୋ ମନରେ ଆଶଙ୍କା ଜମାଟ ବାନ୍ଧିଥିଲା। ଅଭିମନ୍ୟୁର ପରୀକ୍ଷା ଯଦି ଖରାପ ହୁଏ, ସେ ତ ମୋତେ ଛାଡିବନି। ଗ୍ରାମ ଦେବତୀ ବାହୁତିଙ୍କ ପାଖରେ ନିଇତି ସକାଳେ ସଞ୍ଜେ ଅଭିମନ୍ୟୁ ପାଇଁ ମିନତୀ କରେ। ମାଆ ଲୋ, ଅଭିମନ୍ୟୁ ପରୀକ୍ଷାରେ ସଫଳ ହେଉ। ମୋ ବୋଉ ମୁଣ୍ଡରେ ଦାଗ ନଲାଗୁ। ବୋଉ ମୋତେ କୋଳରେ ଜାବୁଡି ଧରି ଥରେ ନୁହେଁ ଶହେ ଥର କହିଛି, ତୁ ମୋର ସୁନାପୁଅ। ଏ ଦୁଃଖୀ ବିଧବା ମାଆର ଜୀବନ ଧନ। ତୁ ବି ଦିନେ ତାଙ୍କ ପରି ବଡ ଲୋକ ହେବୁ। ହେଲେ କେବେ ତୋ ଜୀବନରେ କର୍ମ ଓ ସଂସ୍କାର ଭୁଲିବୁ ନାହିଁ।

ମୋ ଛୋଟ କଁଅଳ କଁଅଳ ହାତରେ ମୋ ବୋଉର ଲୁହ ମୋତେ ଭାରି କଷ୍ଟ ଦିଏ, ତାର ଏ ଦୁନିଆରେ କେହି ବି ନାହିଁ। ପିଲାମାନେ ତ ଦେବତା ସମାନ। ତାଙ୍କ ପାଖରେ ଛନ୍ଦ, କପଟ, ଛଳନା କିଛି ବି ନାହିଁ। ତେବେ ମୁଁ କାହିଁକି କାହାର ଅମଙ୍ଗଳ କରିବି। ଶେଷରେ ଅଭିମନ୍ୟୁର ପରୀକ୍ଷା 'ଳ ପ୍ରକାଶ ପାଇଲା। ଭଲ ନଂବର ରଖି ଡାକ୍ତରୀ ପଢ଼ିବା ପାଇଁ ଯୋଗ୍ୟ ବିବେଚିତ ହେଲା। ଆମ ଗାଁ ମଧୁପୁର ଛାଡି ଅଭିମନ୍ୟୁ କଟକ ଗଲା। ସେଇ ଦିନ ମୋ ମୁଣ୍ଡରୁ ଅମଙ୍ଗଳିଆ ଓ ରାଣ୍ଡିପୁଅର କଳଙ୍କଟାବି ଧୋଇଗଲା। ଆଦର୍ଶ, କର୍ମନିଷ୍ଠା, ସାଧନା, ଧୈର୍ଯ୍ୟ ଓ ଆତ୍ମବିଶ୍ୱାସର ବାଧାବିଘ୍ନ ସବୁ ଅତିକ୍ରମ କଲି। ବହୁ ଦୁଃଖରେ ମୋ ବୋଉ ମୋତେ ପାଠ ପଢ଼ାଇଲା। ବ୍ରାହ୍ମଣ ଘରର ବୋଉ ହୋଇ ପର ଘରେ ପାଇଟି କଲା। ମୁଁ ମଣିଷ ହେବି ବୋଲି ତା ଜୀବନକୁ ସେ ଏକାକାର କରିଦେଲା। କାକା ଆପଣ ତ ତାର ମୁକସାକ୍ଷୀ। କେତେ କଷ୍ଟରେ ପାହାଚ ପରେ ପାହାଚ ଚଢ଼ି ମୁଁ ଆଜି ଏଇଠି ପହଞ୍ଚିଛି। ଏ ସଫଳତା ତ ମୋର ନୁହେଁ। ଗାଁରୁ ସହର ପର୍ଯ୍ୟନ୍ତ ସମସ୍ତେ ମୋତେ ଆର୍ଶୀବାଦ କରିଛନ୍ତି। ମୋ ବୋଉର ଦୁଃଖ, କଷ୍ଟ, ଲୁହ ସବୁର ପୁଞ୍ଜି ମୁଁ ଭୋଗ କରୁଛି। ମୋ ସଫଳତାର ପରଠାରୁ ଆମ ମାଆ ପୁଅଙ୍କ ଆଖିରୁ ଲୁହ ଆଉ ଝରିନି। ମୋ ସଫଳତା କେବଳ ମୋ ବୋଉର ନୁହେଁ। ମୋ ଗାଁ ଲୋକଙ୍କର ବି। ଆପଣଙ୍କର ଲାଞ୍ଛନା, ଅପମାନ ଓ ଅଭିମନ୍ୟୁର ଧୀକାର ମୋତେ ପ୍ରେରଣା ଦେଇଥିଲା। ମୁଁ ଲଢ଼ିବାକୁ ଦମ୍ଭ ଧରିଥିଲି। ସେ ଅଲକ୍ଷଣା, ଅମଙ୍ଗଳିଆ ଶବ୍ଦ ଦିଟା ବତୀଘର ହୋଇ ମୋ ଜୀବନର ଜାହାଜକୁ ପଥ ଦେଖାଇଛି। ସେଥିପାଇଁ କାକା ଆପଣ ହିଁ ମୋର ଏକମାତ୍ର ପ୍ରେରଣା। ମୋତେ କଣ ଆପଣ କ୍ଷମା ମାଗୁଛନ୍ତି।

ଦୀନକୃଷ୍ଣଙ୍କ ଆଖିରୁ ଅମାନିଆ ଲୁହ ନଇ ପରି ବହି ଚାଲିଥାଏ। ସତରେ ଜଗତ, ତୁ କେତେ ମହାନ ! ତୋର ଏଇ ଉଦାରତା ଓ ମଣିଷ ପଣିଆ ପାଇଁ ଏ ସହରରେ ଏକ ଉଦାହରଣ ହୋଇଛୁ। ଗାଁରେ ତ ସମସ୍ତେ ତୋର ଉଦାହରଣ ଏବେ ତାଙ୍କ ପିଲା ମାନଙ୍କୁ ଦେଉଛନ୍ତି। 'ରାଣ୍ଡି ପୁଅ ଅନନ୍ତା' ଶବ୍ଦଟିକୁ ସୁନ୍ଦର ଓ ସାବଲୀଳ ଭାବରେ ଏକ ପ୍ରେରଣାର ଉତ୍ସ ଭାବେ ଗ୍ରହଣ କରି, ତୁ ତୋ ଜୀବନକୁ ମଧୁମୟ କରିଛୁ। ମୋ ପରି ହୀନ, ସଂକୀର୍ଣ୍ଣ ମନା ସ୍ୱାର୍ଥପର ଲୋକକୁ ଅସଲ ମୁଖା ପିନ୍ଧାଇଛୁ। ତୁ ସତରେ ଜଗତ ଗୋଟିଏ ମଙ୍ଗଳମୟ ଧ୍ୱନୀ। ମାଆ ତୋର, ଆଦରେ ନାଁ ଦେଇଥିଲା, ଜଗତବନ୍ଧୁ। ତୁ ତ ସତରେ ଏ ଜଗତର ବନ୍ଧୁ। ସଭିଙ୍କର ପ୍ରୀୟ ମଣିଷ।

ଜଗତବନ୍ଧୁ ଓ କାକାଙ୍କ ଆଖିରେ ଅସରନ୍ତି ଲୁହ ଥିବା ସମୟରେ ମଧୁମିତା ପ୍ରବେଶ କଲା। କାକା, ଚା ନିଅନ୍ତୁ। ଚା ପିଇ ସାରିଲେ ଆପଣ ଟିକେ ଲୁଗା ବଦଳାଇ ଦେବେ। ମୁଁ ଜଳଖିଆ ପ୍ରସ୍ତୁତ କରି ସାରିଛି। ଆମ ପାଖରେ କିଛି ଦିନ ରହିବେ। ତା ପରେ ଇଛା ହେଲେ ଯିବେ ନଚେତ.....। ଗାଁର ଦୀନକୃଷ୍ଣ ମିଶ୍ର ଏଇ ଆପଣା ପଣିଆ ଭିତରେ ଭାବବିହ୍ୱଳ ହୋଇ କିଛି ବି ଶୁଣି ପାରୁ ନଥିଲେ। ମଧୁମିତା କହିଲେ- କାକା, ଚା ଥଣ୍ଡା ହୋଇଗଲେ, ଭଲ ଲାଗିବନି ପରା। ଏଥର ଚକ ଚକ କରୁଥିବା ଶଙ୍ଖ କପଟିକୁ ଦିନକୃଷ୍ଣ ଦେଖି ଚା ଢୋକେ ପିଇଦେଇ ଗଭୀର ଆତ୍ମତୃପ୍ତିରେ ମଧୁମିତାର ତାରି' କରୁଥିଲେ। ଜଗତବନ୍ଧୁ ମନେ ମନେ ଭାବୁଥିଲେ ମୁହୁର୍ତ୍ତକ ଅପମାନ କେମିତି ତାଙ୍କ ପାଇଁ ପ୍ରେରଣା ହୋଇଥିଲା। ସେଥିପାଇଁ ସେ କାକାଙ୍କୁ କୃତଜ୍ଞତା ଜଣାଉଥିଲେ।


**ଅଧ୍ୟାପିକା, ମହୁପୁରୁଷ ହାଡିଦାସ ମହାବିଦ୍ୟାଳୟ, ଛତିଆ, ଯାଜପୁର,**
**ମୋବାଇଲ୍: ୯୪୩୭୯୫୭୬୧୭**




## ଅକ୍ଷୟ ତୃତୀୟା

### ସ୍ୱାଗତିକା ସାହୁ

ବୈଶାଖ ଶୁକ୍ଳ ତୃତୀୟା ପାର୍ବଣର ଦିନ
ଅକ୍ଷୟ ତୃତୀୟା ଅବା କୃଷକ ଦିବସ
ଓଠରେ ସୁଆରମ୍ଭର ମାଳ ମାଳ ଇଛା
ଏକ ଅଭୁଝା ମହୁର୍ତ୍ତ ...
ଅବା ଏକ ସ୍ୱୟଂ ସିଦ୍ଧ ମହୁର୍ତ୍ତ...!
ସୂର୍ଯ୍ୟ ଓ ଚନ୍ଦ୍ରମାଙ୍କ କି ସଂଯୋଗ
ଉଚ୍ଚ ରାଶିରେ ହୁଅନ୍ତି ଅବସ୍ଥାପିତ
ଦାନ ଧର୍ମ ଶୁଭକାର୍ଯ୍ୟ ଦ୍ୱାରା.....
ଅକ୍ଷୟ ଫଳ ପ୍ରାପ୍ତିର ସୌଭାଗ୍ୟ ଲଭେ
ସ୍ୱର୍ଣ୍ଣମା ଓଡିଶାର ପବିତ୍ର ଧାରା,ପରମ୍ପରା
ସମାଜ ସଂସ୍କୃତି ଦୁଆରେ ନିଆରା ତାଳମେଳ...!

ଅମୃତବେଳାରେ ଚାଷୀ ଶୀରୋମଣି
ମେଲାଇ ତା ନିଘଞ୍ଚ ଡେଣା....
ଅକ୍ଷୟ ମୁଠି କରେ ଅନୁକୂଳ...!

କରେ ଚାଷ କାର୍ଯ୍ୟର ପ୍ରାରମ୍ଭ ହଳଦୀ,ଚନ୍ଦନ,ସିନ୍ଦୂର
ବୋଳା ଧାନ
ଚିତାଲଗା ନୂଆଁ ଗାଉଣୀରେ କରି ପୂର୍ଣ୍ଣ
ଶଙ୍ଖ ହୁଳହୁଳି ମଧ୍ୟେ....
ପିଠା,ହଳ ଲଙ୍ଗଳ ଧରି
ଯାଏ ସେ କ୍ଷେତକୁ ....!

କରେ ଅର୍ପଣ ଲକ୍ଷ୍ମୀ ଠାକୁରାଣୀଙ୍କୁ
ଭୋଗ ,ନୈବେଦ୍ୟ ମଧ୍ୟେ ବୁଲାଏ ହଳ...
ପରଶ ମନେ ବୁଣେ ବୀହନ
ଜୀଇଁବା ବାଟରେ ଜୀବନଟା ହୁଏ ସହଜ
ଫଳାଏ ସୁନାଝରା ଶସ୍ୟ...!
ହୋଇବ ନିଶ୍ଚେ ଭବିଷ୍ୟ ଉଜ୍ଜଳ...
ଅତ୍ୟନ୍ତ ଶୁଭ ଶୋଭନ ଦିବସଟି
ହଳାଧାୟୁ କୃଷକର ଆରାଧ୍ୟ
ବଳରାମ,ରେବତୀଙ୍କ ବିବାହସ୍ତବ...!

ଭଗବାନ ବିଷ୍ଣୁଙ୍କ ଷଷ୍ଠ ଅବତାର
ପ୍ରଭୁ ପର୍ଶୁରାମଙ୍କ ଶୁଭ ଜନ୍ମ ଦିବସ...
କୁହାଯାଏ ସତ୍ୟ, ତ୍ରେତୟା ଯୁଗର
ଅୟମ ଆରମ୍ଭ ଏହି ଦିନୁ ...!
ସାଧବା ସ୍ତ୍ରୀ ପୂଜନ୍ତି ଷଠି ଦେବୀଙ୍କୁ
ଶ୍ରୀମନ୍ଦିରରେ ଚନ୍ଦନ ଯାତ୍ରାର ପ୍ରାରମ୍ଭ...

ରଥ ନିର୍ମାଣର ଶୁଭାନୁକୂଳ ମୁହୂର୍ତ୍ତ
ଜୟଦେବଙ୍କ ଜୟନ୍ତୀ ସହ...
ସମସ୍ତ ଗୃହ ନିର୍ମାଣ କାର୍ଯ୍ୟ,ବିବାହ
ଉପୟନ, ନିର୍ବନ୍ଧ କାର୍ଯ୍ୟ ମନାଯାଏ ଅତି ଶୁଭ...
ବୃନ୍ଦାବନେ ବାଙ୍କେ ବିହାରୀଙ୍କ
ଚରଣ ବିଗ୍ରହର ରୋମାଞ୍ଚ ଦର୍ଶନ....
ଦେଖା ଦୂରରୁ ଚାହିଁଛି ଆମ ପାର୍ବଣ
ନେଇ ଏକ ସଜ ଆହ୍ୱାନର ଶୃଙ୍ଗାର...
ନୂଆ ସମ୍ଭାବନାର ନିଆରା ତିଥିରେ...!

ଉମରକୋଟ, ନବରଙ୍ଗପୁର





## ଚେଇଁ ଶୋଇଥିବ ଯିଏ

### ନିବେଦିତା ପଣ୍ଡା

ଚେଇଁବା ଶୋଇବା ବିପରୀତ କଥା
ଏକ ସଙ୍ଗେ ଅସମ୍ଭବ,
ଜାଣିକି କରିଲେ ମିଛ ଅଭିନୟେ
କେବଳ ହୁଏ ସମ୍ଭବ।

ଚେଇଁ କି ଶୋଇବା ଜାଣିକି କରିବା
ହୋଇଥାଏ ଏକା କଥା,
ସେପରି ଜନକୁ ଉଠାଇବା ପାଇଁ
ଉଦ୍ୟମ କରିବା ବୃଥା।

ମଣିଷ ଅଟଇ ସର୍ବଶ୍ରେଷ୍ଠ ଜୀବ
ଏହି ବିଶ୍ୱ ଭୁବନେ,
ବୁଦ୍ଧି ଓ ବିବେକ ଚିନ୍ତା ଓ ଚେତନା
ପରିପୂର୍ଣ୍ଣ ନାନା ଜ୍ଞାନେ।

ରହସ୍ୟମୟ ତା' ମନ ପରିସିମା
ଚାଲଇ କେତେ ଭାବନା,
ସେହି ଭାବନାର ନାକରାତ୍ମକରେ
ଆସିଥାଏ ଦୁର୍ଭାବନା।

ଯା'ଫଳ ସ୍ୱରୂପ ଏ ଉକ୍ତି ପ୍ରୟୋଗ
ରହିଅଛି କେଉଁ କାଳୁ,
ଚେଇଁ ଶୋଇଥିବା ଜନଙ୍କର ପାଇଁ
ଅଯଥା ଚିନ୍ତାରେ ଭାଳୁ।

ନିଜ କଲା କର୍ମ ଭାଗ୍ୟ ହୋଇ ଫେରେ
ଆଜି ନହେଲେ ବି କାଲି,
ସ୍ୱାର୍ଥ ଲାଳସାରେ ଅବିବେକୀ ନର
ଯାଉଛି ସେକଥା ଭୂଲି।

କ୍ଷଣଭଙ୍ଗୁର ଏ ମାନବୀୟ ଲୀଳା
ମଶାଣିରେ ହେବ ଶେଷ,
ସବୁ ବୁଝି ଜାଣି ମଣିଷ ସତରେ
ମାୟାରେ ହୁଏ ବିବଶ।

ଗର୍ବ ଅହଙ୍କାର ଚରିତ୍ରରେ ଭରି
ଅଜ୍ଞାନେ କାଟୁଛି ଦିନ,
ନିମ୍ନ ଚିନ୍ତାଧାରା ହୃଦୟରେ ରଖି
ହୋଇଥାଏ ହୀନିମାନ !

ପାଣିଗାର କଥା ନେତା ମାନଙ୍କର
ବେଦ ବାକ୍ୟ ମାନିନେଇ,
ଚମତ୍କାର କିଛି ଘଟିବା ଆଶାରେ
ଜନତା ଥାଏ ପସ୍ତେଇ।

ଦୟା,ଧର୍ମ ନାହିଁ ସ୍ନେହ ପ୍ରେମ ନାହିଁ
କରେ ଅନ୍ୟାୟ ଅନୀତି,
ମାନବ ରୂପରେ ହୀନକର୍ମ କରି
ପାଇ ପାରେ ନାହିଁ ଶାନ୍ତି।

ରାଉରକେଲା





## ହେ ଈଶ୍ୱର

### କବି ଭାରତୀ ବାସନ୍ତୀ ଲତା ଜେନା

ହେ ଈଶ୍ୱର ପରଂବ୍ରହ୍ମ ମଙ୍ଗଳ କର
ସତ୍ୟ ସନାତନ ତୁମେ ହେ ଅଧିଶ୍ୱର
ପ୍ରଭୁ ହେ, ହେ ଅଧିଶ୍ୱର ।୦।
ତୁମେ ଆଦି ତୁମେ ଅନ୍ତ କର୍ମ ଆହ୍ୱାନ
ସତ୍ୟ ଶିବ ସୁନ୍ଦର ହେ ହେ ନାରାୟଣ
ପ୍ରଭୁ ହେ, ହେ ନାରାୟଣ..... ।୧।

ତୁମେ ବ୍ରହ୍ମା ତୁମେ ବିଷ୍ଣୁ ଶିବ ଶଙ୍କର
ଏ ସାରା ବିଶ୍ୱ ବ୍ରହ୍ମାଣ୍ଡ ତୁମରି ଘର
ପ୍ରଭୁ ହେ ତୁମରି ଘର.... ।୨।

ତୁମେ ପ୍ରେମମୟ ପ୍ରଭୁ ବିଶ୍ୱେ ମହାନ
ତୁମରି ଆଶିଷ ଦାନେ ଉଲ୍ଲସେ ପ୍ରାଣ
ପ୍ରଭୁ ହେ ଉଲ୍ଲସେ...... ।୩

ତୁମରି ଅଜ୍ଞାରେ ସୂର୍ଯ୍ୟ ଚନ୍ଦ୍ର ଆସଇ
ତୁମ ଆଜ୍ଞା ବିନା ପତ୍ର ହଲଇ ନାହିଁ
ପ୍ରଭୁ ହେ ହଲଇ..... ।୪।
ତୁମେ ଗୀତା ଭାଗବତ ସ୍ୱର ଝଙ୍କାର
ତୁମେ ସୃଷ୍ଟି ତୁମେ ସ୍ଥିତି ପ୍ରତି ପ୍ରାଣର
ପ୍ରଭୁ ହେ ପ୍ରତି..... ।୫।

କିଞ୍ଚିତେ କରୁଣା କର ମୁଁଯେ ଅଧମ
ତୁମ ନାମ ଭଜନରେ କରଇ କର୍ମ
ପ୍ରଭୁ ହେ କରଇ...... ।୬।

ଅଜ୍ଞାନ ଅନ୍ଧାର ମନୁ କରିବ ଦୂର
ଜ୍ଞାନର ପ୍ରଦୀପ ଜାଳି କର ଭାସ୍ୱର
ପ୍ରଭୁ ହେ କର..... ।୭।

ନମ୍ର ସୁଶୀଳ ହୋଇବି ପରୋପକାର
ଏହି ଆଜ୍ଞା ମିଳୁ ମୋତେ ହେ ମହେଶ୍ୱର
ପ୍ରଭୁ ହେ, ହେ ମହେଶ୍ୱର... ।୮।

ଧୂପ ଦୀପ ପୂଜା ଫୁଲ ନାହିଁ ମୋହର
ଭକ୍ତିରେ ଡାକୁଛି ପ୍ରଭୁ ରଖ ଈଶ୍ୱର
ପ୍ରଭୁ ହେ ରଖ..... ।୯।

ଗାନ୍ଧୀନଗର, ନବରଙ୍ଗପୁର



## ଜୟଦେବ

### ବାସନ୍ତି ଦାସ



ଜୟଦେବ ଆସି ଶ୍ରୀକ୍ଷେତ୍ର ଧାମରେ
କୁଟିରଟି କରିଥିଲେ
ପ୍ରତିଦିନ ଯାଇ ଶ୍ରୀମନ୍ଦିରରେ
ଗୀତଗୋବିନ୍ଦପଢୁଥିଲେ
ପଦ୍ମାବତୀ ଆସି ପିତାଙ୍କ ସାଙ୍ଗରେ
ଶ୍ରୀକ୍ଷେତ୍ରରେ ପହଞ୍ଚିଲେ

ସୋପ୍ନର ଆଦେଶ ପଦ୍ମବତୀ
ପିତା ଜୟଦେବଙ୍କୁ କହିଲେ
କନ୍ୟାଟିକୁ ମୋର ଗ୍ରହଣ କରନ୍ତୁ
ପ୍ରଭୁ ଙ୍କର ଯେ ଆଦେଶ
ଜୟଦେବତାଙ୍କ କଥା ରକ୍ଷାକରି
ବିଭାହ କରିଲେ ଶେଷ
ପିତାମାତା ଦୁଇ କନ୍ୟାଙ୍କୁ ସମର୍ପି
ଫେରିଲେ ନିଜର ବାସ

ପଦ୍ମାବତୀ ଜୟଦେବ ଦୁଇ ଜଣ
ରହିରେ ପ୍ରଭୁଙ୍କ ପାସ
ଗୀତଗୋବିନ୍ଦ ଙ୍କୁ ଲେଖୁଥିଲେ ବସି
ଜୟ ପ୍ରତିଦିନ ଘରେ
କୃଷ୍ଣଙ୍କ ପାଦକୁ ଲେଖିବାକୁ ସେହି
ମନରେ ସଂଙ୍କେ ଚକଲେ
ପଦ ଛାଡିଦେଇ ସ୍ନାନ ପାଇଁ ସେହି
ନଦୀକୁ ସେ ଚାଲିଗଲେ
ଜୟଦେବରୂପ ନେଇ ପହଞ୍ଚିଲେ
ପଦ୍ମାବତୀଙ୍କ ପାଖରେ
ପଦଟି ପୁରଣ କରି ଦେଲେ ସେହି
ଖାଇଲେ ତାଙ୍କ ହାତରୁ
ଖାଇଦେଇ ଗଲେ କରଧୋଇବାକୁ
ଜୟଦେବ ଆସି ପହଞ୍ଚ ଲେ
ଖାଇବାକୁ ବାଢପଦ୍ମାବତୀଙ୍କୁ କହିଲେ
ପଦ୍ମାବତୀ ସବୁ ଖାଇଦେଇଥିଲେ
ସେକଥା ତାଙ୍କୁ କହିଲେ
ତୁମେ ତ ଭୁଞ୍ଜିଣ ପଦକୁ ଲେଖିଲ
ମୁଁ ହିଁ ଯେ ଭୋଜନ କଲି
ଏହିପରି କଥା କପରି କହୁଛ
କୁହ ତମୋତେ ବୁଝାଇ
ଗୀତୀ ଗୋବନ୍ଦକୁ ପଢି ଜୟଦେବ
ଆଚର୍ଯ୍ୟ ହୋଇଗଲେ
ଧନ୍ୟ ପଦ୍ମାବତୀ ଜୀବନତଧନ୍ୟ
ତୁମେ ତଦର୍ଶନ କଲ

କେନ୍ଦ୍ରାପଡା



# ବିବାହ ପୂର୍ବରୁ ମିଳିଲା ମୃତଦେହ



ବାଲିକୁଦା,୨୨।୪(ସଂଚାର ବ୍ୟୁରୋ): ଜଗତସିଂହପୁର ଥାନା ଅନ୍ତର୍ଗତ କାଠିଆପଡା ଗ୍ରାମରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଗ୍ରାମର ସସ୍ମିତା ଦାସ ଓରଫ ଡଲି (୪୨)ଙ୍କ ମୃତଦେହ ଆଜି ସନ୍ଧ୍ୟାରେ ବିଲ ମଝିରୁ ଅସଂଯତ ଏବଂ କ୍ଷତ ବିକ୍ଷତ ତ ଅବସ୍ଥାରେ ଉଦ୍ଧାର କରାଯାଇଛି। ସସ୍ମିତାଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିବା ନେଇ ତାଙ୍କ ପରିବାର ପକ୍ଷରୁ ସନ୍ଦେହ ପ୍ରକଟ କରାଯାଇଛି। ସୂଚନା ଅନୁଯାୟୀ, ଗତ ୧୯ ତାରିଖରେ ସସ୍ମିତାଙ୍କ ବିବାହ ପାଇଁ ନିର୍ବନ୍ଧ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଘରେ ଖୁସିର ମାହୋଲ ଥିବା ବେଳେ ଏହି ଘଟଣା ସମସ୍ତଙ୍କୁ ସ୍ତବ୍ଧ କରିଦେଇଛି। ମୃତକଙ୍କ ପିତା ପ୍ରମୋଦ ଦାସଙ୍କ ଅଭିଯୋଗ ଅନୁସାରେ, କୌଣସି କାରଣକୁ ନେଇ ପଡ଼ୋଶୀଙ୍କ ସହ ସେମାନଙ୍କର କଳିଝଗଡ଼ା ହୋଇଥିଲା। ଏପରିକି ପଡ଼ୋଶୀ ପରିବାର ପକ୍ଷରୁ ସସ୍ମିତାଙ୍କୁ ଜୀବନରୁ ମାରିଦେବାକୁ ପୂର୍ବରୁ ଧମକ ମଧ୍ୟ ଦିଆଯାଇଥିଲା। ଯାହାକୁ ନେଇ ପରିବାର ଲୋକ ପୂର୍ବରୁ ଥାନାରେ ଅଭିଯୋଗ କରିଥିଲେ। ଗତକାଲି ସସ୍ମିତା ନିଜ ଦାଦାଙ୍କୁ ଦେଖା କରିବାକୁ ଯାଇ ଆଉ ଘରକୁ ଫେରିନଥିଲେ। ବହୁ ଖୋଜାଖୋଜି ପରେ ଆଜି ସନ୍ଧ୍ୟାରେ ବିଲ ମଝିରେ ତାଙ୍କର ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଥିଲା। ଖବର ପାଇ ଜଗତସିଂହପୁର ଥାନା ପୋଲିସ ସାଇଣ୍ଟିଫିକ ଟିମ୍ ଓ ଡଗ୍ ସ୍କ୍ୱାର୍ଡ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ପରିବାର ଲୋକଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ କେସ ନମ୍ବର ୩୩୯/୨୬ ରେ ଏକ ମାମଲା ରୁଜୁ କରିଛି। ଏହା ଏକ ସାଧାରଣ ମୃତ୍ୟୁ ନା ହତ୍ୟାକାଣ୍ଡ, ସେ ନେଇ ପୋଲିସ ବିଭିନ୍ନ ଦିଗରୁ ଛାନଭିନ୍ ଚଳାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ହିଁ ସସ୍ମିତାଙ୍କ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ



ବେତନଟୀ,୨୨।୪(ସଂଚାର ବ୍ୟୁରୋ): ବେତନଟୀ ବ୍ଲକ ଅଧୀନ ଦହିକୋଟୀ ଗ୍ରାମର ଅବସର ପ୍ରାପ୍ତ ଶିକ୍ଷକ ଭୀମଚରଣ ଓତାଙ୍କର ୯୭ ବର୍ଷ ବୟସ ରେ ବୁଧବାର ସକାଳ ୧୦ଟା ୧୫ ରେ ନିଜ ବାସଭବନରେ ପରଲୋକ ହୋଇଯାଇଛି। ଜଣେ ଅମାୟିକ ଓ ଧୀର ସ୍ୱଭାବ ଯୋଗୁଁ ସେ ସମସ୍ତଙ୍କର ପ୍ରିୟ ହୋଇ ରହିଥିଲେ। ସେ ଧୀଶକ୍ତି ନିଶ୍ରୁତ ଜ୍ଞାନଞ୍ଜନରେ ଅନେକ ଦିଶାହୀନ ଶିକ୍ଷାର୍ଥୀଙ୍କ ନିମନ୍ତେ ନୂତନ ସ୍ୱପ୍ନ ଓ ସମ୍ଭାବନାକୁ ସଫଳ କରିପାରିଥିଲେ। ସେ ଦେଉଳି ଓ ଚାକୁନ୍ଦାପଦା ମଧ୍ୟ ଇଂରାଜୀ ବିଦ୍ୟାଳୟରେ ଶିକ୍ଷକତା କରି ଚାକୁନ୍ଦାପଦା ମଇ ବିଦ୍ୟାଳୟରୁ୧୯୮୭ ମସିହା ନଭେମ୍ବର ୩୦ତାରିଖରେ ଅବସର ଗ୍ରହଣ କରିଥିଲେ। ୨୦୧୭ ମସିହା ସେପ୍ଟେମ୍ବର ମାସ ୫ ତାରିଖରେ ଗୁରୁଦିବସ ଅବସରରେ ଗୁରୁପୂଜନ କମିଟି ଦ୍ୱାରା ଆଦର୍ଶ ଶିକ୍ଷକ ଭାବେ ସମ୍ବର୍ଦ୍ଧିତ ହୋଇଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ଚାରି ଝିଅ, ଜ୍ୱାଇଁ ଜ୍ଞାନ, ବାବି, ପୁତୁରା ଅଶୋକ, ଅରୁଣ, ଅଜିତ, ବୋହୁ ଲିଲି, ଜୋସ୍ନା ଓ ନାତି, ନାତୁଣୀ ଉପସ୍ଥିତ ଥିଲେ। ଜଣେ ଧାର୍ମିକ ପୂଜକ ଭାବେ ତାଙ୍କର ଅନେକ ଖ୍ୟାତି ରହିଥିଲା।

## ମେଡିକାଲ୍‌ରେ ୫ ଘଣ୍ଟିଆ 'ପାୱାର୍‌କଟ୍'

# ହୋଇପାରୁନି ସିଟି ସ୍କାନ୍, ହନ୍ତସନ୍ତ ରୋଗୀ




କେନ୍ଦୁଝର,୨୨।୪(ସଂଚାର ବ୍ୟୁରୋ): ରାଜ୍ୟରେ ବିଦ୍ୟୁତ କାଟ୍ ହେବନି ବୋଲି ଖୋଦ ମୁଖ୍ୟମନ୍ତ୍ରୀ ଓ ଶକ୍ତି ମନ୍ତ୍ରୀ ଦମ୍ଭୋକ୍ତି ପ୍ରକାଶ କରୁଛନ୍ତି ।
କିନ୍ତୁ ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଅଲଗା । କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବିଦ୍ୟୁତ ବିଭ୍ରାଟ ଯୋଗୁଁ ସିଟି ସ୍କାନ ସେବା ଠପ୍। ଜେନେରେଟର ଅକାମୀ, ରୋଗୀ ନାଚାର । ସରକାରୀ ବ୍ୟବସ୍ଥାକୁ ନେଇ ସାଧାରଣରେ ବଢୁଛି ଅସନ୍ତୋଷ। କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସିଟି ସ୍କାନ କେନ୍ଦ୍ରରେ ଦେଖିବାକୁ ମିଳିଛି ତୀବ୍ର ଉତ୍ତେଜନା। କାରଣ ହେଉଛି ବାରମ୍ବାର ବିଦ୍ୟୁତ କାଟ । ବିଗତ ୪-୫ ଦିନ ହେବ ସକାଳ ୫ଟାରୁ ୧୦ଟା ପର୍ଯ୍ୟନ୍ତ ବିଦ୍ୟୁତ୍ କାଟ ହେଉଛି । ଏପରିକି ବିକଳ୍ପ ବ୍ୟବସ୍ଥା ପାଇଁ ଥିବା ଜେନେରେଟର୍ ବି କାମ କରୁନି । ଫଳରେ ଗୁରୁତର ରୋଗୀଙ୍କ ସିଟି ସ୍କାନ ହୋଇପାରୁନି। ବାଧ୍ୟ ହୋଇ ରୋଗୀ ଘରୋଇ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ଖର୍ଚ୍ଚାନ୍ତ ହେଉଛନ୍ତି। ଡାକ୍ତର ମଧ୍ୟ ଉପାୟଶୂନ୍ୟ ହୋଇ ରୋଗୀଙ୍କୁ କଟକ ରେଫର୍ କରୁଛନ୍ତି ।
ଅନ୍ୟପଟେ ସମସ୍ୟାକୁ ନେଇ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ମଧ୍ୟ ନିଜର ଅସହାୟତା ପ୍ରକାଶ କରିଛନ୍ତି । ସିଟି ସ୍କାନରେ ଅଚଳାବସ୍ଥା ଲାଗିରହିଥିବା ସ୍ୱୀକାର କରିବା ସହ ଦୀର୍ଘ ଦିନ ଧରି ଜେନେରେଟର ଅକାମୀ ଥିବା କହିଛନ୍ତି । ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା ଘରୋଇ ସଂସ୍ଥାକୁ ତାଗିଦ କରାଯାଇଥିବା ସେ ସୂଚନା ଦେଇଛନ୍ତି । ପ୍ରହସନ ପାଲଟିଛି ସରକାରଙ୍କ 'ନୋ ପାୱାର୍ କଟ୍' ଘୋଷଣା ! ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଘଣ୍ଟାଘଣ୍ଟା ଧରି ବିଦ୍ୟୁତ୍ କାଟ ଉପରେ କ'ଣ ଜବାବ ଦେବେ ସରକାର ? ନହେଲେ ଯେଉଁଠି ଜୀବନ ବଞ୍ଚାଇବା ପାଇଁ ସେକେଣ୍ଡର ମହତ୍ତ୍ୱ ରହିଛି, ସେଠି ୫ ଘଣ୍ଟାର ବିଦ୍ୟୁତ କାଟ୍ ନିହାତି ଭାବେ ସରକାର ଓ ପ୍ରଶାସନର ଦାୟିତ୍ୱହୀନତାର ପରିଚୟ ଦେଉଛି ।

# ଜିଲ୍ଲାର ୬ ତହସିଲରେ ହାଇଟେକ ସର୍ଭେର ଚୂଡାନ୍ତ ପଟ୍ଟା ବଣ୍ଟନ ଆରମ୍ଭ



ସୁବର୍ଣ୍ଣପୁର,୨୨।୪(ସଂଚାର ବ୍ୟୁରୋ): ସୁବର୍ଣ୍ଣପୁର ଜିଲ୍ଲାର ଅତି ପ୍ରତିକ୍ଷୀତ ହାଇଟେକ ସର୍ଭେ ର ଚୂଡାନ୍ତ ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଉଛି। ପ୍ରଥମ ଦିନରେ ଜିଲ୍ଲାର ୬ଟି ତହସିଲରେ ୧୬୦ରୁ ଅଧିକ ପଟ୍ଟା ବଣ୍ଟନ କରାଯାଇଛି। ସୁବର୍ଣ୍ଣପୁର ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ କମିଟିର ଅଧ୍ୟକ୍ଷ ତଥା ବୀରମହାରାଜପୁର ର ବିଧାୟକ ଇଂ ରଘୁନାଥ ଜଗଦଲା ନିଜେ ଉପସ୍ଥିତ ରହି ବୀରମହାରାଜପୁର ତହସିଲ ଅନ୍ତର୍ଗତ ପିତାମହୁଲ ଠାରେ ଚୌହାନପୁର ମୌଜାର ହାଇଟେକ ସର୍ଭେର ଚୂଡାନ୍ତ ପଟ୍ଟା ବଣ୍ଟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଡ଼ ନୃପରାଜ ସାହୁ, ଉପଜିଲ୍ଲାପାଳ ସୁରେନ୍ଦ୍ର ମେହେର, ସାଂସଦଙ୍କ ପ୍ରତିନିଧି ନଳିନୀ ପଣ୍ଡା ଏବଂ ସମାଜସେବୀ ବେଣୁଧର ଦାଶ ଯୋଗଦେଇଥିଲେ। ବୀରମହାରାଜପୁର ତହସିଲଦାର ସୁଶ୍ରୀ ସୁଚିସ୍ମିତା ପାଣିଗ୍ରାହୀ ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଚୌହାନପୁର ମୌଜାର ମୋଟ ୨୫ ଜଣ ରୟତଙ୍କୁ ପଟ୍ଟା ପ୍ରଦାନ କରାଯାଇଛି। ସେହିପରି ଉଲୁଣ୍ଡା ତହସିଲର ଘମଡିଆପାଲି ଗ୍ରାମରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ରାଜେନ୍ଦ୍ର ମାଝୀ ନିଜେ ଉପସ୍ଥିତ ରହି ୭୯ଟି ପଟ୍ଟା ବଣ୍ଟନ କରିଥିଲେ। ଜିଲ୍ଲାର ସୋନପୁର ତହସିଲ ଅନ୍ତର୍ଗତ ଶିଆଳଜୁରୀରେ ୩୮ ଜଣ ଗ୍ରାମବାସୀଙ୍କୁ ପଟ୍ଟା ଦିଆଯାଇଥିଲା। ଏହି ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମରେ ଉପଜିଲ୍ଲାପାଳ ଡ଼ ସୌମ୍ୟ ରୁପା ରଥ, ତହସିଲଦାର ଜି ରଶ୍ମିରେଖା ଓ ଡେପୁଟି କଲେକ୍ଟର ସିଦ୍ଧାର୍ଥ ଦାସ ଉପସ୍ଥିତ ଥିଲେ। ବିନକା ଏବଂ ରାମପୁର ତହସିଲରେ ୮ଟି ଲେଖାଏ ଏବଂ ତରଭା ତହସିଲରେ ୪ଟି ପଟ୍ଟା ବଣ୍ଟନ କରାଯାଇଛି।

# ରାସ୍ତାକଡ଼ରେ କୁଢକୁଢ କୁକୁଡ଼ା ପର, ଦୁର୍ଘଟଣା ସହ ପରିବେଶ ପ୍ରଦୂଷିତ



ନିଶ୍ଚିନ୍ତକୋଇଲି,୨୨।୪(ସଂଚାର ବ୍ୟୁରୋ): ରାଜ୍ୟ ରାଜପଥ କଟକ ଚାନ୍ଦବାଲି ରାସ୍ତାର ନିଶ୍ଚିନ୍ତକୋଇଲି ତହସିଲ ଛକ ନିକଟସ୍ଥ ରାସ୍ତା ପାର୍ଶ୍ୱରେ ମାଂସ ପାଇ କଟା ଯାଇଥିବା କୁକୁଡ଼ାର ପର, ଲୋମ ଓ ଗୋଡ଼ ଗୁଡ଼ିକ କୁଢ କୁଢ ହୋଇ ପଡ଼ିରହିଛି। ଫଳରେ ସେଗୁଡ଼ିକ ପଚିସଢି ଦୁର୍ଗନ୍ଧ ବାହାରିବା ସହ ପରିବେଶ ପ୍ରଦୂଷିତ ହେଉଛି। ସେଗୁଡ଼ିକୁ ଖାଇବା ପାଇଁ ବୁଲା କୁକୁର, ବିଲୁଆ ମାନେ ମେଳି ହୋଇ ଆସି ଖାଉଛନ୍ତି। ଅନେକ ସମୟରେ କୁକୁର ବିଲୁଆମାନେ ରାସ୍ତା ଉପରକୁ ଚାଲି ଆସୁଥିବାରୁ ସଡ଼କ ଦୁର୍ଘଟଣାମାନ ଘଟୁଛି। ସରକାର ସମ୍ପୂର୍ଣ୍ଣ ବର୍ଯ୍ୟବସ୍ତୁ ମୁକ୍ତ ଭାରତ ଗଠନର ନାରା ଦେଇ ବିଭିନ୍ନ ଯୋଜନା କରି ଆର୍ଥିକ ଅନୁଦାନ ଯୋଗାଇ ବିଭିନ୍ନ ସ୍ଥାନରେ ଆବର୍ଜନା କୁଣ୍ଡମାନ ନିର୍ମାଣ କରିଛନ୍ତି। ସାଧାରଣ ଲୋକଙ୍କ ବେପରୁଆ ମନଭାବ ଓ ସରକାରୀ ସଚେତନତା, ଦାୟିତ୍ୱହୀନତା ଯୋଗୁଁ ଏହିଭଳି ଘଟୁଛି। ମାଂସ ପାଇଁ କୁକୁଡ଼ା କାଟି ବ୍ୟବସାୟ କରୁଥିବା ବ୍ୟବସାୟୀ ମାନେ ସେମାନଙ୍କ ବ୍ୟବସାୟ କେନ୍ଦ୍ରରୁ ବାହାରୁଥିବା କଟା ଯାଇଥିବା କୁକୁଡ଼ାର ପର, ଲୋମ ଓ ଗୋଡ଼ ଗୁଡ଼ିକ ସର୍ବସାଧାରଣ ସ୍ଥାନରେ ପକାଉଥିବାରୁ ପରିବେଶ ନଷ୍ଟ ହେବା ସହ ଦୁର୍ଘଟଣା ଘଟୁଛି। ତୁରନ୍ତ ଉକ୍ତ ବ୍ୟବସାୟୀ ମାନଙ୍କ ପ୍ରତି ପ୍ରଶାସନିକ ଅଧିକାରୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପରିବେଶବିତ୍ ଓ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

# କୋରାପୁଟରେ ୩୩ ନବଦମ୍ପତିଙ୍କ ବିବାହ ସମ୍ପନ୍ନ



କୋରାପୁଟ,୨୨।୪(ସଂଚାର ବ୍ୟୁରୋ): ସ୍ଥାନୀୟ ଦକ୍ଷତା ବିକାଶ କେନ୍ଦ୍ରଠାରେ ଜିଲ୍ଲାସ୍ତରୀୟ ସମୂହ ବିବାହ କାର୍ଯ୍ୟକ୍ରମ ସମ୍ପର୍ଣ୍ଣ ହୋଇଯାଇଛି। କାର୍ଯ୍ୟକ୍ରମରେ କୋରାପୁଟ ବିଧାୟକ ରଘୁରାମ ମାଛ ମୁଖ୍ୟଅତିଥି ଭାବେ ଯୋଗଦେଇ କନ୍ୟା ଦାନ କରିବା ନବ ଦମ୍ପତିଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ। ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା କେବଳ ବିବାହ ଉତ୍ସବ ନୁହେଁ, ବରଂ ସାମାଜିକ ସୁରକ୍ଷା ଏବଂ ଲିଙ୍ଗଗତ ସମାନତା ଦିଗରେ ଓଡ଼ିଶା ସରକାରଙ୍କ ଏକ ଦୃଢ଼ ସଂକଳ୍ପ। ବିଧବା ବିବାହକୁ ପ୍ରୋତ୍ସାହନ ଦେବା ହେଉଛି ଏହି ଯୋଜନାର ସ୍ୱତନ୍ତ୍ର ବିଶେଷତା ବୋଲି ବିଧାୟକ କହିଥିଲେ। ଏହି ଯୋଜନା କେବଳ ଏକ ସରକାରୀ ସହାୟତା ନୁହେଁ, ଏହା ବାଲ୍ୟବିବାହ ବିରୋଧରେ ଏକ ସଂକଳ୍ପ। ଯୌତୁକ ପ୍ରଥା ବିରୋଧରେ ଏକ ସାମାଜିକ ସନ୍ଦେଶ ଓ କନ୍ୟାମାନଙ୍କ ସମ୍ମାନକୁ ସୁନିଶ୍ଚିତ କରିବାର ଏକ ଦୃଢ଼ ପଦକ୍ଷେପ ବୋଲି କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ କହିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲେକା ଯୋଗଦେଇଥିଲେ। ସତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଭଗବାନ ମୁଦୁଲି, କୋରାପୁଟ ପୌର ପରିଷଦ ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ, ସୁନାବେଡା ପୌର ପରିଷଦ ଅଧ୍ୟକ୍ଷ ରାଜେନ୍ଦ୍ର ପାତ୍ର, ନିର୍ବାଚିତ ଜନ ପ୍ରତିନିଧି ଓ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ କୋରାପୁଟ ଜିଲ୍ଲାର ବିଭିନ୍ନ ବ୍ଲକ୍‌ରୁ ଆସିଥିବା ୩୩ ଯୁବକଯୁବତୀ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି।

# ନଳକୂପରୁ ବାହାରୁଛି ଗୋଳିଆପାଣି



ନିଶ୍ଚିନ୍ତକୋଇଲି,୨୨।୪ (ସଂଚାର ବ୍ୟୁରୋ): ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତି ଅଧିନସ୍ଥ ଜିଗ୍ନୀପୁର ପଞ୍ଚାୟତ ରାଜସ୍ୱ ଗ୍ରାମ ମହାଜନପୁର ପଡ଼ାଗ୍ରାମ ବାହାବଲପୁର ଠାରେ ରାଜ୍ୟ ରାଜପଥ କଟକ ଚାନ୍ଦବାଲି ରାସ୍ତାକୁ ଅତିକ୍ରମ କରିଥିବା ୮(ବି) ନାଳବନ୍ଧରେ ସର୍ବସାଧାରଣଙ୍କୁ ପାନୀୟ ଜଳ ଯୋଗାଇବା ପାଇଁ ଏକ ନଳକୂପ ଖନନ କରାଯାଇଥିଲା। ଖନନ ସମୟରେ ଉକ୍ତ ନଳକୂପର ଜଳକୁ ସଠିକ୍ ଢଙ୍ଗରେ ସଫେଇ କରାନଯାଇଥିବାରୁ ଉକ୍ତ ନଳକୂପରୁ ବାହାରୁଥିବା ଜଳ ପିଇବା ଅନୁପଯୋଗୀ ହୋଇଛି। ନଳକୂପ ଖନନ ପରଠାରୁ ହିଁ ଏଥିରୁ ଗୋଳିଆପାଣି ବାହାରୁଛି। ତୁରନ୍ତ ଏହି ନଳକୂପକୁ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେଇ ପିଇବା ଉପଯୋଗୀ ପାନୀୟଜଳ ଯୋଗାଇଦେବାକୁ ସାଧାରଣରେ ଦାବି ହୋଇଛି।

# ଜଣେ ନିରଳସ ବ୍ୟକ୍ତିତ୍ୱଙ୍କୁ ହରାଇଲା କାମାକ୍ଷାନଗର



କାମାକ୍ଷାନଗର,୨୨।୪ (ସଂଚାର ବ୍ୟୁରୋ): ଆଉ ଏ ଧରା ଧାମରେ ନାହାନ୍ତି ଭବାନୀ ଶଙ୍କର ମହାପାତ୍ର (ଟିକି ଭାଇ )। ଭଲ ମଣିଷଟିଏ ଯିଏ ମା ମାଟିକୁ ଭଲ ପାଉଥିଲେ ତାଙ୍କ ଆତ୍ମାର ସଦଗତି ପ୍ରଭୁ ଜଗନ୍ନାଥଙ୍କ ନିକଟରେ କାମନା କରି ଶୋକ ପ୍ରାର୍ଥନା କରିଥିଲେ। ତାଙ୍କ ବାପା କୈଳାଶ ଚନ୍ଦ୍ର ମହାପାତ୍ର ଥିଲେ ବିଧାୟକ ମା ପ୍ରେମଲତା ମହାପାତ୍ର ବି ବିଧାୟିକା ଥିଲେ। ସେ ବି ୨୦୧୪ ମସିହାରେ ଲଢେଇ କରିଥିଲେ। ମାତ୍ର ୫୦ ବର୍ଷ ବୟସରେ ଚିକିତ୍ସା ଧୀନ ଅବସ୍ଥାରେ ପରଲୋକ ହୋଇଛି। ଶବ ଶୋଭାଯାତ୍ରା ରେ ଭୁବନ ବ୍ଲକ ପୈତୃକ ବାସଭବନ ପଳାଶପିଠିଆଗୋଡ଼ାକୁ ନିଆଯାଇ ଗାଁ ସ୍ମଶାନରେ ଦାହ କରାଯାଇଛି। ଏକମାତ୍ର ଝିଅ ଆରବି ମହାପାତ୍ର ମୁଖାଗ୍ନି ଦେଇଥିଲେ। କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ପୂର୍ବତନ ବ୍ଲକ ଅଧକ୍ଷ ଧର୍ମାନନ୍ଦ ବରାଳ, ପ୍ରକାଶ କୁଅଁର, କାମାକ୍ଷା ଏନ୍‌ଏସିଅଧକ୍ଷ ଧର୍ମାନନ୍ଦ ପରିଡା ଜିଲ୍ଲା ପରିଷଦ ସଭ୍ୟ ରମେଶ ଚନ୍ଦ୍ର ସାହୁ, ଡାକ୍ତର ଶାନ୍ତି ଭୂଷଣ ପଣ୍ଡା, କଂଗ୍ରେସ ବିଧାୟକ ପ୍ରାର୍ଥୀ ବିପ୍ରବର ସାହୁ, ପୂର୍ବତନ ସରପଞ୍ଚ ରଘୁନାଥ ଷଣ୍ଢ, ଶୁକଦେବ ରାଉତ, ଡମ୍ବରୁଧର ସେଠି, ସୁବ୍ରତ ସାହୁ, ବିନୋଦ ମହାରଣା, ମନୋଜ କୁମାର ସାହୁ, ପ୍ରଭୁଦତ୍ତ ଭଟ, ରଂଜିତ କୁମାର ସାହୁ, ବେଣୁଧର ପାତ୍ର, ଗ୍ରାମ ସଂପାଦକ କଳ୍ପତରୁ ଜେନା, ଅରୁଣ ମହାପାତ୍ର, ସାମ୍ବାଦିକ ସଙ୍ଘ ସଭାପତି ପୂର୍ଣ୍ଣ ଚନ୍ଦ୍ର ସାହୁଙ୍କ ସମେତ ବହୁ ଶୁଭେଚ୍ଛୁ ଶେଷ ଦର୍ଶନ କରିଥିଲେ।

# ଜନଗଣନା ସର୍ଭେ ସମୟରେ ବୁଲା କୁକୁର ଆକ୍ରମଣରେ ଶିକ୍ଷକ ଆହତ



ବେତନଟୀ,୨୨।୪(ସଂଚାର ବ୍ୟୁରୋ): ମୟୂରଭଞ୍ଜ ଜିଲ୍ଲାର ବେତନଟୀ ବ୍ଲକ ଅଧୀନ ବାହାନଡ଼ା ଅଞ୍ଚଳରେ ଜନଗଣନା ସର୍ଭେ କାର୍ଯ୍ୟ ସମୟରେ ଜଣେ ଶିକ୍ଷକ ବୁଲା କୁକୁର ଆକ୍ରମଣରେ ଆହତ ହେବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚିନ୍ତାର ବିଷୟ ପାଲଟିଛି। ସୂଚନା ମୁତାବକ, ଦହିକୋଟି ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଗଣେଶ୍ୱର ମହାନ୍ତ ବାହାନଡା ଅଞ୍ଚଳର ୨୦ ନମ୍ବର ଇନ୍ୟୁମେରେଟର ଭାବେ ସରକାରୀ ସର୍ଭେ କାର୍ଯ୍ୟରେ ନିୟୋଜିତ ଥିଲେ। ସେ ସର୍ଭେ କାମ କରୁଥିବା ସମୟରେ ହଠାତ୍ ଏକ ବୁଲା କୁକୁର ତାଙ୍କୁ ଆକ୍ରମଣ କରିଥିଲା। ଏଥିରେ ସେ ଆହତ ହୋଇଥିବାବେଳେ ସ୍ଥାନୀୟ ଲୋକେ ତୁରନ୍ତ ତାଙ୍କୁ ଉଦ୍ଧାର କରି ବେତନଟୀ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ତାଙ୍କୁ ପ୍ରାଥମିକ ଚିକିତ୍ସା ସହ ଆଣ୍ଟି-ରେବିଜ୍ ଟିକା ପ୍ରଦାନ କରାଯାଇଥିବା ସୂଚନା ମିଳିଛି। ଘଟଣା ପରେ ବାହାନଡା ଅଞ୍ଚଳରେ ବୁଲା କୁକୁର ଉତ୍ପାତ ନେଇ ଚିନ୍ତା ବୃଦ୍ଧି ପାଇଛି।

# ବଲାଙ୍ଗିର ପୌରାଞ୍ଚଳରେ ଗ୍ରୀଷ୍ମକାଳୀନ ଜଳଛତ୍ର ଆରମ୍ଭ

ବଲାଙ୍ଗିର,୨୨।୪(ସଂଚାର ବ୍ୟୁରୋ): ବଲାଙ୍ଗିର ପୌରାଞ୍ଚଳ ରେ ଗ୍ରୀଷ୍ମକାଳୀନ ଜଳଛତ୍ର ଆରମ୍ଭ ହୋଇ ଯାଇଚି.ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାନଙ୍କୁ ସଂସ୍ଥା ତରଫରୁ ପାନୀୟ ଜଳ ବଣ୍ଟନ ଦାୟିତ୍ୱ ଦିଆଯାଇଛି . ମେଡିକାଲ କଲେଜ ଛକ, ଷ୍ଟେଟବ୍ୟାଙ୍କ ଆଗରେ, ସୁବର୍ଣ୍ଣପୁର ରାସ୍ତାରେ ପୁଇଁତଳା ବ୍ଲକ ପାଖରେ ଓ ଟିଟିଲାଗଡ଼ ରାସ୍ତାର ନୂତନ ବସ ଟର୍ମିନାଲ ରାସ୍ତାରେ ଚାରିଟି ସ୍ଥାନରେ ଥଣ୍ଡା ପାନୀୟ ଜଳ ସହିତ ଦହିପାଣି, ରସନା ସର୍ବତ ବଣ୍ଟନ କରାଯାଉଛି। ବଲାଙ୍ଗିର ଜିଲ୍ଲାରେ ଗତ କିଛି ଦିନ ହେଲା ଉତ୍ତାପ ବୃଦ୍ଧି ପାଇଛି, ପ୍ରବଳ ଉତ୍ତାପ ସହିତ ଗରମ ପବନ ପ୍ରବାହିତ ଯୋଗୁଁ ଜୀବନ ଯାତ୍ରା ବ୍ୟାହତ ହୋଇଛି. ଗରମ ଅନୁଭୂତ ଭିତରେ ଲୋକଙ୍କ ତୃଷା ମେଣ୍ଟାଇବା ଦିଗରେ ପୌରସଂସ୍ଥା ର ଏହି ପଦକ୍ଷେପକୁ ସାଧାରଣ ରେ ସ୍ୱାଗତ କରାଯାଇଛି।

# ତହସିଲଦାରଙ୍କୁ ହତ୍ୟା ଉଦ୍ୟମ ଘଟଣା: ଜିଲ୍ଲା ଓଏଏସ୍ ସଂଘର କ୍ଷୋଭ ପ୍ରକାଶ



ଯାଜପୁର,୨୨।୪(ସଂଚାର ବ୍ୟୁରୋ): ଯାଜପୁର ଜିଲା ବ୍ୟାସନଗର ତହସିଲଦାର ପ୍ରଶାନ୍ତ ପଣ୍ଡାଙ୍କ ହତ୍ୟା ଉଦ୍ୟମ ଘଟଣାକୁ ୫ ଦିନ ବିତିଲା। ଏଥିରେ ତହସିଲଦାର ଗୁରୁତର ହୋଇଥିଲେ। ତେବେ ତହସିଲଦାରଙ୍କ ଉପରେ ହୋଇଥିବା ଆକ୍ରମଣକୁ ନେଇ ଓଡ଼ିଶା ପ୍ରଶାସନିକ ସେବା (ଓଏଏସ୍) ଯାଜପୁର ଜିଲ୍ଲା ସଂଘ ପକ୍ଷରୁ ଏକ ବୈଠକ କରାଯାଇ ଏଭଳି ଅପରାଧିକ ଆକ୍ରମଣ ଉଦ୍ୟମକୁ ଦୃଢ଼ ନିନ୍ଦା ସହ କ୍ଷୋଭ ପ୍ରକାଶ କରାଯାଇଛି। ଆଜିର ଏହି ବୈଠକରେ ଜିଲ୍ଲାପାଳ ଅମ୍ବର କୁମାର କର, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଶିବାନନ୍ଦ ସ୍ୱାଇଁ, ମୁଖ୍ୟ ଉନ୍ନୟନ ଅଧିକାରୀ ଦେବୀ ପ୍ରସାଦ ମହାନ୍ତିଙ୍କ ସମେତ ଜିଲ୍ଲାର ବହୁ ବରିଷ୍ଠ ଓଏଏସ୍ ଅଧିକାରୀ, ଯାଜପୁର ଜିଲ୍ଲାର ସମସ୍ତ ତହସିଲଦାର, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏବଂ ସମସ୍ତ ଡେପୁଟି କଲେକ୍ଟର ଯୋଗ ଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଆକ୍ରମଣ ଦିନର ଘଟଣାକ୍ରମ ସମ୍ପର୍କରେ ସବିଶେଷ ବିବରଣୀ ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ, ଅବୈଧ ଲଘୁ ଖଣିଜ ଚାଲାଣ ମାମଲା ସମ୍ବନ୍ଧୀୟ ଖବର ପାଇ ବ୍ୟାସନଗର ତହସିଲଦାର ଛାପା ମାରିବା ପାଇଁ ଘଟଣା ସ୍ଥଳରେ ପହଞ୍ଚିଥିଲେ। ସେଠାରେ ତହସିଲଦାରଙ୍କ ଉପରେ ଟ୍ରାକ୍ଟର ଦ୍ୱାରା ଆକ୍ରମଣ ହେବା ପରେ ସେ ଗୁରୁତର ଆହତ ହୋଇ କୋରେଇ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ ଏବଂ ପରେ କଟକକୁ ସ୍ଥାନାନ୍ତରିତ କରାଯାଇଥିଲା। ଏହି ଘଟଣା ପରେ ପୋଲିସ ପ୍ରଶାସନ ଆକ୍ସନ ମୋଡକୁ ଆସି ଅଭିଯୁକ୍ତମାନଙ୍କୁ ଗିରଫ କରିଛି। ଜଣେ କର୍ତ୍ତବ୍ୟରତ ଅଧିକାରୀଙ୍କ ଉପରେ ଏଭଳି ଆକ୍ରମଣ ନିଶ୍ଚିତ ଭାବେ ଦୁର୍ଭାଗ୍ୟଜନକ ଏବଂ ନିନ୍ଦନୀୟ ବୋଲି ବରିଷ୍ଠ ଓଏଏସ ଅଧିକାରୀମାନେ ମତ ବ୍ୟକ୍ତ କରିଥିଲେ। ଏହାସହ ଏଭଳି ପରିସ୍ଥିତିକୁ କିଭଳି ଏଡ଼ାଇ ହେବ ଏବଂ ପୋଲିସ ଓ ଖଣି ଅଧିକାରୀଙ୍କ ସହ ସମନ୍ୱୟ ରକ୍ଷା କରି ସୁରକ୍ଷିତ ଭାବେ କର୍ତ୍ତବ୍ୟ ସମ୍ପାଦନ କରାଯାଇପାରିବ, ସେ ସମ୍ପର୍କରେ ବରିଷ୍ଠ ଓଏଏସ ଅଧିକାରୀମାନେ ସେମାନଙ୍କ ଅଭିଜ୍ଞତା ବାଣ୍ଟିଥିଲେ। ଏଥିରୁ ନବନିଯୁକ୍ତ ଅଧିକାରୀମାନେ ଏଦିଗରେ ସଚେତନ ହୋଇପାରିବେ। ଆଗାମୀ ଦିନରେ ସଂଘକୁ ଆହୁରି ସୁଦୃଢ଼ କରାଯାଇ ପ୍ରତି ମାସରେ ଜିଲ୍ଲା ଓଡ଼ିଶା ପ୍ରଶାସନିକ ସେବା ସଂଘର ବୈଠକ ଡାକିବା ନେଇ ନିଷ୍ପତ୍ତି ନିଆଯାଇଥିଲା। ଏହାସହ ବୈଠକର ରିଜୋଲ୍ୟୁସନରେ ସଂଘର ସମସ୍ତ ଅଧିକାରୀ ସ୍ୱାକ୍ଷର କରିଥିଲେ ଏବଂ ଏହାକୁ ରାଜ୍ୟ ଓଏଏସ ସଂଘ ନିକଟକୁ ପ୍ରେରଣ କରାଯିବ।

# ନିଶାମୁକ୍ତ ଓଡ଼ିଶା ଲକ୍ଷ୍ୟରେ ଧାମନଗର କଂଗ୍ରେସର ଜନଜାଗରଣ ଅଭିଯାନ



ଧାମନଗର,୨୨।୪ (ସଂଚାର ବ୍ୟୁରୋ): ରାଜ୍ୟ କଂଗ୍ରେସର ଅନୁସୂଚିତ ଜାତି ବିଭାଗ ପକ୍ଷରୁ ଧାମନଗରରେ "ନିଶାମୁକ୍ତ ଜନଜାଗରଣ ଅଭିଯାନ" ବୁଧବାର ଆୟୋଜିତ ହୋଇଛି। ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ଆହ୍ୱାନରେ ଏବଂ ରାଜ୍ୟ ଅଧ୍ୟକ୍ଷ ମାନସ ମଲ୍ଲିକଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ନେତାମାନେ ଅସୁରାଳି, ଧୁଶୁରୀ ଓ ପାଳସାହି ଅଞ୍ଚଳରେ ଲୋକମାନଙ୍କୁ ନିଶାବିରୋଧୀ ସଚେତନତା ବାର୍ତ୍ତା ପ୍ରଚାର କରିଥିଲେ। ପରେ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଜଗନ୍ନାଥ ରାଉତଙ୍କ ବାସଭବନରେ ଏକ ପ୍ରେସ୍ ବିଜ୍ଞପ୍ତି ଜାରି କରାଯାଇ ଅଭିଯାନର ଲକ୍ଷ୍ୟ ଓ ପ୍ରଗତି ସମ୍ପର୍କରେ ଅବଗତ କରାଯାଇଥିଲା। ଭଦ୍ରକ ଜିଲ୍ଲାରେ ଦୁଇ ଦିନ ଧରି ଚାଲିଥିବା ଏହି ଅଭିଯାନର ମୂଳ ଉଦ୍ଦେଶ୍ୟ ହେଉଛି ନିଶାମୁକ୍ତ ଓଡ଼ିଶା ଗଠନ ସହ ଯୁବପିଢ଼ୀଙ୍କୁ ନିଶାରୁ ଦୂରେଇ ରଖିବା। ମଦ୍ୟପାନକୁ ଅନେକ ସାମାଜିକ ସମସ୍ୟା ଓ ଅପରାଧ ମୂଳ କାରଣ ଭାବେ ଚିହ୍ନଟ କରି, ଖୋଲା ଓ ଚୋରା ମଦ ବ୍ୟବସାୟ ରୋକିବା ପାଇଁ ସଚେତନତା ଆବଶ୍ୟକ ଓ ସରକାର ନିର୍ବାଚନୀ ମୁଦାରେ ଦେଇଥିବା ପ୍ରତିଶ୍ରୁତି ଓଡିଶାରୁ ମଦ ବନ୍ଧ କରିବା ପ୍ରତିଶ୍ରୁତି ପାଳନ କରନ୍ତୁ ବୋଲି କର୍ମୀମାନେ ମତ ପ୍ରକାଶ କରିଥିଲେ। ଏହି ଅବସରରେ ଜିଲ୍ଲା କଂଗ୍ରେସ ସଭାପତି ନଳିନୀକାନ୍ତ ମହାନ୍ତିଙ୍କ ସହ ବିଦ୍ୟାଧର ଜେନା, ଅଭିଷେକ ରାଉତ, ଆଶିଷ କୁମାର ମଲ୍ଲିକ, ରବିନ୍ଦ୍ର ମଲ୍ଲିକ, ଦୀନବନ୍ଧୁ ଦାସ, ମାନସ ତରାଇ ଓ ସଞ୍ଜିତ ବାରିକ ସମେତ ବହୁ ନେତୃମଣ୍ଡଳୀ ପ୍ରମୁଖ ଉପସ୍ଥିତ ଥିଲେ।

# ବେକରେ ରଶି ଲଗାଇ ଯୁବକଙ୍କ ଆତ୍ମହତ୍ୟା

ନୂଆପଡ଼ା,୨୨।୪ (ସଂଚାର ବ୍ୟୁରୋ): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ସହରର ୱାର୍ଡ ନଂ ୭ର ନନ୍ଦୁଲାଲ ଅଗ୍ରୱାଲ(୩୮) ନମକ ଯୁବକ ଆଜି ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଖବର ପାଇ ଖଡ଼ିଆଳ ପୋଲିସ ଘଟଣାସ୍ଥଳ ପହଞ୍ଚି ଘଟଣାର ତଦନ୍ତ ଚଳାଇଥିବା ସୂଚନା ଦେଇଛନ୍ତି। ସୂଚନା ଅନୁସାରେ ଖଡ଼ିଆଳ ସହରର ଡେଲି ମାର୍କେଟ ରାସ୍ତାରେ ନନ୍ଦୁଲାଲ ଅଗ୍ରୱାଲ ତିରୁପତି ହାର୍ଡୱେର ନାମକ ଏକ ଦୋକାନ କରିଥିଲେ। ଦୋକାନ ଠିକଠାକ ଚାଲିଥିବା ବେଳେ ଆଜି ନନ୍ଦୁଲାଲ ଅଗ୍ରୱାଲ ତାଙ୍କ ହାର୍ଡୱେର ଦୋକାନ ଭିତରେ ଏକ ପ୍ଲାଷ୍ଟିକ ଦୌଡ଼ି ବେକରେ ଲଗାଇ ଆତ୍ମହତ୍ୟା କରିଛନ୍ତି। ଖଡ଼ିଆଳ ପୋଲିସ ପହଞ୍ଚି ତଦନ୍ତ କରୁଥିବା ବେଳେ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ତଦନ୍ତ ଚଳାଇଥିବା ସୂଚନା ଦେଇଛନ୍ତି। ବାପା ବିଜୁ ଅଗ୍ରୱାଲଙ୍କ ତିନି ଜଣ ପୁତ୍ର ଥିବା ବେଳେ ଦ୍ୱିତୀୟ ପୁତ୍ର ନନ୍ଦୁଲାଲ ଅଗ୍ରୱାଲ ବୋଲି ଜଣାପଡ଼ିଛି।

# ଶିଳ୍ପ ସ୍ଥାପନ ପାଇଁ ଚାଲିଛି ଇଡ୍‌କୋକୁ ଜମି ହସ୍ତାନ୍ତର ପ୍ରକ୍ରିୟା



## ଅଞ୍ଚଳବାସୀଙ୍କ ବିରୋଧ

ଦାରିଙ୍ଗବାଡ଼ି,୨୨।୪(ସଂଚାର ବ୍ୟୁରୋ): କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ଥାନା ସିମନବାଡ଼ି ପଞ୍ଚାୟତର ଏକ ୯ ହେକ୍ଟର ଜମିରେ ଶିଳ୍ପ ସ୍ଥାପନ ହେବ। ଏଥିପାଇଁ ଇଡ୍‌କୋ ଏବଂ ରାଜ୍ୟ ପର୍ଯ୍ୟଟନ ଉନ୍ନୟନ ବିଭାଗ ପ୍ରସ୍ତୁତି ଚଳାଇଥିବାବେଳେ ଏହାକୁ ନେଇ ସିମନବାଡ଼ି ଅଞ୍ଚଳରେ ଏବେ ତୀବ୍ର ଅସନ୍ତୋଷ ଦେଖାଯାଇଛି। ବୁଧବାର ଏକାଧିକ ଚାଷୀ ଏକାଠି ହୋଇ ଏହି ସମ୍ପର୍କିତ ଏକ ବୈଠକ କରି ଜମି ନ ଛାଡ଼ିବାକୁ ଓ ଏଥିପାଇଁ ଲଢେଇ କରି ନିଜ ଜୀବନଜୀବିକାକୁ ବଞ୍ଚାଇବାକୁ ପ୍ରୟାସ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଜୀବନଜୀବିକା ବାଧାପ୍ରାପ୍ତ ହେବା ସହ ବହୁ ଲୋକଙ୍କୁ ଘରବାଡ଼ି ଜମି ପଟ୍ଟା ପ୍ରଦାନ କରାଯାଇଥିଲେ ମଧ୍ୟ ହିତାଧିକାରୀ ଉକ୍ତ ଜମିକୁ ଅଧିଗ୍ରହଣ କରିନାହାନ୍ତି। ସେହିସବୁ ଜମିକୁ ରାଜ୍ୟ ପର୍ଯ୍ୟଟନ ଉନ୍ନୟନ ବିଭାଗ ପକ୍ଷରୁ ଜମି ଚିହ୍ନଟ କାର୍ଯ୍ୟ କରଯାଉଥିବା ଓ ଏହି ଜମି ପାଇବା ପାଇଁ ଇଡ୍‌କୋ ତହସିଲ କାର୍ଯ୍ୟାଳୟରେ ଆବେଦନ କରିଥିବା ଘଟଣାକୁ ନେଇ ଅଞ୍ଚଳବାସୀ ତାତିଛନ୍ତି। ଶିଳ୍ପକୁ ବିରୋଧ ନୁହଁ ଜମି ଛଡ଼ାଇନେବାକୁ ବିରୋଧ କରୁଥିବା ଗ୍ରାମର ନଟବର ପ୍ରଧାନ, ସାନ୍ଧୁରା ପ୍ରଧାନ, ସଞ୍ଜୟ ବିନ୍ଧାଣିଙ୍କ ସମେତ ଶତାଧିକ ଲୋକ ପ୍ରତିକ୍ରିୟାରେ କହିଛନ୍ତି।

# ନୂଆପଡ଼ା ଗ୍ରାମବାସୀଙ୍କ ପିଇବା ପାଣି ପାଇଁ ରାସ୍ତା ଅବରୋଧ

ବଲାଙ୍ଗିର,୨୨।୪(ସଂଚାର ବ୍ୟୁରୋ): ଟିଟିଲାଗଡ଼ ବ୍ଲକ ଅନ୍ତର୍ଗତ ଯଗୁଆ ଗ୍ରାମ ପଞ୍ଚାୟତ ଅଧିନସ୍ଥ ନୂଆପଡ଼ା ଗ୍ରାମବାସୀ ପିଇବା ପାଣି ନ ପାଇବାରୁ ରାସ୍ତା ଅବରୋଧ କରିଥିଲେ। ବର୍ଷ ବର୍ଷ ଧରି ପିଇବା ପାଣି ପାଇଁ ଅବହେଳିତ ଏହି ନୂଆପଡ଼ା ଗ୍ରାମବାସୀ। ତେବେ ଦିନକୁ ଦିନ ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଉଥିବା ବେଳେ କେବଳ ଗୋଟିଏ ଟ୍ୟାଙ୍କର ପିଇବା ପାଣି ଦେବା ପାଇଁ ଆସୁଛି। ଯାହା ସମୁଦ୍ରକୁ ଶଙ୍ଖେ ସଦୃଶ, ସବୁ ଲୋକଙ୍କୁ ପାଣି ନ ଦେଇ ଚାଲି ଯାଉଛି ଟ୍ୟାଙ୍କର, ଶେଷରେ ଘରେ ଥିବା ଖାଲି ଗରା ବାଲଟି ଧରି ମଙ୍ଗଳବାର ଦ୍ୱିପହର ସମୟରେ ଏତେ ଖରାରେ ଗ୍ରାମର ମହିଳା ଓ ପୁରୁଷମାନେ ଟିଟିଲାଗଡ଼ ସିନ୍ଧେକେଲା ଜାତୀୟ ରାଜପଥ ଅବରୋଧ କରିଥିଲେ। ରାସ୍ତା ଅବରୋଧ ଯୋଗୁଁ ବହୁତ ଯାନବାହନ ଅଟକି ରହିଥିଲା। ତେବେ ଖବର ପାଇ ଆର୍ ଡବଲ୍ୟୁ ଏସ୍‌ଏସ୍ ବିଭାଗର ବୃନ୍ଦାବନ ମେହେର ପହଞ୍ଚି ଗ୍ରାମବାସୀଙ୍କୁ ବୁଝାସୁଝା କରିବା ସହ ଖରା ଦିନେ ଟ୍ୟାଙ୍କର ଯୋଗେ ଜଳ ଯୋଗାଣ ହୁଏ ଏବଂ ଆଜିଠୁ ପୁଣି ଥରେ ଟ୍ୟାଙ୍କର ଯୋଗେ ଜଳ ଯୋଗାଣ ହେବ ବୋଲି କହିବା ପରେ ରାସ୍ତା ଅବରୋଧ ହଟିଥିଲା। ତେବେ ଏଠାରେ ପ୍ରଶ୍ନ ଉଠେ ଯେ, ଗ୍ରୀଷ୍ମ ଋତୁ ଆସିବା ପୂର୍ବରୁ ଟିଟିଲାଗଡ଼ ଉପଜିଲ୍ଲାପାଳ ପଦ୍ମନାଭ ସାମନ୍ତରାୟ ବିଭାଗୀୟ ଅଧିକାରୀଙ୍କୁ ତାଗିଦ କରିବା ସହ ଖରା ପୂର୍ବରୁ ଲୋକଙ୍କୁ ପାଣି ଯୋଗାଇବାକୁ କହିଥିଲେ। ତେବେ ପ୍ରତ୍ୟେକ ଘରକୁ ପାନୀୟ ଜଳ ଯୋଗାଣ ସରକାର କହୁଥିବା ବେଳେ ଆଜିବି ଅବହେଳିତ ଅବସ୍ଥାରେ ନୂଆପଡ଼ା ଗ୍ରାମବାସୀ।